# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 7/2025 Page 14 ₹ 7.00 | SAMBALPUR

୫୧ଶ ଭାଗ ୨୮୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 283 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ | Bhubaneswar, Sunday, September 7/2025 | ପୃଷ୍ଠା-୧




## ସିନର ଫାଇନାଲରେ

ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀର ଷ୍ଟାର ଟେନିସ ଖେଳାଳି ଜାନିକ ସିନର।

୧୨ ୦୯

## ‘ଧମାଲ ୪’ ଶୁଟିଂ ଶେଷ

‘ଧମାଲ’ ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ ‘ଧମାଲ ୪’ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସୂଚନା ଦେଇଛନ୍ତି।





ହାଇଦ୍ରାବାଦର ହୁସେନ୍ ସାଗରରେ ଶନିବାର ୬୯ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତିକୁ କ୍ରେନ୍ ସାହାଯ୍ୟରେ ଭସାଣି କରାଯାଉଛି। (ଫଟୋ: ପି.ଟି.)

# ମୋଦି ବନ୍ଧୁ, କାମ ନାପସନ୍ଦ: ଟ୍ରମ୍ପ୍

**ୱାଶିଂଟନ୍/ନୂଆଦିଲ୍ଲୀ,୬।୯ (ପି.ଟି./ଏଜେନ୍ସି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍‌ହାଉସ୍‌ରେ ଶୁକ୍ରବାର ଆୟୋଜିତ ଏକ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ସେ ସବୁବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବନ୍ଧୁ ହୋଇ ରହିବେ। ବାଣିଜ୍ୟ ପ୍ରସଙ୍ଗରେ ଅଚଳାବସ୍ଥା ସତ୍ତ୍ୱେ ଚିନ୍ତିତ ହେବାର କିଛି ନାହିଁ। କିନ୍ତୁ ବର୍ତ୍ତମାନ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମୋଦି ଯାହା କରୁଛନ୍ତି, ତାକୁ ସେ ନାପସନ୍ଦ କରନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଏନେଇ ଶନିବାର ମୋଦି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଭାବାବେଗ ଓ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ସମୀକ୍ଷାକୁ ସେ ସମ୍ମାନ କରନ୍ତି। ଭାରତ ଓ ଆମେରିକା ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ବୈଶ୍ୱିକ ରଣନୈତିକ ସହଭାଗିତା ପାଇଁ



ଡୋନାଲ୍ଡ ଟ୍ରମ୍ପ୍

ଆଗ୍ରହୀ ବୋଲି ମୋଦି ‘X’ରେ ଉଲ୍ଲେଖ କରିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇବା ପରଠୁ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ସୋସିଆଲ ମିଡିଆ ଓ କେତେକ ଗଣମାଧ୍ୟମ ଟ୍ରମ୍ପ୍‌ଙ୍କ ମନ୍ତବ୍ୟର ଭିନ୍ନ ତାତ୍ପର୍ଯ୍ୟ ବାହାର କରିବାରେ ଲାଗିଛନ୍ତି। ଟ୍ରମ୍ପ୍ ମୁଣ୍ଡ ନୁଆଁଇଲେ ଏବଂ ଗତ ଅଗଷ୍ଟ ୭ ଓ ୨୭ରେ ଦୁଇଟି ପର୍ଯ୍ୟାୟରେ ଲଗାଇଥିବା ଟାରିଫ୍ ତଥା ଜରିମାନାକୁ ହଟାଇଦେବେ ଆଦି କହୁଛନ୍ତି। ଲକ୍ଷ୍ୟ କରିବା କଥା ହେଉଛି, ଦୁଇଦେଶର ବିଗୁଡୁଥିବା ସମ୍ପର୍କରେ ସୁଧାର ଆଣିବା ପାଇଁ ଟ୍ରମ୍ପ୍ ଏପରି କହିଥିଲେ ମଧ୍ୟ ଆମଦାନୀ ଶୁଳ୍କ ହଟାଇବା ନେଇ କୌଣସି ସଙ୍କେତ ଦେଇନାହାନ୍ତି। ସେ ବର୍ତ୍ତମାନ ମଧ୍ୟ ଭାରତର ରୁଷୀୟ ତୈଳ କ୍ରୟକୁ ନେଇ ଅସନ୍ତୁଷ୍ଟ। ଇତିମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଭାରତ ରୁଷିଆଠାରୁ ଶସ୍ତାରେ ଇନ୍ଧନ ତୈଳ କିଣିବା ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ବାରମ୍ବାର ମତ ପରିବର୍ତ୍ତନ କରୁଥିବା ଟ୍ରମ୍ପ୍‌ଙ୍କ ସଦ୍ୟ ବିବୃତିକୁ ଭାରତ ପାଇଁ ଏକ ବିଜୟ ମନେକରାଯାଇ ନ ପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ଜାନୁଆରୀରୁ ଦେଶରେ ହୋଇପାରେ ଏସ୍‌ଆଇଆର୍

**ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୬ ଜାନୁଆରୀ ୧ରୁ ସାରା ଦେଶରେ ଏସ୍‌ଆଇଆର୍ ଆରମ୍ଭ କରିପାରନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆସନ୍ତା ୧୦ ତାରିଖରେ ନିର୍ବାଚନ କମିଶନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସମ୍ମିଳନୀର ଆୟୋଜନ କରିଛନ୍ତି।**

## ଆଲୋଚନା ପାଇଁ ୧୦ରେ ସିଇଓମାନଙ୍କ ବୈଠକ

**ନୂଆଦିଲ୍ଲୀ,୬।୯**

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଗତ ଜୁନ୍ ୨୪ରେ ଇସିଆଇ ନିଷ୍ପତ୍ତି ନେଇଥିଲେ। ତେବେ ଆଗକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସେଠାରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉପଯୁକ୍ତ ସମୟରେ ନିର୍ଦ୍ଦେଶନାମା ଜାରି ହେବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିଲା। ସେପ୍ଟେମ୍ବର ୧୦ରେ ହେବାକୁ ଥିବା ବୈଠକରେ ସମସ୍ତ ସିଇଓ ଉପସ୍ଥିତ ରହି ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ସଂଖ୍ୟା ଏବଂ ପୂର୍ବରୁ ହୋଇଥିବା ସଂଶୋଧନର ସବିଶେଷ ତଥ୍ୟ ରଖିବାକୁ କୁହାଯାଇଛି। ଦ୍ୱାରକାରେ ଥିବା କମିଶନଙ୍କ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଅଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ସିଇଓମାନଙ୍କୁ ଭେଟିବେ।

ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯେପରି ସେମାନେ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ହେଉଛି ଏସ୍‌ଆଇଆର୍‌ର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଯେପରି କୌଣସି ଅଯୋଗ୍ୟ ଭୋଟର ତାଲିକାରେ ସାମିଲ ନ ହୁଅନ୍ତି ସେଥିପାଇଁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ତାଲିକାରେ




ସାମିଲ କଲାବେଳେ ଏହି ପ୍ରକ୍ରିୟା ଯେପରି ସ୍ୱଚ୍ଛ ରହେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ। ବିହାରରେ ୨୦୦୩ରେ ଶେଷ ଥର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହୋଇଥିଲା। ଏସ୍‌ଆଇଆର୍ ବେଳେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଘରକୁ ଘର ଯାଇ ସର୍ଭେ କରିଥିଲେ। ତେବେ ବିହାରରେ ଆଗକୁ ନିର୍ବାଚନ ଥିବାରୁ ଭାଜପାକୁ ସହାୟତା କରିବା ପାଇଁ ବହୁ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଇସି ଷଡ଼ଯନ୍ତ୍ର କରୁଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଦୀର୍ଘଦିନ ଅଚଳ କରି ରଖିଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଏବଂ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ହୋଇ କେତେକ ନାମ ସଂଯୋଗ ହେବା ସହ ଅନ୍ୟ କେତେଜଣଙ୍କ ନାମ ବାଦ୍ ଦିଆଯାଇଥାଏ। ତେବେ ଏଥର ବିହାରରେ ସମ୍ପୂର୍ଣ୍ଣ ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ସେଥିପାଇଁ ନାଗରିକମାନଙ୍କୁ ନୂଆ ଏନୁମେରେଶନ ଫର୍ମ ପୂରଣ ସହ ଘୋଷଣାନାମା ଦେବାକୁ ହେବ। ଭୋଟର ଭାବେ ନିଜର ଯୋଗ୍ୟତା ପ୍ରମାଣ ପାଇଁ କମିଶନ ଜାରି କରିଥିବା ୧୧ଟି ଯୋଗ୍ୟ ଦସ୍ତାବିଜ୍ ଦାଖଲ କରିବାକୁ ହେବ। ଇସିଙ୍କ ଏହି ଏସ୍‌ଆଇଆର୍ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଇସିଙ୍କ ୧୧ ଦସ୍ତାବିଜ୍ ତାଲିକାର ଆଧାର, ରାଶନ କାର୍ଡ ନ ଥିବାରୁ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ଅଛି, ତାହା ସେପ୍ଟେମ୍ବର ୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ନିକଟରେ ନିର୍ବାଚନ କମିଶନ ସମୟସୀମାକୁ ବଢ଼ାଇଛନ୍ତି।

## ୨୭ରେ ସ୍ୱତନ୍ତ୍ର ଓଟିଇଟି, ୧୭ରୁ ମିଳିବ ଆଡ୍‌ମିଟ୍ କାର୍ଡ

**କଟକ,୬।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ୪ଟା ଯାଏ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଆସନ୍ତା ୧୭ ତାରିଖରୁ ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ଉପଲବ୍ଧ ହେବ। ମାତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକ ଅପରିବର୍ତ୍ତିତ ରହିଛି। ସ୍ଥଗିତ ଥିବା ଗତ ଜୁଲାଇ ୧୯ ତାରିଖ ଓଟିଇଟି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ତାଲିକା ଅନୁଯାୟୀ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

**ଏସିଆ କପ୍ ପୁରୁଷ ହକି: ଫାଇନାଲରେ ଭାରତ**

(ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

**ଏବେ ଚାଇନା**

# ଗୁଜରାଟରେ ଛିଣ୍ଡିଲା ରୋପ୍‌ୱେ: ୬ ମୃତ



**ହାଲୋଲ,୬।୯(ପି.ଟି.)**

ଗୁଜରାଟର ପଞ୍ଚମହଲ ଜିଲା ଅନ୍ତର୍ଗତ ପଭଗଡ଼ ହିଲ୍‌ଠାରେ ଶନିବାର ଅପରାହ୍ନ ୩ଟାରେ ଏକ କାର୍ଗୋ ରୋପ୍‌ୱେର କେବୁଲ ତାର ଛିଡ଼ିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ପୋଲିସ ଏବଂ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି। ମହାକାଳିକା ମନ୍ଦିର ପାଇଁ ପଭଗଡ଼ ହିଲ୍ ପ୍ରସିଦ୍ଧ। ଉକ୍ତ ମନ୍ଦିରକୁ ଯିବା ପାଇଁ ଶ୍ରଦ୍ଧାଳୁମାନେ କେବୁଲ କାର୍‌ର ସହାୟତା ନେଇଥାନ୍ତି ନଚେତ୍ ୨,୦୦୦ ଫୁଟ୍ ପାହାଚ ଚଢ଼ିଥାନ୍ତି। ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ଉକ୍ତ ରୋପ୍‌ୱେରେ ୬ ଜଣ ଥିବାବେଳେ ଏହା ଛିଡ଼ିପଡ଼ିଥିଲା ବୋଲି ପଞ୍ଚମହଲା ଜିଲାପାଳ ଅଜୟ ଦହିୟା କହିଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଲିଫ୍ଟ ଅପରେଟର ହୋଇଥିବାବେଳେ ୨ ଶ୍ରମିକ ଓ ଅନ୍ୟ ୨ ଜଣ ଥିଲେ। ଖରାପ ପାଗ ଯୋଗୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ମୁଖ୍ୟ ରୋପ୍‌ୱେ ୨ ଦିନ ହେଲା ବନ୍ଦ ରହିଛି।






## ପଞ୍ଚାୟତ କର୍ମଚାରୀଙ୍କ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ

**ଭୁବନେଶ୍ୱର, ୬।୯(ସୁନିତ୍ ମିଶ୍ର)**

ରାଜ୍ୟ ସରକାର କିଛିଦିନ ହେଲା ବାୟୋମେଟ୍ରିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଠିକ୍ ସମୟରେ ଆସୁ ନ ଥିବା କର୍ମଚାରୀଙ୍କୁ କିପରି ସଜାଗ କରିହେବେ ସେଥିନେଇ ସବୁ ପ୍ରକାର ବ୍ୟବସ୍ଥା ସରକାର କରିବାରେ ଲାଗିଛନ୍ତି। ଏଥିପାଇଁ ବାୟୋମେଟ୍ରିକ ଉପସ୍ଥାନକୁ ସରକାର ବାଧ୍ୟତାମୂଳକ କରିଛନ୍ତି। ପଞ୍ଚାୟତ କର୍ମଚାରୀଙ୍କଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁହେବ। ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଏଭଳି ବ୍ୟବସ୍ଥା କରାଯାଇଛି। ଏନେଇ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାର ଜାରି କରିଛନ୍ତି। ଏପରିକି ଏଣିକି ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି,



ଜିଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ୍ ଲାଗିବ। ତୁରନ୍ତ ବାୟୋମେଟ୍ରିକ୍ ଉପସ୍ଥାନ ପ୍ରଣାଳୀ ସ୍ଥାପନ ସହ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ ରହିଛି। ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ଅଫିସରେ ଯଥା ଶୀଘ୍ର ବାୟୋମେଟ୍ରିକ ଲଗାଇ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

## ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ସର୍ବାଧିକ ପ୍ରଭାବ

**ନୂଆଦିଲ୍ଲୀ/ ଭୁବନେଶ୍ୱର, (ସୁଚିସ୍ମିତା ସାହୁ) ୬।୯**

୨୦୨୫ର ଦ୍ୱିତୀୟ ତଥା ଅନ୍ତିମ ଚନ୍ଦ୍ର ଗ୍ରହଣ ରବିବାର ହେବାକୁ ଯାଉଛି। ଏହି ଚନ୍ଦ୍ର ଗ୍ରହଣ ଭାରତରେ ଦୃଶ୍ୟମାନ ହେବ। ଏହା ଏକ ବିରଳ ମୁହୂର୍ତ୍ତ, ଯେଉଁଥିରେ ଚନ୍ଦ୍ର ପୃଥିବୀର ଛାଇ ଦେଇ ଗତି କରିବ। ଭାରତୀୟ ସମୟ ଅନୁଯାୟୀ, ରବିବାର ରାତି ୯.୫୮ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ୦୧.୨୬ରେ ଶେଷ ହେବ। ଚନ୍ଦ୍ରଗ୍ରହଣର ମୋଟ ଅବଧି ୩ ଘଣ୍ଟା ୨୮ ମିନିଟ୍ ରହିବ। ତେବେ ଚନ୍ଦ୍ରଗ୍ରହଣର ସର୍ବାଧିକ ପ୍ରଭାବ ରବିବାର ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ଏବଂ ଗ୍ରହଣର ପିକ୍ ଟାଇମ୍ ରାତି ୧୧.୪୨ ରହିବ। ଅର୍ଥାତ୍ ଏହି ସମୟରେ ହିଁ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଚଳିତ ଥର ଚନ୍ଦ୍ରଗ୍ରହଣ ଦେଖିବା



ପାଇଁ ଭାରତରେ ଲୋକମାନଙ୍କୁ କୌଣସି ସ୍ୱତନ୍ତ୍ର ଉପକରଣର ଆବଶ୍ୟକତା ପଡ଼ିବ ନାହିଁ। ଲୋକେ ଖାଲି ଆଖିରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଦେଖିପାରିବେ। ତେବେ ବାଇନାକୁଲାର କିମ୍ବା ଟେଲିସ୍କୋପର ବ୍ୟବହାରରେ ଏହି ଅଭିଜ୍ଞତା ଉତ୍କୃଷ୍ଟ ହେବ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଚନ୍ଦ୍ର ଗ୍ରହଣ ସମୟରେ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବା ପାଇଁ ଲୋକଙ୍କୁ ସତର୍କ କରାଯାଇଛି। ଚନ୍ଦ୍ର ଗ୍ରହଣର ୯ ଘଣ୍ଟା ପୂର୍ବରୁ ଅର୍ଥାତ ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ କରିବାକୁ ପଡ଼ିବ। ମଧ୍ୟାହ୍ନ ୧୨.୫୭ଠାରୁ ଚନ୍ଦ୍ର ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ଖାଦ୍ୟ ରାନ୍ଧିବା କିମ୍ବା ଖାଇବା ଉପରେ ନିଷେଧ ରହିବ। ଏହି ସମୟରେ ମନ୍ଦିରର ଦ୍ୱାର ମଧ୍ୟ ବନ୍ଦ ରହିବ। ସେହିପରି ଗର୍ଭବତୀ ମହିଳାଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯିବା ସହ ବିଭିନ୍ନ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇରହିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ନିୟମ ଅନୁଯାୟୀ ରୋଗୀ, ବୃଦ୍ଧ ଏବଂ ଶିଶୁଙ୍କ ଉପରେ ଉକ୍ତ ନିୟମ ଲାଗୁ ହେବନାହିଁ ବୋଲି ବରିଷ୍ଠ ଜ୍ୟୋତିର୍ବିଦ୍‌ମାନେ କହିଛନ୍ତି।

ଏହି ଚନ୍ଦ୍ର ଗ୍ରହଣ ଭାରତ ବ୍ୟତୀତ ୟୁରୋପ, ଏସିଆ, ପୂର୍ବ ଅଷ୍ଟ୍ରେଲିଆ, ଆଫ୍ରିକା, ନ୍ୟୁଜିଲାଣ୍ଡର କିଛି ଅଞ୍ଚଳରେ ☞ପୃଷ୍ଠା-୨

## ଶ୍ରୀମନ୍ଦିରରେ ସଅଳ ହେବ ନୀତିକାନ୍ତି

**ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)**

ଆସନ୍ତାକାଲି ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ସଅଳ ନୀତିକାନ୍ତି ହେବ। ମଧ୍ୟାହ୍ନ ୧୨ଟା ୫୭ମିନିଟ ୨୨ ସେକେଣ୍ଡ ପରେ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିଛି। ଗ୍ରହଣ ସ୍ପର୍ଶ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ରହିଥିବା ବେଳେ ସର୍ବମୋକ୍ଷ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ରାତି ୨ଟାରେ ଦ୍ୱାରଫିଟା ନୀତି ରହିଛି। ରାତି ୨ଟା ୩୦ରେ ଭିତରଶୋଧ, ୨ଟା ୪୦ରେ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୩ଟା, ଅବକାଶ ଓ ରୋଷହୋମ ୩ଟା ୩୦ରେ କରାଯିବ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସରିବା ପରେ ଭୋର ୫ଟାରୁ ୬ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ୬ଟା ୧୫ରେ ମଇଲମ, ସାଢ଼େ ୭ଟାରେ ଭୋଗମଣ୍ଡପ ଶେଷ ହୋଇ ସକାଳ ୮ଟାରୁ ୯ଟା ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ସକାଳ ୯ଟା ୩୦ରେ ଦକ୍ଷିଣୀ ଘର ଭୋଗ, ସାଢେ ୮ଟାରୁ ୧୦ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ, ମଇଲମ, ୧୧ଟା ୧୫ରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବ। ରବିବାର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ରହିଛି। ତେଣୁ ପୂର୍ବାହ୍ନ ୧୧ଟା ୩୦ରେ ଦୋଳଗୋବିନ୍ଦ ଭିତରକୁ ବିଜେ କରିବେ। ୧୧ଟା ୪୫ରେ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ କରିବେ। ୧୨ଟାରେ ପାଲିଙ୍କି ଉଠିବ। ସାଢ଼େ ୧୨ଟା ସୁଦ୍ଧା ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ସାରି ବାହୁଡ଼ା ବିଜେ କରିବେ। ମଇଲମ ଓ ତଡ଼ପଲାଗି ହୋଇ ଭିତରକାଠ ଦର୍ଶନ ହେବ। ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟନୀତି ହେବା ନେଇ ଛତିଶା ନିଯୋଗ ବୈଠକରେ ସ୍ଥିର କରାଯାଇଛି।

**ଆଜିର ମନ୍ତବ୍ୟ**

"ଦେଶର ଜାତୀୟ ପ୍ରତୀକ ଅଶୋକ ସ୍ତମ୍ଭ ସରକାରୀ ଉତ୍ସବ ପାଇଁ ଉଦ୍ଦିଷ୍ଟ, ଧର୍ମୀୟ ଅନୁଷ୍ଠାନ ନିମନ୍ତେ ନୁହେଁ।
-ଓମାର ଅବଦୁଲ୍ଲା, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପରିଷଦ ମୁଖ୍ୟ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ୧୪ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଓଏଏସ୍ ଆସୋସିଏଶନ୍ ହଲ୍ , ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।
- ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ ଟା।
- ସତ୍‌ସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ସତ୍‌ସଙ୍ଗ, ସ୍ଥାନ: ରତାୟନୀ କକ୍ଷ, ସତ୍‌ସଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସରେ ସାଇକେଲ୍ ରାଲି, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୭ଟା ୩୦।

## କଟକ

- ପଞ୍ଚମ ଲାସ୍ୟ ପ୍ରତିଭା ପ୍ରତିଯୋଗିତା, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସକାଳ ୯ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ସତସଙ୍ଗ ବିହାର, ବକ୍ସିବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ନିମାପଡ଼ା-ବଳଙ୍ଗା ପୂର୍ତ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ, ସ୍ଥାନ: ନିମାପଡ଼ା ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଗୋପାଳପୁର, ବାହାନଗା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ସବ୍‌ଡିଭିଜନ ଗଠନ ଦାବିରେ କ୍ରିୟାନୁଷ୍ଠାନ କମିଟିର ପରିବର୍ଦ୍ଧିତ ବୈଠକ, ସ୍ଥାନ: ବରିଷ୍ଠ ନାଗରିକ ସଂଘ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ, ସ୍ଥାନ: ଫକୀରପୁର ସିଟି ସ୍କୁଲ, ଆନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ୭୮ ତମ ରାଜ୍ୟ ପୋଲିସ କବାଡି ଓ ୧୦ମ ରାଜ୍ୟ ପୋଲିସ ହ୍ୟାଣ୍ଡ ବଲ ପ୍ରତିଯୋଗିତା ୨୦୨୫-୨୬ ଉଦ୍‌ଘାଟନ, ସ୍ଥାନ: ହ୍ୟାଣ୍ଡବଲ ପଡ଼ିଆ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଜିଲା ବିଦ୍ୟାଳୟ ସମୂହ ଫୁଟ୍‌ବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ରଷ୍ଟା ବାଲେଶ୍ୱର ପକ୍ଷରୁ ନାଟକ 'ନଷ୍ଟ ନାଟକର ନାଟ୍ୟକାର', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- କସ୍ତୁରୀ କଳା ସମ୍ମାନ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପଶ୍ଚିମେଶ୍ୱର ମନ୍ଦିର, ଆଙ୍କୁଲି, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ଦ୍ୱିଭାଷୀ କବି ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ଫୁଲବାଣୀ, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ଦି ଫୁଡ ଲଭର୍ସ ଗ୍ରୁପ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ, ସ୍ଥାନ:ଗୋଧନ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ଦଶମ ବାର୍ଷିକ ଉତ୍ସବ, ସ୍ଥାନ : ଯାଜପୁର ମଧୁପୁର ଗୁରୁ ଆଶ୍ରମ, ସମୟ: ସକାଳ ୭ଟା।
- ମହେଶ୍ୱର ମଲ୍ଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ବରୀ ବ୍ଲକ୍ ଅଧୀନ ସୁକଳ ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ବରୀ ସାହିତ୍ୟ ସଂସଦର ମୁଖପତ୍ର 'ବରିଶ୍ରୀ'ର ୩୨ତମ ସଂଖ୍ୟାର ଅନାବରଣ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ଗୋପବନ୍ଧୁ ରମାଦେବୀ ଆଶ୍ରମ, ସମୟ: ସକାଳ ୯ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଉଦ୍‌ଯାପନୀ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୮ଟା।
- ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଜନ୍ମ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ; ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଗୋଡ଼ିପଡ଼ା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ନବରାତ୍ରି ପାଇଁ ମା ମଙ୍ଗଳା ମନ୍ଦିର କମିଟି ବୈଠକ, ସ୍ଥାନ: ରାୟଗଡ଼ା ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ଡାନ୍ସ ବାଟେଲ, ସ୍ଥାନ: ମୁନିଗୁଡ଼ା ପାଇକ ସାହି ଗଣେଶ ପୂଜା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଅବସର ପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଉମରକୋଟ ସିଂସାରୀ ଗ୍ରାମ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ନୂଆଁଖାଇ ଭେଟଘାଟ ଅବସରରେ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭଞ୍ଜ ମଣ୍ଡପ, ହାଲ ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷିଣ ଓଡ଼ିଶାରେ ଆଦିବାସୀ ସଂସ୍କୃତି ଉପରେ ଆଲୋଚନା, ସ୍ଥାନ: ଆଦିବାସୀ ସଂଗ୍ରହାଳୟ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡି କର୍ମୀଙ୍କ ଜରୁରୀକାଳୀନ ବୈଠକ, ସ୍ଥାନ: ସୁବାଇ ପଞ୍ଚାୟତ ବିଲାପୁଟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ମାରୱାଡି ଯୁବା ମଞ୍ଚ ପକ୍ଷରୁ ସାଇକ୍ଲୋଥୋନ, ସ୍ଥାନ : ସମଲେଶ୍ୱରୀ ମନ୍ଦିର ଛକ, ସମୟ : ସକାଳ ୬ଟା।
- କଲମ ଆୟୋଜନରେ ନୂଆଁଖାଇ ଭେଟଘାଟ -୨୦୨୫, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଆଣ୍ଡ କ୍ରଫ୍ଟ କାର୍ଯ୍ୟକ୍ରମ, ସ୍ଥାନ : ଜିଏମୟୁ ଗ୍ୟାଲେରୀ, ସମୟ : ଅପରାହ୍ନ ୩ଟା।
- ଜ୍ୟୋତି ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ସରସ୍ୱତୀ ଶିଶୁ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଷ୍ଟିଲ୍ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆର ସର୍ବଭାରତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାରେ ସାମାଜିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା,ସ୍ଥାନ: କଚାରୁ ହାଇସ୍କୁଲ,ସମୟ:ସକାଳ ୯ଟା ୩୦।

## କଳାହାଣ୍ଡି

- ଜୁନାଗଡ଼ ଯୋଗାଣ ସଂଘର ବୈଠକ, କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଜୁନାଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଗେହ୍ଲାମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଗୁରୁଶ୍ରୀ ଭିକାରୀ ସିଂ ମଣ୍ଡପ ଟାଉନହଲ ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ:ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ଅଧୀନ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଭାଗବତ ଜନ୍ମଦିନ ଅବସରରେ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ଛନ୍‌ଛାନ୍ ଡୁଙ୍ଗୁରି ସ୍ଥିତ ଯୋଗ ବିହାର, ସମୟ: ସକାଳ ୯ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସାଧାରଣ କଥାକୁ କେନ୍ଦ୍ର କରି ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ପରିସ୍ଥିତିବଶତଃ ଧାରକରଜ କରିବାକୁ ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିପାରନ୍ତି। ପରିଜନଙ୍କ ସହିତ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବ୍ୟବସାୟିକ ସ୍ଥିତି ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ**
ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ପ୍ରତିହତ କରି ଲକ୍ଷ୍ୟ ହାସଲ କରିପାରିବେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର ଅସୁବିଧାକୁ ନିମନ୍ତ୍ରଣ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ଜମିଜମା ସମ୍ପର୍କୀୟ କୌଣସି ବିଷୟକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

**କର୍କଟ**
ସ୍ୱାସ୍ଥ୍ୟ ନିମ୍ନାଭିମୁଖୀ ହେବାର ଅନୁଭବ କରି ବିଚଳିତ ହେବେ। ସହକର୍ମୀଙ୍କ ସହିତ ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ପଡ଼ୋଶୀଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଲାଗି ରହୁଥିବା ହେତୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିବା ଯୋଜନା କରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହୋଇପାରନ୍ତି।

**କନ୍ୟା**
ସମସ୍ୟା ସମାଧାନ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶୀର୍ବାଦ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ ଆତ୍ମୀୟମାନେ ଶତ୍ରୁତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା**
କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ଅଥବା ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ବିଛା**
ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଏହା ସାଙ୍ଗକୁ ପ୍ରତ୍ୟେକ କାମରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସେବା ଓ ସାହାଯ୍ୟ ମନୋବୃତ୍ତିଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ସବୁକିଛି ଜାଣିଲେ ମଧ୍ୟ ନୀରବ ରହିବାକୁ ପଡ଼ିବ।

**ଧନୁ**
ଅଟକି ରହିଥିବା କାମଗୁଡ଼ିକ ବନ୍ଧୁଙ୍କ ମାଧ୍ୟମରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମର ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ପରିବାରର ଆବଶ୍ୟକତା ଅନୁଯାୟୀ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ଅଗ୍ରଗତି ଘଟିବ।

**ମକର**
ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ପରିବାର ସହ ଦର୍ଶନୀୟ ସ୍ଥାନ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ। କର୍ମକ୍ଷେତ୍ରରେ ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ**
ନିଜର ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି କ୍ଷତି କରିପାରିବେ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ**
ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପ ଖୁଆଇନେବାରେ ଅସୁବିଧା ହେବ ନାହିଁ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇ ଯାଇପାରନ୍ତି। ବିଶେଷ ଭ୍ରମଣ କିମ୍ବା କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ସେପ୍ଟେମ୍ବର ୭ ତାରିଖ, ଭାଦ୍ରବ ମାସର ଭାଗବତ ପୂର୍ଣ୍ଣିମା ରବିବାର, ଭାଗବତ ଜନ୍ମ, ଇନ୍ଦ୍ରୋତ୍ସବ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ, ଖୁଦୁରୁକୁଣୀ ଓଷା ଶେଷପାଳି, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୬ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୬ ଗତେ ଘ.୦୧।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୦ ଗତେ ଘ.୦୫।୫୩ ମଧ୍ୟେ ରାହୁକାଳ। (ଅଦ୍ୟ ରାହୁଗ୍ରସ୍ତ ଚନ୍ଦ୍ରଗ୍ରହଣ: ପୁରୀକୁ ସ୍ପର୍ଶାରମ୍ଭ-ଘ.୦୯।୫୭।୦୨୨, ସର୍ବମୋକ୍ଷ ଘ.୦୧।୨୬।୧୭, ଦିବା ଘ.୧୨।୫୭।୨୨ଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ, ଗ୍ରହଣ ଦର୍ଶନେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିପାଇଁ ଶୁଭଫଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଘର ମାଉସୀ ବିଲେଇ
ନିଆଁ ମାଗିଗଲା କେଉଟ ସାହି
ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ।**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ। ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା। ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି
ବନ୍ଧେଇଲା ପାଣି ରହୁ ଏଣିକି।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହିଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଟୋକୁ ଧକ୍କା ଦେଇ ଚଢ଼ିଗଲା କାର୍, ୩ ମୃତ

**ଅନୁଗୋଳ, ୬।୯ (ମାନସ ବିଶ୍ୱାଳ)**

ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା କାରନ୍ଦା ଅଞ୍ଚଳରୁ ଅଟୋରେ ଆସିଥିଲେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ। ଡାକ୍ତର ଦେଖାଇବା ପରେ ତୁରଙ୍ଗସ୍ଥିତ ସମୁଦି ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏହାପରେ ଅଟୋରେ ଅସୁସ୍ଥ ସ୍ୱାମୀ, ସ୍ତ୍ରୀ ଓ ପୁଅ-ବୋହୂ କାରନ୍ଦା ଫେରୁଥିବା ବେଳେ ଅନୁଗୋଳ ସଦର ଥାନା ଖଣ୍ଡହତା ବ୍ରିଜ୍ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ଟାରେ ଘଟିଗଲା ଦୁର୍ଘଟଣା। ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ଧକ୍କା ଦେବା ସହ ଅଟୋ ଉପରେ ଚଢ଼ିଯାଇ ବିଲଭିତରକୁ ଠେଲି ନେଇଥିଲା। ଫଳରେ ଅଟୋରେ ଥିବା ମୋଟ ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ଅସୁସ୍ଥ ବଂଶୀଧର ସେଠୀ, ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି (୩୦)। ଅଟୋରେ ଥିବା ବଂଶୀଧରଙ୍କ ପୁଅ ସାଇ ସେଠୀ, ବୋହୂ ସୁନିତା ସେଠୀଙ୍କ ସମେତ କାର୍ ମାଲିକ ବିଶ୍ୱଜିତ ସାହୁ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଗ୍ରାମର ବଂଶୀଧରଙ୍କ ଦେହ ଖରାପ ଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ସ୍ଥିର କରିଥିଲେ। ଏହାପରେ ମଣ୍ଟୁଙ୍କ ଅଟୋରେ ବଂଶୀଧର, ସ୍ତ୍ରୀ କମଳା, ପୁଅ ସାଇ ଓ ବୋହୂ ସୁନିତା ଅନୁଗୋଳ ଆସିଥିଲେ। ଚିକିତ୍ସା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ପରେ କିଛି ସମୟ ବିଶ୍ରାମ କରି ସମସ୍ତେ କାରନ୍ଦା ଅଭିମୁଖେ ବାହାରିଥିଲେ। ହେଲେ ସେମାନେ ଅନୁଗୋଳ ସଦର ଥାନା ଖଣ୍ଡହତା ବ୍ରିଜ୍ ନିକଟରେ ହୋଇଥିବା ବେଳେ ନରସିଂହପୁରରୁ ଆସୁଥିବା କାର୍ ସମ୍ମୁଖରୁ ଅଟୋକୁ ଧକ୍କା ଦେଇଥିଲା। କାର୍‌ର ବେଗ ଏତେ ଅଧିକ ଥିଲା ଯେ ଅଟୋକୁ ଧକ୍କା ଦେଇ ବିଲ ଭିତରକୁ ଠେଲିନେଇ ଚଢ଼ିଯାଇଥିଲା। ଫଳରେ ବିଲ ଭିତରେ ଅଟୋଟି କାଦୁଅରେ ଚପିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବିଭାଗ ଓ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଅଟୋ ଭିତରୁ ବହୁ କଷ୍ଟରେ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଅଟୋ ଚାଳକ ମଣ୍ଟୁଙ୍କ ସମେତ ବଂଶୀଧର ଓ କମଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ସାଇ ଓ ସୁନିତାଙ୍କ ସହ କାର୍ ଭିତରେ ଥିବା ମାଲିକ ବିଶ୍ୱଜିତଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଦୁର୍ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସଦର ଥାନା ପୋଲିସ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।



ଅଟୋକୁ ଧକ୍କା ଦେବା ପରେ ବିଲ ଭିତରକୁ ଠେଲିନେଇ କାର୍‌ଟି ଉପରେ ଚଢ଼ିଯାଇଛି।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଅନୁଗୋଳ,୬।୯ (ଜ୍ୟୋତିରଞ୍ଜନ ସାହୁ)**

ପାରିବାରିକ କଳହରୁ ଜଣେ ମହିଳା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମାଣପୁର ଗ୍ରାମରେ ଶୁକ୍ରବାର ରାତିରେ ଘଟିଛି ଏହି ଘଟଣା। ଗୁରୁତର ମହିଳା ହେଲେ ବାବୁଲା ଗୋଛାୟତଙ୍କ ସ୍ତ୍ରୀ ସାବିତ୍ରୀ ଗୋଛାୟତ। ଗୁରୁତର ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମାଣପୁର ଗ୍ରାମର ବାବୁଲା ଓ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ କୌଣସି କାରଣରୁ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାବିତ୍ରୀ ଘରେ ବୋତଲରେ ଥିବା ପେଟ୍ରୋଲ ଆଣି ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସାବିତ୍ରୀଙ୍କ ଦେହର ୭୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବରପାଇ କଣ୍ଟାବଣିଆ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ପାରିବାରିକ କଳହରୁ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ।

# କାନ୍ଥ ପଡ଼ି ନାବାଳକଙ୍କ ମୃତ୍ୟୁ, ମା'ଭାଇ ଗୁରୁତର

**ଆନନ୍ଦପୁର,୬।୯(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାଧିକାଦେଈପୁର ପଞ୍ଚାୟତ କୋଲ୍ହବେଡ଼ା ଗାଁରେ କାନ୍ଥ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ପରିବାରର ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଁର ରାଜା ଜେନା(୧୧)ଓ ଗୁରୁତର ଦ୍ୱୟ ହେଲେ ରାଜାଙ୍କ ମା' ଅଞ୍ଜନା ଜେନା(୩୦) ଓ ତାଙ୍କ ସାନଭାଇ ଆଦିତ୍ୟ ଜେନା (୬)। ପ୍ରକାଶ ଯେ, ଶୁକ୍ରବାର ରାତିରେ ଅଞ୍ଜନା ୨ ପିଲାଙ୍କ ସହ ଖାଇପିଇ ଘରେ ଶୋଇଥିଲେ। ମଧ୍ୟରାତିରେ ମାଟିକାନ୍ଥ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ରାଜାଙ୍କ ମୃତ୍ୟୁ ହୋଇଥିଲା। ଆଦିତ୍ୟ ଓ ଅଞ୍ଜନା ଗୁରୁତର ହୋଇଥିଲେ। ଦୁହିଁଙ୍କୁ ପରିବାର ଲୋକେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଲଗାଣ ବର୍ଷା ଯୋଗୁ ଘରର କାନ୍ଥ ଓଦା ହୋଇପଡିଯାଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ଘସିପୁରା ଥାନାରେ ଏକ ମାମଲା(ନଂ. ୪୯/୨୫) ରୁଜୁ ହୋଇଛି।

# ଆଜି ପୂର୍ଣ୍ଣ ...

ପ୍ରଥମ ପୃଷ୍ଠାରୁ...

ମଧ୍ୟ ଦୃଶ୍ୟମାନ ହେବ। ତେବେ ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବନାହିଁ। ଜ୍ୟୋତିର୍ବିଦ୍‌ଙ୍କ ଅନୁଯାୟୀ, ଚନ୍ଦ୍ରଗ୍ରହଣ ଯୋଗୁ ପଶ୍ଚିମ ଦେଶ ଏବଂ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକରେ ସମସ୍ୟା ବଢ଼ିପାରେ। ଏହାର ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟ, ବିମାନ ଦୁର୍ଘଟଣା, ଅଗ୍ନିକାଣ୍ଡ ଆଦି ବିପର୍ଯ୍ୟୟ ଆସିପାରେ। ଧାର୍ମିକ ଏବଂ ବ୍ୟବସାୟ କ୍ଷେତ୍ରରେ କ୍ଷତି ସହିବାକୁ ପଡ଼ିବାରେ। ଜ୍ୟୋତିର୍ବିଦମାନଙ୍କ ଆକଳନ ଅନୁଯାୟୀ, ଚନ୍ଦ୍ରଗ୍ରହଣ ପ୍ରଭାବରେ ଭାରତର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ବଢ଼ିବାରେ। ଭାରତ-ପାକ୍ ସୀମାରେ ଉତ୍ତେଜନା ବୃଦ୍ଧି ପାଇବା ନେଇ ମଧ୍ୟ ଆଶଙ୍କା ରହିଥିବା ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି। ରବିବାର ପରେ ୨୦୨୬ ମାର୍ଚ୍ଚରେ ପରବର୍ତ୍ତୀ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ।




# ରାସ୍ତା ମରାମତି ନେଇ ଆସିବ ସ୍ୱତନ୍ତ୍ର ନୀତି

## ସେପ୍ଟେମ୍ବର ୨୦ ସୁଦ୍ଧା ମରାମତି, ଅକ୍ଟୋବର ୨ରୁ ନବୀକରଣ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ବନ୍ଦନା ସେଠୀ)

ଦୁର୍ଗାପୂଜା ଓ ପାର୍ବଣ ଋତୁରେ ରାସ୍ତାଘାଟ ଓ ଗମନାଗମନ କ୍ଷେତ୍ରରେ ଦ୍ୱୈତନଗରୀ ସମେତ ସବୁ ଅଞ୍ଚଳରେ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ହରିଚନ୍ଦନ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସମେତ ବିଭିନ୍ନ ପ୍ରମୁଖ ସହର ତଥା ସମସ୍ତ ଜିଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ। ସେପ୍ଟେମ୍ବର ୨୦ ସୁଦ୍ଧା ରାଜ୍ୟର ସବୁ ପ୍ରମୁଖ ରାସ୍ତାକୁ ଖାଲଖମାମୁକ୍ତ କରାଯିବ। ପରବର୍ତ୍ତୀ ଅକ୍ଟୋବର ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ ହେବ। ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବେ। ରାସ୍ତା ମରାମତି ଓ ସ୍ଥାୟିତ୍ୱ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବ। ରାସ୍ତାକୁ ନଷ୍ଟ କରୁଥିବା ବ୍ୟବହାରକାରୀ ସଂସ୍ଥା ଓ ବିଭାଗ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବର୍ଷାଋତୁ ଆସିଲେ ରାସ୍ତାରେ ଖାଲଖମା ହେବା ଏବଂ ରାସ୍ତା ଖରାପ ହେବା ଏକ ସାଧାରଣ ପ୍ରକ୍ରିୟା। ମାତ୍ର ଏହାକୁ ତୁରନ୍ତ ମରାମତି କରି ଜନସାଧାରଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ସରକାରଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ।




# ଓଡ଼ିଶାର କଂସା ଶିଳ୍ପ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଛି: ଉପମୁଖ୍ୟମନ୍ତ୍ରୀ




ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ'କୁ ଶନିବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଗବେଷଣା ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ' ଉନ୍ମୋଚିତ

### କଂସା ଶିଳ୍ପର ସଂରକ୍ଷଣ, ପ୍ରସାର ଉଦ୍ୟମକୁ ପ୍ରଶଂସା

ଭୁବନେଶ୍ୱର,୬।୯(ସୌମ୍ୟରଞ୍ଜନ ରାଉତ)

ଏମ୍‌ଜିଏମ୍ ଫାଉଣ୍ଡେଶନ ଓ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ୍ ଡିଜାଇନ ଷ୍ଟୁଡିଓ ପକ୍ଷରୁ ଓଡ଼ିଶାର କଂସା ଶିଳ୍ପ ଐତିହ୍ୟ ଉପରେ ରଚିତ ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ'ର ଲୋକାର୍ପଣ ଉତ୍ସବ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଏମ୍‌ଜିଏମ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଏହାକୁ ଉନ୍ମୋଚନ କରିବା ସହ ୩୦ଜଣ କାରିଗରଙ୍କୁ ସମ୍ମାନିତ କରିଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ସତପଥୀ କଂସାଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରି କହିଲେ, ଗାଁଗଣ୍ଡାରେ ଅନେକ ପ୍ରତିଭାବାନ୍ କଳାକାର ଏବେ ମଧ୍ୟ ରହିଛନ୍ତି। ଏହି ପ୍ରତିଭାବାନ୍‌ମାନଙ୍କୁ ପ୍ରୋତ୍ସାହନ ମିଳିଲେ ନିଶ୍ଚିତ ଭାବେ କଳା ବଞ୍ଚିବ ବୋଲି ସେ ମତ ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, ଓଡ଼ିଶାର କଂସା ଶିଳ୍ପ ଆମ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ପରମ୍ପରାଗତ କଂସାବାସନ ଗଢୁଥିବା କାରିଗରମାନେ ଏହି କାର୍ଯ୍ୟକୁ ବନ୍ଦ କରନ୍ତୁ ନାହିଁ। ଏହାର ଆବଶ୍ୟକତା ବର୍ତ୍ତମାନ ସମୟରେ ଅଛି ବୋଲି କହିବା ସହ ଏହି କଳାକୁ ବଞ୍ଚାଇ ରଖିଥିବାରୁ ସେ କଳାକାରମାନଙ୍କୁ ଧନ୍ୟବାଦ ଦେଇଥିଲେ।

ଇଂଲିଶ ଏବଂ ଓଡ଼ିଆ ଭାଷାରେ ଉପଲବ୍ଧ ଏହି ପୁସ୍ତକ ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ) ଫେଲୋଶିପ କାର୍ଯ୍ୟକ୍ରମ ୨୦୨୪ -୨୫ ଦ୍ୱାରା ପରିଚାଳିତ ଗଭୀର ଗବେଷଣାକୁ ପ୍ରତିପାଦିତ କରିଛି। ଏହା ଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରୁଛି। ଗବେଷଣା ଫେଲୋ ବିଲାସ ସର୍ଦ୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ ସେନଗୁପ୍ତାଙ୍କ ବିଶେଷଜ୍ଞ କ୍ୟୁରେଶନ ଅଧୀନରେ ଏହା କରାଯାଇଛି। ସେମାନଙ୍କର ସମ୍ପୂର୍ଣ୍ଣ ଗବେଷଣା ଓଡ଼ିଶାର କଂସା ଶିଳ୍ପ ପରମ୍ପରାର ସବୁଠାରୁ ବ୍ୟାପକ ସମସାମୟିକ ଦସ୍ତାବିଜ୍‌କରଣ କରିଛି। ଗବେଷକ ଓ ଫେଲୋମାନଙ୍କ ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ୫ ମାସର ବ୍ୟାପକ କ୍ଷେତ୍ର କାର୍ଯ୍ୟ ଉପରେ ପୁସ୍ତକ ପ୍ରସ୍ତୁତ ହୋଇଛି। ଏହି ପୁସ୍ତକ କେବଳ କଂସା ତିଆରିର ଜଟିଳ ବୈଷୟିକ ପ୍ରକ୍ରିୟାକୁ ନୁହେଁ, ବରଂ ଶିଳ୍ପର ବ୍ୟାପକ ସାମାଜିକ-ସାଂସ୍କୃତିକ ପ୍ରସଙ୍ଗକୁ ମଧ୍ୟ ଆଲୋକପାତ କରୁଛି। ଏହା ଗବେଷକ, ନୀତିନିର୍ମାତା, କାରିଗର ଓ ସାଂସ୍କୃତିକ ଉତ୍ସାହୀମାନଙ୍କ ପାଇଁ ଏକ ମୂଲ୍ୟବାନ୍ ସମ୍ପଦ ଭାବରେ ସେବା କରିବ ବୋଲି ଆଶା କରାଯାଉଛି। ଏଥିରେ ପାରମ୍ପରିକ କୌଶଳ, ଦେଶଜ ଶବ୍ଦକୋଷ, ସାଂସ୍କୃତିକ ମହତ୍ତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଅନୁଗୋଳ, ବରଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ସମେତ ବିଭିନ୍ନ ଜିଲାର କାରିଗର ସମ୍ପ୍ରଦାୟଗୁଡ଼ିକର ସମସାମୟିକ ଆହ୍ୱାନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସ୍ୱୀକୃତି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ କାରିଗରମାନେ ପାଳନ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି।

IndianSteel ASSOCIATION
Steel Shaping the Future

DEPARTMENT FOR PROMOTION OF INDUSTRY AND INTERNAL TRADE
MINISTRY OF COMMERCE & INDUSTRY
GOVERNMENT OF INDIA

Indian Steel,
Powering MSME Growth.

The **Steel Industry** plays a strategic role in India's growth. MSME are pivotal to India's Manufacturing and Engineering Export.

As the World's **Second-Largest Steel Producer**, India's Steel Sector has continuously supported MSME to rise to global standards.

The Indian Steel Association (ISA), representing the nation's leading steelmakers, is committed to empowering MSME with direct access to quality steel tailored to their specific needs.

To support this initiative, six member companies have offered to supply steel to MSMEs at Member Company-Specific Export Parity Prices in addition to supply of steel at domestic prices.

To avail these offerings, visit the respective member company websites/ nearest sales offices and access the portals directly.



These platforms offer:
- Timely Supplies
- Assured Quality that meets global standards
- Wide Product Range
- Trusted Partnership

**Whether you're building for India or exporting to the world, your success starts with the right steel.**

**To register, log on to the websites:**

www.amns.in/msmeconnect
https://shop.jindalpanther.com/msme-registration.html
www.jswsteelformsme.in
www.sail-steel.com/cust_enq/MsmeObsLogin.jsp
https://digeca.tatasteel.com/about-digeca
https://esuvidha.vizagsteel.com/rinlesuvidha/index.jsp

Source Smarter. Build Better With Indian Steel.

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ? ତା' ହେଲେ ଏହି ଉତ୍ସର୍ଗ ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସତ୍ତାକୁ ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। -ଶ୍ରୀମା

ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ, ଚନ୍ଦ୍ରପୂଜା ଓ ଚନ୍ଦ୍ର ଗ୍ରହଣ



# ଏବେ ଚାଇନା



ଆକାର ପଟେଲ

ଧର୍ମନିରପେକ୍ଷ ତଥା ବହୁଧର୍ମ ଓ ସମ୍ପ୍ରଦାୟର ବିବିଧତା ମଧ୍ୟରେ ସହାବସ୍ଥାନର ଦେଶ ଭାବେ ଭାରତକୁ କେହି ସ୍ୱୀକାର କରିପାରନ୍ତି, କିନ୍ତୁ ଏବକାର ସରକାରଙ୍କ ନେଇ ମୋର ସମସ୍ୟା ରହିଛି। ଏହି ପ୍ରସଙ୍ଗରେ ବିଗତ କିଛି ବର୍ଷ ହେଲା ଅନେକ ଲେଖାରେ ଏହା ଦେଖିବାକୁ ମିଳିଛି। ବିଚାରଧାରା ଓ ନୀତିଗୁଡ଼ିକରେ ଥିବା ଭିନ୍ନତାକୁ ଆଧାରକରି ଏହିସବୁ ଲେଖା ପ୍ରକାଶ ପାଇଛି। ଅନେକଙ୍କ ଭଳି ମୁଁ ମଧ୍ୟ ଭାବୁଛି, ହିନ୍ଦୁତ୍ୱ ହେଉଛି ସମସ୍ୟାବହୁଳ ଏବଂ ଦେଶ ଉପରେ ଅବାଞ୍ଛିତ ଭାବେ ଏହାକୁ ଲଦିଦିଆଯାଇଛି। ଏହା ମଧ୍ୟରେ ଘୃଣା ଓ ଅସହମତି ବିଷୟଗୁଡ଼ିକର ଏକ ଲମ୍ବା ତାଲିକା ରହିଛି। ଏସବୁ ବିଷୟ ଭିତରୁ ଅତିକମ୍‌ରେ ମୋ ପସନ୍ଦର ଦୁଇଟି ବିଷୟକୁ ଯଦି ବାଛିବାକୁ କୁହାଯାଏ, ତେବେ ପ୍ରଥମେ ମୁଁ କହିବି, ଏହି ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣର ସ୍ୱର ଦୃଢ଼ କରିଛନ୍ତି। ଦ୍ୱିତୀୟ ବିଷୟ ହେଉଛି ଏହି କାରଣରୁ ସେ ଅନେକ ସମର୍ପିତ ଅନୁଗାମୀ ବା ସମର୍ଥକଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି। ଏହା ଏକ ଗୁରୁତ୍ୱହୀନ ବୁଝାମଣା ଭଳି ମନେହେଲେ ମଧ୍ୟ ଏଥିରେ ଥିବା କିଛି ରହସ୍ୟକୁ ବାହାରକରିବା ସହଜ ନୁହେଁ। ୧୧ ବର୍ଷର ସବୁ ଘଟଣାକୁ ଯଦି ଜଣେ ଆକଳନ କରିବ, ତେବେ ଏସବୁର ସମ୍ପୂର୍ଣ୍ଣ ପ୍ରଭାବରୁ ବର୍ତ୍ତିବା କଷ୍ଟର ହୋଇଯିବ। ସେ କ'ଣ କରୁଛନ୍ତି ସେଥିରେ ସମସ୍ୟା ନାହିଁ। କିନ୍ତୁ ଯେତେବେଳେ ଯାଏ ବାଛବିଚାର ଆଇନ, ବାଦ୍ ଦିଆଯିବାର ନୀତି ଏବଂ ଘୃଣା ଅଭିଯାନ ମାଧ୍ୟମରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଥିବ ସେତେବେଳ ପର୍ଯ୍ୟନ୍ତ ତାଙ୍କୁ ସମର୍ଥନ କରୁଥିବା ଲୋକେ ଅସନ୍ତୁଷ୍ଟ ହେବେ ନାହିଁ। ଯାହାକୁ ମୁଁ ବାସ୍ତବ ମନେକରେ ଆଜି ସେହି ବିଷୟରେ ଲେଖିବା ପାଇଁ ଚେଷ୍ଟା କରିଥିଲି, କାରଣ ଏହା ଆମ ଚାରିପାଖରେ ଦୃଶ୍ୟମନ ହେଉଛି। ଅନୁଧ୍ୟାନ କରିବା ପାଇଁ ଗତ କିଛି ସପ୍ତାହରେ ଘଟିଥିବା ଘଟଣାଗୁଡ଼ିକ ତଥ୍ୟ ଯୋଗାଇଦିଏ। ସାମଗ୍ରୀ ଓ ସେବା ଟିକସ ବିଷୟକୁ ଦେଖାଯାଉ। ପ୍ରାୟ ୧ ଦଶନ୍ଧି ପୂର୍ବେ ଏହା ଯେତେବେଳେ ପାରିତ ହୋଇଥିଲା, ସେତେବେଳେ ଆମକୁ କୁହାଯାଇଥିଲା ଯେ, ଏହା ହେଉଛି ପର ପିଢ଼ିର ଏକ ସୁଧାର, ଯାହା ଭାରତର ଅର୍ଥ ବ୍ୟବସ୍ଥାର ଶକ୍ତି ବୃଦ୍ଧି କରିବା ପାଇଁ ଇଞ୍ଜିନ ଭଳି କାମ କରିବ। ହେଲେ ଏହା କିଭଳି ଘଟିବ ସେ ସମ୍ପର୍କରେ ସରକାରଙ୍କ ବିଶେଷଜ୍ଞମାନେ କିଛି କହି ନ ଥିଲେ, ବରଂ ସେମାନେ ଟିଭିରେ କହିଥିଲେ, ଏହା ଜିଡିପି ଅଭିବୃଦ୍ଧିରେ ୨% ଯୋଗକରିବ। କିନ୍ତୁ ଏହା ହୋଇପାରିନାହିଁ। ଏହା ବିଜ୍‌ନେସ୍ ପାଇଁ ଅତ୍ୟନ୍ତ ଜଟିଳ ଏବଂ ଗରିବଙ୍କ ଉପରେ ବଡ଼ ବୋଝ ବୋଲି ସେତେବେଳେ ବିରୋଧୀ ଅଭିଯୋଗ ଆଣିଥିଲା, କାରଣ ଏହି ଅପ୍ରତ୍ୟକ୍ଷ କର ସେମାନଙ୍କୁ ଭୀଷଣ କ୍ଷତିଗ୍ରସ୍ତ କରିବ। ଏହା ରାଜ୍ୟଗୁଡ଼ିକ ପାଇଁ ଅନ୍ୟାୟ, କାରଣ ସେମାନେ ରାଜସ୍ୱକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଏହିସବୁ ଅଭିଯୋଗ ସତ୍ୟ ଓ ନ୍ୟାୟସଙ୍ଗତ ଥିଲା। ଚଳିତ ସପ୍ତାହରେ ଟିକସ ହାରରେ ପରିବର୍ତ୍ତନ କରାଯାଇ ଆମକୁ ପୁନର୍ବାର କୁହାଯାଇଛି, ପ୍ରଥମ ଜିଏସ୍‌ଟି ତ୍ରୁଟିପୂର୍ଣ୍ଣ ଥିବାରୁ ଏହି ପରିବର୍ତ୍ତିତ ହାର ପରପିଢ଼ିର ଏକ ସୁଧାର। ସମର୍ପିତ ସମର୍ଥକ ଗୋଷ୍ଠୀରେ ନ ଥିବା କେହି ଜଣେ ପ୍ରଶ୍ନ ପଚାରିବ- କାହିଁକି ଏହା ଉପଲବ୍ଧି କରିବାକୁ ଏତେ ବର୍ଷ ଲାଗିଗଲା? ୨୦୧୭ର ଜିଏସ୍‌ଟି ସମର୍ଥକଙ୍କ ପାଇଁ ବଡ଼ ବିଷୟ ଥିଲା ଏବଂ ଏବେ ୨୦୨୫ର ପରିବର୍ତ୍ତିତ ଜିଏସ୍‌ଟି ମଧ୍ୟ ଭୟାନକ ହେବ।

ସକାଳ ଖବରକାଗଜର ଶୀର୍ଷକରେ ପ୍ରକାଶ ପାଇଥିଲା-ଟ୍ରମ୍ପ ଭାରତ ପ୍ରତି ଥିବା ତାଙ୍କ ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଓ ମୋଦିଙ୍କୁ ଜଣେ ବଡ଼ ବନ୍ଧୁ କହିଛନ୍ତି। ଏହା 'ଚାଇନାର ଅନ୍ଧକାରରେ ହଜିଯାଇଛି' ଶୀର୍ଷକ ଖବର ପ୍ରକାଶ ପାଇବାର ଠିକ୍ ପରଦିନ ସାମ୍ନାକୁ ଆସିଥିଲା। ସେ ତାଙ୍କ ୫୦% ଟାରିଫ୍ ଅଧୁରା ରଖିଛନ୍ତି କି। ନା। ତାଙ୍କ ପ୍ରଶାସନ ଏହାର ନୀତିକୁ ପରିବର୍ତ୍ତନ କରିଛି କି? ରୁଷିଆରୁ ଭାରତ କିଣୁଥିବା ତୈଳକୁ ନେଇ ଭାରତକୁ ଦଣ୍ଡ ଦିଆଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ଯାହା କହିଛି ସେଥିରେ ପରିବର୍ତ୍ତନ କରିଛି କି? ନା। କିନ୍ତୁ ସେହି ଦିନ ଟ୍ରମ୍ପଙ୍କ ବାଣିଜ୍ୟ ସଚିବ ଲୁଟ୍‌ନିକ ସାଧାରଣରେ ଦେଇଥିବା ମନ୍ତବ୍ୟ ମଧ୍ୟ ସେହି ଖବରକାଗଜରେ ପ୍ରକାଶ ପାଇଥିଲା। ସେ କହିଥିଲେ,''ଭାରତ ଦୁଃଖ ପ୍ରକାଶ କରିବ ଏବଂ ୨ ମାସ ମଧ୍ୟରେ ଚୁକ୍ତି କରିବ''। ତେବେ କେଉଁଠି ଟ୍ରମ୍ପ ଭାରତମୁହାଁ ହେଲେ? ଏହା କେବଳ ସେହି ସମର୍ଥକଙ୍କ ମାନସିକତାରେ ରହିଛି। ଆମେରିକା ଓ ଭାରତର ଟାରିଫ୍ ଦ୍ୱନ୍ଦ୍ୱ ମଧ୍ୟରେ ପ୍ରଧାନମନ୍ତ୍ରୀ ଆସନ୍ତା ମାସରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ୟୁଏନ୍‌ଜିଏକୁ ସମ୍ବୋଧିତ କରିବେ ନାହିଁ ବୋଲି ସକାଳେ ଆଉ ଏକ ଖବର ପ୍ରକାଶ ପାଇଥିଲା। ସମସ୍ୟା ଲାଗି ରହିଛି। କିନ୍ତୁ ଯଦି ଆମେ ନିଜେ ବୁଝିଯାଇଛୁ ଯେ ଆମର ବିଜୟ ହୋଇଛି, ତେବେ କାହିଁକି ଆମେ ଏ ସମସ୍ୟାକୁ ନେଇ ମୁଣ୍ଡ ଖେଳାଇବା? ୨୦୨୦ର ପ୍ରାରମ୍ଭିକ ମାସଗୁଡ଼ିକରୁ ଆଜିପର୍ଯ୍ୟନ୍ତ ୫ ବର୍ଷ ହେଲା ଏହି ଦେଶ ଚାଇନାକୁ ଶତ୍ରୁ ଭାବେ ଦେଖୁଥିବା କୁହାଯାଇଆସିଛି। ଚାଇନାର ଆପ୍‌କୁ ଡିଲିଟ୍ କରିବା ଏବଂ ସେମାନଙ୍କ ଟିଭିକୁ ଫିଙ୍ଗିଦେବା ପାଇଁ ସମର୍ଥକଙ୍କୁ କୁହାଯାଇଥିଲା। ଚାଇନାକୁ ରୋକିବା ପାଇଁ ଆମେ ଆମେରିକାର ସହଭାଗୀ ହେବା ଦରକାର ବୋଲି ସେମାନଙ୍କ ମୁଣ୍ଡରେ ପୂରାଇଦିଆଯାଇଥିଲା। ଥିଙ୍କ୍‌ଟ୍ୟାଙ୍କରେ ଥିବା ଭୂ-ରଣନୀତିକ ବିଶେଷଜ୍ଞମାନେ ସରକାରଙ୍କ ଏହି କଥାରେ ସହମତି ପ୍ରକାଶକରି ଏଭଳି ବଡ଼ ପରିବର୍ତ୍ତନ ସପକ୍ଷରେ ଲେଖିଥିଲେ ଏବଂ ଏହା ଆମକୁ ପାଶ୍ଚାତ୍ୟ ରାଷ୍ଟ୍ରସମୂହର ନିକଟତର କରୁଛି ବୋଲି କହିଛନ୍ତି।

କିଛିଦିନ ପୂର୍ବରୁ, ଏହି ମାନସିକତା କେବଳ ବନ୍ଦ ହୋଇନାହିଁ, ବରଂ ଏଥିରେ ପରିବର୍ତ୍ତନ ଦେଖାଦେଇଛି। ଏବେ ଚାଇନା ଆମର ମିତ୍ର ପାଲଟିଯାଇଛି ଏବଂ ଆମେ ଏହା ସାହାଯ୍ୟରେ ଆମେରିକାର ପ୍ରାଧାନ୍ୟକୁ ହଟାଇପାରିବା ବୋଲି ମନେକରୁଛୁ। ୨୦୨୦ରେ କିମ୍ବା ତା' ପୂର୍ବରୁ ଚାଇନା ଆମକୁ ଯେଉଁ ଦୃଷ୍ଟିରେ ଦେଖୁଥିଲା ଏବେ ଭିନ୍ନ ଭାବେ ଦେଖୁଛି କି? ଅବଶ୍ୟ ନୁହେଁ। ଆମେ କେବଳ ପରିବେଶକୁ ଦେଖି ମନକୁ ଖାପ ଖୁଆଇ ନେଇଛୁ। ଏହା ହେଉଛି ଆମର 'ଲକ୍ ଇଷ୍ଟ ଲୁକ୍ ୱେଷ୍ଟ' ଆଦି ନୀତି। ମୋ ମତରେ ବିଗତ ବର୍ଷଗୁଡ଼ିକରେ ସରକାର ଯାହାସବୁ କରିଛନ୍ତି ସେଥିରୁ ଅନେକ ପସନ୍ଦଯୋଗ୍ୟ ନୁହେଁ। ବାସ୍ତବରେ କ୍ଷତି ଘଟିଛି ଏବଂ ଏଭଳି କ୍ଷତି ମଧ୍ୟ ଆଗାମୀ ଦଶନ୍ଧିଗୁଡ଼ିକରେ ଜାରିରହିବ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 2 | |
| | 7 | | 9 | | 3 | | | |
| | 8 | | | | 4 | | | 5 |
| | | | | | | | | |
| 7 | | | | | | 9 | | |
| 9 | 2 | | 6 | | | 1 | | |
| | | | | 4 | | | 9 | |
| | | 6 | | 3 | | 8 | | |
| 4 | | | | | 1 | 2 | 6 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 5 | 1 | 7 | 4 | 3 | 9 | 8 |
| 1 | 9 | 8 | 3 | 5 | 6 | 4 | 7 | 2 |
| 3 | 4 | 7 | 2 | 8 | 9 | 1 | 5 | 6 |
| 7 | 6 | 4 | 5 | 9 | 3 | 8 | 2 | 1 |
| 5 | 1 | 9 | 6 | 2 | 8 | 7 | 3 | 4 |
| 2 | 8 | 3 | 7 | 4 | 1 | 9 | 6 | 5 |
| 4 | 5 | 6 | 8 | 3 | 7 | 2 | 1 | 9 |
| 8 | 3 | 2 | 9 | 1 | 5 | 6 | 4 | 7 |
| 9 | 7 | 1 | 4 | 6 | 2 | 5 | 8 | 3 |

ଗତକାଲିର ଉତ୍ତର

# ଉତ୍ତାପଜନିତ ଚାପ ଓ ଆଇଏଚ୍‌ସିଏପି



ଚନ୍ଦ୍ର ଭୂଷଣ

ଭୁବନେଶ୍ୱରରେ ଉତ୍ତାପ ବୃଦ୍ଧି ଘଟିବା ସହ ଏୟାରକଣ୍ଡିଶନିଂ ଚାହିଦା ବ୍ୟାପକ ହୋଇଛି। ଏହି ଦୁଇଟି ସଙ୍କଟକୁ ନିୟନ୍ତ୍ରଣ କରିବା ସକାଶେ ୨ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱର ପ୍ରଥମ ଭାରତୀୟ ସହର ଭାବେ ଏକ ଇଣ୍ଟିଗ୍ରେଟେଡ ହିଟ୍ ଆଣ୍ଡ କୁଲିଂ ଆକ୍ସନ ପ୍ଲାନ (ଆଇଏଚ୍‌ସିଏପି)ବା ସମନ୍ୱିତ ଉତ୍ତାପ ଓ ଶୀତଳନ କାର୍ଯ୍ୟ ଯୋଜନା ଆରମ୍ଭ କରିଛି। ହିଟ୍ ଷ୍ଟ୍ରେସ୍ (ଉତ୍ତାପଜନିତ ଚାପ ବା ପ୍ରଭାବ) କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ବିଗତ ଦୁଇ ଦଶନ୍ଧିରେ, ଦେଶରେ ଲଗାତର ଭାବେ ଅତ୍ୟନ୍ତ ଗମ୍ଭୀର ଗ୍ରୀଷ୍ମ ଲହର ଅନୁଭୂତ ହୋଇଚାଲିଛି ଏବଂ ଏଥିରେ ଅନେକ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ଏହା ଯୋଗୁ କର୍ମଜୀବୀଙ୍କ ଉତ୍ପାଦକତା ହ୍ରାସ ହେବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଧା ଉପୁଜିଛି। ଏବେ ସହରଗୁଡ଼ିକ ବିପଜ୍ଜନକ ଉତ୍ତାପ ଓ ଶୀତଳନ ପ୍ରକ୍ରିୟାର ପଞ୍ଝାରେ ପଡ଼ିଯାଇଛି। ଉଚ୍ଚ ତାପମାତ୍ରା ଓ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଏୟାର କଣ୍ଡିଶନିଂ (ଏସି) ବ୍ୟବହାର ବୃଦ୍ଧି ପାଇଛି। ଯାହା ଅର୍ବାନ ହିଟ୍ ଆଇଲାଣ୍ଡ (ୟୁଏଚ୍‌ଆଇ) ବା ସହର ଉତ୍ତାପଦ୍ୱୀପର ପ୍ରଭାବ ଓ ଗ୍ରୀନ୍ ହାଉସ୍ ଗ୍ୟାସ (ଜିଏଚ୍‌ଜି) ବା ସବୁଜଗୃହ ବାଷ୍ପ ନିର୍ଗମନକୁ ଆହୁରି ଖରାପ କରିଦେଇଛି। ଫଳରେ ସହରଗୁଡ଼ିକ ଅଧିକ ଉତ୍ତପ୍ତ ହେବାରେ ଲାଗିଛି ଏବଂ ଲୋକମାନେ ଶୀତଳତା ପାଇଁ ଏସି ଉପରେ ଅତ୍ୟଧିକ ନିର୍ଭର କରୁଛନ୍ତି। ଭୁବନେଶ୍ୱରର ନୂତନ ଆଇଏଚ୍‌ସିଏପି ଉତ୍ତାପ ଓ ଶୀତଳନର ଚକ୍ରକୁ ଭାଙ୍ଗି ଦେବାକୁ ଚାହେଁ। ଏହା ହେଉଛି ଭାରତର ପ୍ରଥମ ସହର ସ୍ତରୀୟ ଯୋଜନା, ଯାହା ଏକାଥରକେ ସହରୀ ଯୋଜନା, ସବୁଜ ବଳୟ ସୃଷ୍ଟି, ନିରନ୍ତର ଶୀତଳନ ଏବଂ ଉତ୍ତାପର ନକାରାତ୍ମକ ପ୍ରଭାବରୁ ରକ୍ଷା କରିବା ସହ ସହନୀୟତା ବଢ଼ାଇବା ଲାଗି ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିପାରିବ।

ଭୁବନେଶ୍ୱର ଦୀର୍ଘଦିନରୁ ଭାରତରେ ସବୁଠୁ ଉତ୍ତାପ ପ୍ରଭାବିତ ସହର ଭାବେ ରହିଆସିଛି। ବିଗତ ଚାରି ଦଶନ୍ଧିରେ ହାରାହାରି ତାପମାତ୍ରା ଏବଂ ହ୍ୟୁମିଡିଟି ସ୍ତର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ରାତିରେ ମଧ୍ୟ ଭୁବନେଶ୍ୱରର ତାପମାତ୍ରାରେ ବୃଦ୍ଧି ଘଟିଛି, ଯାହା ଅଧିକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ଏବେ ଫେବୃଆରୀରୁ ଅକ୍ଟୋବର ଯାଏ ହିଟ୍ ଷ୍ଟ୍ରେସ୍ ଦେଖାଯାଉଛି। ଆଇଏମ୍‌ଡିର 'ଫିଲ୍ସ ଲାଇକ୍' ଇଣ୍ଡେକ୍ସ ଅନୁଯାୟୀ, ୨୦୨୪ରେ ପାଖାପାଖି ୨୭୦ ଦିନ ଭୁବନେଶ୍ୱର ୟେଲୋ କିମ୍ବା ଅରେଞ୍ଜ ଉତ୍ତାପ ଜନିତ ସତର୍କତାକୁ ସାମ୍ନା କରିଛି।

ଦ୍ରୁତ ସହରୀକରଣ ହିଟ୍ ଷ୍ଟ୍ରେସ୍‌କୁ ଆହୁରି ତୀବ୍ର କରିଦେଇଛି। ୨୦୧୮ରୁ ୨୦୨୪ ମଧ୍ୟରେ ଭୁବନେଶ୍ୱରର ସହରୀକରଣରେ ନିର୍ମାଣ କ୍ଷେତ୍ର ୨୩% ବୃଦ୍ଧି ହୋଇଥିବାବେଳେ ସବୁଜ ବଳୟ ପାଖାପାଖି ୧୦% ହ୍ରାସ ଘଟିଛି। ଏହା ସହ ଜଳଉତ୍ସ ଅବିଶ୍ୱସନୀୟ ଭାବେ ୭୫% କମିଛି। ପରିଣାମ ସ୍ୱରୂପ, ୟୁଏଚ୍‌ଆଇ ପ୍ରଭାବ ଅଧିକ ସ୍ପଷ୍ଟ ହୋଇଛି ଏବଂ ଭୁବନେଶ୍ୱର ଏହାର ଚାରିପାଖରେ ଥିବା ଗ୍ରାମୀଣ ଅଞ୍ଚଳ ତୁଳନାରେ ୨-୫ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତପ୍ତ ହୋଇଛି। ଏହାର ପ୍ରଭାବଗୁଡ଼ିକ ମଧ୍ୟ ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ହିଟ୍‌ଷ୍ଟ୍ରେସ ଯୋଗୁ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କଠାରୁ ଆରମ୍ଭ କରି ରାସ୍ତାକଡ଼ ଦୋକାନୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କର ଉତ୍ପାଦକତା ଓ ମଜୁରି ୨୦-୩୦% କମିଛି। ସାମଗ୍ରିକ ଭାବେ ସହରର ବାର୍ଷିକ ଆୟ ମଧ୍ୟ ୮.୬% ହ୍ରାସ ପାଇଛି। ଏହି ସମୟରେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଦୁଇଗୁଣରେ ପହଞ୍ଚିଛି। ୨୦୨୧ରେ ସହରର ୬% ପରିବାରରେ ଏସି ଥିଲାବେଳେ ୨୦୨୩ରେ ଏହା ବୃଦ୍ଧି ଘଟି ୧୫% ହୋଇଛି। ସହରରେ ବ୍ୟବହୃତ ମୋଟ ବିଦ୍ୟୁତ୍‌ର ଏକ ତୃତୀୟାଂଶ ଏହି ଶୀତଳନ ପ୍ରକ୍ରିୟାରେ ଲାଗୁଛି ଏବଂ ଖରାମାସଗୁଡ଼ିକରେ ଏହା ଦୁଇ ତୃତୀୟାଂଶରେ ପହଞ୍ଚିଯାଉଛି। ଆଗକୁ ଏହି ସ୍ଥିତି ଆହୁରି ଖରାପ ହେବ। ଏପରିକି ୨୦୨୫ରେ ସାଧାରଣ ଭାବେ ଉତ୍ତପ୍ତ ଏକ ଦିବସରେ ଏବକାର ସବୁଠୁ ଅଧିକ ଉତ୍ତପ୍ତ ଦିବସର ସ୍ଥିତି ସୃଷ୍ଟି ହେବ। ସେତେବେଳେ ସହରରେ ବଞ୍ଚିବାକୁ ହେଲେ କେବଳ ଏସି ବା ଶୀତଳନ ପଦ୍ଧତି ଉପରେ ନିର୍ଭର କରିବାକୁ ପଡ଼ିବ। ଏଣୁ ବିଜ୍‌ନେସ -ଆଜ୍-ୟୁଜୁଆଲ (ବିଏୟୁ) ବା ଚିରାଚରିତ ରୂପେ ଚାଲିଆସିଥିବା ବ୍ୟବସାୟକୁ ଜାରି ରଖିବାକୁ ହେଲେ ୨୦୫୦ ସୁଦ୍ଧା ଏସି ପାଇଁ ବିଦ୍ୟୁତର ଆବଶ୍ୟକତା ଏବକା ତୁଳନାରେ ୭.୬ ଗୁଣ ବଢ଼ିଯାଇପାରେ।



ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱରର ଆଇଏଚ୍‌ସିଏପି ଯୋଜନା ପାଞ୍ଚସୂତ୍ରୀ ରଣନୀତି ପ୍ରସ୍ତୁତ କରିଛି। ପ୍ରଥମେ ସହରକୁ ଶୀତଳ କରାଯିବ, ଯାହାପାଇଁ ସବୁଜ ବନାନୀର ବଳୟ ବୃଦ୍ଧି ସହ ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ହେବ। ଏହା ସହ ଏସି ବ୍ୟବହାର କମ୍ କରିବା ପାଇଁ ଛାତର ଶୀତଳୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ଏବଂ ୟୁଏଚ୍‌ଆଇ ହ୍ରାସ ପାଇଁ ରାସ୍ତାଗୁଡ଼ିକର ପୁନର୍ଗଠନ ହେବାର ଆବଶ୍ୟକତା ରହିଛି। ଦ୍ୱିତୀୟରେ, ଏନର୍ଜି କଞ୍ଜରଭେଶନ ବିଲ୍ଡିଂ କୋଡ୍ ବା ଶକ୍ତି ସଂରକ୍ଷଣ ଭବନ ପାଇଁ ନିୟମ ଲାଗୁ ହେବ ଏବଂ ଉତ୍ତାପ ଶୋଷଣ ହ୍ରାସ କରି ଘର ଭିତରେ ଆରାମଦାୟକ ଶୀତଳ ପରିବେଶ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଜଳବାୟୁ ଆଧାରରେ ଗୃହ ନିର୍ମାଣ ପଦକ୍ଷେପକୁ ପ୍ରୋତ୍ସାହିତ କରାଯିବ। ତୃତୀୟରେ ରହିଛି ସମସ୍ତଙ୍କ ପାଇଁ ସ୍ଥାୟୀ ଶୀତଳ ବ୍ୟବସ୍ଥା ସୁନିଶ୍ଚିତ କରିବା। ଏଥିପାଇଁ ସ୍ୱଳ୍ପ ଆୟକାରୀ ପରିବାରଗୁଡ଼ିକୁ ଶସ୍ତାରେ ପ୍ରଭାବୀ ଏବଂ ଜଳବାୟୁ ଉପଯୋଗୀ ଶୀତଳନ ବ୍ୟବସ୍ଥା ଯଥା ଉନ୍ନତ ଫ୍ୟାନ ଓ ଏସି , ଡିଷ୍ଟ୍ରିକ୍ଟ କୁଲିଂ ସିଷ୍ଟମ ଓ ହ୍ୱାଇଟ୍ ରୁଫ୍ ଉପଲବ୍ଧତା ନିଶ୍ଚିତ କରାଯିବ। ଚତୁର୍ଥରେ, ଉତ୍ତାପ ସହନୀୟତା ବୃଦ୍ଧି କରିବାକୁ ହେବ। ବିଦ୍ୟୁତ୍, ପାଣି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦୃଢ଼ କରାଯିବ। କୁଲିଂ ଶେଲଟ୍‌ର ନିର୍ମାଣ କରାଯିବା ସହ କୁଲ୍ ବସ୍‌ଷ୍ଟପ ଓ ସାର୍ବଜନୀନ ଥଣ୍ଡା ପାନୀୟ ଜଳ ଷ୍ଟଲ୍ ନିର୍ମାଣ ହେବ। ପଞ୍ଚମରେ ରହିଛି ଉତ୍ତାପ ଅନୁକୂଳନ। ଏଥିରେ ଆର୍ଦ୍ରତା ଓ ରାତି ସମୟର ତାପମାତ୍ରାକୁ ଦୃଷ୍ଟିରେ ରଖି ଉତ୍ତାପ ଚେତାବନୀ ସ୍ତରର ନବୀକରଣ ହେବ। ଏହା ବ୍ୟତୀତ ବିପଦରେ ରହୁଥିବା ଶ୍ରମିକମାନଙ୍କ ପାଇଁ ଇନ୍‌ସ୍ୟୁରାନ୍ସ ଯୋଗାଇ ଦିଆଯିବା ସହ ସଚେତନତା ଅଭିଯାନକୁ ବ୍ୟାପକ କରାଯିବ। ଯଦି ଏହିସବୁ ପଦକ୍ଷେପକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ଭୂପୃଷ୍ଠୀୟ ଉତ୍ତାପକୁ ୦.୫ରୁ ୯.୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ କରାଯାଇପାରିବ। ଏହାବ୍ୟତୀତ ସହରରେ ଏବେ ବିଜ୍‌ନେସ ଯେମିତି ଚାଲିଛି,ସେମିତି ଜାରି ରହିଲେ ବି ଶୀତଳନ ପ୍ରକ୍ରିୟା ସହ ଜଡ଼ିତ ବିଦ୍ୟୁତ୍ ଚାହିଦା ୪୪-୬୭% କମିଯିବ।

ଏପର୍ଯ୍ୟନ୍ତ ପୃଥକ୍ ଭାବେ କାମ କରିଆସୁଥିବା ଦୁଇଟି ଜାତୀୟ ନୀତିକୁ ଆଇଏଚ୍‌ସିଏପି ଏକାଠି କରିଛି। ପରିବେଶ ମନ୍ତ୍ରଣାଳୟର ଇଣ୍ଡିଆ କୁଲିଂ ଆକ୍ସନ ପ୍ଲାନ (ଆଇସିଏପି) ବା ଭାରତ ଶୀତଳନ କାର୍ଯ୍ୟ ଯୋଜନା ସ୍ଥାୟୀ ତଥା ପରିବେଶ ଉପଯୋଗୀ ଶୀତଳନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ। ଏହା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ)ର ହିଟ୍ ଆକ୍ସନ ପ୍ଲାନ (ଏଚ୍‌ଏପି) ବା ଉତ୍ତାପ କାର୍ଯ୍ୟ ଯୋଜନା ମୁଖ୍ୟତଃ ଉତ୍ତାପ ଅନୁକୂଳନ ଓ ପ୍ରାରମ୍ଭିକ ସତର୍କତା ଉପରେ ଧ୍ୟାନ ଦେଉଛି। ଏସବୁ ଯୋଜନାକୁ ଏକାଠି କରି ଉତ୍ତାପଜନିତ ଚାପର ମୁକାବିଲା କରିବା ପାଇଁ ଆଇଏଚ୍‌ସିଏପି ଏକ ବିସ୍ତୃତ ଢାଞ୍ଚା ସାମ୍ନାକୁ ଆଣିଛି। ଏହି ଢାଞ୍ଚାକୁ ଆଗକୁ ବଢ଼ାଇବାକୁ ହେଲେ ନୀତିଗୁଡ଼ିକରେ ଉଲ୍ଲେଖନୀୟ ସୁଧାର ଆବଶ୍ୟକ ହେବ। ଉତ୍ତାପ ପ୍ରଶମନ ଓ ପରିବେଶ ଉପଯୋଗୀ ଶୀତଳନ ପଦକ୍ଷେପକୁ ସାମିଲ କରିବା ଲାଗି ଏନ୍‌ଡିଏମ୍‌ଏର ଏଚ୍‌ଏପି ମାର୍ଗଦର୍ଶିକାର ନବୀକରଣ କରାଯିବା ଦରକାର। ସହରର ମାଷ୍ଟର ପ୍ଲାନ ଓ ବିଲ୍ଡିଂ ନିୟମଗୁଡ଼ିକରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ, ବ୍ୟବସାୟିକ ଓ ସଂସ୍ଥାଗତ ବିଲ୍ଡିଂ ପାଇଁ ଶକ୍ତି ସଂରକ୍ଷଣ ଓ ସଷ୍ଟେନେବଲ ବିଲ୍ଡିଂ କୋଡ୍, ୨୦୨୪ ଏବଂ ଆବାସିକ ଘର ପାଇଁ ଇକୋ-ନିବାସ ସଂହିତା ୨୦୨୪ ଆଗକୁ ନିର୍ମାଣର ଏକ ଅଂଶ ଭାବେ ଲାଗୁ ହେବ। ଭୁବନେଶ୍ୱରରେ ମାତ୍ର ୨୫% ବ୍ୟବସାୟିକ ଓ ସଂସ୍ଥାଗତ ବିଲ୍ଡିଂ ଏବଂ କେବଳ ୧.୫% ବାସୋପଯୋଗୀ ଘର ନିର୍ମାଣ ଏହିସବୁ ନିୟମ ଅଧୀନରେ ରହୁଛି। ଏହିଭଳି ଭାବେ ମାଷ୍ଟରପ୍ଲାନଗୁଡ଼ିକ ୟୁଏଚ୍‌ଆଇ, ଉତ୍ତାପ ପ୍ରଶମନ ରଣନୀତି କିମ୍ବା ଉତ୍ତାପ ସହନୀୟ ଭିତ୍ତିଭୂମିର ଆବଶ୍ୟକତାକୁ ବିଚାରକୁ ନେଉନାହିଁ।

ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଭାରତର ସହରଗୁଡ଼ିକରେ ୬୦-୭୦ କୋଟି ଲୋକ ବାସ କରିବେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତାପ ଚାପ ପ୍ରଭାବିତ ସହରଗୁଡ଼ିକରେ ରହିବେ। ସମନ୍ୱିତ ପଦକ୍ଷେପ ନ ନେଲେ ଆମ ଭବିଷ୍ୟତ ବିପଦପୂର୍ଣ୍ଣ ହୋଇଯିବ। ଏଭଳି ସ୍ଥିତିରେ ବାହାରେ କାମ କରିବା ଅନେକ ଲକ୍ଷ ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିବ ଓ ଅସମାନତା ଅତ୍ୟଧିକ ବୃଦ୍ଧି ପାଇବ। ଏହା ସହ ସହରରେ ବଞ୍ଚିବାକୁ ହେଲେ ସମ୍ପୂର୍ଣ୍ଣ ଭାବେ ଶୀତଳନ ଉପକରଣ ଉପରେ ନିର୍ଭର କରିବାକୁ ପଡ଼ିବ। ତେବେ ଭୁବନେଶ୍ୱର ଆଇଏଚ୍‌ସିଏପି (ଆଇଫରେଷ୍ଟ ଦ୍ୱାରା ସିଙ୍ଗାପୁର ଇଟିଏଚ୍ ସେଣ୍ଟର, ଯାହା ସିଙ୍ଗାପୁର ଶୀତଳନ କାର୍ଯ୍ୟକ୍ରମକୁ ଚଳାଇଛି, ତାହାର ସହଯୋଗରେ ଏହି ଯୋଜନା ବିକଶିତ କରାଯାଇଛି) ଦର୍ଶାଏ ଯେ, ସହରଗୁଡ଼ିକ ଏଭଳି ଭୟାନକ ଭବିଷ୍ୟତକୁ ଦୂରେଇ ଦେଇପାରିବେ । ଏହା ସହ ଉତ୍ତାପ ଓ ଶୀତଳନର ବିପଜ୍ଜନକ ଚକ୍ରକୁ ବୈଜ୍ଞାନିକ ପଦ୍ଧତି, ନୂତନ ଯୋଜନା ଓ ଦୂରଦୃଷ୍ଟିସମ୍ପନ୍ନ ନୀତି ମାଧ୍ୟମରେ ଭାଙ୍ଗି ଦିଆଯାଇପାରିବ।

ସିଇଓ,ଇଣ୍ଟରନ୍ୟାଶନାଲ ଫୋରମ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି (ଆଇଫରେଷ୍ଟ)

# ଝିଅଙ୍କ ଶିକ୍ଷା ପ୍ରବର୍ତ୍ତିକା

ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ମଧ୍ୟଭାଗରେ ଆଶା ରହିବା କଥା ଯେ ସବୁ ଝିଅ ଶିକ୍ଷିତ ହୁଅନ୍ତୁ। କିନ୍ତୁ ଏମିତି କେତେ ଲୋକ ଅଛନ୍ତି ଝିଅଙ୍କୁ ବୋଝ ଭାବି ତା' ବାହାଘରକୁ କେବଳ ଗୁରୁତ୍ୱ ଦେଇଥାଆନ୍ତି। ସେମାନଙ୍କ ଶିକ୍ଷାରେ ଖର୍ଚ୍ଚ କରିବାକୁ କୁଣ୍ଠିତ ହୋଇଥାଆନ୍ତି। ଆଉ ଗରିବ ଓ ଅସହାୟ ସ୍ତରରେ ଥିବା କିଛି ଲୋକ ଅର୍ଥାଭାବ ଯୋଗୁ ଝିଅମାନଙ୍କୁ ପଢ଼ିବାକୁ ନ ଦେଇ ବାଲ୍ୟବେଳୁ ଶ୍ରମିକ କରାଇ ଦେଉଛନ୍ତି। ଫଳରେ କେତେ ଜଣ ଝିଅ ଆଦୌ ସ୍କୁଲ ଦେଖିପାରୁ ନାହାନ୍ତି କିମ୍ବା ସ୍କୁଲ ଯାଇ କିଛି ଦିନ ପରେ ଡ୍ରପ୍‌ଆଉଟ୍ ତାଲିକାରେ ସ୍ଥାନିତ ହୋଇଯାଇଥାଆନ୍ତି। ଏଭଳି ଅସଙ୍ଗତିକୁ ଅନୁଭବ କରିବା ପରେ ଦିଲ୍ଲୀର ସାଫିନା ହୁସେନ୍ ଶିକ୍ଷାରୁ ବଞ୍ଚିତ ଝିଅମାନଙ୍କ ପାଇଁ କାମ କରିବାକୁ ଆଗେଇ ଆସିଥିଲେ। ତାଙ୍କ ଦ୍ୱାରା ଗଢ଼ାଯାଇଥିବା ଅଣ-ଲାଭଦାୟକ ସଙ୍ଗଠନ 'ଏଜୁକେଟ ଗର୍ଲସ୍' ଅନେକ ହଜାର ଝିଅଙ୍କ ପାଇଁ ସାହାରା ପାଲଟି ବିଶ୍ୱ ସ୍ତରରେ ଉଦାହରଣ ସୃଷ୍ଟି କରିପାରିଛି। ତାଙ୍କ ସଙ୍ଗଠନକୁ ସ୍ୱୀକୃତି ସ୍ୱରୂପ ୬୭ତମ ରମନ ମାଗ୍‌ସେସେ ପୁରସ୍କାର-୨୦୨୫ ମିଳିବ ବୋଲି ନିକଟରେ ଘୋଷଣା ହୋଇଛି। ଆସନ୍ତା ୭ ନଭେମ୍ବରରେ ଫିଲିପାଇନ୍ସ ରାଜଧାନୀ ମାନିଲାର ମେଟ୍ରୋପଲିଟାନ୍ ଥିଏଟରରେ 'ଏଜୁକେଟ ଗର୍ଲସ' ଭାରତର ପ୍ରଥମ ସଙ୍ଗଠନ ଭାବେ ଏସିଆର ନୋବେଲ ସମ୍ମାନ ରୂପେ ପରିଚିତ ଏହି ପୁରସ୍କାର ପାଇବାକୁ ଯାଉଥିବାରୁ ସାଫିନା ବ୍ୟକ୍ତିଗତ ସ୍ତରରେ ଖୁସି ବ୍ୟକ୍ତ କରିଛନ୍ତି। କହିଛନ୍ତି ଏହି ସମ୍ମାନ ସଙ୍ଗଠନର ନିରବଚ୍ଛିନ୍ନ ସାମାଜିକ କାର୍ଯ୍ୟକୁ ସ୍ୱୀକୃତି ଦେଇଛି ଓ ଅନେକ ଅସହାୟ ଝିଅଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଜୀବିକା ଦେବାରେ ସଙ୍ଗଠନକୁ ସହାୟତା ଦେଇଥିବା ବ୍ୟକ୍ତି ଓ ବର୍ଗ ମଧ୍ୟ ଧନ୍ୟବାଦାର୍ହ। ସେ କହିଛନ୍ତି, ଏଜୁକେଟ ଗର୍ଲସକୁ ସମ୍ମାନ ମିଳିବା ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏହି ମାନ୍ୟତା ଭାରତର ଝିଅମାନଙ୍କ ଶିକ୍ଷା ପାଇଁ ଏକ ଆଲୋକବର୍ତ୍ତିକା ସଦୃଶ ହୋଇଛି, ଯାହା ଦିନେ ଦୂର ଗାଁରେ ଜଣେ ଝିଅଙ୍କଠାରୁ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ସଙ୍ଗଠନ ଦେଶର ୩୦ ହଜାର ପଛୁଆ ଗ୍ରାମରେ ପହଞ୍ଚି ୨୦ ଲକ୍ଷରୁ ଅଧିକ ଝିଅଙ୍କ ଭାଗ୍ୟ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୋଇଛି। ବ୍ୟବସ୍ଥା ବିରୋଧରେ ନ ଯାଇ ସମସ୍ତଙ୍କ ସହଯୋଗରେ ଅନେକ ଶିଶୁଙ୍କ ଶିକ୍ଷଣ ଅଭ୍ୟାସରେ ଉନ୍ନତି ଆଣି ସାଫିନା ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି, ତାହା ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରେରଣାଦାୟୀ।

ବ୍ୟକ୍ତିତ୍ୱ



ସାଫିନା ହୁସେନ୍

ସାଫିନା ୨୧ ଜାନୁଆରୀ ୧୯୭୧ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ପିଲାଟୁ ବେଳୁ ପଢ଼ାରେ ଉତ୍ତମ ପ୍ରଦର୍ଶନ କରିପାରିଥିବାରୁ ମର୍ଯ୍ୟାଦାଜନକ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସରୁ ଡିଗ୍ରୀ ଅର୍ଜନ କରିଥିଲେ। ଚାକିରି କରିବାକୁ ଯାଇ ସେ ୧୯୯୮ରୁ ୨୦୦୪ ଯାଏ ଆମେରିକାର ସାନ୍ ଫ୍ରାନ୍ସିସ୍‌କୋଠାରେ 'ଚାଇଲ୍ଡ ଫ୍ୟାମିଲି ହେଲ୍‌ଥ ଇଣ୍ଟରନ୍ୟାଶନାଲ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ରହିଥିଲେ। ନିଜ ଦେଶ ପାଇଁ କିଛି କରିବା ଲକ୍ଷ୍ୟ ନେଇ ସେ ୨୦୦୫ରେ ମୁମ୍ବାଇ ଚାଲିଆସିଥିଲେ। ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ଓ ତାଙ୍କୁ ସନ୍ତୋଷ ମିଳିବା ଭଳି କୌଣସି ସଙ୍ଗଠନ ନ ଥିବା ସେ ଅନୁଭବ କରିବା ପରେ ୨୦୦୭ରେ ଗଢ଼ିଲେ 'ଏଜୁକେଟ ଗର୍ଲସ'। ଏହାର ମୁଖ୍ୟାଳୟ ମୁମ୍ବାଇରେ ଅବସ୍ଥିତ। ପ୍ରାରମ୍ଭିକ ସମୟରେ ଶିକ୍ଷା ମନ୍ତ୍ରଣାଳୟ ସହ ମିଶି ସାଫିନା କାମ ଆରମ୍ଭ କଲେ। ସେତେବେଳେ ଶିକ୍ଷା ଦୃଷ୍ଟିରୁ ଦେଶର ସବୁଠାରୁ ଲିଙ୍ଗଗତ ତଫାତ୍ ଥିବା ରାଜସ୍ଥାନର ପାଲି ଓ ଜାଲୋର ଗ୍ରାମକୁ ବାଛିଥିଲେ। ପରବର୍ତ୍ତୀ ସମୟରେ ସେ ଅଭିନବ ଶୈଳୀରେ ଗୁଣାତ୍ମକ ଶିକ୍ଷା ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ 'ପ୍ରଥମ' ଏବଂ ୟୁନିସେଫ୍ ସହ ଯୋଗାଯୋଗ ସ୍ଥାପନ କରିଥିଲେ। ଏଥିସହିତ ସାଙ୍ଗଠନିକ କାର୍ଯ୍ୟକୁ ବ୍ୟାପକ କରିବା ଲକ୍ଷ୍ୟ ରଖି ସେ ବୃତ୍ତିଗତ ଗୋଷ୍ଠୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲେ। ଏହି ରଣନୀତି 'ଟିମ୍ ବାଳିକା' ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସୃଷ୍ଟି କରିବାରେ ସହାୟକ ହୋଇଥିଲା, ଯେଉଁଥିରେ ଅନେକ ହଜାର ସଦସ୍ୟ ଅଛନ୍ତି। ସେମାନେ ପାଠ ଛାଡ଼ିଥିବା ସ୍କୁଲ ଝିଅମାନଙ୍କୁ ପୁନଃ ନାମ ପଞ୍ଜୀକରଣ ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ସ୍କୁଲରୁ ବାହାରେ ଥିବା ଝିଅମାନଙ୍କୁ ଖୋଜି ପୁନଃ ପଞ୍ଜୀକୃତ ପାଇଁ ପ୍ରୋତ୍ସାହିତ କରି ସାଫିନା ଶିକ୍ଷା କ୍ଷେତ୍ରରେ ନୂଆ ଧାରା ସୃଷ୍ଟି କରିଥିବାରୁ ସେ ବିଭିନ୍ନ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ୨୦୧୪ ଏବଂ ୨୦୨୩ରେ ସେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କତାରରୁ ପ୍ରଦାନ କରାଯାଉଥିବା 'ୱାଇଜ୍' ପୁରସ୍କାର ପାଇଥିଲେ। ୨୦୨୩ ପୁରସ୍କାର ବେଳେ ଏଜୁକେଟ ଗର୍ଲସ ପାଇଁ ୫,୦୦,୦୦୦ ଆମେରିକୀୟ ଡଲାର ମିଳିଥିଲା। ସାଫିନା ଇଟି ପ୍ରାଇମ୍ ଉଇମେନ ଲିଡରଶିପ ଆୱାର୍ଡ ୨୦୧୯, ନୀତି ଆୟୋଗ ଉଇମେନ ଟ୍ରାନ୍ସଫର୍ମିଂ ଇଣ୍ଡିଆ ଆୱାର୍ଡ ୨୦୧୭ ସହ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ସାଂସାରିକ ଜୀବନ ଦେଖିଲେ ସାଫିନା ୨୦୨୨ରେ ହଂସଲ ମେହେଟାଙ୍କୁ ୧୭ ବର୍ଷ ଏକାଠି ରହିବା ପରେ ବିବାହ କରିଥିଲେ। ବିବାହ ପୂର୍ବରୁ ତାଙ୍କର ଦୁଇଟି ଝିଅ ହୋଇଥିଲେ- କିମାୟା ମେହେଟା ଏବଂ ରେହାନା ମେହେଟା।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସ୍ମାର୍ଟ ଡାଏରି ଫାର୍ମ ବିଷୟରେ ଶୁଣିଛନ୍ତି କି? ଏବେ ଏମିତିକା ଏକ ଫାର୍ମ କରିଛନ୍ତି ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ। ସେ ସ୍ମାର୍ଟକାଡଯୁକ୍ତ ମିଲ୍କ ଏଟିଏମ୍ କରି କ୍ଷୀର ବିକ୍ରି କରୁଛନ୍ତି। ଏହାସହ ସେ ମଧ୍ୟ ଏକ ଆଇସ୍‌କ୍ରିମ ପାର୍ଲର କରିଛନ୍ତି। ସୁନୀଲଙ୍କ ଫାର୍ମରେ ୧୬ଟି ମଇଁଷି ଅଛି। ତାଙ୍କୁ ବୟସ ଏବେ ୪୩। ସେ ରହୁଛନ୍ତି ମହାରାଷ୍ଟ୍ର ୟୁବତମଲ ଜିଲାର ଛୋଟ ସହର ମହାଗାଓଁରେ। ଏହାଠାରୁ ୧୩ କିଲୋମିଟର ଦୂରରେ ୨୪ ଏକର ଜମିରେ ସେ ଏହି ଫାର୍ମ କରିଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ସେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି। ସେ ଏଟିଏମ୍ ମାଧ୍ୟମରେ କ୍ଷୀର ବିକ୍ରି କରିବା ସହ ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୭୬

- ପଶ୍ଚିବଙ୍ଗର ରାଇଗଞ୍ଜ ସବ୍‌ଡିଭିଜନର ବନ୍ୟା ପ୍ରପିଡ଼ିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ସାହାଯ୍ୟ ପାଣ୍ଠିରୁ ଏକଲକ୍ଷ ଟଙ୍କା ମଞ୍ଜୁର।
- ଜୀବନବୀମା କର୍ପୋରେସନ ପକ୍ଷରୁ ରାଜ୍ୟରେ ଗୃହନିର୍ମାଣ ପାଇଁ ୧୫ କୋଟି ୨୦ ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା।

## ଚିରନ୍ତନୀ

ଦୁଇ ପାରୁଶରେ ମୋର ପକ୍ୱଶାଳୀ
ପଡ଼ିଅଛି ନଇଁ
ରହି ରହି
ଅଦୂର ସେ ନଦୀକୋଳୁଁ ଆସଇ ବାରତା
ବିଶ୍ୱର ଅବିନଶ୍ୱର କି ନିଗୂଢ଼ ବ୍ୟଥା !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏରେଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ମିଳୁ

ମହାଶୟ,

ମୋର ୧୦ ବର୍ଷର ପୁଅ ସାଇକେଲ ଚଲାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ମୁଁ ତା'ର ଚିକିତ୍ସା ପାଇଁ ଏରେଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଦେଖେ ତ ଏହା ବନ୍ଦ। ଅନନ୍ୟୋପାୟ ହୋଇ ମୁଁ ଚରମ୍ପାର ଏକ ନର୍ସିଂହୋମକୁ ଗଲି। ସେଠାରେ ପୁଅର ଖଣ୍ଡିଆ ଜାଗାରେ ଷ୍ଟିଚ୍ ଡାକ୍ତରଙ୍କ ଫି ବାବଦରେ ମୋତେ ୪୦୦ ଟଙ୍କା ଦେବାକୁ ପଡ଼ିଥିଲା ଓ ଡାକ୍ତର ଲେଖିଥିବା କିଛି ଔଷଧ ମୋତେ ବାହାରୁ କିଣିବାକୁ ହେଲା। ଏରେଇଁ ଚିକିତ୍ସାଳୟ ଉପରେ ଏରେଇଁ, ପରସିଙ୍ଗା, ବଣିଆ ଗ୍ରାମ ପଞ୍ଚାୟତ ଓ ଭଦ୍ରକ ପୌରପାଳିକାର ୪ଟି ୱାର୍ଡର ଜନସାଧାରଣ ନିର୍ଭରଶୀଳ। ଆମ୍ଭମାନଙ୍କ ବହୁ ଦାବି ପରେ ତତ୍କାଳୀନ ସରକାର ଏହାକୁ ସ୍ଥାପନା କରିଥିଲେ। ମାତ୍ର ଏଠାରେ ରୋଗୀଙ୍କୁ ସାଧାରଣ ଚିକିତ୍ସାସେବା ମିଳୁନାହିଁ। କିଛି ମାସ ହେବ ଏଠାରେ ରେଗୁଲାର ଡାକ୍ତର ନାହାନ୍ତି। କର୍ମଚାରୀମାନେ ରୋଗୀ ଚିକିତ୍ସା କରୁଛନ୍ତି। ଯଦି ନ ପାରୁଛନ୍ତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଯଥାଶୀଘ୍ର ଏହି ଚିକିତ୍ସାଳୟରେ ରେଗୁଲାର ଡାକ୍ତର ନିଯୁକ୍ତ କରିବା ସହ ଜରୁରୀ ଚିକିତ୍ସା ସୁବିଧା ଉପଲବ୍ଧର ପଦକ୍ଷେପ ଗ୍ରହଣ କରାଯାଉ।

**- ନରହରି ନାୟକ, ପରସିଙ୍ଗା, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଞ୍ଜେଇ ଭର୍ତ୍ତି କାର୍ ଜାଳିଦେଲେ ଡ୍ରାଇଭର

ସୋନପୁର/ବିନିକା,୬।୯(ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

### ଟାୟାର ଫାଟିଯିବାରୁ ଧରା ପଡ଼ିଯିବା ଭୟ



ସୁବର୍ଣ୍ଣପୁର ଜିଲା ବିନିକା ସହର ନୂଆବଜାରଠାରେ ଗଞ୍ଜେଇ ବୋଝେଇ ହୋଇ ଯାଉଥିବା ଏକ କାର୍‌ର ଆଗ ଚକା ଫାଟି ଯିବାରୁ ଧରାପଡ଼ିଯିବା ଭୟରେ ଏହାର ଡ୍ରାଇଭର କାର୍‌ରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିନିକା ପୋଲିସ ଅଧାପୋଡ଼ା କାର୍ ଓ ଗଞ୍ଜେଇକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଜବତ ଗଞ୍ଜେଇର ଓଜନ ପ୍ରାୟ ଅଢେଇ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ। ଏହାର ବଜାର ମୂଲ୍ୟ ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗାଡ଼ିରେ ନମ୍ବର ପ୍ଲେଟ ଖୋଲାଯାଇଥିବାରୁ ଏହାର ମାଲିକ କିଏ ସେନେଇ ଯାଞ୍ଚ ଚାଲିଛି।

ମିଳିଥିବା ସୂଚନା ଅନୁସାରେ, ଶନିବାର ସକାଳେ ଏକ ଧଳା କାରରେ ବିପୁଳ ପରିମାଣର ଗଞ୍ଜେଇ ବୌଦ୍ଧ ଜିଲାର ଚୋରା ଚାଲାଣ ହେଉଥିଲା। ସକାଳ ପ୍ରାୟ ୬ଟାରେ ନୂଆବଜାର ଠାରେ କାର୍‌ର ଡାହାଣ ପାର୍ଶ୍ୱ ଆଗ ଚକ ଫାଟି ଯାଇଥିଲା। କାର୍ ଡ୍ରାଇଭର ଗାଡ଼ିରୁ ବାହାରି ତରବର ଭାବେ ନମ୍ବର ପ୍ଲେଟ୍ ଖୋଲିଦେଇଥିଲେ। ପରେ ନିଜେ ପେଟ୍ରୋଲ ଢାଳି କାର୍‌କୁ ଜାଳିଦେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ ସୂଚନା ଦେଇଛନ୍ତି। ଏପରିକି ଗଞ୍ଜେଇ ବୋଝେଇ କାର୍ ପଛରେ ଏସ୍କର୍ଟ କରି ଯାଉଥିବା କାର୍‌ରେ ବସି ଡ୍ରାଇଭର ଫେରାର ହୋଇଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ କାର୍ ଆଗ ଚକ ଫାଟିଯାଇଥିବାରୁ ଆଗକୁ ବଢ଼ିବା ସମ୍ଭବ ନ ଥିଲା। ଏପରିକି ମାର୍କେଟ୍ ଭିତରେ ଚକ ବଦଳାଇବା ସମୟରେ ଗଞ୍ଜେଇ ବାସ୍ନା ଯୋଗୁ ପୋଲିସ ଓ ଅବକାରୀ ବିଭାଗ ହାତରେ ଧରା ପଡ଼ିଯିବାର ଭୟ ଥିଲା। ତେଣୁ ଗଞ୍ଜେଇ ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଡ୍ରାଇଭର କାର୍‌ରେ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା।

ପ୍ରକାଶ ଯେ, ବୌଦ୍ଧ ଓ କନ୍ଧମାଳ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଅନେକ ହଜାର ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଛି। ନିଶା କାରବାର ରୋକିବା ପାଇଁ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଅପରେଶନ ଗରୁଡ଼ ପରେ ପାର୍ବଣ ପୂର୍ବରୁ ସେପ୍ଟେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ରାଜ୍ୟରେ ଅପରେଶନ ପ୍ରହାର ଭଳି ଅଭିଯାନ ଜାରି ରହିଛି। ସେହିପରି ଅବକାରୀ ବିଭାଗର ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା ସେପ୍ଟେମ୍ବର ୧ରୁ ସ୍ୱତନ୍ତ୍ର ଅଭିଯାନକରି ଗଞ୍ଜେଇ ଓ ଅନ୍ୟାନ୍ୟ ନିଷିଦ୍ଧ ମାଦକଦ୍ରବ୍ୟ ଚୋରାଚାଲାଣ ଧରପଗଡ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ନିଶା କାରବାର କରୁଥିବା ଆନ୍ତଃରାଜ୍ୟ ଅପରାଧୀଙ୍କ ନେଟ୍‌ୱର୍କ ଭାଙ୍ଗିପାରୁନାହିଁ। ଅଭିନବ ଉପାୟରେ ଯଥା ଆମ୍ବୁଲାନ୍ସ, ପିଆଜ ବୋଝେଇ ଟ୍ରକ୍, ଆଳୁ ବୋଝେଇ ଟ୍ରକ୍, କାଜୁ ଚୋପା, ସିମେଣ୍ଟ ବସ୍ତା ଓ ଭିଆଇପି କାର୍ ଭିତରେ ଗଞ୍ଜେଇ ଚୋରାଚାଲାଣ ବୃଦ୍ଧିପାଇଛି।

# ଆକ୍ରମଣ, ପ୍ରତି ଆକ୍ରମଣରେ ଜଣେ ମୃତ

ଶେରଗଡ଼/ହିଞ୍ଜିଳିକାଟୁ,୬।୯ (ସୂର୍ଯ୍ୟ ନାରାୟଣ ଦାଶ/ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋଠଗାଁରେ ଶୁକ୍ରବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ଚନ୍ଦନ ବିଶୋୟୀ (୨୨)। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଖବରରୁ ଜଣାପଡିଛି, ଜଗନ୍ନାଥପୁର ଗାଁର ଚନ୍ଦନ ବିଶୋୟୀ କିଛିମାସ କଙ୍କରଡା ଗ୍ରାମରେ ଭଡାରେ ରହୁଥିଲେ। ସେ ଗୋଠଗାଁ ଯିବାଆସିବା କରୁଥିଲେ। ପୂର୍ବରୁ ୪ମାସ ତଳେ ଚନ୍ଦନଙ୍କ ସହ କୌଣସି କାରଣରୁ ବାପି ସୁଆଁସିଆଙ୍କର ଶତ୍ରୁତା ହୋଇଥିଲା। ଏହି ରାଗ ଶୁଝାଇବାକୁ ଚନ୍ଦନଙ୍କ ସହ ଅନ୍ୟ କେତେଜଣ ବ୍ୟକ୍ତିମିଶି ଶୁକ୍ରବାର ରାତି ୧୨ଟାରେ ବାପିଙ୍କ ଘର ଆଗରେ ପାଟିତୁଣ୍ଡ କରିଥିଲେ। ପରେ ବାପି, ଗୋଠଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ ଓ ଚନ୍ଦନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଆକ୍ରମଣରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଶେରଗଡ ଏସ୍‌ଡିପିଓ ସନ୍ତୋଷ ଜେନା ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ନଂ. ୩୭୬/୨୫ରେ ଏକ ମାମଲା ରୁଜୁ ହୋଇଛି।

# ୨୦ହଜାର ଲାଞ୍ଚ: ଫାଣ୍ଡି ଅଧିକାରୀ ଗିରଫ

ବାଙ୍କୀ,୬।୯(ଶୁଭେନ୍ଦୁ ମହାପାତ୍ର)

### ଇଟା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ରିପୋର୍ଟ ପାଇଁ ଟଙ୍କା ଦାବି କରିଥିଲେ



ପ୍ରସନ୍ନ କୁମାର ମାହାଳି

ଏକ ଇଟା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଇ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ୍ ହାଉସର ଏସ୍‌ଆଇ ପ୍ରସନ୍ନ କୁମାର ମାହାଳି ଶନିବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କଟକ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ଟିମ୍ ଚଢ଼ାଉକରି ବିଟ୍ ହାଉସ୍ ଅଧିକାରୀ ମାହାଳିଙ୍କୁ ଗିରଫ କରିବା ସହ ତାଙ୍କ ରୁମ୍ ଭିତରୁ ନଗଦ ୨୦ ହାଜର ଟଙ୍କା ଜବତ କରିଛନ୍ତି। ଏଥିସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ମାହାଳୀଙ୍କ ୩ଟି ସ୍ଥାନରେ ଚଢ଼ାଉ କରାଯାଇଛି। ମାହାଳିଙ୍କୁ ପଚରାଉଚରା ଚାଲିଛି। ରବିବାର ତାଙ୍କୁ ଭିଜିଲାନ୍ସ କୋର୍ଟ ଚାଲାଣ କରାଯିବ ବୋଲି ଡିଏସ୍‌ପି ଏକ୍କା କହିଛନ୍ତି।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତ ପାଳପୁଟ ଗ୍ରାମର ଦିଲେଶ୍ୱର ମାଝୀଙ୍କ ଇଟାଭାଟିରେ ଗତ କିଛିଦିନ ତଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଉକ୍ତ କ୍ଷୟକ୍ଷତିର ଇନ୍‌ସ୍ୟୁରାନ୍ସ କ୍ଲେମ ପାଇଁ ରିପୋର୍ଟ ପ୍ରଦାନ କରିବାକୁ ଦିଲେଶ୍ୱର ଫାଣ୍ଡି ଅଧିକାରୀ ମାହାଳିଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ମାହାଳି ରିପୋର୍ଟ ପ୍ରଦାନ ପାଇଁ ଦିଲେଶ୍ୱରଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଦିଲେଶ୍ୱର କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ କେସ୍ ନଂ.୨୭/୫।୯।୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଶନିବାର ଅପରାହ୍ନରେ କଟକ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାହୁ, ପ୍ରଭାସିନୀ ପୁହାଣ, ବିଜୟ କୁମାର ସେଠୀଙ୍କ ସମେତ ୧୧ ଜଣିଆ ଟିମ ଚଢ଼ାଉ କରି ମାହାଳିଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

# ମହିଳା ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ

ରାଜନଗର,୬।୯(ଭାସ୍କର ରାଉତରାଏ)

### ଶାଢ଼ି, ବ୍ଲାଉଜ ଚିରି ମଙ୍ଗଳସୂତ୍ର, ସୁନାଚେନ ଲୁଟିନେଲେ

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଜଣେ ମହିଳା ସରପଞ୍ଚଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏପରିକି ତାଙ୍କ ଶାଢ଼ି ଓ ବ୍ଲାଉଜ ଇତ୍ୟାଦି ଟାଣି ଚିରି ଦେବା ସହ ସୁନାଗହଣା ଲୁଟି ନିଆଯାଇଛି। ଘଟଣାସ୍ଥଳରେ ସ୍ୱାମୀ ପହଞ୍ଚି ବଞ୍ଚାଇବାକୁ ଉଦ୍ୟମ କରିବାକୁ ତାଙ୍କୁ ମଧ୍ୟ ନିର୍ମମ ମାଡ଼ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଏକ ପଞ୍ଚାୟତରେ ଏହିପରି ଘଟଣା ଘଟିଛି। ଏନେଇ ଥାନାରେ ଖବର ଦିଆଯିବା ସତ୍ତ୍ୱେ ପୋଲିସ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ପରେ ସମ୍ପୃକ୍ତା ସରପଞ୍ଚ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

କଣ୍ଟାବାଞ୍ଜି, ୬।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ତୁରେକେଲା ବ୍ଲକ ହିଆଁଲଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲରୁ ଶନିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଛାତ୍ରଙ୍କ ନାମ ଆଦର୍ଶ ସେଠ୍ (୧୪)। ତାଙ୍କ ଘର ବେଲପଡା ଥାନା ବେଲପଡ଼ା ଗ୍ରାମରେ। ସେ କଣ୍ଟାବାଞ୍ଜିସ୍ଥିତ ଲାୟନ୍ସ ପବ୍ଲିକ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସ୍କୁଲଠାରୁ ୫କି.ମି. ଦୂର ହିଆଁଲଠାରେ ଥିବା ଅନ୍ୱେଷା ହଷ୍ଟେଲରେ ରହୁଥିଲେ। ଦୈନନ୍ଦିନ ସେ ସ୍କୁଲବସ ଯୋଗେ ହଷ୍ଟେଲରୁ ସ୍କୁଲକୁ ଯିବାଆସିବା କରନ୍ତି। ଶନିବାର ସକାଳେ ସବୁ ଛାତ୍ର ସ୍କୁଲ ଯାଇଥିବା ବେଳେ ଆଦର୍ଶ ଯାଇ ନ ଥିଲେ। ସେ ଏକୁଟିଆ ହଷ୍ଟେଲରେ ଥିଲେ। ଅନ୍ୟ ଛାତ୍ରମାନେ ଫେରିବା ପରେ ଉପର ମହଲାରେ ଥିବା କୋଠରିରେ ଏକ ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ହଷ୍ଟେଲ କର୍ତ୍ତୃପକ୍ଷ ପୋଲିସ ଏବଂ ପରିବାରବର୍ଗଙ୍କୁ ଜଣାଇଥିଲେ।

ଖବରପାଇ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ରାଉତ, ଜିଲା ସହକାରୀ ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ଥାନା ଆଇଆଇସି ରଶ୍ମିତା ବେହେରା, ବଲାଙ୍ଗୀର ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୦୨୫) ରୁଜୁକରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଅଞ୍ଚଳର ଶତାଧିକ ଲୋକେ, ଅଭିଭାବକ ହଷ୍ଟେଲ ନିକଟରେ ପହଞ୍ଚି ହଷ୍ଟେଲରେ ନିଯୁକ୍ତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ୱାର୍ଡେନମାନଙ୍କ ଖାମଖିଆଲି ଯୋଗୁ ଜଣେ ଛାତ୍ରଙ୍କ ଜୀବନ ଯାଇଛି ବୋଲି ଅଭିଯୋଗ କରିଥିଲେ।

# ପଡ଼ୋଶୀଙ୍କୁ ଶାବଳରେ ଭୁସି ହତ୍ୟା, ୩ ଗିରଫ

ଶେରଗଡ଼,୬।୯(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଶୁକ୍ରବାର ରାତିରେ ଦୁଇ ପଡୋଶୀଙ୍କ ମଧ୍ୟରେ ବଚସାରୁ ହତ୍ୟାକାଣ୍ଡ ଘଟିଛି। ଜଣେ ଅନ୍ୟ ଜଣଙ୍କୁ ଶାବଳରେ ଭୁସି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହରେକୃଷ୍ଣ ପାଣିଗ୍ରାହୀ। ଏଥିରେ ସମ୍ପୃକ୍ତ ୩ଜଣ ରୋହିତ ପାଣିଗ୍ରାହୀ, ତାଙ୍କ ପୁଅ ବାବୁ ପାଣିଗ୍ରାହୀ ଓ ପିଣ୍ଟୁ ପାଣିଗ୍ରାହୀଙ୍କୁ ପୋଲିସ ଗିରଫ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ଲକର ଡେଙ୍ଗାପଦର ଗ୍ରାମରେ ଏପରି ଅଭାବନୀୟ ଘଟଣା ଘଟିଛି। କେସ୍ ନଂ. ୩୭୩/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଆସିକା ଜେଲକୁ ପଠାଯାଇଛି।




ରାଜ୍ୟ ଖବର

# ସମ୍ପ୍ରସାରଣ ହେବ ବିଧାନସଭା ଅତିଥି ଭବନ

- ୨୩ ରୁମ୍ ବିଶିଷ୍ଟ ବିଲ୍ଡିଂରେ ଅତିରିକ୍ତ ୧୬ ପ୍ରକୋଷ୍ଠ ହେବ
- ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଅତିଥି ଭବନରେ ମୋଟ୍ ୫୭ ରୁମ୍ ହେବ
- ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ
- ଅତିଥି ଭବନରେ ରହିବ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)



ଓଡ଼ିଶା ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଛି। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଶନିବାର ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ। ଏହି ୩ ମହଲା ବିଶିଷ୍ଟ ଅଟ୍ଟାଳିକାରେ ଅତିରିକ୍ତ ୧୬ଟି ରୁମ୍ ନିର୍ମାଣ ହେବାକୁ ଥିବାବେଳେ ଏହିସବୁ ବିଲ୍ଡିଂ ଲିଫ୍ଟ ଦ୍ୱାରା ସଂଯୁକ୍ତ ହେବ। ମୋଟ ୯ ହଜାର ବର୍ଗଫୁଟରୁ ଊର୍ଦ୍ଧ୍ୱ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବାବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭କୁ ବୃଦ୍ଧି ହେବ। ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ। ଏହାଦ୍ୱାରା ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହାଦ୍ୱାରା ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ପାଳନ ହେବ ୧୪ ଦିନିଆ ଶୂନ ଦୁର୍ଘଟଣା ଦିବସ

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)

କେନ୍ଦୁଝର ଜିଲାରେ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) ଅଭିଯାନ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ, ଆର୍‌ବିଜି ଲାବ୍ସ, ଆଇଆଇଟି ମାଡ୍ରାସ ସହଯୋଗରେ ଏହା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଦୃଷ୍ଟିକୋଣ ସହ ସଂଯୁକ୍ତ ଏହି ପଦକ୍ଷେପ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା। ଶୂନ ଦୁର୍ଘଟଣା ଦିବସ ପାଳନ ଦ୍ୱାରା ଭୁବନେଶ୍ୱରରେ ସଡ଼କ ଦୁର୍ଘଟଣାରେ ଏକ ଦୃଶ୍ୟମାନ ହ୍ରାସହେବା ନେଇ ଲକ୍ଷ୍ୟ କରାଯାଇଛି। ତେଣୁ ଏହାକୁ ଲକ୍ଷ୍ୟକରି କେନ୍ଦୁଝରରେ ଏହି ଅଭିଯାନ ୧୪ ଦିନ ଧରି ଚାଲିବ। ଏହା ଶିକ୍ଷା, ସଚେତନତା, ପ୍ରବର୍ତ୍ତନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରିବା ପାଇଁ ଡିଜାଇନ କରାଯାଇଛି। କେଉଁଝର ଦୁର୍ଘଟଣାପ୍ରବଣ ଜିଲା ହୋଇଥିବାରୁ ଏଠାରେ ହିଁ ଶୂନ ଦୁର୍ଘଟଣା ଦିବସ ପାଳନ କରାଯିବ। ଶୂନ ଦୁର୍ଘଟଣା ଦିବସ ପ୍ରଥମେ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା, ଯେଉଁଠାରେ ଆଇଇସି ଅଭିଯାନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ତଥ୍ୟଚାଳିତ ପ୍ରବର୍ତ୍ତନ ଯୋଗୁ ବ୍ୟାପକ ଉନ୍ନତି ଆସିଥିଲା। ସ୍କୁଲ, କଲେଜ ଏବଂ ନାଗରିକ ଗୋଷ୍ଠୀମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲକରି ଉକ୍ତ ପଦକ୍ଷେପ ପୂର୍ବ ବର୍ଷ ତୁଳନାରେ ଅଭିଯାନ ସମୟରେ ଦୁର୍ଘଟଣା ହ୍ରାସ କରିବାରେ ସଫଳ ହୋଇଥିଲା। ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେଉଁଝର ଶୂନ ଦୁର୍ଘଟଣା ଦିବସ ପାଇଁ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ ହୋଇଛି। ଆଇଆଇଟି ମାଡ୍ରାସ ଇଡିଏଆର୍ ତଥ୍ୟ ଉପରେ ଆଧାରିତ ଦୁର୍ଘଟଣାର ଗମ୍ଭୀରତା, ଦୁର୍ଘଟଣାର ପିକ୍ ସମୟ, ଉଲ୍ଲଂଘନ ଧାରା ଏବଂ ଯାନବାହନ ବର୍ଗୀକରଣ ସମେତ ବିଭିନ୍ନ ତଥ୍ୟ ଉପସ୍ଥାପନ ହୋଇଥିଲା। ଏହି ଅଭିଯାନ ଦୁର୍ଘଟଣା ହ୍ରାସ କରିବା ଏବଂ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ଏକ ବହୁମୁଖୀ ପଦ୍ଧତି ଅବଲମ୍ବନ କରିବ। ପାରମ୍ପରିକ ଓ ଡିଜିଟାଲ୍ ମିଡିଆ, ସ୍କୁଲ ଓ କଲେଜ କର୍ମଶାଳା ଏବଂ ଆଇଆଇଟି ମାଡ୍ରାସ ସହାୟତାରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସଚେତନତା ଅଭିଯାନ କରାଯିବ। ସ୍ୱେଚ୍ଛାସେବୀ, ଛାତ୍ର ଏବଂ ସ୍ଥାନୀୟ ନେତାମାନେ 'ସଡ଼କ ସୁରକ୍ଷା ଦୂତ' ଭାବରେ କାର୍ଯ୍ୟକରି ନାଟକ, ଷ୍ଟ୍ରିଟ୍ କ୍ୟାମ୍ପେନ୍ ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିବେ। କାର୍ଯ୍ୟାନୁଷ୍ଠାନ ତଥ୍ୟଚାଳିତ ହେବ, ଦ୍ରୁତଗତିରେ ଗାଡ଼ି ଚାଳନା, ହେଲ୍‌ମେଟ୍ ବିନା ଗାଡ଼ି ଚାଳନା, ଓଭରଲୋଡିଂ ଏବଂ ମଦ୍ୟପାନକରି ଗାଡ଼ି ଚାଳନା ଭଳି ଉଲ୍ଲଂଘନ ଉପରେ ଧ୍ୟାନ ଦିଆଯିବ। ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ପରାମର୍ଶକୁ ପ୍ରାଥମିକତା ଦିଆଯିବ। ଆଇଆଇଟି ମାଡ୍ରାସ ମଧ୍ୟ ବ୍ଲାକ୍‌ସ୍ପଟ୍ ମ୍ୟାପିଂ ଓ ଡିଜାଇନ ଏବଂ ଏନ୍‌ଫୋର୍ସମେଣ୍ଟ ଓ ଇଞ୍ଜିନିୟରିଂ ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ।



## ସଂକ୍ଷେପରେ

### ରକ୍ତଦାନ ଶିବିର: ୧୩୧ ୟୁନିଟ ସଂଗ୍ରହ

କଣ୍ଟାବାଞ୍ଜି,୬।୯(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ୟଙ୍ଗ ମୁସଲିମ କମିଟି ପକ୍ଷରୁ ଗୁରୁବାର ଦିନ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ମୁସଲିମ କମିଟିର ସଭାପତି ଅୟୁବ ଖାନ ଓ ୟଙ୍ଗ ମୁସଲିମ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତଭଣ୍ଡାରରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୧୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ବିଧାୟକ ଲକ୍ଷ୍ମଣ ବାଗ, ଯୁବନେତା ଗିରିରାଜ ସିଂ ମାଝି, ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ଉପସ୍ଥିତ ଥିଲେ। ଶିବିରରେ ବିଧାୟକ ବାଗ ମୁସଲିମ କମିଟି ଦ୍ୱାରା ରେକର୍ଡ ପରିମାଣର ରକ୍ତଦାନ ହୋଇଥିବାରୁ ପ୍ରଶଂସା କରିଥିଲେ। ରକ୍ତଭଣ୍ଡାରର ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଲୋଇସିଂହା,୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ (କ)ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗାନ୍ଧୀ ପ୍ରଧାନ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଲକ୍ଷ୍ମୀକାନ୍ତ ଭୋଇଙ୍କ ସଂଯୋଜନାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ସିଆରସିସି ଶମ୍ଭୁନାଥ ଧଳ, ଅବସରପ୍ରାପ୍ତ ଶିକ୍ଷକ ଉଦ୍ଧବ ତ୍ରିପାଠୀ, ଡା. ଶ୍ରୀବତ୍ସ ଦାସ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ଶିକ୍ଷକ ପ୍ରଧାନଙ୍କ କର୍ମମୟ ଜୀବନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶିକ୍ଷକ ପ୍ରଧାନଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟ ନିଷ୍ଠା ଓ ଶିକ୍ଷାଦାନ ଶୈଳୀ ବିଷୟରେ ଆଲୋକପାତ କରିଥିଲେ।

### ସ୍ୱାଭିମାନ ପରିବାର ପକ୍ଷରୁ ରକ୍ତଦାନ ଶିବିର

ପାଟଣାଗଡ,୬।୯(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଘସିଏନ ଗ୍ରାମସ୍ଥିତ ମା' ଘସିଏନ ଦେବୀ କଲ୍ୟାଣ ମଣ୍ଡପଠାରେ ଗୁରୁବାର ସ୍ୱାଭିମାନ ପରିବାରର ସଦସ୍ୟ ଯୋଗେଶ ସାହୁଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବ ଶିବିର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ପ୍ରହ୍ଲାଦ ସାହୁ ଓ ସମ୍ମାନିତ ଅତିଥି ଭାବେ ମଣ୍ଟୁ ଗଡତ୍ୟା ଓ ଡ଼. ଟଙ୍କଧର ମେହେର ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାଭିମାନ ପରିବାରର ସଦସ୍ୟ ରମ୍ୟ ରଞ୍ଜନ ସାହୁ, ରିଙ୍କୁନ ମିଶ୍ର, ସୁଦାମ ମେହେର, ଆଶିଷ ଶତପଥୀ, ଅରୁଣ ଶର୍ମା, ପ୍ରକାଶ ସାହୁ, ସୁଶାନ୍ତ ଧରୁଆ,ବାଲଗୋପଲ ମିଶ୍ର, ପିଣ୍ଟୁ ଅଗ୍ରୱାଲ, ଶରତ ଡନସନା,ସତ୍ୟ ସେଟ, ସ୍ୱରୂପ ଯୋଶୀ, ଯୋଗେଶ ସାହୁ, ସଞ୍ଜୀବ ସାହୁ, ସସ୍ମିତା ବାରିକ, ମମତା ସାହୁ, ଜସ୍ମିତା ସାହୁ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# 'ଆଇନ ବୃତ୍ତିର ମାନ ବୃଦ୍ଧି ହେଲେ ସମ୍ମାନ ବଢ଼ିବ'

ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସିଭିଲ କୋର୍ଟ ସ୍ଥିତ ବାର୍ ହଲ୍‌ଠାରେ ଅନୁଷ୍ଠିତ ସେମିନାରରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ବାର୍ ଆସୋସିଏଶନ୍ ପକ୍ଷରୁ ସେମିନାର**

ବଲାଙ୍ଗୀର ଜିଲା ବାର୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ବାର୍ ହଲଠାରେ ଶନିବାର 'ହାଓ ଟୁ ରିଭର୍ସ ସି ପ୍ରୋସେସ୍ ଅଫ୍ ଏ ଡେକ୍ଲୋଇନିଂ ବାର ଏଣ୍ଡ ରେଷ୍ଟୋର ଇଟ୍‌ସ ପ୍ରିଷ୍ଟାଇନ୍ ଗ୍ଲୋରି' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ବାସୁଦେବ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲର ଚେୟାରମେନ୍ ସୀତାଂଶୁ ମୋହନ ଦ୍ୱିବେଦୀ ଏବଂ ମୁଖ୍ୟବକ୍ତା ଭାବେ ବଲାଙ୍ଗୀରର ବରିଷ୍ଠ ଆଇନଜୀବୀ ବାଳକୃଷ୍ଣ ନନ୍ଦ ଯୋଗଦାନ କରିଥିଲେ। ଆଇନବୃତ୍ତିର ସାମ୍ପ୍ରତିକ ଅଧୋଗତି ଏବଂ ଏହାର ହୃତ୍ ଗୌରବ ସ୍ଥାପନ ପାଇଁ ଆଇନଜୀବୀ ମାନଙ୍କୁ ସଚ୍ଚୋଟତାର ସହ ଆଇନବୃତ୍ତିର ମାନବୃଦ୍ଧି କରିବାକୁ ପଡିବ ଏବଂ ଏହାଦ୍ୱାରା ଆଇନଜୀବୀଙ୍କ ସମ୍ମାନ ବଢ଼ିବା ସହ ଆଇନବୃତ୍ତିର ସମ୍ମାନ ବଢ଼ିବ ବୋଲି ମୁଖ୍ୟବକ୍ତା ନନ୍ଦ କହିଥିଲେ। ଆଇନଜୀବୀଙ୍କ ବିଭିନ୍ନ ଅସୁବିଧାର ଦୂରୀକରଣ, ଆଇନ ବ୍ୟବସାୟର ସମୃଦ୍ଧିକରଣ ଦିଗରେ ଷ୍ଟେଟ୍ ବାର କାଉନସିଲ ପ୍ରତିବଦ୍ଧ ବୋଲି ମୁଖ୍ୟଅତିଥି ଦ୍ୱିବେଦୀ କହିଥିଲେ। ସେମିନାର କମିଟି ଆବାହକ ତଥା ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ସାହୁ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟରେ ଆଇନଜୀବୀ ସାହୁ ଆଇନବୃତ୍ତି ପ୍ରତିଭାବାନ୍ ଯୁବତୀ, ଯୁବକଙ୍କୁ ଆକର୍ଷିତ କଲେ ଆଇନବୃତ୍ତିର ମାନ ବୃଦ୍ଧି ହେବ ବୋଲି କହିଥିଲେ। ଅତିଥି ବକ୍ତାଙ୍କ ବକ୍ତବ୍ୟ ପରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସେମିନାର କମିଟି ସଂଯୋଜକ ଚନ୍ଦ୍ରଶେଖର ମିଶ୍ର, ଜାଗୃତି ସାହୁ, ସଙ୍ଗୀତା ମାଝି, ପ୍ରମୋଦ ବହିଦାର, ଅରବିନ୍ଦାକ୍ଷ ପୂଜାରୀ ଓ ରତନ ମହାରଣା ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ଅରବିନ୍ଦାକ୍ଷ ପୂଜାରୀ ଭର୍ଚୁଆଲ କୋର୍ଟ ଉପରେ ପ୍ରଶ୍ନ କରି ପଶ୍ଚିମ ଓଡିଶା ପାଇଁ ସାପ୍ତାହିକ ଗୋଟିଏ ଦିନ ହାଇକୋର୍ଟର ସ୍ୱତନ୍ତ୍ର ଶୁଣାଣି ପାଇଁ ରାଜ୍ୟ ବାର୍ କାଉନସିଲ ପଦକ୍ଷେପ ନେଉ ବୋଲି ପ୍ରସ୍ତାବ ରଖିଥିଲେ। ଏହି ସେମିନାରରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ଭବାନୀ ଶଙ୍କର ଶତପଥି, ଜଗନ୍ନାଥ ଆଚାର୍ଯ୍ୟ, ଶ୍ରୀକର ମିଶ୍ର, ଦୀପ୍ତି ଶର୍ମା, ଅଶୋକ ରାଉତ, ସନ୍ତୋଷ ପାଢ଼ୀ, ଦେବେନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶେଖର ଦେଓ, ଦେବାଶିଷ ବିଶ୍ୱାଳ, ସରୋଜ ଗୁପ୍ତା, ଶଶୀଭୂଷଣ ପୁରୋହିତ, ଲକ୍ଷ୍ମଣ ହୋତା, ମଳୟ ଗଡତ୍ୟା, ସଞ୍ଜୟ ପଟେଲ, ଶିବଦତ୍ତ ଦ୍ୱିବେଦୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାକୁ ଆହ୍ୱାନ

ଖପ୍ରାଖୋଲ,୬।୯(ଅଭୟ ତ୍ରିପାଠୀ)

**ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର**

ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ କକ୍ଷରେ ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର ଆତ୍ମା ତରଫରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ତାଲିମଦାତା ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନୀତା ବରୁଆ, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ଯୋଗଦେଇ ସାଂପ୍ରତିକ ସମୟରେ ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ଗୋମୂତ୍ର, ଗୋବର, ବିଭିନ୍ନ ଗଛର ପତ୍ରକୁ ବ୍ୟବହାର କରି ମାଟିକୁ ଉର୍ବର କରିବା ଓ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି କରି ବ୍ୟବହାର କଲେ ମାଟି, ପାଣି, ପବନ ଓ ପରିବେଶ ସହିତ ଜୀବଜଗତ ସୁସ୍ଥ ରହିପାରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମକୁ ଏଟିଏମ ମାନସ କୁମାର ଖମାରୀ ଓ ପରେଶ କୁମାର ମେହେର ପରିଚାଳନା କରିଥିଲେ। ଜାତୀୟ ପ୍ରାକୃତିକ କୃଷି ମିଶନ ପ୍ରକଳ୍ପର କୃଷି ସଖୀ, ଓଡ଼ିଶା ଜୀବିକା ମିଶନର କୃଷି ମିତ୍ର, ସିଆରପି ଯୋଗ ଦେଇଥିଲେ।

# ଗୁରୁ ଦିବସରେ ଗୁରୁ ପୂଜନ ଉତ୍ସବ


ଶ୍ରୀ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ପୂଜନୋତ୍ସବରେ ମଞ୍ଚାସୀନ ପୂର୍ବତନ ଗୁରୁ ବୃନ୍ଦ।

ଲାଠୋର,୬।୯(ଭୁବନେଶ୍ୱର ବାରିକ)

**୧୯୯୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର କଲେ ପାଳନ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଶ୍ରୀ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଗୁରୁ ଦିବସ ଅବସରରେ ପୂର୍ବତନ ଗୁରୁମାନଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୯୬ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଗୁରୁ ସୁରେନ୍ଦ୍ର କୁମାର ତ୍ରିପାଠୀ, ବାବୁ ସାହୁ, ସଦାନନ୍ଦ ବେହେରା, ମନୋରଞ୍ଜନ ପତି, ସୁମନ୍ତ ଖମାରୀ, ନାରାୟଣ ସାହୁ, ପିଅନ ଗିରିଶ ନାଏକ, ପିଅନ ସ୍ୱର୍ଗତ ସାଗର ଶବରଙ୍କ ସହଧର୍ମିଣୀ ଏବଂ ସ୍ୱର୍ଗତ ମହନ ଦଳେଇଙ୍କ ପରିବାର ଯୋଗ ଦେଇଥିଲେ। ପ୍ରଥମେ ସମସ୍ତ ଗୁରୁ ଏବଂ ଉପସ୍ଥିତ ଛାତ୍ରୀଛାତ୍ର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କଲା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପୂର୍ବତନ ଗୁରୁମାନଙ୍କ ପାଦ ଧୋଇ ମୁଣ୍ଡିଆ ମାରିବା ସହ ଉପଢୌକନ ଦେଇଥିଲେ। ଏହି ଅବସରରେ ସେମାନେ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ପରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ବିଦ୍ୟାଳୟର ୨ଜଣ ପିଅନ ଏବଂ ୨ଛାତ୍ର ଜିତେନ୍ଦ୍ର ଶର୍ମା ଓ ଜିତେନ୍ଦ୍ର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ପୁରାତନ ଛାତ୍ର ପ୍ରୀତିଶ ମହାନ୍ତି କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସୁଶିଲ ଅଗ୍ରୱାଲ। ଏହି ଅବସରରେ ବର୍ତ୍ତମାନର ପ୍ରଧାନ ଶିକ୍ଷକ ସମ୍ବିତ ଭୋଇ, କର୍ମଚାରୀ ଓ ପୂର୍ବତନ ଛାତ୍ରୀ ସ୍ୱପ୍ନା ଜୈନ, ରମାକାନ୍ତି ଶବର, ଗାୟତ୍ରୀ ଅଗ୍ରୱାଲ, ଗଙ୍ଗା ଗର୍ଗ, ଛାତ୍ର ବିବେକ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ଅମିତ ସିଙ୍ଗଲ, ଭଗବାନ ସେଠ, ଡୋଲାମଣି ମେହେର, ସରୋଜ ଭୋଇ, ଗିରିଶ ଅଗ୍ରୱାଲ, ସାରଦା ନାୟକ, ସୁବ୍ରତ ବେହେରା ଏବଂ ନରେଶ ମେହେର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ୩ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଲୋଇସିଂହା,୬।୯(ସୁଶାନ୍ତ ବାରିକ)

**ଗୋଟିଏ ସ୍କୁଲର ୨ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର**

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ପଧାନ ଅଧ୍ୟକ୍ଷତା କରିଥିଲେ। ଗୁରୁଦିବସ ଓ ଗୁରୁ ସମ୍ମାନ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୩ଜଣ ଅବସରପ୍ରାପ୍ତ ଶିକ୍ଷକ ପୃଥୀରାଜ ଗଡତ୍ୟା, ବୀରକିଶୋରୀ ଭୋଇ, ସମାରୁ ପଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ସଂସ୍କୃତିର ଗୁରୁଶିଷ୍ୟ ପରମ୍ପରା ସମ୍ପର୍କରେ ସ୍ୱତନ୍ତ୍ର ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ପଧାନ ସ୍ୱତନ୍ତ୍ର ୩ ଜଣ ଅତିଥିଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପ୍ରଭାତ କୁମାର ନନ୍ଦ ସଭାକାର୍ଯ୍ୟକୁ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ସନ୍ତୋଷୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜିଲାସ୍ତରୀୟ ଗୁରୁଦିବସ ଉତ୍ସବରେ ଲୋଇସିଂହା ସର୍ବପୁରାତନ ଶିକ୍ଷାନୁଷ୍ଠାନ ହରେକୃଷ୍ଣ ମହତାବ ହାଇସ୍କୁଲର ୨ ଜଣ ଶିକ୍ଷୟିତ୍ରୀ ମୀନାକ୍ଷୀରାଣୀ ମିଶ୍ର ଓ ହିନ୍ଦୀ ଶିକ୍ଷକ ଭକ୍ତଚରଣ ନାଏକ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି।

# ଫୁଟ୍ ଓଭରବ୍ରିଜରୁ ଯୁବକ, ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ଟିଟିଲାଗଡ଼,୬।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ରେଳବାଇ ଓଭର ବ୍ରିଜ କଡ଼ରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଟିଟିଲାଗଡ଼ ପୋଲିସ ଜବତ କରିଛି। ସିଡ଼ି ଉପରେ ଥିବା ସେଡର ଲୁହା ଏଙ୍ଗଲରେ ଏକ ପ୍ଲାଷ୍ଟିକ ରଶି ବାନ୍ଧି ଯୁବକ ନିଜ ତଣ୍ଟିରେ ଲଗାଇ ଝୁଲିଥିବା ଦେଖାଯାଇଛି। ଯୁବକ ଜଣକ ଛତିଶଗଡର ସରେଇପାଲି ଥାନା ଅନ୍ତର୍ଗତ ଡୁରେସିଂହା ଗ୍ରାମର ନଆଜାଦ ମେହେର (୩୬) ବୋଲି ଜଣାପଡିଛି। ନ୍‌ଆଜାଦ ପ୍ରାୟ ୧୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଟିଟିଲାଗଡ଼ ଅଞ୍ଚଳର ଜଣେ ଝିଅକୁ ପ୍ରେମ ବିବାହ କରି ରହିଆସୁଥିଲେ। ତାଙ୍କର ୧୫ ବର୍ଷର ଜଣେ ପୁଅ ଏବଂ ୧୩ ବର୍ଷର ଜଣେ ଝିଅ ଅଛନ୍ତି। ତେବେ ପୂର୍ବରୁ ପରିବାରରେ ଗଣ୍ଡଗୋଳ ରହିଥିବା ବେଳେ ଗତ ୨ଦିନ ତଳେ ଟିଟିଲାଗଡ଼ ଥାନାରେ ସେ ପତ୍ନୀ ଏବଂ ପୁଅଝିଅଙ୍କ ସହ ଅଲଗା ହେବା ନେଇ ଲିଖିତ ଭାବରେ ଦେଇଥିବା ତାଙ୍କ ପତ୍ନୀ ବାସନ୍ତୀ ମେହେର କହିଛନ୍ତି। ଆଜାଦ ସହରର ସ୍ୱାଧୀନପଡା ଛକ ଠାରେ ଏକ ଠେଲାରେ ଭୁଜା, ଚଣା ବିକ୍ରୟ କରୁଥିଲେ। ଆଜାଦଙ୍କ ଅକାଳ ମୃତ୍ୟୁ ଖବର ପାଇ ତାଙ୍କ ବାପା ଏବଂ ପରିଜନ ଟିଟିଲାଗଡ଼ ପହଞ୍ଚିଥିବା ବେଳେ ବଲାଙ୍ଗୀର ଏସପିଙ୍କ ନିର୍ଦ୍ଦେଶରେ ସାଇଣ୍ଟିଫିକ ଦଳ ସହ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରା, ସବଇନ୍ସପେକ୍ଟର କିରଣ ଜାନି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ଟିଟିଲାଗଡ଼ ଥାନା ଅନ୍ତର୍ଗତ ନାନାଝେରେ ରେଳବାଇ ଫାଟକ ନିକଟରେ ରେଳ ଧାରଣାରେ ଜଣେ ବୃଦ୍ଧାଙ୍କ ମୃତଦେହ ରେଳବାଇ ପୋଲିସ ଜବତ କରିଛି। ମୃତ ମହିଳା ଟିଟିଲାଗଡ଼ ସହର ସ୍ୱାଧୀନପଡ଼ାର ସୁରେନ୍ଦ୍ର ପାତ୍ରଙ୍କ ପତ୍ନୀ ପୁଷ୍ପାଞ୍ଜଳି (୫୬) ବୋଲି ରେଳ ସୁରକ୍ଷା ବଳ ପକ୍ଷରୁ ସୂଚନା ମିଳିଛି। ଏନେଇ ରେଳବାଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ରାଜ୍ୟର ଶ୍ରେଷ୍ଠ ଇଂରାଜୀ ଶିକ୍ଷକ ଦୀପ୍ତିରଞ୍ଜନ

ଟିଟିଲାଗଡ଼, ୬।୯(ଶରତ ମିଶ୍ର)



ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ସରକାରୀ ମହେଶ୍ୱର ହିନ୍ଦୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଦିପ୍ତି ରଞ୍ଜନ ଷଡ଼ଙ୍ଗୀ ଚଳିତଥର ରାଜ୍ୟର ଶ୍ରେଷ୍ଠ ଇଂରାଜୀ ଶିକ୍ଷକ ବିବେଚିତ ହୋଇଛନ୍ତି। ଏନେଇ ଗୁରୁ ଦିବସ ଅବସରରେ ରାଜଧାନୀର ଲୋକସେବା ଭବନ ଠାରେ ଓଡ଼ିଶା ସରକାରଙ୍କ ତରଫରୁ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦୀପ୍ତିରଞ୍ଜନଙ୍କୁ ପ୍ରମାଣପତ୍ର, ଉପଢୌକନ ତଥା ୫୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ ସହ ପୁରସ୍କୃତ କରାଯାଇଛି। ପଞ୍ଚସଖା ଶିକ୍ଷା ସେତୁ ଅଧିନସ୍ଥ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଶ୍ରେଷ୍ଠ ହାଇସ୍କୁଲ ଇଂରାଜୀ ଶିକ୍ଷକ ବର୍ଗରେ ଷଡ଼ଙ୍ଗୀ ସମ୍ବର୍ଦ୍ଧିତ ହେବା ଅଞ୍ଚଳବାସୀଙ୍କୁ ଗୌରବାନ୍ୱିତ କରିଛି। ଟିଟିଲାଗଡ଼ ସହର ଉପକଣ୍ଠସ୍ଥ ଭାଟିପଡା ଗ୍ରାମ ନିବାସୀ ପୂଜକ ସାହେବ ଷଡ଼ଙ୍ଗୀ ଏବଂ ସୂର୍ଯ୍ୟକାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଦୀପ୍ତିରଞ୍ଜନ କଳାରେ ସ୍ନାତକୋତ୍ତର ପରେ ବିଏଡ଼ ଶିକ୍ଷା ଲାଭ କରିଛନ୍ତି। ମାତ୍ର ୨୬ ବର୍ଷ ବୟସରେ ତାଙ୍କର ଏଭଳି ପ୍ରସିଦ୍ଧି ସଭିଙ୍କୁ ଚକିତ କରିଛି। ଇଂରାଜୀ ଶିକ୍ଷାଦାନରେ ତାଙ୍କର ଅଭିନବ କଳା ରହିଥିବା ମହେଶ୍ୱର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀନା ନନ୍ଦ ତଥା ତାଙ୍କ ସହକର୍ମୀ କହିଛନ୍ତି।

# ମଦ ଜବତ: ୨ ପୃଥକ ମାମଲାରେ ୩ ଗିରଫ

ଲୋଇସିଂହା,୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ପକ୍ଷରୁ ମଦ ଧରପଗଡ ଅଭିଯାନ ବେଳେ ଶହେ ଲିଟର ଦେଶୀ ମହୁଲିମଦ ଜବତ କରାଯାଇଛି। ଏହି ମାମଲାରେ ଏକ ବାଇକ ଜବତ ହେବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାଇସିଲାଟ ଥାନା ଚିନ୍ଦ୍ରାପାଲି ଗ୍ରାମର କୁଳମଣୀ ସାହୁ(୪୦) ଓ କ୍ଷେମା ବରିହା(୩୦)। ସେହିପରି ଅନ୍ୟ ଏକ ଅଭିଯୁକ୍ତ ହେଲେ ଉଚ୍ଚବାହାଲ ଗ୍ରାମର ଲମ୍ବୋଦର ଦୋରା। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ ଜଣାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଉଚ୍ଚବାହାଲରେ ବେଆଇନ ମଦବିକ୍ରି ଅଭିଯୋଗ ପାଇ ଆଗଲପୁର ପୋଲିସ ଉଚ୍ଚବାହାଲ ଗ୍ରାମର ଲମ୍ବୋଦରଙ୍କ ଘରେ ତଲାସି ବେଳେ ଘରପଛରୁ ୭ଟି ପଲିଥିନରୁ ୭୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ଶନିବାର ପାଟ୍ରୋଲିଂ ବେଳେ ଏକ ବାଇକ ଯୋଗେ ଗାଇସିଲାଟ ଥାନା ଚିନ୍ଦ୍ରାପାଲି ଗ୍ରାମର କୁଳମଣୀ ସ ଓ କ୍ଷେମା ୩୦ ଲିଟର ଦେଶୀ ମହୁଲି ମଦ ଚାଲାଣ ବେଳେ ପୋଲିସ ହାତରେ ଧରାପଡିଥିଲେ।

# କୁଲୁଟା ସମାଜର ନୂଆଁଖାଇ ଭେଟ୍ ଉତ୍ସବ



ନୂଆଁଖାଇ ଭେଟ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ଦେଓଗାଁ,୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ଗାଁରେ ଶୁକ୍ରବାର ଅପରାହ୍ନରେ ସିକୁଆଁ ଆଞ୍ଚଳିକ କେନ୍ଦ୍ର ଆନୁକୂଲ୍ୟରେ ନୂଆଁଖାଇ ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କରୁଆଁଝର କୁଲୁଟା ସମାଜର ସଭାପତି ଅନ୍ତର୍ଯ୍ୟାମୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରଝର ଆଞ୍ଚଳିକ ସଭାପତି ସୁବାଷ ବିଶ୍ୱାଳ, କରେଲଧୂଆ ସଭାପତି ପ୍ରେମାନନ୍ଦ ଭୋଇ, ଡୁମେରମୁଣ୍ଡା ସଭାପତି ନବଘନ ଭୋଇ, ତୁଷୁରା ସଭାପତି ଟଙ୍କଧର ପଧାନ, ଜିଲା ଉପସଭାପତି ପ୍ରେମାନନ୍ଦ ସାହୁ, ଜିଲା କେନ୍ଦ୍ର ସଭ୍ୟ ଲୋକେଶ୍ୱର ପଧାନ, ସଭାପତି ଶିବରାମ ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ଭୋଇ, କରୁଆଁଝର କମିଟିର ସମ୍ପାଦକ ସୁଶାନ୍ତ ସାହୁ, ଲଣ୍ଡାପଥର କମିଟିର ସଭାପତି ଏକାନନ ବୁଧିଆ ପ୍ରମୁଖ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିକୁଆଁ ଆଞ୍ଚଳିକ କେନ୍ଦ୍ର ଅଧୀନରେ ଥିବା ୨୪ଟି ଗାଁର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଘାଟିତ

ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀରରେ ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ କାର୍ଯ୍ୟକର୍ତ୍ତା।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପଶ୍ଚିମ ପ୍ରାନ୍ତର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର ବଲାଙ୍ଗୀର କଲେଜ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଉଦ୍‌ଘାଟିତ ହୋଇଛି। ଏହି ବୈଠକରେ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ, ରାଜ୍ୟ ସଭାପତି ସଞ୍ଜୀବ ନାୟକ, ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଏବଂ ରାଜ୍ୟ ସମ୍ପାଦକ ଶ୍ୱେତାଶୁ ଶେଖର ବରାଇ ଯୋଗଦାନ କରିଥିଲେ। ବୈଠକରେ ଓଡ଼ିଶା ପଶ୍ଚିମ ପ୍ରାନ୍ତରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅଖିଳ ଭାରତୀୟ ଜନଜାତି ପ୍ରମୁଖ ପ୍ରମୋଦ କୁମାର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ଦିନରେ ସବୁ କଲେଜରେ ସଦସ୍ୟତା ଗ୍ରହଣ ଏବଂ ସଙ୍ଗଠନକୁ ସୁଦୃଢ଼ କରିବାକୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ଛାତ୍ର ସଂସଦ ନିର୍ବାଚନ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷା ଓ ସାମାଜିକ ସ୍ଥିତି ଉପରେ ପ୍ରସ୍ତାବ ଆଲୋଚନା କରାଯାଇଥିଲା। କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ ଏବିଭିପିର କାର୍ଯ୍ୟପଦ୍ଧତି ଓ ସାଙ୍ଗଠନିକ ନିଷ୍ପତ୍ତି ଉପରେ କହିଥିଲେ। କ୍ଷେତ୍ରୀୟ ସହସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ ବିଶେଷ ଭାବେ ଉପସ୍ଥିତ ଥିଲେ। ପ୍ରତ୍ୟେକ କଲେଜ କ୍ୟାମ୍ପସରେ ନିଜର ସମସ୍ତ ସକାରାତ୍ମକ ଦୃଷ୍ଟିକୋଣ ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ତଥା ସାମାଜିକ କ୍ଷେତ୍ରରେ ଷ୍ଟୁଡେଣ୍ଟସ୍ ଫର୍ ସେବା, ଷ୍ଟୁଡେଣ୍ଟସ୍ ଫର୍ ଡେଭଲପମେଣ୍ଟ, ମେଡିଭିଜନ, ଏଗ୍ରିଭିଜନ, ଥିଙ୍କ ଇଣ୍ଡିଆ, ଖେଲୋ ଭାରତ, ମିଶନ ସାହସୀ, ଏସ୍‌ଇଆଇ ଆଦି ଆୟାମ ଓ ଗତିବିଧି ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସଦସ୍ୟତା, ଶାଖା ଗଠନ, ଜିଲା ଓ ଅଭ୍ୟାସ ବର୍ଗ, ବୈଠକ ଓ ପ୍ରବାସ, ଜନଜାତି ଗୌରବ ଦିବସ, ରାଜ୍ୟ ଅଧିବେଶନ, ଆୟାମ ଓ ଗତିବିଧି କାର୍ଯ୍ୟ, ସାମାଜିକ ଗଣମାଧ୍ୟମ, ଗଣମାଧ୍ୟମ ଓ କାର୍ଯ୍ୟାଳୟ, ଛାତ୍ର ସନ୍ଦେଶ ପତ୍ରିକା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହେବ।

## ହରଭଙ୍ଗାରେ ଗୋପାଳନ ତାଲିମ ଶିବିର

ହରଭଙ୍ଗା,୬।୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ପ୍ରାଣୀପାଳନ ବିଭାଗ ପକ୍ଷରୁ ହରଭଙ୍ଗା କୃଷି କାର୍ଯ୍ୟାଳୟରେ ଶନିବାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳନ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ହରଭଙ୍ଗା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ବିଭୂତି ଭୂଷଣ ପଣ୍ଡା ଶିବିରରେ ଯୋଗ ଦେଇଥିବା ୪୮ ଜଣ ହିତାଧିକାରୀଙ୍କୁ ତାଲିମ ଦେବା ସହ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଯୋଜନାରେ ହିତାଧିକାରୀଙ୍କୁ ଅନ୍ୟ ରାଜ୍ୟରୁ ଗାଈ କ୍ରୟ କରିବା ପାଇଁ ୬୦ରୁ ୭୦ ହଜାର ଟଙ୍କା ରିହାତି ପ୍ରଦାନ କରାଯାଉଛି। ଚାଷୀମାନେ କିପରି ସହଜରେ ଗାଈଟିଏ କିଣିପାରିବେ ଏବଂ ଉତ୍ତମ ଗାଈ ଚୟନ ପାଇ ତାଲିମ ପ୍ରଦାନ କରାଯାଇଥିଲା। ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାର ଡ. ବିରେନ୍ଦ୍ର କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୟୁରିଆ ସାର ଅଭାବ, ବଢୁଛି ଅସନ୍ତୋଷ

## ଜିଲାପାଳଙ୍କୁ ଦାବିପତ୍ର ଦେଲା କିଷାନ କଂଗ୍ରେସ

ବୌଦ୍ଧ,୬।୯(ଅଜିତ କୁମାର ବାରିକ)

କୃଷି ପ୍ରଧାନ ବୌଦ୍ଧ ଜିଲାରେ ବର୍ତ୍ତମାନ ଧାନ ଚାଷ ସମୟରେ ୟୁରିଆ ସାରର ଅଭାବ ଦେଖାଦେଇଛି। ଫଳରେ ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏପଟେ ଜିଲାର ବେସରକାର ଅନୁଷ୍ଠାନ ଓ ଖୋଲା ବଜାରରେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଥିବା ବେଳେ ପାକ୍ସ ଓ ସମବାୟ ସଂସ୍ଥାଗୁଡିକରେ ଆଦୌ ସାର ମିଳିନାହୁଁ। ତୁରନ୍ତ ବୌଦ୍ଧ ଜିଲାରେ ସରକାରୀ ଦରରେ ସାର ଯୋଗାଇ ଦେବାକୁ ଜିଲା କଂଗ୍ରେସ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ରଙ୍କ ନେତୃତ୍ୱରେ କିଷାନ ସେଲ୍‌ର ଏକ ପ୍ରତିନିଧି ଦଳ ଚାଷୀମାନଙ୍କୁ ତୁରନ୍ତ ସାର ଯୋଗାଇ ଦେବାକୁ ଦାବି କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରିଥିଲେ। ଜିଲାରେ ସାର ଯୋଗାଣରେ ସରକାର ବିଫଳ ହୋଇଥିବା କଂଗ୍ରେସ କର୍ମୀମାନେ ଅଭିଯୋଗ କରିଥିଲେ। ଏଥିସହ ସପ୍ତାହକ ମଧ୍ୟରେ ଚାଷୀମାନଙ୍କୁ ସାର ଦିଆ ନ ଗଲେ ଜିଲା କଂଗ୍ରେସର କିଷାନ ସେଲ୍ ପକ୍ଷରୁ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ କିଷାନ ସେଲ୍ ସଂଯୋଜକ ଅର୍ଜୁନ ପ୍ରଧାନ, ରୋହିତାଶ୍ୱ ବେହେରା, ବୁଦ୍ଧଦେବ ପ୍ରଧାନ, ପ୍ରତାପ ପଣ୍ଡା, ଜୟନ୍ତ ପାଣିଗ୍ରାହୀ, ପ୍ରଦୀପ ମହାନନ୍ଦିଆ, ଅର୍ଜୁନ ମହାନନ୍ଦିଆ, ଝରିଆ ସାହୁ, ଆଶିଷ ଜେନା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା କଂଗ୍ରେସ କିଷାନ ସେଲ୍ କାର୍ଯ୍ୟକର୍ତ୍ତା।

## ନିଷ୍ଠାର ସହ ଅଧ୍ୟୟନକଲେ ସଫଳତା ନିଶ୍ଚିତ




ବୀରମହାରାଜପୁର କଲେଜ ଅର୍ଥନୀତି ବିଭାଗ ସ୍ୱାଗତ ସମାରୋହରେ ଅତିଥିମାନେ

### ବୀରମହାରାଜପୁର ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ସ୍ୱାଗତ ସମାରୋହ

ବୀରମହାରାଜପୁର,୬।୯(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ଅର୍ଥନୀତି ବିଭାଗ ପ୍ରଥମବର୍ଷ ଛାତୀଛାତ୍ରଙ୍କ ସ୍ୱାଗତ ସମାରୋହ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାତାପିତା ଓ ଶିକ୍ଷକଙ୍କୁ ଯଥୋଚିତ ସମ୍ମାନ, ନିଷ୍ଠାର ସହ ଅଧ୍ୟୟନରେ ବ୍ରତୀ ହେଲେ ସଫଳତା ନିଶ୍ଚିତ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ।

ବିଭାଗୀୟ ମୁଖ୍ୟ ଯଜ୍ଞେଶ୍ୱର ବିଶି ନିଜ ବକ୍ତବ୍ୟରେ ଦୃଷ୍ଟିଭଙ୍ଗୀ ଠିକ୍ ରଖିଲେ ଶିକ୍ଷା ଓ ସଂସ୍କାରର ବାଟ ଫିଟିଯାଏ ବୋଲି କହିଥିଲେ। ଏଥିସହିତ ରାଜନୀତି ବିଭାଗ ମୁଖ୍ୟ ଶିବ କୁମାର ପୁରୋହିତ, ଓଡ଼ିଆ ଅଧ୍ୟାପକ ପ୍ରକାଶ କୁମାର ସେଠ, ଇଂଲିଶ ବିଭାଗ ଅଧ୍ୟାପକ ବିଜୟ କୁମାର ପୁରୋହିତ, ବିଭାଗୀୟ ଅଧ୍ୟାପକ ପ୍ରଭାତ କୁମାର ପୁରୋହିତ ଏବଂ ଅଧ୍ୟାପିକା ମାଳତୀ ନାଏକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅର୍ଥନୀତିର ଉପାଦେୟତା ଏବଂ ଉପଯୋଗିତା ସମ୍ବନ୍ଧରେ ଅବଗତ କରାଇଥିଲେ। ଶେଷବର୍ଷର ଛାତ୍ରୀ ସନ୍ଧ୍ୟାରାଣୀ ଭୋଇନାଙ୍କ ସହିତ ଛାତ୍ରୀ ଝିଲ୍ଲୀ ମଲ୍ଲିକ ସଭା ସଂଯୋଜନା କରିଥିଲେ। ଛାତ୍ରୀ ଜନନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୦ ଶିକ୍ଷୟିତ୍ରୀଶିକ୍ଷକ ସମ୍ବର୍ଦ୍ଧିତ

ବିନିକା, ୬।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଅଧିନ ପାପକ୍ଷୟ ଘାଟ କଲ୍ୟାଣ ମଣ୍ଡପରେ ଶୁକ୍ରବାର ବିନିକା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ମହୋତ୍ସବ ଆୟୋଜିତ ହୋଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଳା, ମୁଖ୍ୟବକ୍ତାଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନୟାଜ, ସମ୍ମାନୀତ ଅତିଥିଭାବେ କନିଷ୍ଠ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ବୈଜୟନ୍ତି ସାହୁ, ବିଇଓ ଲକ୍ଷ୍ମଣ ମିଶ୍ର, ଏବିଇଓ ହେମସାଗର କାଲସେ ଯୋଗଦେଇ ଗୁରୁ ଦିବସ ମହୋତ୍ସବର ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅନନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୋଟ ୧୦ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଧାୟକ ଜଗଦଳା ସମ୍ବର୍ଦ୍ଧିତ କରିଥିଲେ।




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

## ଏନ୍‌ଏସ୍‌ଏସ୍ କୋ ୟୁନିଟ୍‌ର ପ୍ରଶିକ୍ଷଣ ଶିବିର

ବାଉଁଶୁଣୀ,୬।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ସ୍ଥିତ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ କୋ-ୟୁନିଟ୍‌ର ନବାଗତ ଏବଂ ପ୍ରାକ୍ତନ ସେଚ୍ଛାସେବୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବୌଦ୍ଧ ଓ ସୋନପୁର ଜିଲାର ଡ. ମନୋରଞ୍ଜନ ଘଡେଇ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଓଡିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା, ଇତିହାସ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ, ତର୍କଶାସ୍ତ୍ର ଅଧ୍ୟାପକ ମକର ମହାରଣା ଏନ୍‌ଏସ୍‌ଏସ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂଲିଶ ଅଧାପିକା ଅନୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ସୁର୍ଜନ ସଙ୍ଗଠନ ଅଭିଯାନ



ସଭାରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

ତରଭା, ୬।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ନଗର କଂଗ୍ରେସ ଓ ବ୍ଲକ କଂଗ୍ରେସ ମିଳିତ ଉଦ୍ୟମରେ ଜାତୀୟ କଂଗ୍ରେସର ସୁର୍ଜନ ସଙ୍ଗଠନ ଅଭିଯାନ ବୈଠକ ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀ ଓ ନେତାଙ୍କ ସ୍ଲୋଗାନ ଭୋଟ ଚୋର ଗାଦି ଛୋଡ ନାରାରେ କମ୍ପି ଉଠିଥିଲା ବୈଠକସ୍ଥଳୀ। ସୁର୍ଜନ ଅଭିଯାନ ମାଧ୍ୟମରେ ଜିଲା ଜାତୀୟ କଂଗ୍ରେସର ଜିଲା ସଭାପତି ଚୟନ ନେଇ ବିଭିନ୍ନ କର୍ମୀଙ୍କ ମତାମତ ନେବାର ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଓ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ମୂଳ ଲକ୍ଷ୍ୟ ରହିଛି। ଏଆଇସିସି ପର୍ଯ୍ୟବେକ୍ଷକ ଅମିତ ସିହାଗ, ରାଜ୍ୟ ପ୍ରବକ୍ତା ଡ. ହମିତ ହୁସେନ, ସାଧାରଣ ସମ୍ପାଦକ ଭିନୀତ ଜି, ଏଆଇସିସି ସଭ୍ୟ ସୁରେନ୍ଦ୍ର ସାହୁ, ପିସିସି ସଭ୍ୟ ସରୋଜ ପଧାନ, ଗଣେଶ ସାହୁ, ପୂର୍ବତନ ବିଧାୟକ ବିନୋଦ ପାତ୍ର ମଞ୍ଚାସୀନ ଥିଲେ। ଜାତି ଜନଗଣନା, ଜିଏସ୍‌ଟି ହ୍ରାସ, ଭୋଟ ଚୋରି ଆଦି ପ୍ରସଙ୍ଗରେ ବିଭିନ୍ନ ମତ ରଖିବା ସହ କଂଗ୍ରେସ ସ୍ଥିତି ମଜଭୁତ କରିବା ପାଇଁ ନେତୃବର୍ଗ ଆହ୍ୱାନ ଦେଇଥିଲେ। ଜିଲାସ୍ତରରୁ ପ୍ରିୟବ୍ରତ ସାହୁ, ପ୍ରଦୀପ ସେଠୀ, ତରଭା କଂଗ୍ରେସ ସଭାପତି ପ୍ରବୀଣ ସାହୁ, ଶିବୁ ଅଗ୍ରୱାଲ, ଗଣେଶ ଗୁରୁ, ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗ, ମନସୁର ମହମ୍ମଦ, ପବିତ୍ର ପଧାନ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଭବାନୀ ଦୀପ, ମୁକୁନ୍ଦ ବିଶ୍ୱାଳ, ଗଙ୍ଗାଧର ମହାପାତ୍ର, ଅନାଦି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଚାରା ବର୍ଣ୍ଟନ କାର୍ଯ୍ୟକ୍ରମ



ଜନସାଧାରଣଙ୍କୁ ବର୍ଣ୍ଟନ ପାଇଁ ଚାରା ରଖାଯାଇଛି।

ପଲସାଗୋରା,୫।୯(ଅଶ୍ୱିନୀ କୁମାର ନନ୍ଦ)

ବୌଦ୍ଧ ଜିଲା କନ୍ଧମାଳ ବନାଞ୍ଚଳ ଅନ୍ତର୍ଗତ ବରଗାଁ ଏବଂ ନାରାୟଣ ପ୍ରସାଦ ଫରେଷ୍ଟ ସେକ୍ସନ ଅଞ୍ଚଳରେ ମା' ପାଇଁ ଗଛଟିଏ ଅଭିଯାନ ଚାଲିଛି। ଏହି ଅବସରରେ ଉକ୍ତ ଦୁଇଟି ଗ୍ରାମପଞ୍ଚାୟତରେ ଶନିବାର ଚାରା ବର୍ଣ୍ଟନ କରାଯାଇଛି। ନାରାୟଣ ପ୍ରସାଦ ପଞ୍ଚାୟତ ଅଧିକାରୀ ଭୁଲେଶ୍ୱର ନାଗ ଜନସାଧାରଣଙ୍କୁ ଚାରା ବର୍ଣ୍ଟନ କରିଥିଲେ। ଗଛ ଲଗାଇବା ଦ୍ୱାରା ଜଙ୍ଗଲ ସୃଷ୍ଟି ହେବା ସହ ପରିବେଶ ସ୍ୱଚ୍ଛ ରହିବ ଏବଂ ଜଳବାୟୁ ପରିବର୍ତ୍ତନ ହୋଇ ଠିକ୍ ଭାବେ ବର୍ଷା ହେବ। ତେଣୁ ସମସ୍ତେ ଅନ୍ତତଃ ଗୋଟିଏ ଲେଖାଏ ଗଛ ଲଗାଇବା ଆବଶ୍ୟକ ବୋଲି ବନପାଳ ବରୁଣ ମୁଖି କହିଥିଲେ। ଚାରା ବର୍ଣ୍ଟନ କାର୍ଯ୍ୟକ୍ରମରେ ବରଗାଁ ଏବଂ ନାରାୟଣ ପ୍ରସାଦର ବନ କର୍ମଚାରୀ ସହଯୋଗ କରିଥିଲେ।

## ବିଜୁ ଛାତ୍ର ଜନତା ଦଳର ବୃକ୍ଷରୋପଣ କାର୍ଯ୍ୟକ୍ରମ

ହରଭଙ୍ଗା,୬।୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭାପତି ତେଜ କୁମାର ଜଗଦଳାଙ୍କ ନେତୃତ୍ୱରେ ଶନିବାର ପୁରୁଣାକଟକ ହାଟ ପଡିଆଠାରେ ବୃକ୍ଷରୋପଣ କରାଯାଇଛି। ବୃକ୍ଷ ହିଁ ଏକମାତ୍ର ସାଥୀ ବୋଲି ମତଦେଇ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ ଜାନୀ, ଗୁନ ନାୟକ. ଲିପୁନ ରାଉତ, ରିଙ୍କି ବେହେରା, ସୋମିଶୁତ ବେହେରା, ପ୍ରଭଞ୍ଜନ ଜଗଦଲା, ସୁବ୍ରତ ସୁରଜ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ପୁରୁଣାକଟକ ସରପଞ୍ଚ ଅଶୋକ ସେଠୀ, ଯୁବନେତା ଅବକାଶ ସାହୁ, ଗରୁଡ ପ୍ରଧାନ, ବାସୁଦେବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ହାଟ ପଡିଆରେ ବୃକ୍ଷରୋପଣ କରାଯାଉଛି।

## କୂଅରେ ପଡ଼ି ଦିବ୍ୟାଙ୍ଗ ଛାତ୍ରୀ ମୃତ

ତରଭା, ୬।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଲକ୍ଷ୍ମୀମୁଣ୍ଡା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ନବମ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ରୀଙ୍କ କୂଅରେ ପଡ଼ି ମୃତ୍ୟୁ ଘଟିଛି। ମୃତା ଲକ୍ଷ୍ମୀମୁଣ୍ଡା ଗ୍ରାମର ଗଣେଶ କୁଦେଇଙ୍କ ଝିଅ ପ୍ରେମକାନ୍ତି(୧୪)। ପ୍ରତ୍ୟେକ ଦିନ ପରି ସେ ଘର ପାଖ ବିଲରେ ଥିବା କୂଅକୁ ଗାଧେଇବାକୁ ଯାଇଥିଲେ। ପ୍ରେମକାନ୍ତି ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କୂଅରେ ଖସି ପଡିଥିବା ସନ୍ଦେହ କରି ସେମାନେ ତରଭା ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ କୂଅରୁ ପ୍ରେମକାନ୍ତିଙ୍କୁ ଉଦ୍ଧାର କରି ତରଭା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ଘୋଷଣା କରିଥିଲେ। କମସରା ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୫) ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ଅନିତା କିଡୋ କହିଛନ୍ତି।

## ଭ୍ରାମ୍ୟମାଣ ଚାରା ବିତରଣ ରଥର ଶୁଭାରମ୍ଭ

ହରଭଙ୍ଗା,୬।୯(ନରେନ୍ଦ୍ର କୁମାର ସାହୁ)

ପୁରୁଣାକଟକ ରେଞ୍ଜ୍ ପକ୍ଷରୁ ଶନିବାର ଏକ ଭ୍ରାମ୍ୟମାଣ ଚାରା ବିତରଣ ରଥର ଶୁଭାରମ୍ଭ କରାଯାଇଛି ହରଭଙ୍ଗା ତହସିଲଦାର ବଳଦେବ ବେହେରା ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ପୁରୁଣାକଟକ ରେଞ୍ଜ୍ ପକ୍ଷରୁ ପ୍ରତି ଗ୍ରାମପଞ୍ଚାୟତକୁ ୫୦୦ ଲେଖାଏଁ ଚାରା ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନ କାନପୁର ନର୍ସରୀରୁ ବିଭିନ୍ନ ପ୍ରକାର ଚାରା ତିଲେଶ୍ୱର ପଞ୍ଚାୟତକୁ ପ୍ରଦାନ କରାଯାଇଥିଲା। ସେହିପରି ପଇଦାଭୁଇଁ ନର୍ସରୀରୁ କୁସଙ୍ଗ ଓ ମହାଲିକ ପଞ୍ଚାୟତକୁ ମଧ୍ୟ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୁଣାକଟକ ରେଞ୍ଜର ଜୟନ୍ତ କୁମାର ଦାଶ, ବନପାଳ ସୁଶାନ୍ତ କୁମାର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ସତୀଶ ରଞ୍ଜନ କମ୍ପ ଓ ବନରକ୍ଷୀ ରଞ୍ଜନ ସାହୁ, ପିଙ୍କି ସାହୁ, ସଞ୍ଜନା ମାଝୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଭ୍ରାମ୍ୟମାଣ ରଥର ଶୁଭାରମ୍ଭ କରାଯାଉଛି।

# ରେଡକ୍ରସ୍‌ର ମାନବୀୟ ସେବା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ

## ୮ ଜିଲାର ବ୍ଲକ ସଂଯୋଜକଙ୍କ ପ୍ରଶିକ୍ଷଣ ଶିବିର

ସୋନପୁର,୬।୯(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ରେଡ଼କ୍ରସ ଓଡ଼ିଶା ଶାଖାଙ୍କ ଆହ୍ୱାନକ୍ରମେ ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସରରେ ଅନୁଷ୍ଠିତ ତିନିଦିବସୀୟ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ଦିବସରେ ଉଲୁଣ୍ଡା ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ ଅଜୟ ଲୁହା ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଯାପନୀ ସଭାରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଅଧ୍ୟକ୍ଷତା କରିଥିଲେ। ଶିବିରରେ ପଶ୍ଚିମ ଓଡ଼ିଶାର ଆଠ ଜିଲାର ସମସ୍ତ ୭୮ଟି ବ୍ଲକର ବ୍ଲକ ସଂଯୋଜକଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲା ରେଡକ୍ରସ ଅଧ୍ୟକ୍ଷ ତଥା ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନେ ନିଜସ୍ୱ ଦକ୍ଷତା ବୃଦ୍ଧି କରିବା ସହିତ ଆଗାମୀ ଦିନରେ ରେଡ଼କ୍ରସର ମାନବୀୟ ସେବାକୁ ସମାଜର ବିକାଶ ଦିଗରେ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଜୁନିଅର ରେଡ଼କ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଓ ସୁବର୍ଣ୍ଣପୁର ଜିଲା ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ରାଜ୍ୟ ଜୁନିଅର ରେଡ଼କ୍ରସର ମାନବବାଦ ସେବାକାର୍ଯ୍ୟ ମାଧ୍ୟମରେ ଗୋଷ୍ଠୀର ମୂଲ୍ୟବାନ ଜୀବନର ସୁରକ୍ଷା ଓ ଗତିଶୀଳତା ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ଜୁନିୟର ରେଡ଼କ୍ରସ ଉପାଧ୍ୟକ୍ଷ ତଥା ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ତିନିଦିନ ବ୍ୟାପି ଆୟୋଜିତ ଶିବିରରେ ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ବ୍ଲକ ସଂଯୋଜକମାନଙ୍କୁ ଦକ୍ଷତା ବୃଦ୍ଧି, ମୁର୍ଚ୍ଛା, ହାର୍ଟ ଅଟାକ, ବ୍ରେନ ଷ୍ଟ୍ରୋକ, ପାଣିରେ ବୁଡିଯିବା, ବିଦ୍ୟୁତ୍ ଆଘାତ, ବିଜୁଳି ଓ ଘଡଘଡି ମାରିବା ଏଂ ସାପ କାମୁଡା ଆଦିର ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସ୍ୱେଚ୍ଛାକୃତ ରକ୍ତଦାନ, ସାଇବର ସୁରକ୍ଷା, ସ ସୁରକ୍ଷା ଓ ବିଦ୍ୟାଳୟରେ ରେଡ଼କ୍ରସ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ ଦିଆଯାଇଥିଲା। ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣୀ ବାଘ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଧନକର୍ମୀ ଆଶିଷ କୁମାର ଅଗ୍ରୱାଲା ସାଇବର ଅପରାଧ ଉପରେ ତାଲିମ ପ୍ରଦାନ କରିଥିଲେ। ଚନ୍ଦ୍ରଶେଖର ମହାପାତ୍ର, ଜଗଦୀଶ ଦାଶ, ହେମନ୍ତ ମେହେର, ଦମୟନ୍ତି ଜଗଦଲା, ସୁଜିତ କୁମାର ପୂଜାହାରୀ ଓ ରାଜ୍ୟ ଜୁନିୟର ରେଡ଼କ୍ରସ କୋଷାଧକ୍ଷ ସୁରେନ୍ଦ୍ରନାଥ ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରାଶାସନିକ ନିର୍ଦ୍ଦେଶକ ଜିଲ୍ଲୀପ କୁମର ପଣ୍ଡା ରେଡକ୍ରସ ପତାକା ଅବତରଣ କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିମାନେ।

# ଯୁବପିଢ଼ି ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ

ରାଉରକେଲା,୬।୯(ସଙ୍ଗୀତା ଜେନା)



ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।



ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ର।

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଶନିବାର ପୂର୍ବାହ୍ଣ ୧୧ଟାରେ ୨୩ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୨୦୨୫ ଶିକ୍ଷାବର୍ଷରେ ୧୪୭୭ ଛାତ୍ର ଓ ୪୭୧ ଛାତ୍ରୀଙ୍କ ସମେତ ମୋଟ ୧୯୪୮ ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଏନ୍‌ଆଇଟି ପରିସରସ୍ଥ ଭୁବନେଶ୍ୱର ବେହେରା ଅଡିଟୋରିୟମ୍‌ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନ୍ୟାଶନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମପାଇଁ ଆଜି ସଫଳତାର ସୋପାନ ଚଢ଼ାଯାଇପାରିଛି। ରାଉରକେଲା ଏନ୍‌ଆଇଟି ଦେଶର ୧୩ତମ ଏବଂ ଦ୍ୱିତୀୟ ଶ୍ରେଷ୍ଠ ଏନ୍‌ଆଇଟି ଭାବେ ସ୍ଥାନ ପାଇବାରେ ପରିଚାଳକ, ଛାତ୍ରୀଛାତ୍ର ଶ୍ରେୟ ନେବା ଦରକାର। ଆମ ଦେଶ ୭.୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ସହ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି। ଏହା ହେଉଛି ସର୍ବୋତ୍ତମ ସମୟ। ୨୦୪୭ ସୁଦ୍ଧା ଭାରତ ବିକଶିତ ଭାରତ ହେବାର ଆକାଂକ୍ଷା ରଖିଛି। ସେଥିରେ ସହଭାଗିତା ଦିଆଯାଇପାରିବ। ବିକଶିତ ଭାରତର ଚାରୋଟି ପ୍ରମୁଖ ସ୍ତମ୍ଭ ମଧ୍ୟରୁ ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ଯୁବପିଢ଼ି। ବିକଶିତ ଦେଶରେ ବିଭିନ୍ନ ବର୍ଗରେ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟାନ୍ୟ କ୍ଷେତ୍ରରେ ଯୁବ ଉଦ୍ୟୋଗୀଙ୍କ ଆବଶ୍ୟକତା ପଡ଼ିବ। ତେଣୁ ଭାରତରେ ରହି ଭାରତକୁ ସମର୍ଥନ କରନ୍ତୁ। ୨୦୪୭ରେ ବିକଶିତ ରାଷ୍ଟ୍ର ପରିଣତ ହେବାରେ ଭାଗିଦାରୀ ସୁଯୋଗ ନିଅନ୍ତୁ ବୋଲି ସିଂହ କହିଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ବୋର୍ଡ ଅଫ୍ ଗଭର୍ଣ୍ଣାନ୍ସ (ବିଓଜି) ଅଧ୍ୟକ୍ଷ ଏସ୍. ଏନ୍. ସୁବ୍ରମଣ୍ୟମ୍ ମଞ୍ଚାସୀନ ରହି କହିଥିଲେ, ଚଳିତ ଶିକ୍ଷାବର୍ଷରେ ଏହି ଶିକ୍ଷାନୁଷ୍ଠାନର ପ୍ରାୟ ୯୦ ପ୍ରତିଶତ ଛାତ୍ରୀଛାତ୍ର ଚାକିରି ପାଇ ସାରିଛନ୍ତି। ଏହା ଦର୍ଶାଉଛି ବିକଶିତ ଅର୍ଥନୀତିରେ ପ୍ରଚୁର ଚାକିରି ଉପଲବ୍ଧ ରହିଛି ଏବଂ କମ୍ପାନୀ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ନିର୍ଦ୍ଦେଶକ ରାଓ ବାର୍ଷିକ ବିବରଣୀ ପାଠ କରିବା ସହ ଶିକ୍ଷାନୁଷ୍ଠାନରେ ନୂତନ ଜିନିଷ ଶିଖିବା ଓ ଅଭିବୃଦ୍ଧି କରିବା ସହ ଦୃଢ଼, ସ୍ଥିର, ଶୃଙ୍ଖଳିତ ରହିବା ଉପରେ ଗୁରୁତ୍ୱ ଦେଇ ଆସୁଛୁ ବୋଲି ରାଓ କହିଥିଲେ। ଏହି ଅବସରରେ ଶିକ୍ଷାଗତ ଉତ୍କର୍ଷତାକୁ ସମ୍ମାନିତ କରିବା ପାଇଁ ୨୦୨୫ ବର୍ଷର ସ୍ନାତକ ବ୍ୟାଚ୍‌ର ୫ ଟପ୍ପରଙ୍କୁ ୯ଟି ସ୍ୱର୍ଣ୍ଣପଦକ, ୭ଟି ଏଣ୍ଡାମେଣ୍ଟ ସ୍ୱର୍ଣ୍ଣପଦକ, ୯ଟି ଏଣ୍ଡାମେଣ୍ଟ ପୁରସ୍କାର ଏବଂ ୫୮ଟି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ତଥା ଅଭିଭାବକ ସହଯୋଗ କରିଥିଲେ।

**ଏନ୍‌ଆଇଟି ରାଉରକେଲାର ୨୩ତମ ସମାବର୍ତ୍ତନ ଉତ୍ସବ**

# ୨୭୦ ଲିଟର ନକଲି ମଦ ଜବତ, ୨ ଗିରଫ

ରାଉରକେଲା,୬।୯(ଦିନେଶ ମିଶ୍ର)

ନକଲି ମଦ କାରବାର ଅଭିଯୋଗରେ ରାଉରକେଲା ଅବକାରୀ ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଲଦା ଏ' ବ୍ଲକର ଶତ୍ରୁଘ୍ନ ପଶାୟତ ଓ ପୁରଣାପାଣି ଅଞ୍ଚଳର ସୁକାନ୍ତି ଜୋଜୋ। ଉଭୟଙ୍କଠାରୁ ୨୭୦ ଲିଟର ନକଲି ମଦ ସହ ୧୫ଶହ ଲେବୁଲ, ୭ ହଜାର ବିଭିନ୍ନ କମ୍ପାନୀର ମଦ ଠିପି, ୩୪ ପେଟି ନକଲି ପ୍ଲାଷ୍ଟିକ୍ ମଦ ପେଟି, ଦୁଇଟି ସ୍କୁଟି (ନଂ.ଓଡି୧୪ୱାଇ/୫୫୦୯ ଓ ନଂ.ଓଡି୧୪ଏଫ୍/୨୩୧୭)କୁ ଜବତ କରାଯାଇଛି। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ରାଉରକେଲା ଅବକାରୀ ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୫୫/୨୫) ରୁଜୁ ହୋଇଛି। ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଶାରଳା ଗ୍ରାମରେ ଏକ କୋଠା ଘରେ ଝାଡ଼ଖଣ୍ଡରୁ ନକଲି ମଦ ଆଣି ବିଭିନ୍ନ ବ୍ରାଣ୍ଡର ମଦ ବୋତଲରେ ମିଶାଇ ସେଥିରେ ଠିପି ଓ ଲେବୁଲ ଲଗାଇ ବିକ୍ରି କରିବା ପାଇଁ ଯୋଜନା କରାଯାଉଥିଲା। ଏ ନେଇ ଅବକାରୀ ପୋଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ରାଉରକେଲା ଅବକାରୀ ଏସ୍‌ପି ଯଶକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପୂର୍ବାହ୍ଣ ୧ଟାରେ ଉକ୍ତ ସ୍ଥାନରେ ଚଢ଼ାଉ କରି ପ୍ରାୟ ସାଢେ ୩ ଲକ୍ଷ ଟଙ୍କାର ନକଲି ମଦ ଜବତ କରିଥିଲା। ଚଢ଼ାଉ ସମୟରେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ନାୟକ, ମୋହନ ପ୍ରଧାନ, ଏସ୍‌ଆଇ ରୋହିତ ଦଣ୍ଡସେନା, ଅଜୟ ପ୍ରଧାନ, ଏସ୍‌ଆଇ ବିଭୂତି ଭୂଷଣ ଦାସ, ନବୀନ ଭୂୟାଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ତେରେସା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତ ଏବଂ ଜବତ ମଦ।

# ପାଟିତୁଣ୍ଡ ହେବାରୁ ସଭା ବନ୍ଦ

## ରାଏବଗା ଲ୍ୟାମ୍ପସ ଦୁର୍ନୀତି ମାମଲା

ରାଉରକେଲା,୬।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏଆର୍‌ସିଏସ୍ ତଥା ମାମଲାର ତଦନ୍ତକାରୀ ଅଧିକାରିଣୀ ସୁଚିସ୍ମିତା ସଏଙ୍କ ତତ୍ତ୍ୱାବଧାନରେ ଏହି ସଭା ହୋଇଥିଲା। ଏଥିରେ ରାଏବଗା ଲ୍ୟାମ୍ପସରେ ହୋଇଥିବା ଦୁର୍ନୀତି ଉପରେ ତର୍ଜମା କରାଯାଇଥିଲା। ରାଏବଗା ଲ୍ୟାମ୍ପର ୧୫ଜଣିଆ କମିଟି ଦୁଇଟି ଗୋଷ୍ଠୀରେ ଭାଗ ହୋଇ ପରସ୍ପର ବିରୋଧରେ ଅଭିଯୋଗ ଆଣିବାରୁ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଫଳରେ ସଭାକୁ ବନ୍ଦ ରଖାଯାଇଥିଲା। ସୂଚନାଯୋଗ୍ୟ, ରାଏବଗା ଲ୍ୟାମ୍ପସରେ ୯୭.୬୦ଲକ୍ଷ ଟଙ୍କା ହେରଫେର କରାଯାଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସୁନ୍ଦରଗଡ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଲ୍ୟାମ୍ପସର ବାର୍ଷିକ ବଜେଟ ଉପରେ ଡିଆରସିସିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ଅଡିଟରୁ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡିବା ପରେ ରାଉରକେଲା ଭିଜିଲାନ୍ସ ବିଭାଗକୁ ଏହି ମାମଲା ହସ୍ତାନ୍ତର କରାଗଲା। ତଦନ୍ତରେ ଦୁର୍ନୀତି ଅଜଣାପଡିବା ପରେ ଗତ ତା.୨୮।୩।୨୫ରିଖରେ ଲ୍ୟାମ୍ପ ଏମ୍‌ଡି ଚିତ୍ତରଞ୍ଜନ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ପରେ ସେ ଜାମିନରେ ମୁକୁଳିବା ପରେ ତା.୨୮।୭।୨୫ ରିଖ ଓ ତା.୨୯।୭।୨୫ରିଖ ଦୁଇଦିନ ଧରି ରାଏବଗା ଲ୍ୟାମ୍ପସ ଦାୟିତ୍ୱ ତୁଲାଇଲେ। ଏହାକୁ ନେଇ ବିଭାଗୀୟ ଅଧିକାରୀ ହରଡଘଣାରେ ପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ରାଉରକେଲା ଏଆର୍‌ସିଏସ୍ ବିକାଶ ସାମଦଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିବା ସହିତ ଏ ବିଷୟରେ ଏବେ କିଛି କହିବା ଉଚିତ ହେବ ନାହିଁ ବୋଲି ସେ ମନ୍ତବ୍ୟ ଦେଇଥିଲେ। ସେହିପରି ରାଉରକେଲା ଭିଜିଲାନ୍ସ ଏସ୍‌ପି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ଆମ ବିନା ଅନୁମୋଦନରେ ରାଏବଗା ଲ୍ୟାମ୍ପସର ପୂର୍ବତନ ଏମ୍‌ଡି ଲ୍ୟାମ୍ପସରେ ଦୁଇଦିନ ଦାୟିତ୍ୱ ତୁଲାଇବା ଆଇନସମ୍ମତ ନୁହେଁ। ଏଭଳି ଆଦେଶ କିଏ ଦେଲେ ତାହା ଜଣାପଡିନାହିଁ। ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆଇନ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଣିଗ୍ରାହୀ କହିଥିଲେ।

# ଉତ୍କଳ କଳାକାର ଏକାଡେମୀର ଜିଲା କମିଟି ବୈଠକ



ବୈଠକରେ ଉପସ୍ଥିତ କମିଟି କାର୍ଯ୍ୟକର୍ତ୍ତା।

ରାଉରକେଲା,୬।୯(ବିପ୍ଲବ ରଞ୍ଜନ ଦାଶ)

ଉତ୍କଳ କଳାକାର ଏକାଡେମୀରର ସୁନ୍ଦରଗଡ଼ ଜିଲା କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୀପ୍ତି ବିଶ୍ୱାଳ ସୁନ୍ଦରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଏକାଡେମୀର ଅଧ୍ୟକ୍ଷ ଶଶଧର ପଣ୍ଡା, ରାଜ୍ୟ ପ୍ରତିଷ୍ଠାତା ସମ୍ପାଦକ କୈଳାଶ ନାୟକ, ସହ ସମ୍ପାଦକ ଲିପିକା ମହାନ୍ତି, କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ମଲ୍ଲିକ, ବରିଷ୍ଠ କର୍ମକର୍ତ୍ତା ପ୍ରଜ୍ଞା ପରମିତା ଦାସ ଓ ଇନ୍ଦିରା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ୬ଜଣ ଉପଦେଷ୍ଟା ରହିଛନ୍ତି। ସେହିପରି ଦୀପ୍ତି ବିଶ୍ୱାଳ ସୁନ୍ଦରାୟ ସଭାପତି, ନରେନ ଦାସ କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର କୁମାର ପତ୍ରୀ, ସୁରେଶ କୁମାର ନନ୍ଦ, ମନୋଜ ଆଚାର୍ଯ୍ୟ ଉପସଭାପତି, ଶୁଭଶ୍ରୀ ସ୍ୱାଇଁ ସାଧାରଣ ସମ୍ପାଦକ, ଶୁଭଲକ୍ଷ୍ମୀ ପାତ୍ର ସହ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସଙ୍ଗଠନ ସମ୍ପାଦକ ଭାବେ ଅନୁପମା ଆଚାର୍ଯ୍ୟ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ, ସହ ସାଂସ୍କୃତିକ ସମ୍ପାଦକ ସବିତା ପରିଡ଼ା, ନିରୁପମା ନାୟକ, ପୁଷ୍ପଲତା ବିଶୋଇ, ମିଡିଆ ପ୍ରଭାରୀ ସସ୍ମିତା ପ୍ରଧାନ, ଆଇନ ପରାମର୍ଶଦାତା ଗରିମା ପତ୍ରୀ, ଜିଲା ସଂଯୋଜକ ଭାବେ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସହଯୋଗୀ ସଦସ୍ୟ ଭାବେ ବିଜୟ ସୁନ୍ଦରାୟଙ୍କୁ ମନୋନୀତ କରାଯାଇଥିଲା। ଏହି କମିଟି ଜିଲାର କଳାକାରଙ୍କ ପାଇଁ କାର୍ଯ୍ୟ କରିବ ବୋଲି ଶପଥ ପାଠ କରିଥିଲେ।

# ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ ପାଳିତ

ରାଉରକେଲା,୬।୯(ବିପ୍ଲବ ରଞ୍ଜନ ଦାଶ)

ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୨୫ତମ ତିରୋଧାନ ଦିବସ ସ୍ଥାନୀୟ ବେଦବ୍ୟାସ ଗୁରୁକୁଳ ବୈଦିକ ଆଶ୍ରମରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। ସ୍ୱାମୀ ବ୍ରହ୍ମାନନ୍ଦ ଓଡ଼ିଶାରେ ଗୁରୁକୁଳ ପ୍ରଚାରକ ତଥା ସଂସ୍ଥାପକ ଥିଲେ। ଆର୍ଯ୍ୟ ସମାଜ ତଥା ସନାତନ ବୈଦିକ ଧର୍ମର ପ୍ରସାର ପାଇଁ ୧୯୫୪ରେ ବେଦବ୍ୟାସଠାରେ ପ୍ରଥମ ଗୁରୁକୁଳ ଓ ଆର୍ଯ୍ୟ ସମାଜ ପ୍ରତିଷ୍ଠା ହୋଇଥିଲା। ଦେବଭାଷା ସଂସ୍କୃତକୁ ଜନଜାତିଙ୍କ ମଧ୍ୟରେ ପ୍ରଚାର କରି କର୍ମକାଣ୍ଡ ମାଧ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ସେ ଶିକ୍ଷା ଦେଲେ। ତାଙ୍କ ଉଦ୍ୟମରେ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ ଓ ଓଡିଶାରେ ବହୁ ସଂସ୍କାର କେନ୍ଦ୍ର ଖୋଲିଲା। ସମାଜ ସଂସ୍କାର ପାଇଁ ଓଡିଶା ସରକାର ତାଙ୍କୁ ଡକ୍ଟର ହରେକୃଷ୍ଣ ସ୍ମୃତି ସମ୍ମାନ ପ୍ରଦାନ କରିଥିଲେ ବୋଲି ସଂସ୍କୃତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ। ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ, ଅକ୍ଷେଶ୍ୱର ଧରୁଆ, ଶରତ ଚନ୍ଦ୍ର ଦେହୁରୀ, ପ୍ରସନ୍ନ କୁମାର ଶାସ୍ତ୍ରୀ ଓ ନକୁଳଦେବ ଶାସ୍ତ୍ରୀ ପ୍ରମୁଖ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ରାମଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ଲେଙ୍କା, ରବୀନ୍ଦ୍ର ପୃଷ୍ଟି, ଶାନ୍ତିଲତା ରାଉତ ତଥା ମହିଳା ସଙ୍ଗଠିକା ସହଯୋଗ କରିଥିଲେ।



ତିରୋଧାନ ଦିବସ ପାଳନରେ ହୋମ ଚାଲିଛି।

# ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ରାଉରକେଲା,୬।୯(ଦିନେଶ ମିଶ୍ର)

ରାଉରକେଲାର ଆଭା-ଅନ୍ୱେଷ ଅନୁଷ୍ଠାନ ପକ୍ଷରୁ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଡେଲିମାର୍କେଟ ସଙ୍ଗଠନ କାର୍ଯ୍ୟାଳୟରେ ଶନିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆର୍‌ସିସି ସିପ୍ରା ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁନ୍ଦରଗଡ ଜିଲ୍ଲା ବିଶ୍ରା ବ୍ଲକ ଆରଏମ୍‌ସି ଅଧୀନରେ ଥିବା ଆର୍‌ଇସି କ୍ଲଷ୍ଟରର ସିଆର୍‌ସିସି ସିପ୍ରା ତାଙ୍କ କ୍ଲଷ୍ଟରର ଅଧୀନରେ ଥିବା ୧୮ଟି ବିଦ୍ୟାଳୟରେ ଏସ୍‌ଏମ୍‌ସି ମିଟିଂ, ପିଟିଏମ୍, ଏମ୍‌ଡିଏମ୍‌ରେ ପିଲାମାନେ ଠିକ ଭାବରେ ଖାଉଛନ୍ତି କି ନାହିଁ, ଖେଳ କସରତ ଭଳି ବିଭିନ୍ନ କାର୍ଯ୍ୟକୁ ସୂଚାରୁ ରୂପେ ତୁଲାଇଥି ଯୋଗୁ ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲମ୍ବା ସଂଘର୍ଷ ପରେ ଆଶାଙ୍କୁ ମିଳିଲା ସଫଳତା



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

ରାଉରକେଲା,୬।୯(ବିପ୍ଲବ ରଞ୍ଜନ ଦାଶ)

ଗରିବ ପରିବାରର ଝିଅ ଆଶା ମୁଣ୍ଡାରୀ। ମା' ବାପା ମୂଲ ଲାଗିଲେ ପରିବାର ଚଳେ। ଆଶା ୫ମ ଶ୍ରେଣୀରେ ପଢୁଥିବା ବେଳେ ଭଲିବଲ ପ୍ରଶିକ୍ଷକ ଦେବଦତ୍ତ ଜେନାଙ୍କ ନଜର ପଡିଥିଲା ଏହି ବଣମଲ୍ଲୀ ଉପରେ। ଖେଳିବା ପାଇଁ ଉଭୟ ବାପା ମା' ଓ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ମନା କରିଥିଲେ। ପ୍ରଶିକ୍ଷକ ଦେବଦତ୍ତ ଜେନା ସମସ୍ତଙ୍କୁ ବୁଝାଇ ଆରମ୍ଭ କରିଥିଲେ ଭଲିବଲ କୋଚିଂ। କୋଚିଂ ପରେ ଗୋଟିଏ ପରେ ଗୋଟିଏ ପାହାଚ ଚଢିଥିଲେ ଆଶା। ଚଳିତ ବର୍ଷ ବିଶ୍ୱବିଶ୍ୱବିଦ୍ୟାଳୟ ସ୍ତରରେ ସେ ଅନ୍ତର୍ଜାତୀୟ ଟିମ୍ ପାଇଁ ଚୟନ ହୋଇ ଷ୍ଟାଣ୍ଡ ବାଏ ଖେଳାଳି ଭାବେ ରହିଥିଲେ। କଥାରେ ଅଛି ପରିଶ୍ରମର ଫଳ କେବେବି ବ୍ୟର୍ଥ ଯାଏନି। ନିରନ୍ତର ପ୍ରୟାସ ଜାରି ରଖିବା ସହ କୋଚ୍‌ଙ୍କ ପ୍ରଶିକ୍ଷଣ ପାଇ ଆଶା ସିଆଇଏସଏଫ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ପାଇଛନ୍ତି। ପୂର୍ବରୁ ୧୦ରୁ ୧୨ ଜଣ ପ୍ରଶିକ୍ଷିତ ଛାତ୍ରୀ ଚାକିରି ପାଇଥିବା ବେଳେ ୧୨ ବର୍ଷ ପରେ ଆଶା ସମସ୍ତଙ୍କ ଆଶାକୁ ପୂରଣ କରିପାରିଛନ୍ତି। ଏ ନେଇ ଶନିବାର ସହାୟତା ଅନୁଷ୍ଠାନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ଅଧ୍ୟକ୍ଷ ଗୋପାଳ ଜେନା, ଯୁଗ୍ମ ସମ୍ପାଦକ ତଥା ଆଡଭୋକେଟ୍ ତାପସ ପରିଡା, କାର୍ଯ୍ୟକାରୀ ସଦସ୍ୟ ବିଜୟ ସମାସୀ, ଲୀନା ନାୟକ, ହେମଲତା ପ୍ରସାଦ, ସୁମନ ମିଶ୍ର, ଅନ୍ନପୂର୍ଣ୍ଣା ମାହାନ୍ତି, ଅଜୟ ପ୍ରସାଦ, ମାନିନୀ ଜେନା ପ୍ରମୁଖ ଉପସ୍ଥିତ ରହି ଉଭୟ ଗୁରୁ, ଶିଷ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଇନ୍ଦ୍ର ପୂଜା, ଭାଗବତ ଜନ୍ମୋତ୍ସବ

ବଡ଼ଗାଁ,୬।୯( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଦେବ ମଣ୍ଡପଠାରେ ଶନିବାର ଇନ୍ଦ୍ର ପୂଜା ଓ ଭାଗବତ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜନ ଉତ୍ସବରେ ପ୍ରଣବ ପାଣିଗ୍ରାହୀ ସପତ୍ନୀକ କର୍ତ୍ତା ଦାୟିତ୍ୱ ଓ ଦିବ୍ୟ ଲୋଚନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ପୂଜାରେ ପୂଜକ ଶାସ୍ୱତ ପାଣିଗ୍ରାହୀ ଓ ରାଜେଶ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ। ଏହି ଉତ୍ସବରେ ଅର୍ଜୁନ ନାୟକ, ଅଚ୍ୟୁତ ସାହୁ, ପଦ୍ମନାଭ ପାଣିଗ୍ରାହୀ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ସତ୍ୟବାନ ବିଶି, ପତିତପାବନ ପାଣିଗ୍ରାହୀ, ବିଭୂତି ନାୟକ, ଜଗନ୍ନାଥ ବିଶି, ପଦ୍ମଲୋଚନ ପାଣିଗ୍ରାହୀ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ୨୧ ଜଣ ଭାଗବତ ପୁରାଣ ପାଠ କରିଥିଲେ। ଏହି ପୂଜନ ଉତ୍ସବରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସମବେତ ହୋଇଥିଲେ।

# ସ୍ୱର୍ଗତ ଅଜିତ ଦାସ ସ୍ମୃତି ସମାରୋହ ପାଳିତ

ରାଉରକେଲା,୬।୯(ଦିନେଶ ମିଶ୍ର)



ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ଓ ଅଜିତ ଦାସଙ୍କ ସ୍ମୃତି ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକତା ଏକ ବୃତ୍ତି ନ ହୋଇ ବ୍ରତରେ ପରିଣତ ହେଲେ ଶିକ୍ଷକ ଗୁରୁରେ ରୂପାନ୍ତରିତ ହୋଇପାରନ୍ତି। ଶିକ୍ଷକ ଆମକୁ ରୋଜଗାରକ୍ଷମ କରିବା ପାଇଁ ପୋଥିଗତ ସୂଚନା ପ୍ରଦାନ କରୁଥିବାବେଳେ ଗୁରୁ ଜ୍ଞାନ ରୂପକ ଆଲୋକରେ ଶିଷ୍ୟର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରିଥାନ୍ତି ବୋଲି ଶତପଥୀ କହିଥିଲେ। ଅନ୍ୟତମ ବକ୍ତା ଭାବେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ରାଜକିଶୋର ମିଶ୍ରଙ୍କୁ ସ୍ୱର୍ଗତ ଅଜିତ ଦାସ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରାଜୀବ ପାଣି ମାନପତ୍ର ପାଠ କରିଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ପାଠାଗାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ, କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା ଏବଂ ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ଦାସ ସହଯୋଗ କରିଥିଲେ। ସୂର୍ଯ୍ୟନାରାୟଣ ପଣ୍ଡା, ହରିହର ନାୟକ, କୈଳାସ ସାମଲ, ଶ୍ରୀନିବାସ ରାୟ, ଉମେଶ ଚନ୍ଦ୍ର ଦାଶ, ଗଗନ ବିହାରୀ ଜେନା, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ସୁରେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବହୁ ସାହିତ୍ୟ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ଡବ୍ଲ୍ୟୁଏଫ୍‌ଆଇ ସର୍ବଭାରତୀୟ ସମ୍ମିଳନୀ ଉଦ୍‌ଘାଟିତ

ରାଉରକେଲା,୬।୯(ସଙ୍ଗୀତା ଜେନା)



ସମ୍ମିଳନୀରେ ମଞ୍ଚାସୀନ ଶ୍ରମିକ ନେତୃବୃନ୍ଦ।

ଷ୍ଟିଲ୍ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଡବ୍ଲ୍ୟୁଏଫ୍‌ଆଇ)ର ୧୦ମ ସର୍ବଭାରତୀୟ ଦ୍ୱିଦିବସୀୟ ସମ୍ମିଳନୀ ଶନିବାର ପୂର୍ବାହ୍ଣ ୧୧ଟାରେ ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଫେଡେରେଶନ ସଭାପତି ତଥା ସିଟୁ ସର୍ବଭାରତୀୟ ସାଧାରଣ ସମ୍ପାଦକ ତପନ ସେନ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ଯେଉଁ ଶ୍ରମିକ ଓ ଦେଶ ବିରୋଧୀ କାର୍ଯ୍ୟକଳାପ କରୁଛନ୍ତି, ତାକୁ କେବଳ ଦୁର୍ବାର ଆନ୍ଦୋଳନ ହିଁ ପ୍ରତିହିତ କରିପାରିବ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଦେଶର ପୁଞ୍ଜିପତିମାନଙ୍କ ହାତକୁ ଟେକି ଦିଆଯାଉଛି। କେନ୍ଦ୍ର ସରକାର ଦେଶର ସମ୍ବିଧାନ ଓ ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପ୍ରତି ଆକ୍ରମଣ କରୁଛନ୍ତି। ଏଥିପାଇଁ ଶ୍ରମିକ ଶ୍ରେଣୀ ନିଜର ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ ସେନ ଆହ୍ୱାନ ଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ସଙ୍ଗଠନର ପତାକାକୁ ସେନ୍ ଉତ୍ତୋଳନ କରିଥିଲେ। ଫେଡେରେଶନ ଉପସଭାପତି ବିଷ୍ଣୁ ମହାନ୍ତି ଶୋକପ୍ରସ୍ତାବ ଆଗତ କରିଥିଲେ। ଅଭ୍ୟର୍ଥନ କମିଟି ଅଧ୍ୟକ୍ଷ ତଥା ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ସାଧାରଣ ସମ୍ପାଦକ ଲଳିତ ମିଶ୍ର ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଉପସଭାପତି ବିମାନ ମାଇତି, ପ୍ରମୋଦ ସାମଲ, ଅଯୋଧ୍ୟା ରାମ, ସମ୍ପାଦକ ବସନ୍ତ ନାୟକ, ବିଶ୍ୱରୂପ ବାନାର୍ଜୀ, ବି ଡ଼ି ପ୍ରସାଦ, ପି. ପନିରସେଲଭାମ୍, ପ୍ରଦ୍ୟୁତ ମୁଖାର୍ଜୀ, ସୁରେଶ କୁମାର, ପ୍ରସନ୍ନଜିତ ମଣ୍ଡଳ ପ୍ରମୁଖ ସର୍ବଭାରତୀୟ ନେତୃତ୍ୱଙ୍କ ସମେତ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସେହିପରି ଅପରାହ୍ଣ ୫ଟାରେ ଆମ୍ବାଗାନ ଛକରେ ପ୍ରତିନିଧିମାନେ ଏକତ୍ରିତ ହୋଇ ସେଲ୍ କର୍ତ୍ତୃପକ୍ଷ ତୁରନ୍ତ ଏନ୍‌ଜେସିଏସ୍ ଡାକି ଶ୍ରମିକମାନଙ୍କ ମଜୁରୀ ଚୁକ୍ତିନାମା କରିବା ସହିତ ୩୯ ମାସର ଏରିଅର ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଲ୍ କର୍ତ୍ତୃପକ୍ଷ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଦୁର୍ବାର ଶ୍ରମିକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

# 'ଝାରସୁଗୁଡ଼ାକୁ ରାଜ୍ୟର ସର୍ବଶ୍ରେଷ୍ଠ ସହରରେ ପରିଣତ କରାଯିବ'

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ନଗର ଉନ୍ନୟନ ମନ୍ତ୍ରୀ

ଝାରସୁଗୁଡ଼ା, ୬।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାକୁ ରାଜ୍ୟର ସର୍ବଶ୍ରେଷ୍ଠ ସହରରେ ପରିଣତ କରାଯିବ। ଆଗାମୀ ଦିନରେ ସହରର କଳେବର ବୃଦ୍ଧି କରାଯିବ। ଜନସାଧାରଣଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଝାରସୁଗୁଡ଼ାର ବିଟିଏମ୍ ଅଞ୍ଚଳରେ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ ପାଇଁ ଶନିବାର ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ମହାପାତ୍ର ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଏହାପରେ ବିଟିଏମ୍ ଛକରେ ଆୟୋଜିତ ସଭାରେ ମନ୍ତ୍ରୀ ମହାପାତ୍ର ଯୋଗଦେଇ ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ ପାଇଁ ଝାରସୁଗୁଡ଼ା ସହରକୁ ମହାନଗର ନିଗମ ଭାବେ ଗଢିତୋଳିବାକୁ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଜିଲାପାଳଙ୍କୁ କହିଛନ୍ତି। ଯଦି ଝାରସୁଗୁଡ଼ା ପୌର ପରିଷଦ ନିଗମ ହେବା ପାଇଁ ମାନଦଣ୍ଡରେ ଆସେ ତେବେ ଆଗାମୀ ଦିନରେ ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିରେ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, ଝାରସୁଗୁଡ଼ାକୁ ଭାରତର ସର୍ବଶ୍ରେଷ୍ଠ ଜିଲା ଓ ସହରରେ ପରିଣତ କରିବା ପାଇଁ ଯାହା ଆବଶ୍ୟକ ପଡିବ, ଆଗାମୀ ଦିନରେ ତାହା ନିଶ୍ଚିନ୍ତ ଭାବେ କରାଯିବ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲାପାଳ କୁନାଲ ମୋତିରାମ ଚୌହାନ, ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ନଗରପାଳ ରାନୀ ହାତୀ, ଉପନଗରପାଳ ବେଣୁଗୋପାଳ ପାଣିଗ୍ରାହୀ, ବିମଳେନ୍ଦୁ ଭୋଳ, ସୋନୁ ଥିରାନି, ସନ୍ତୋଷ ଯାଦବ, ରବି ହୋତା, ବୀରେନ୍ଦ୍ର ପାଣ୍ଡେ, ବଲୁ ସିଂ, ହେମ ରଞ୍ଜନ ସିଂ, ଅରବିନ୍ଦ ପାଠକ, ସୁନୀଲ ପଣ୍ଡା, ରଘୁରାମ ପାଲ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ନଗର ଉନ୍ନୟନ ମନ୍ତ୍ରୀ ମହାପାତ୍ର ଶନିବାର ଝାରସୁଗୁଡ଼ା ଗସ୍ତ କରି ୧୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ସେ ଝାଡ଼େଶ୍ୱର ମନ୍ଦିର ଓ ପୋଖରୀର ସୌନ୍ଦର୍ଯ୍ୟକରଣ ସହ ଯାତ୍ରୀ ଆଶ୍ରୟ ସ୍ଥଳ ପାଇଁ ଶିଳାନ୍ୟାସ କରିଥିଲେ। ସେହିପରି ହଟଲିପଡ଼ା ମାର୍କେଟ କମ୍ପ୍ଲେକ୍ସ, ସରବାହାଲ ସ୍କୁଲ ୱାକିଂ ଟ୍ରାକ୍, ସୁନାରୀମୁଣ୍ଡା ଆମିଷ ହାଟ, ଝାରସୁଗୁଡ଼ା ଏସ୍‌ପି ଅଫିସ ଛକରୁ ବନ୍ଧରପଡ଼ା ରାସ୍ତାର ଆଲୋକୀକରଣ ଓ ମାଲିମୁଣ୍ଡାରେ ନିର୍ମାଣ ହେବାକୁଥିବା ଗୋଶାଳା ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହାଦ୍ୱାରା ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଆଗାମୀ ଦିନରେ ସହରର ବିକାଶ ପାଇଁ ଅର୍ଥ ଆବଶ୍ୟକ ପଡ଼ିଲେ ସରକାର ଯୋଗାଇଦେବେ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।



ପୌର କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଡିଜିଟାଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା, ୬।୯(ଆଶିଷ ରଞ୍ଜନ ଦାଶ)

ବେଦାନ୍ତ ଆଲୁମିନିୟମ କମ୍ପାନୀ ପକ୍ଷରୁ ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିକ୍ଷା ଜିଲାର ୫ଟି ବ୍ଲକ ଅଧୀନ ୧୦୬ଟି ସରକାରୀ ସ୍କୁଲର ୧୨,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିସାରିଛି। ଜିଲାରେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନ ବୃଦ୍ଧି ଉଦ୍ଦେଶ୍ୟରେ ୨୦୨୨ ମସିହାରେ ବେଦାନ୍ତ ଆଲୁମିନିୟମ କମ୍ପାନୀ ପକ୍ଷରୁ ବିଦ୍ୟାଗ୍ରହ ଡିଜିଟାଲ ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହାଦ୍ୱାରା ଗତ ବୋର୍ଡ ପରୀକ୍ଷାରେ ଲଇକେରା ସରକାରୀ ଉଚ୍ଚ ବିଦ୍ୟାଳୟର କୈଳାସ ଭାଇ ଜୟସ୍ୱାଲ ୯୩.୩୩ ପ୍ରତିଶତ ଓ ଏକାତାଲିର ମ୍ୟୁନିସିପାଲ ହାଇସ୍କୁଲର ଛାତ୍ରୀ ମଧୁସ୍ମିତା ଦଳାଇ ୯୩.୩୩ ପ୍ରତିଶତ ରଖି କୃତକାର୍ଯ୍ୟ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ବେଦାନ୍ତ କମ୍ପାନୀ ପ୍ରତିଶ୍ରୁତିବଦ୍ଧ । ସେମାନଙ୍କ ଉନ୍ନତି ପାଇଁ ଏଭଳି ଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ବେଦାନ୍ତ ଆଲୁମିନିୟମ କମ୍ପାନୀର ସିଇଓ ସି ଚନ୍ଦ୍ରୁ କହିଛନ୍ତି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବଳାତ୍କାର ମାମଲା**

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଅତିରିକ୍ତ ଜିଲା ଓ ଦୌରାଜଜ୍ ଶନିବାର ଏକ ବଳାତ୍କାର ମାମଲାର ବିଚାରକରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହିତ ଜରିମାନା କରିଛନ୍ତି। ଅଭିଯୁକ୍ତ ହେଲେ କୁଣ୍ଢେଇଗୋଲା ଥାନା ରଙ୍ଗମାଟିଆ ଗ୍ରାମର ଭଞ୍ଜକିଶୋର ନାଏକ। ୨୦୧୯ ଡିସେମ୍ବର ୨୮ ତାରିଖରେ ସେ ଦେବଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ମଧ୍ୟପ୍ରଦେଶର ସାଗର ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ପରେ ଉକ୍ତ ଯୁବତୀଙ୍କୁ ସେଠାକାର ଧର୍ମେଶ ନାମକ ଜଣେ ଯୁବକଙ୍କୁ ବିକ୍ରିକରି ନିଜ ଘରକୁ ଫେରିଆସିଥିଲେ। ଏହାର କିଛିଦିନ ପରେ ପୀଡିତାଙ୍କ ପରିବାର ଲୋକେ ପୋଲିସ ସହାୟତାରେ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ। ପୀଡିତା ଜଣଙ୍କ ଏଠାକୁ ଫେରିବା ପରେ ୨୦୨୦ ଫେବୃଆରୀ ୧୨ରେ ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଭଞ୍ଜକିଶୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ ମଧୁମିତା ମହାନ୍ତି ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଭଞ୍ଜକିଶୋରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଠକେଇ ମାମଲାରେ ୧ ବର୍ଷ କାରାଦଣ୍ଡ ସହିତ ୧୦୦୦ ଟଙ୍କା ଜରିମାନା, ମାନବ ଚାଲାଣ ଘଟଣାରେ ୫ ବର୍ଷ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଓ ବଳାତ୍କାର ଘଟଣାରେ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୁଧାଂଶୁ କୁମାର ଅମାତ୍ୟ ମାମଲା ପରିଚାଳନା କରିଥିଲେ।

# ହକି ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଭାସୁଣୀ ଗ୍ରାମରେ ଗଙ୍ଗାଧର ମେହେର କ୍ଲବ୍ ପକ୍ଷରୁ ୩୮ ତମ ତ୍ରିଦିବସୀୟ ହକି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିଛି। ଉଦ୍‌ଘାଟନୀ ମ୍ୟାଚ୍ ବାରଗାଡିଆ ଓକେ ବ୍ରଦର୍ସ ଏବଂ ସିନ୍ଧିଆଖୋଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରଗାଡିଆ ଟିମ୍ ବିଜୟୀ ହୋଇଛି। ଆୟୋଜକ ଅନୁଷ୍ଠାନର ସଭାପତି ମାଙ୍ଗରୁ ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଇଲିଆସ ସୋରେନ ଏବଂ ସୁନୀଲ ବାର୍ଲା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ବିଜୟ ଲାକ୍ରାଙ୍କ ନେତୃତ୍ୱରେ ବିକ୍ରମ ଟପ୍ପୋ, ବିକାଶ ଏକ୍କା, ରମେଶ ଏକ୍କା, ସୁଲେମାନ ଟପ୍ପୋଙ୍କ ସମେତ ସମସ୍ତ ସଦସ୍ୟ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଛନ୍ତି।

# ସମ୍ବର୍ଦ୍ଧନା ସଭା, କବିତା ପାଠୋତ୍ସବ



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜିଲା ବରିଷ୍ଠ ନାଗରିକ ଫୋରମ୍ କାର୍ଯ୍ୟାଳୟରେ ଶୁକ୍ରବାର ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡକ୍ଟର ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପରକ୍ଷୀତ ସାହୁ, ମୁଖ୍ୟବକ୍ତା ଭାବେ ରିଆମାଳ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ଯୋଗଦେଇ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ ଓ ସୁଧୀର କୁମାର କପରଦାର ଗୁରୁଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ସୁଷମା ଦେଇ, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଉଦୟ କୁମାର ପ୍ରଧାନ ଓ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡକ୍ଟର ପଦ୍ମନାଭ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଟକରୁ ଆସିଥିବା ସୁନାମଧନ୍ୟ ପାଲାଗାୟକ ଯୁଗଳ ଚରଣ ପ୍ରଧାନ ଓ ଚନ୍ଦ୍ରଶେଖର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କବି ପ୍ରଫୁଲ୍ଲ କୁମାର ମହାପାତ୍ର, ବିଭୂତି ଗଙ୍ଗଦେବ, ଟିକେଶ୍ୱର ସାହୁ, ଭାନୁଶଙ୍କର ନନ୍ଦ, ଜଗମୋହନ ସାହୁ, ଯୁଧିଷ୍ଠିର ଦାଶ, ଫକୀର ଚରଣ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ମହାପାତ୍ର, ଅଶୋକ କୁମାର ମିଶ୍ର ଓ ଗୌରହରି ଷଡ଼ଙ୍ଗୀଙ୍କ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# କୁରଡ଼ ଉ.ପ୍ରା. ବିଦ୍ୟାଳୟରେ ଗୁରୁଦିବସ ପାଳିତ

ଦେବଗଡ଼,୬।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ କୁରଡ଼ ଉ.ପ୍ରା ବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ରାଜ୍ୟ ପ୍ରଦର୍ଶନୀ ପ୍ରଭାରୀ ପ୍ରକାଶ ଦାସ, ଜିଲା ସଭାପତି ହରିହର ନାଏକ, ମୁଖ୍ୟବକ୍ତା ଅଧ୍ୟାପକ ଦୟାନିଧି ସାହୁ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡୋଳାଧର ସ୍ୱାଇଁ ମଞ୍ଚାସୀନ ଥିଲେ। ଶିକ୍ଷାରେ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଗଲେ ପିଲାଙ୍କ ଭିତରେ ଥିବା ପ୍ରତିଭାର ବିକାଶ ହୋଇପାରିବ ବୋଲି ସଭାରେ ମତପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ସମିତି ଆବାହକ ତପନ କୁମାର ନାୟକଙ୍କ ସମେତ ଜିଲାର ସମସ୍ତ ସାଇଆଶ୍ରିତ ସଂଯୋଜକ ଭଉଣୀ, ଭାଇ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ନିମନ୍ତ୍ରିତ ହୋଇ ଆସିଥିବା ୩୫ ଜଣ ଗୁରୁମା, ଗୁରୁଜୀଙ୍କୁ ଛାତ୍ରୀଛାତ୍ର ପୂଜା କରିଥିଲେ। ଏଥିସହ ମୋ ଗୁରୁ ମୋ ଆଦର୍ଶ ସମ୍ପର୍କିତ ମୂଲ୍ୟବୋଧଭିତ୍ତିକ ଆଧ୍ୟାତ୍ମିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉକ୍ତ ବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ବିଦ୍ୟା ଜ୍ୟୋତି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଧରିତ୍ରୀ ରାଏ, ମମତା ଶତପଥୀ, ଜୟନ୍ତୀ ମିଶ୍ର, ଅହଲ୍ୟା ସାହୁ, ନୀଳିମା ବେହେରା , ଲିଙ୍ଗରାଜ ପ୍ରଧାନଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲା ସେବା ସଂଯୋଜକ ଦିଦେଶୀ ସାହୁ ଧନ୍ୟବାଦ ଦେଇଥିଲେ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅଧୀନ ବଳମସ୍ଥିତ ଜାଗୃତି ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଚଳିତବର୍ଷ ଦୁର୍ଗାପୂଜାର ରୌପ୍ୟଜୟନ୍ତୀ ପାଳନ କରାଯିବ। ଏନେଇ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରଦୀପ କୁମାର ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତବର୍ଷ ପୂଜା ମଣ୍ଡପ ସାଜସଜ୍ଜା, ସୁଉଚ୍ଚ ତୋରଣ ନିର୍ମାଣ, ଆଲୋକ ସଜ୍ଜା ଓ ଭସାଣିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ମନୋରଞ୍ଜନ ନିମନ୍ତେ ଅପେରା ଏବଂ ଅର୍କେଷ୍ଟ୍ରା ଆୟୋଜନ ସହ ମୀନାବଜାର ବ୍ୟବସ୍ଥା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ପୂଜା ଆୟୋଜନ ପାଇଁ କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ରଞ୍ଜିତ କୁମାର ପ୍ରଧାନ, ଉପସଭାପତି କୁଞ୍ଜବିହାରୀ ସାହୁ, ସମ୍ପାଦକ ସଞ୍ଜୀବ କୁମାର ଶତପଥୀ, ସହସମ୍ପାଦକ ଡମ୍ବରୁଧର ସାହୁ, କୋଷାଧ୍ୟକ୍ଷ ଧୀରେନ କୁମାର ବେହେରା, ସହକୋଷାଧ୍ୟକ୍ଷ ଆଶିଷ କୁମାର ଜୟସ୍ୱାଲ ଓ ପୂଜା ସମ୍ପାଦକ ଭାବେ ଶଙ୍କର ପ୍ରସାଦ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

# ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘର ସମ୍ବର୍ଦ୍ଧନା ସଭା

ବ୍ରଜରାଜନଗର, ୬।୯ (ବିଜୟ ବରାଡ଼)

ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘର ସଦସ୍ୟ ରିଷଭ କୁମାର ଖାରେଙ୍କୁ ଅଖିଳ ଭାରତୀୟ ଖାଦାନ ମଜଦୁର ସଂଘ ପକ୍ଷରୁ ମହାନଦୀ କୋଲ୍‌ଫିଲ୍ଡ୍‌ସ ଲିମିଟେଡ୍‌ର କଲ୍ୟାଣ ସମିତି ସଦସ୍ୟ ଭାବେ ମନୋନିତ କରାଯାଇଛି। ଏହି ଅବସରରେ ବ୍ରଜରାଜନଗର ଇବ୍‌ଭ୍ୟାଲି ଜିଏମ୍ ଅଫିସସ୍ଥିତ କ୍ୟାଣ୍ଟିନଠାରେ ସଂଘର ଇବ୍‌ଭ୍ୟାଲି ଏରିଆର ଜିଏମ୍ ଅଫିସ ୟୁନିଟ୍ ଦ୍ୱାରା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଖାଦାନ ମଜଦୁର ସଂଘ ସମ୍ପାଦିକା ସୁଶ୍ରୀ ସୁସ୍ମିତା ପଟେଲ, ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ସଭାପତି ଗୋବିନ୍ଦ ସିଂ, ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ, ସାଙ୍ଗଠନିକ ସମ୍ପାଦକ ସୁଜିତ୍ ଝା ମଞ୍ଚାସୀନ ଥିଲେ। ଏହି ସଭାରେ ରିଷଭ କୁମାର ଖାରେ, ବସୁନ୍ଧରା କ୍ଷେତ୍ରରୁ ଆସିଥିବା ସନ୍ତୋଷ କାଳୋଙ୍କୁ ସମ୍ମାନୀତ କରାଯାଇଥିଲା। ରବି ରୋହିଦାସ ମଞ୍ଚ ପରିଚାଳନା କରିଥିଲେ।

# ଓପିଆଇଡି କୋର୍ଟରେ ହାଜର ହେଲେ ପୂର୍ବତନ ଇଓ

**ବେଲପାହାଡ଼ ପୌର ପରିଷଦ ଦୁର୍ନୀତି ମାମଲା**

ବେଲପାହାଡ଼, ୬।୯(ସୁବାସ ପ୍ରଧାନ)

ବେଲପାହାଡ଼ ପୌର ପରିଷଦରେ ହୋଇଥିବା ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ମଧୁସ୍ମିତା ସିଂ ଶନିବାର ଓପିଆଇଡି କୋର୍ଟରେ ହାଜର ହୋଇଛନ୍ତି। ତାଙ୍କ ଜାମିନ ଆବେଦନକୁ ଓପିଆଇଡି କୋର୍ଟ ଖାରଜ କରିଦେଇଛନ୍ତି। ଆସନ୍ତା ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅପରପକ୍ଷେ ଉକ୍ତ ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ କେସ୍ ଡାଏରୀ(ସିଡି) ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବେଲପାହାଡ଼ ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିଲା। ଏନେଇ ଜିଲାପାଳ ଓ ପୌରାଧ୍ୟକ୍ଷ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଜାରି ରହିଛି। ଏବେ ଏହି ଘଟଣାର ତଦନ୍ତ ଇଓଡବ୍ଲ୍ୟୁ କରୁଛି। ଏହି ଘଟଣାରେ ମଧୁସ୍ମିତାଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି।

# କୁଲତା ସମାଜ ବିକାଶ ମଞ୍ଚର ନୂଆଁଖାଇ ଭେଟ୍‌ଘାଟ୍

ବ୍ରଜରାଜନଗର, ୬।୯ (ବିଜୟ ବରାଡ଼)

ବ୍ରଜରାଜନଗର କୁଲତା ସମାଜ ବିକାଶ ମଞ୍ଚର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସାନଯୋବ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜ ଜାତି ମହାସଭା ସଭାପତି ସନ୍ତୋଷ ବଢ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ କ୍ଷମାନିଧି ସାହୁ ଯୋଗଦେଇଥିଲେ। ବ୍ରଜରାଜନଗର କୁଲତା ସମାଜ ସଭାପତି ନନ୍ଦକିଶୋର ପ୍ରଧାନ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା କୁଲତା ସମାଜର କାର୍ଯ୍ୟକର୍ତ୍ତା ଟିକନାଥ ବଢ଼େଇ, ଈଶ୍ୱର ବାରିକ, ଅକ୍ଷୟ କୁମାର ପ୍ରଧାନ, ଟଙ୍କଧର ସାହୁ, ସୁଶୀଲ ପ୍ରଧାନ, କ୍ଷୀରୋଦ ପ୍ରଧାନ, ଗଜାନନ ସାହୁ, ରମେଶ ଚନ୍ଦ୍ର ସା ଯୋଗଦେଇ କୁଲତା ସମାଜର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୟୁଟ୍ୟୁବ୍‌ରେ ସଂକୀର୍ତ୍ତନ ଗାଉଥିବା ଡଲି ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଡଲି ସଂକୀର୍ତ୍ତନ ଗାନ କରିଥିଲେ। କୁଲତା ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ହୃଦାନନ୍ଦ ମାଝୀ ମଞ୍ଚ ପରିଚାଳନା କରିଥିଲେ। ରଞ୍ଜିତ୍ ପ୍ରଧାନ, ସୀତାରାମ ପ୍ରଧାନ, ଉମେଶ ପ୍ରଧାନ, ଜୟରାମ ସାହୁ, ପ୍ରେମାନିଧି ପ୍ରଧାନ, ଛବିଳ ବଢ଼େଇ, ଶୈଳେନ୍ଦ୍ର ପ୍ରଧାନ, ସୁରଥ ସାହୁ, ଚନ୍ଦ୍ରମଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ମା' ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

# ଗଞ୍ଜେଇ ଜବତ, ୩ ଗିରଫ

ବ୍ରଜରାଜନଗର/ବେଲପାହାଡ଼, ୬।୯
(ବିଜୟ ବରାଡ଼/ ସୁବାସ ପ୍ରଧାନ)

ଗଞ୍ଜେଇ ବିକ୍ରି ଅଭିଯୋଗରେ ବ୍ରଜରାଜନଗର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଗୁଆଲପଡ଼ାର ସୁକେଶ ସିଂ ଏବଂ ରାମଶଙ୍କର ସିଂ। ସୁକେଶଙ୍କଠାରୁ ୨୨୫୦ ଗ୍ରାମ୍ ଗଞ୍ଜେଇ ସହ ୩୦,୩୫୦ ଟଙ୍କା ଏବଂ ରାମଶଙ୍କରଙ୍କଠାରୁ ୧୨୩୦ ଗ୍ରାମ୍ ଗଞ୍ଜେଇ ସହ ୨୦୫୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ସେହିପରି ଗଞ୍ଜେଇ ବିକ୍ରି ଅଭିଯୋଗରେ ବେଲପାହାଡ଼ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବେଲପାହାଡ଼ ଥାନା ଅଧୀନ ଲୁହୁରାପଡ଼ାର ହିମାଂଶୁ ଶେଖର ଜେନା। ତାଙ୍କ ନିକଟରୁ ୧ କେଜି ୩୩୫ ଗ୍ରାମ୍ ଗଞ୍ଜେଇ ଓ ଏକ ମୋବାଇଲ ଫୋନ୍ ଜବତ କରାଯାଇଛି। ହିମାଂଶୁ ଘରେ ଗଞ୍ଜେଇ ରଖି ବିକ୍ରି କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା।

# ବଜ୍ରପାତ: ୩୦ରୁ ଉର୍ଦ୍ଧ୍ୱ ଚେତାଶୂନ୍ୟ

ଦେବଗଡ଼,୬।୯
(ଶଶାଙ୍କ ଶେଖର ଝାଙ୍କର)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସୀମାନ୍ତ ଦେବଗଡ଼ ଜିଲା ରିଆମାଳ ବ୍ଲକ ଜରାଛାଟ ଗାଁ ଚିତ୍ରକୂଟ ପାହାଡ଼ ଶିଖରରେ ଶନିବାର ଅପରାହ୍ନରେ ଗିରିଗୋବର୍ଦ୍ଧନ ପୂଜା ଚାଲିଥିବାବେଳେ ବଜ୍ରପାତ ହେବାରୁ ୩୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚେତାଶୂନ୍ୟ ହୋଇପଡିଛନ୍ତି। ସେମାନଙ୍କୁ ଛେଣ୍ଡିପଦା, କଣିହାଁ ଓ କୋଶଳା ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ପ୍ରତିବର୍ଷ ଭଳି ଚଳିତବର୍ଷ ଶନିବାର ଚିତ୍ରକୂଟ ପାହାଡ଼ରେ ଗ୍ରାମବାସୀଙ୍କ ଦ୍ୱାରା ଗିରି ଗୋବର୍ଦ୍ଧନ ପୂଜା ଆୟୋଜିତ ହୋଇଥିଲା। ଏଥିରେ ଜରାଛାଟ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହେଲେ ଅପରାହ୍ନ ପ୍ରାୟ ୫ଟାରେ ହଠାତ୍ ବଜ୍ରପାତ ହେବାରୁ ୩୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଚେତାଶୂନ୍ୟ ହୋଇପଡିଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଛେଣ୍ଡିପଦା, କୋଶଳା ଓ କଣିହାଁ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ୨୦ରୁ ଉର୍ଦ୍ଧ୍ୱ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଜରାଛାଟ ଗ୍ରାମର ରମା ସାହୁ ନାମ୍ନୀ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜରାଛାଟ ଗ୍ରାମର ବିକ୍ରମ ସାହୁ, ଅମିତ୍ ସାହୁ , ଅକ୍ରୁର ନାୟକ ଓ ବୁଲୁ ପ୍ରଧାନଙ୍କ ସମେତ ଆହୁରି ଅନେକ ଛେଣ୍ଡିପଦା ଓ କୋଶଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ବଜ୍ରପାତର ପ୍ରଭାବିତ ସମସ୍ତ ମହିଳା, ପୁରୁଷ ବିପଦମୁକ୍ତ ଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଡିସେମ୍ବର ସୁଦ୍ଧା ସମୀକ୍ଷା କାର୍ଯ୍ୟ ଶେଷକର

## ସମବାୟ ବିଭାଗର ଜିଲାସ୍ତରୀୟ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଝାରସୁଗୁଡ଼ା, ୬।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ଅଡିଟୋରିୟମଠାରେ ସମବାୟ ବିଭାଗର ଜିଲାସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମବାୟ ବିଭାଗର ଅତିରିକ୍ତ ସମୀକ୍ଷକ ଚୈତନ୍ୟ ବେମାଲ ଯୋଗଦେଇ କହିଛନ୍ତି, ଝାରସୁଗୁଡ଼ା ଜିଲାର ବିଭିନ୍ନ ସମବାୟ ସମିତିରେ ସମୀକ୍ଷା କାର୍ଯ୍ୟ ଜାରିରହିଛି। ଏହାକୁ ଚଳିତବର୍ଷ ଡିସେମ୍ବର ଶେଷସୁଦ୍ଧା ସାରିବା ଓ ସମବାୟ ବିଭାଗକୁ ଆର୍ଥିକ ସ୍ୱଚ୍ଛଳ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଡିଆର୍‌ସିଏସ୍ ମମତାରାଣୀ କୁଜୁର, ଏଆର୍‌ସିଏସ୍ ରମେଶ ଟପ୍ପୋ, ବନମାଳୀ ନାଇକଙ୍କ ସମେତ ଜିଲାର ସମସ୍ତ ସମବାୟ ସମିତି ସମ୍ପାଦକ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

**ଶିକ୍ଷକ ବଦଳି ଦାବିରେ ବିଇଓଙ୍କୁ ଦାବିପତ୍ର**

ଭବାନୀପାଟଣା/ଜୁନାଗଡ଼,(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ମଧ୍ୟରେ ମତାନ୍ତର ଯୋଗୁ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତେଣୁ ସ୍ଥାନୀୟ ଶିକ୍ଷକଙ୍କୁ ବଦଳି କରି ନୂତନ ଶିକ୍ଷକ ନିଯୁକ୍ତ ଦେବାକୁ ଗ୍ରାମବାସୀ ଶନିବାର ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ଏକ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଗ୍ରହଣ କରି ବିଇଓ ମାଝୀ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ପଶ୍ଚିମ ଓଡ଼ିଶାର ସବୁ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବ

**ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ଆଗକୁ ସବୁ ଜିଲାରେ କ୍ୟାବିନେଟ୍ ବୈଠକ ହେବ
- ପାରାଦୀପରୁ ସମ୍ବଲପୁର ଦେଇ ରାଉରକେଲା ପର୍ଯ୍ୟନ୍ତ ହେବ ସ୍ୱତନ୍ତ୍ର ଶିଳ୍ପ କରିଡର

ସମ୍ବଲପୁର,୬।୯(ପ୍ରମୋଦ ବହିଦାର)

ପାରିବାରିକ ପ୍ରେମ ଓ ସମୃଦ୍ଧିର ପ୍ରତୀକ ହେଉଛି ନୂଆଁଖାଇ। ଏହା କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ରହିଛି ତାହା ନୁହେଁ ଏହାକୁ ସମଗ୍ର ରାଜ୍ୟବାସୀଙ୍କ ସହ ଦେଶ ବିଦେଶରେ ମଧ୍ୟ ପାଳନ କରାଯାଉଛି। ସମ୍ବଲପୁରଠାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହା କହିଛନ୍ତି। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ପ୍ରଦୀପ ପ୍ରଜ୍ୱଳନରେ ଉତ୍ସବର ଶୁଭାରମ୍ଭ ହୋଇଥିଲା।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ନୂଆଁଖାଇ ଏକ କୃଷିଭିତ୍ତିକ ଗଣପର୍ବ ଓ ନୂଆଁଖାଇ ଜୁହାର ଏ ଅଞ୍ଚଳର ଏକ ସମୃଦ୍ଧ ପରମ୍ପରା। ଏହାସହିତ ନୂଆଁଖାଇ ଆମକୁ ଚାଷୀଙ୍କ ପ୍ରତି କୃତଜ୍ଞ କରିଥାଏ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ନୂଆଁଖାଇ ଉତ୍ସବ ଚାଷୀଙ୍କ ପରିଶ୍ରମର ଫଳ ସ୍ୱରୂପ। ତେଣୁ ରାଜ୍ୟ ସରକାର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ପ୍ରତିବଦ୍ଧ। ଏହି ଉତ୍ସବ ଗୋଟିଏ ଦିନରେ ସୀମିତ ନ ରହି ବରଂ ଏକାଧିକ ଦିବସ ପର୍ଯ୍ୟନ୍ତ ଜାରି ରହୁଛି। ତେଣୁ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଚଳିତ ବର୍ଷ ନୂଆଁଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଘୋଷଣା କରିଥିଲେ। ସମ୍ବଲପୁର ହେଉଛି ବୀରଭୂମି। ତେଣୁ ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମୀ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ। କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଗତ ଏପ୍ରିଲ୍ ୨୧ରେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ପ୍ରାୟ ୧ହଜାର ୩୭୭ଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ପ୍ରାୟ ୮୮ ପ୍ରତିଶତ ତୁରନ୍ତ ସମାଧାନ କରାଯାଇଥିଲା। ତେବେ ଆଗାମୀ ଦିନରେ କେବଳ ଜନଶୁଣାଣି ନୁହେଁ, ବରଂ ଆଗକୁ କ୍ୟାବିନେଟ୍ ମିଟିଂ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଏହି ଅବସରରେ କହିଥିଲେ।

ସେ ଆହୁରି କହିଥିଲେ, ଭାଜପା ସରକାର ରାଜ୍ୟର ପ୍ରତିଟି ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି କି ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ, ଚୌଦ୍ୱାର, ଢେଙ୍କାନାଳ, ଅନୁଗୋଳ ସହିତ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାକୁ ସଂଯୋଗ କରି ଏକ ସମୃଦ୍ଧ ଶିଳ୍ପ କରିଡର କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଅପରୂପ ସୌନ୍ଦର୍ଯ୍ୟଭରା ଦେବ୍ରିଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା' ସମଲେଶ୍ୱରୀଙ୍କ ମନ୍ଦିର ଉନ୍ନତି ପୂର୍ବକ ଏହାକୁ ଏକ ବିକଶିତ ତଥା ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ବଲାଙ୍ଗୀର ଜିଲାର ହରିଶଙ୍କର ଓ ବରଗଡ଼ ଜିଲାର ନୃସିଂହନାଥ ପୀଠକୁ ମଧ୍ୟ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ମାଝୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନରେ ଆସି ସମ୍ବଲପୁର ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରରେ ଓହ୍ଲାଇଥିଲେ। ଏଠାରେ ସେ ସିଧାସଳଖ ସ୍ଥାନୀୟ ସର୍କିଟ ହାଉସକୁ ଯାଇ କିଛି ସମୟ ରହଣି ପରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। ସେଠାରେ ୪ଟା ୫୦ରେ ମା'ସମଲେଶ୍ୱରୀଙ୍କ ଆଳତିରେ ଭାଗ ନେଇ ପୂଜାର୍ଚ୍ଚନା ସହ ମା'ଙ୍କ ଦର୍ଶନ କରି ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗ ଦେବାକୁ ବାହାରିଥିଲେ। ନୂଆଁଖାଇ ଭେଟଘାଟ ଉତ୍ସବରେ ଆୟୋଜକ କମିଟି ସଭାପତି ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଭଟ୍ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ନାଉରି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଆଗରେ କଳାପଟି ପିନ୍ଧି ପ୍ରତିବାଦ

ରାଉରକେଲା,୬।୯(ସଙ୍ଗୀତା ଜେନା): କୁଡମୀ ଜାତିକୁ ଅନୁସୂଚିତ ଜନଜାତି ତାଲିକାରୁ ବାଦ୍ ଦେବା ପ୍ରତିବାଦରେ କୁଡମୀ ସମାଜ ପକ୍ଷରୁ ରାଉରକେଲାରେ ଶନିବାର ଅପରାହ୍ନ ୪ଟାରେ କଳା ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ କୋଏଲନଗର ସେକ୍ଟର-୭/୧୭ ଛକରେ ଥିବା ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କଳାପଟି ପିନ୍ଧି ପ୍ରତିବାଦ କରିଥିଲେ। ମନୋରଞ୍ଜନ ମହନ୍ତ, ବିଷ୍ଣୁ ଚରଣ ମହନ୍ତ, କାଳୀ ଚରଣ ମହନ୍ତୋ, ଏମ୍‌କେ ମହନ୍ତୋ, ଜେଠୁ ମହନ୍ତ ପ୍ରମୁଖ ୧୯୫୦ ସେପ୍ଟେମ୍ବର ୬ ତାରିଖ କୁଡମୀ ସମାଜ ପାଇଁ କଳା ଦିବସ ବୋଲି କହିଥିଲେ। ବିଭିନ୍ନ ସମୟରେ କୁଡମୀ ଜାତିକୁ ଆଦିମ ଜନଜାତି, ଅନୁସୂଚିତ ଜନଜାତି ତାଲିକାରେ ରଖାଯାଇଥିଲା। ସେମାନଙ୍କୁ ଏହି ତାଲିକାରୁ ବାଦ୍ ଦିଆଯିବା ଯୋଗୁ ସେମାନେ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କର ସର୍ବାଙ୍ଗୀନ ବିକାଶ ବାଧାପ୍ରାପ୍ତ ହେଉଛି ବୋଲି କୁହାଯାଇଥିଲା।

# ସାର ନ ପାଇ ରାସ୍ତାକୁ ଓହ୍ଲାଇଲେ ଚାଷୀ

**ବିଶ୍ୱନାଥପୁର ଲ୍ୟାମ୍ପ୍ସରେ ସାର ଅଭାବ**

ଲାଞ୍ଜିଗଡ଼,୬।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ସାର ନ ପାଇ ଚାଷୀମାନେ ଶନିବାର କୃଷି ସମବାୟ ସମିତି କାର୍ଯ୍ୟାଳୟ ସାମ୍ନାରେ ଭିଡ ଜମାଇବା ସହ ବିଶ୍ୱନାଥପୁରଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନାନୁସାରେ ବ୍ଲକର ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତି ସାମ୍ନାରେ ୧୫ ଶହରୁ ଉର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ଶନିବାର ସକାଳ ୯ ଘଣ୍ଟା ସମୟରୁ ଆଧାର କାର୍ଡ ଧରି ଧାଡ଼ିରେ ଅପେକ୍ଷା କରିଥିଲେ। ୧୫ଶହରୁ ଉର୍ଦ୍ଧ୍ୱ ଚାଷୀ ଆସିଥିବା ବେଳେ ୩୪୦ ବସ୍ତା ୟୁରିଆ ସାର ସମିତିକୁ ଆସିଛି। ହେଲେ ଚାଷୀମାନଙ୍କ ଅପେକ୍ଷା କମ ପରିମାଣରେ ୟୁରିଆ ଥିବା କହି ସମବାୟ ସମିତିର ପରିଚାଳକ ମନା କରିବା ପରେ ଉପସ୍ଥିତ ସମସ୍ତ ଚାଷୀ ବିରକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଲାଞ୍ଜିଗଡ ଅତିରିକ୍ତ ତହସିଲଦାର ସନ୍ଦିପ ତିର୍କି ଓ ଲାଞ୍ଜିଗଡ ବ୍ଲକ ଏଓ ଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ପରେ ଚାଷୀ ରାସ୍ତାରୁ ହଟିଥିଲେ। ସୂଚନା ଅନୁଯାୟୀ ଲାଞ୍ଜିଗଡ଼ ବ୍ଲକରେ ଲାଞ୍ଜିଗଡ ରୋଡ଼, ଲାଞ୍ଜିଗଡ ଓ ବିଶ୍ୱନାଥପୁରଠାରେ ସମବାୟ ସମିତି ଥିବାବେଳେ ଲାଞ୍ଜିଗଡ ରୋଡ଼, ଲାଞ୍ଜିଗଡଠାରେ ଚାଷୀଙ୍କ ଅନୁପାତରେ ସାର ଆସି ନ ଥିବା ଯୋଗୁ ବ୍ଲକର ସମସ୍ତ ଚାଷୀ ବିଶ୍ୱନାଥପୁର ସମବାୟ ସମିତି ଉପରେ ନିର୍ଭର କରୁଥିବା ଯୋଗୁ ଏଭଳି ପରିସ୍ଥିତି ଉପୁଜିବା ଥିବା ଜଣାପଡିଛି। ପ୍ରକାଶଯୋଗ୍ୟ ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ବିଶ୍ୱନାଥପୁର ସମବାୟ ସମିତି ଅନ୍ତର୍ଗତ ଲାଞ୍ଜି, କାନକୁଟ୍ରୁ, ବେନଗାଁ, ବେଢ଼ାଗାଁ, କୁମଖାଲ, ବିଶ୍ୱନାଥପୁର, ଚମ୍ପାଦେଇପୁର, ପୋଖରୀ ବନ୍ଧ, ଲାଖବାହାଲୀ, ବନ୍ଧପାରି ପଞ୍ଚାୟତର ଚାଷୀ ତାଲିକା ଥିବାବେଳେ ଲାଞ୍ଜିଗଡ ଓ ଲାଞ୍ଜିଗଡ ରୋଡ଼ ଲ୍ୟାମ୍ପ୍ସରେ ଏଥିପ୍ରତି କୌଣସି ଦୃଷ୍ଟି ନାହିଁ। ଏ ନେଇ କୃଷି ସମବାୟ ସମିତି ପରିଚାଳକ ଲିଙ୍ଗରାଜ ସାହୁଙ୍କୁ ପଚାରିବାରୁ ଆମ ପାଖକୁ ୩୪୦ ବସ୍ତା ୟୁରିଆ ସାର ଆସିଥିବା ବେଳେ ୧୫ଶହରୁ ଉର୍ଦ୍ଧ୍ୱ ଚାଷୀ ଆସିଥିଲେ। ତେଣୁ ସେମାନଙ୍କୁ ଯେତିକି ଅଛି ନେଇଥାନ୍ତୁ ପୁଣି ଆସିଲେ ଅନ୍ୟମାନେ ନେବେ ବୋଲି କହିବାରୁ କେହି ରାଜି ହେଲେନାହିଁ। ତେଣୁ ସମ୍ପୂର୍ଣ୍ଣ ସାର ଆସିଲେ ସମସ୍ତଙ୍କୁ ଏକସଙ୍ଗେ ଦିଆଯିବ ବୋଲି ପ୍ରକାଶ କରିଥିଲେ।



ରାସ୍ତା ଅବରୋଧ କରିଥିବା ଚାଷୀମାନେ।

## ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ, ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ପର୍ଯ୍ୟାୟକ୍ରମେ ୮ ଗୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି। ପିଏମଶ୍ରୀ ସ୍କୁଲଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ସୃଷ୍ଟି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ। ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନା ଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ।

ସା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର
ସା./- ଜିଲ୍ଲାପାଳ ତଥା ଅଧକ୍ଷ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

## OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

**INVITATION FOR BIDS (IFB)**
E-mail : pwdoff_khd@yahoo.com

**Tender Call Notice**
**Bid Identification No. S.E.-KHD-(R&B)-19/2025-26**
**Letter No. 5146 dtd. 02.09.2025**

**No.B-481** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids** in **Single Cover System** from **valid MV/HT Electrical Contractors** license issued **by the E.L.B.O. license in conformity with DTCN** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **E.I Work**. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : **Electrical Work**
2. No. of Work : 3 Nos
3. Tender Cost : Rs. 4000.00 (Online)
4. Class of Contractor : Sl. No. 1-HT license
   : Sl. No 2-MV/HT license
   : Sl. No 3 Original Equipment Manufacturer (OEM) / Registered firm having experience in similar nature of work having valid Electrical license from ELBO or MOU with Electrical Contractor having valid electrical license from ELBO
5. Available of Bid documents in the website : From Dt.08.09.2025 at 11.00 A.M. to Dt.17.09.2025 at 5.00 P.M.
6. Date of opening of Bids : Dt.18.09.2025 at 11.30 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
Khordha (R&B) Division, Khordha
OIPR-34095/11/0037/2526

## OFFICE OF THE PRINCIPAL/SECRETARY MLA WOMEN'S HIGHER SECONDARY SCHOOL

KANTABANJI, DIST. - BALANGIR, PIN - 767039
Letter. No.2440/25 Date : 06.09.2025

**WALK-IN-INTERVIEW**

A Walk-In-Interview for the post of Lect.-In-Logic (Guest faculty) will be held on dt.16.09.2025 at 10.30 am at MLA Women's Higher Secondary School, Kantabanji. Candidates having Master Degree in concerned subject with at least 55% marks in PG level may appear the interview with all original mark sheet from HSC to PG level. No TA/DA will be paid for attending the interview.

Sd./- Principal-In-Charge-Cum-Secretary
MLA Women's Higher Secondary School, Kantabanji

## GOVERNMENT OF ODISHA — OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA

No.C-1003
Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com
**National Competitive Bidding Through e-Procurement**
**Identification No. ACEPH-BHPT-23 of 2025-26/Dt.02.09.2025**

**e-Procurement Notice**

01. Name of the Work : 1no Work
02. Type of Bid : Single Bid System
03. Estimated Cost : Rs.15.58 Lakh
04. Period of Completion : 03 (Three) Calendar Months
05. Date & Time of availability of bid document in the portal : From 11.00 AM of dt. 09.09.2025 to 5.00 PM of 18.09.2025
06. Last date / time of receipt of bids in the portal : 5.00 PM of 18.09.2025
07. Date & Time of opening of technical bids : At 11.30 AM of 19.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer,
P.H. Division, Bhawanipatna
OIPR-13059/11/0038/2526



ଗୁରୁଦିବସରେ ସହକାରୀ ପ୍ରଫେସର ବର୍ଣ୍ଣବୋଧ ପୁସ୍ତକ ବାଣ୍ଟୁଛନ୍ତି।

# ଗୁରୁଦିବସରେ ବର୍ଣ୍ଣବୋଧ ପୁସ୍ତକ ବାଣ୍ଟିଲେ ସହକାରୀ ପ୍ରଫେସର

ସୁନ୍ଦରଗଡ,୬।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡ. ନୂତନ ଖମାରୀ ଗୁରୁଦିବସରେ ଲେଫ୍ରିପଡା ବ୍ଲକ ଉପାନ୍ତ ବାତୁନ ଝରିଆ ଗ୍ରାମରେ ପିଲାଙ୍କ ମଧ୍ୟରେ ଛବିଳ ମଧୁବର୍ଣ୍ଣ ବୋଧ ପୁସ୍ତକ ବାଣ୍ଟିଛନ୍ତି। ସୁନ୍ଦରଗଡ ଜିଲା ସଦର ମହକୁମା ଠାରୁ ୪୩ କିଲୋମିଟର ଦୂରବର୍ତ୍ତୀ ବଣପାହାଡ ଘେରା ଏହି ବାତୁନ ଝରିଆ ଗ୍ରାମରେ ପହଞ୍ଚି ସହକାରୀ ପ୍ରଫେସର ପ୍ରଧାନ କୁନି କୁନି ପିଲା ଓ ସେମାନଙ୍କ ଅଭିଭାବକମାନଙ୍କୁ ୪୦ରୁ ଉର୍ଦ୍ଧ୍ୱ ମଧୁବର୍ଣ୍ଣ ବୋଧ, ଖାତା, କଲମ ଓ ଚକୋଲେଟ ପ୍ରଦାନ କରିଥିଲେ। ପିଲାଙ୍କୁ ନିୟମିତ ସ୍କୁଲକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ଶୁଦ୍ଧ ଲିଖନ ଓ କଥୋପକଥନ ପାଇଁ ବର୍ଣ୍ଣବୋଧ ପୁସ୍ତକ ଅଧ୍ୟୟନର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝାଇଥିଲେ। ଓଡ଼ିଆ ବିଭାଗର ଛାତ୍ର ପୂର୍ଣ୍ଣଚନ୍ଦ୍ର ଭୋଇ ଓ ଆଶିଷ ଭୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## GOVERNMENT OF ODISHA — OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH

E-mail : eemisundargarh@yahoo.co.in

**'e' Procurement Notice**
**Bid Reference No. SE MID SNG 04/2025-26**

**No.A-588** : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction work |
| 2 | No. of Works | : | 05 (Five) Nos. |
| 3 | Estimated cost | : | Varies from Rs.5.03 lakh to Rs.5.48 lakh (Approximately) |
| 4 | Period of completion | : | 02 (Two) Calendar months |
| 5 | Date and Time of availability of bid documents in the portal | : | From **dt.09.09.2025** at 10.00 AM to **dt.18.09.2025** up to 5.30 PM |
| 6 | Last date / time of receipt of bids in the portal | : | **Dt.18.09.2025** up to 5.30 PM |
| 7 | Date of opening of Bid | : | **Dt.19.09.2025** at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
M.I.Division, Sundargarh
OIPR-32124/11/0032/2526

## Government of Odisha "e" Procurement Notice

No.O-689
**Bid Identification No : Online - 07- OF 2025-26**
E-Mail ID : rwd.padampur@yahoo.co.in, Ph. No. - 9437255440

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of contractor : "D" "C" & "B" Class
4. Date & Time of availability of bid document in the portal : From Dt.08.09.2025 at 10.00 A.M.
5. Last date of Time for receipt of bids in the portal : Dt.17.09.2025 up to 05:00 P.M.
6. Last date if seeking clarification : Dt.16.09.2025 up to 5.00 P.M.
7. Date & Time of technical bid opening : Dt.18.09.2025 at 11.00 A.M.
8. Date & Time of technical bid opening for Double Cover bids : To be intimated later on
9. Name and address of the Officer Inviting Bid : Executive Engineer, R.W. Division, Padampur, At/Po - Padampur, Dist. - Bargarh, Pin - 768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer,
Rural Works Division, Padampur
OIPR-25069/11/0034/2526

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ରାଉରକେଲା,୬।୯ (ସଙ୍ଗୀତା ଜେନା)

୨୦୧୯ ମେ ମାସରେ ଛେଣ୍ଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଫାଷ୍ଟ ଟ୍ରାକ୍ (ପୋକ୍‌ସୋ) କୋର୍ଟ ରାଉରକେଲା ବିଚାରପତି ପି. ସୁରିୟା ରାଓ ଶନିବାର ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତ ଆକାଶ କିସ୍ପୋଟା(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୩ ଲକ୍ଷ ଟଙ୍କା ଜରିମନା ପାଇଁ ଆଦେଶ ଦେଇଛନ୍ତି। ଜରିମନା ଅନାଦାୟ କ୍ଷେତ୍ରରେ ଅଧିକ ୨ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୧୬ଜଣ ସାକ୍ଷ୍ୟଙ୍କ ବୟାନ ଏବଂ ୧୦ଟି ଦସ୍ତାବିଜକୁ ବିଚାର କରି ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିଥିବା ପ୍ରମାଣିତ ହେବା ପରେ ବିଚାରପତି ଉକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ଏହାସହିତ ସରକାର ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ମଧ୍ୟ ଆଦେଶରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ମାମଲା ପରିଚାଳନା କରୁଥିଲେ।

## Government of Odisha — Office of the Chief Construction Engineer, Rural Works Circle, Sambalpur

E-mail Id : serwcirclesbp@yahoo.com
**Bid Identification No. Building tender Online RWCSBP-13/2025-26 No. : 2469 Dated : 01.09.2025**

**No.O-693** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) nos of Building Works for the year 2025-26.

1. Name of work : Building works for the year 2025-26
2. No. of work : 01 (One) nos of Building works Details as per DTCN.
3. Estimated cost : Approximately Rs.478.20 lakhs
4. Class of Contractor : 'A' Class
5. Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6. Mode of submission of tender : Tender should be submitted only On line in website **www.tendersorissa.gov.in**. (https//tendersodisha.gov.in)
7. EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-13/2025-26 | **08.09.2025 at 11.00 A.M.** | **22.09.2025 Up to 05.00 P.M.** | **19.09.2025 Up to 5.00 P.M.** | **23.09.2025 at 11.00 A.M.** | To be intimated later |

- Further details can be seen from the e-procurement portal **www.tendersorissa.gov.in.** (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
Rural Works Circle, Sambalpur
OIPR-25091/11/0077/2526

## OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR

E-Mail : eebbsrrwss@gmail.com

**QUOTATION CALL NOTICE NO. 18 OF 2025-26**

**No.O-711** : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use of Additional Chief Engineer, RWS&S Circle, Bhubaneswar on monthly rent basis **as per the following details**.

| Sl. No. | Nature of work | Hiring of vehicle for Office use of Additional Chief Engineer, RWS&S Circle, Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From **dt.08.09.2025 (11.00 A.M.) to dt.17.09.2025 (1.00 P.M.)** |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | **Dt.17.09.2025 (4.00 P.M.)** |
| 7 | Date & Time of opening of bids | On **dt.18.09.2025 (11.00 A.M.)** in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer,
RWS&S Division, Bhubaneswar
OIPR-25011/11/0033/2526

# ସମ୍ବଲପୁରରେ ବିଦେଶୀ ଫୁଲ 'ୟୁଷ୍ଟୋମା'

## ଫୁଲଚାଷରେ ଆଉପାଦେ

### ସାରା ବିଶ୍ୱରେ ରହିଛି ଏହି ଫୁଲର ଚାହିଦା

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଫୁଟିଲା ଉତ୍ତର ଆମେରିକୀୟ ଫୁଲ ୟୁଷ୍ଟୋମା। ଦେଶ ବିଦେଶରେ ଏହି ଫୁଲର ବେଶ ଚାହିଦା ରହିଛି। ଏହି ଫୁଲ ଅଧିକ ଦିନ ଧରି ତାଜା ରହିବା ସହିତ ବେଶ ଆକର୍ଷଣୀୟ। ରାଜ୍ୟରେ ପ୍ରଥମଥର ପାଇଁ କୁହାଯାଉଥିବା ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ସନାତନପାଲିରେ ଏହି ଫୁଲ ଫୁଟିବା ପରେ ଚାଷୀଙ୍କ ମନରେ ଉତ୍ସାହ ଦେଖାଦେଇଛି। ଅନ୍ତର୍ଜାତୀୟ ଫୁଲ ବଜାରରେ ଚାହିଦା ଥିବା ଏହି ଫୁଲ ଫୁଟିବା ପରେ ସମ୍ବଲପୁର ଜିଲ୍ଲା ଫୁଲଚାଷରେ ଆଉପାଦେ ଆଗକୁ ବଢ଼ିଛି। ଗତ ଏପ୍ରିଲ ମାସରେ ସିଏସ୍ଆଇଆରର ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ର ସହାୟତାରେ ସବୁଜ ସନାତନପାଲି ଏଫପିଓକୁ ୟୁଷ୍ଟୋମା ଫୁଲର ୨ ହଜାର ଚାରା ପ୍ରଦାନ କରାଯିବା ପରେ ପରୀକ୍ଷାମୂଳକ ଭାବେ ଏହି ଚାଷ ଆରମ୍ଭ ହୋଇଥିଲା। ଏହି ଚାଷ କରିବାକୁ ୨୫ ବର୍ଷୀୟ ଯୁବଚାଷୀ ଇଶିଷ ପ୍ରଧାନଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ଫୁଲଚାଷ ପାଇଁ ମାଗଣାରେ ଏକ ପଲିହାଉସର ବ୍ୟବସ୍ଥା କରାଯାଇଥିଲା। ଗତ ଏପ୍ରିଲ ୧୪ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଚାରା ରୋପଣର ଶୁଭାରମ୍ଭ କରିଥିଲେ। ଏହା ପରେ ଯୁବଚାଷୀ ପ୍ରଧାନ ନିଜ ପରିଶ୍ରମରେ ବିପରୀତ ପରିବେଶରେ ଏହି ଉତ୍ତର ଆମେରିକୀୟ ଫୁଲ ସମ୍ବଲପୁର ମାଟିରେ ଫୁଟେଇଛନ୍ତି। ଇଶିଷ ଗ୍ରାଜୁଏସନ ପାସ୍ କରି ଯାଜପୁରରେ ଏକ ଷ୍ଟିଲ ପ୍ଲାଣ୍ଟରେ କାମ କରୁଥିଲେ। ୨ ବର୍ଷ ହେବ ଚାକିରି ଛାଡ଼ି ସେ ଫୁଲ ଚାଷରେ ମନୋନିବେଶ କରିଛନ୍ତି। ଏଥିପାଇଁ ତାଙ୍କୁ ପରୀକ୍ଷାମୂଳକ ଭାବେ ଏହି ଚାଷ କରିବାକୁ ଦିଆଯାଇଥିଲା। ଏହି ଫୁଲ ଅପେକ୍ଷାକୃତ ଥଣ୍ଡା ଜଳବାୟୁରେ ହେଉଥିବାରୁ ପଲିହାଉସରେ ହିଁ ଏହି ଫଳଚାଷ ସମ୍ଭବ ହୋଇପାରିଛି। ଏହି ଫୁଲ ଧଳା, ବାଇଗଣି, ଧଳା-ଗୋଲାପି ପରି ୪ରୁ ୫ ପ୍ରକାରର ରହିଛି। ଏହି ଫୁଲ ଦେଖିବାକୁ ଖୁବ ସୁନ୍ଦର ହୋଇଥିବା ବେଳେ ହଠାତ ଜଣେ ଏହାକୁ ଦେଖିଲେ ଗୋଲାପ ଭଳି ମନେ ହୁଏ। ତେଣୁ ବିଦେଶରେ ଏହାର ବହୁତ ଚାହିଦା ରହିଛି। ଏହି ଫୁଲ ତୋଡ଼ାର ଦର ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଗୋଟିଏ ଲାଇଭ ପ୍ଲାଣ୍ଟର ମୂଲ୍ୟ ୨୦୦ରୁ ୩୦୦ ଟଙ୍କା। ଏହି ଫୁଲ ଫୁଟିବାକୁ ଦିନରେ ୨୧ରୁ ୨୪ ଡିଗ୍ରୀ ଓ ରାତିରେ ୧୬ ରୁ ୧୮ ଡିଗ୍ରୀ ସେଲସିୟସ ତାପମାତ୍ରା ଆବଶ୍ୟକ କରୁଥିବା ବିଶେଷଜ୍ଞ କହିଛନ୍ତି। ୟୁଷ୍ଟୋମା ଚାଷରେ ପ୍ରମୁଖ ଭୂମିକା ନେଇଥିବା ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ କହିଛନ୍ତି, ଏହି ଫୁଲ ଚାଷ ଭଲ ଭାବେ ସଫଳ ହେଲେ ଆଗକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଯୁମୁରା ବ୍ଲକରେ ଏମିତି ଆହୁରି ୭ଟି ଉଦ୍ୟାନ କୃଷି ପଲି ହାଉସ ଜରିଆରେ ଚାଷ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଧ୍ୟ ଆଗାମୀ ଦିନରେ ଏହି ଭଳି ଫୁଲ ଚାଷକୁ ପ୍ରୋତ୍ସାହନ ଦିଆଯାଇ ବଡ଼ ଆକାରରେ କରାଯିବା ବ୍ୟବସ୍ଥା କରାଯିବା ନେଇ ମତ ଦେଇଛନ୍ତି।



ସମ୍ବଲପୁର ସନାତନପାଲିରେ ଫୁଟିଥିବା ଉତ୍ତର ଆମେରିକୀୟ ୟୁଷ୍ଟୋମା ଫୁଲ।

# କାର୍ଯ୍ୟକ୍ଷମ ହେଉନି ପୂର୍ତ୍ତ ବିଭାଗ ଡାକବଙ୍ଗଳା

### ଅବସ୍ଥା ଦେଖି ବିରକ୍ତି ପ୍ରକାଶ କଲେ ବିଧାୟକ

ନାକଟିଦେଉଳ,୬।୯(ବୈକୁଣ୍ଠନାଥ ସାହୁ)

ନିର୍ମାଣର ୪ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ଥିବା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଡାକ ବଙ୍ଗଳା ନିର୍ମିତ ହୋଇଛି। ନିର୍ମାଣର ୪ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ବର୍ତ୍ତମାନ ଏହା ଭୂତକୋଠୀରେ ପରିଣତ ହୋଇଛି। ଡାକ ବଙ୍ଗଳା ପରିସର ବର୍ତ୍ତମାନ ଗଛ ଲତାରେ ପରିପୂର୍ଣ୍ଣ ହେବା ସହ ଗୋରୁ ଏବଂ ସରୀସୃପଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଛି।

ଶୁକ୍ରବାର ରେଢ଼ାଖୋଲ ବିଧାୟକ ତଥା ବିଧାନ ସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଆସିଥିବାବେଳେ ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ଉକ୍ତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଡାକ ବଙ୍ଗଳା ଅବସ୍ଥା ଦେଖି ବିଧାୟକ ବିରକ୍ତି ପ୍ରକାଶ କରିଥିଲେ। ଏହାକୁ କିପରି ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ସେ ନେଇ ବିଧାୟକ ଆଚାର୍ଯ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ, ସଚିବ, ପୂର୍ତ୍ତ ବିଭାଗ ସମ୍ବଲପୁର ଜୋନାଲ ମୁଖ୍ୟ ସମେତ ଜିଲାପାଳଙ୍କ ସହିତ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ବିଧାୟକଙ୍କ ସହିତ ବ୍ଲକ ଯୁବ ବିଜେଡି ସଭାପତି ଧ୍ରୁବେନ ସାହୁ, ବିଭୂତି ଭୂଷଣ ପ୍ରଧାନ, ପିଣ୍ଟୁ ଧଳ, ବିଜେଡି ନେତା ଅରୁଣ କୁମାର ପ୍ରଧାନଙ୍କ ସମେତ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ।



ଡାକବଙ୍ଗଳା ପରିଦର୍ଶନ ଅବସରରେ ଅନ୍ୟମାନଙ୍କ ସହ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ।

# ଜଳ ସଂରକ୍ଷଣ ପାଇଁ ଆଦର୍ଶକୁ ଜଳସେବକ ସମ୍ମାନ



ଆଦର୍ଶ ଅନୁଷ୍ଠାନକୁ ମିଳିଥିବା ଜଳସେବକ ସମ୍ମାନ ସ୍ୱରୂପ ଚେକ୍।

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)

ପ୍ରାକୃତିକ ଜଳସ୍ରୋତର ଦିଗ ପରିବର୍ତ୍ତନ କରି ସମ୍ବଲପୁର ଜିଲାର ପଛୁଆ ଓ ଅଗମ୍ୟ ଅଞ୍ଚଳରେ ଥିବା ୬ଟି ଗାଁକୁ ଜଳସେଚନ ସୁବିଧା କରିଥିବା ଆଦର୍ଶ ଅନୁଷ୍ଠାନକୁ ଜାତୀୟସ୍ତରରେ ଜଳସେବକ ସମ୍ମାନ ମିଳିଛି। ଶନିବାର ଆଦର୍ଶ ଅନୁଷ୍ଠାନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କୋଲକାତାର ଏକ ହୋଟେଲରେ ଗତ ୩୧ ତାରିଖ ଜାତୀୟସ୍ତରରେ ଜଳ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଥିବା ଇସିଏଲ ସଂସ୍ଥା ପକ୍ଷରୁ ଆୟୋଜିତ ସମାରୋହରେ ବିହାରର ଅପନା ଆଁଚଲ' ଅନୁଷ୍ଠାନ ପ୍ରଥମ ପୁରସ୍କାର ପାଇଥିବା ବେଳେ ସମ୍ବଲପୁରର ଆଦର୍ଶ ଅନୁଷ୍ଠାନ ଦ୍ୱିତୀୟ ପୁରସ୍କାର ସହ ଦେଢ଼ଲକ୍ଷ ଆର୍ଥିକ ଅନୁଦାନ ହାସଲ କରିଛି। ଏହି ପୁରସ୍କାର ସକାଶେ ୬୪ଟି ଅନୁଷ୍ଠାନର ଜଳସଂରକ୍ଷଣ କାର୍ଯ୍ୟକ୍ରମ ଅନୁଧ୍ୟାନ କରାଯାଇଥିବା ବେଳେ ସୃଜନଶୀଳ ପଦକ୍ଷେପ ନେଇଥିବା ଦୁଇ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥବା ଆଦର୍ଶର ସମ୍ପାଦକ ପ୍ରଦୀପ ବେହେରା କହିଛନ୍ତି। ଯୁଯୁମୁରା, ନାକଟିଦେଉଳ ଓ ରେଢ଼ାଖୋଲ ବ୍ଲକର ୬ଟି ଗାଁରେ ଏଭଳି ଜଳସଂରକ୍ଷଣ, ଜଳର ଦିଗ ପରିବର୍ତ୍ତନ କରି ଜଳସେଚନ ଓ ପାନୀୟ ଜଳ ଯୋଗାଣ ପଦକ୍ଷେପ ଯୋଗୁ ଏହି ପୁରସ୍କାର ମିଳିଛି। ଗ୍ରାମବାସୀଙ୍କ ସହାୟତାରେ ପାହାଡ଼ରୁ ବାହାରିଥିବା ପ୍ରାକୃତିକ ସ୍ରୋତକୁ ଅଟକାଇ ତଳମୁଣ୍ଡରେ ଥିବା ଗାଁକୁ ଜଳଯୋଗାଣ କରାଯାଇଛି। ଗ୍ରାମବାସୀ ନିଜେ ଶ୍ରମଦାନ କରି ଏହି ପ୍ରକଳ୍ପ କରୁଥିବା ବେଳେ ସଂସ୍ଥା ପକ୍ଷରୁ ପାଇପ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି।

# ଯୁବପିଢ଼ୀ ନୀତି, ନୈତିକତା ଫେରାଇ ଆଣିବା ଦାୟିତ୍ୱ ନିଅନ୍ତୁ



ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ବନମାଳୀ ବାବୁ ବକ୍ତୃତାମାଳାରେ ଅତିଥି ଓ ବକ୍ତାମାନେ।

### ବନମାଳୀ ବାବୁ ସ୍ମାରକୀ ବକ୍ତୃତାମାଳା

ସମ୍ବଲପୁର, ୬।୯(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ବନମାଳୀ ବାବୁ ବକ୍ତୃତାମାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଆଦିତ୍ୟପ୍ରସାଦ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ରାଜସ୍ୱ ଓ ପରିଚାଳନା ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବନମାଳୀ ବାବୁ ନୀତି ଓ ନୈତିକତାର ମୂଲ୍ୟବୋଧ ଆଧାରିତ ରାଜନୀତିକୁ ପ୍ରତିନିଧିତ୍ୱ କରୁଥିଲେ। ସମାଜର ସେବା ମନୋଭାବ ଗୁଣୀ ଜ୍ଞାନୀ ଲୋକେ ରାଜନୀତିକୁ ଆସୁଥିଲେ। ବର୍ତ୍ତମାନ ତାହା ଅପସରି ଯାଉଛି। ହେଲେ ବର୍ତ୍ତମାନର ପିଢ଼ୀ ନୀତି, ନୈତିକତା, ସଦାଚାର, ସାଧୁତା ଆଧାରିତ ସମୃଦ୍ଧ ଅତୀତକୁ ଫେରାଇ ଆଣିବା ପାଇଁ ଦାୟିତ୍ୱ ନିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ବର୍ତ୍ତମାନର ସରକାର ଲୋକଙ୍କ ସରକାର ଏବଂ ଲୋକଙ୍କ ମତକୁ ଏଥିରେ ସମ୍ମାନ ଦିଆଯାଉଛି। ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଜରିଆରେ ଲୋକଙ୍କ ପାଖରେ ରାଜସ୍ୱ ଭଳି ସେବା ପହଞ୍ଚାଇବା ଆରମ୍ଭ କରିଛି। ଇତି ମଧ୍ୟରେ ୨୩ହଜାର ସ୍କୁଲ କଲେଜକୁ ଜମି ପଟ୍ଟା ହସ୍ତାନ୍ତର କରାଯାଇଛି। ଭିମସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜିଏମୟୁ ଭଳି ଉଚ୍ଚଶିକ୍ଷାନୁଷ୍ଠାନଗୁଡିକର ଉନ୍ନୟନ ଓ ଜମି ସମସ୍ୟାର ସମାଧାନ ଉଦ୍ୟମ କରାଯାଉଛି। ହାଇକୋର୍ଟ ବେଞ୍ଚ ଓ ଡବ୍ଲ୍ୟୁଡିସି ମୁଖ୍ୟାଳୟ ନେଇ ମଧ୍ୟ ସର୍ବସମ୍ମତ ଭାବରେ ଦାୟିତ୍ୱ ଦେଲେ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେବେ । ବନମାଳୀ ବାବୁ ତାଙ୍କ ଯୋଗ୍ୟତା ଅନୁସାରେ ଇତିହାସରେ ସ୍ଥାନ ପାଇ ନାହାନ୍ତି । ସାହିତ୍ୟ, ରାଜନୀତି, ଶିକ୍ଷା ଭଳି କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭାଙ୍କୁ ବିଶ୍ୱଦରବାରରେ ଉପସ୍ଥାପିତ କରାଯାଇ ପାରିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ । ଏହି ଅବସରରେ ସେ ଲାଇବ୍ରେରୀର ପଠନ ଏବଂ ଅଧ୍ୟୟନ ହଲକୁ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଏନଆଇଆର୍‌ଏଫ୍‌ରେ ଉତ୍କର୍ଷତା ହାସଲ କରିଥିବା ଆଇଆଇଏମ୍ ସମ୍ବଲପୁରକୁ ସମ୍ମାନିତ କରିଥିଲେ । ଉଭୟ ସଂସ୍ଥାନ ପକ୍ଷରୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଏବଂ ପ୍ରଫେସର ଦିପ୍ତୀରଞ୍ଜନ ମହାପାତ୍ର ସମ୍ମାନ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା କହିଥିଲେ ଶିକ୍ଷାର ପ୍ରସାର, ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ମହାବିଦ୍ୟାଳୟ ସହିତ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା କରି ବନମାଳୀ ବାବୁ ସ୍ମରଣୀୟ ହୋଇ ରହିଛନ୍ତି । ଅନୁଷ୍ଠାନର ସଭ୍ୟ ସଚିବ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ଇଓ ମଧୁସ୍ମିତାଙ୍କ ଜାମିନ ଆବେଦନ ୧୫କୁ ଘୁଞ୍ଚିଲା

ସମ୍ବଲପୁର,୬।୯(ପ୍ରମୋଦ ବହିଦାର)

ବେଲପାହାଡ଼ ପୌରପାଳିକାର ପୂର୍ବତନ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ଜାମିନ ଆବେଦନର ଶୁଣାଣି ଆସନ୍ତା ୧୫ତାରିଖରେ ଧାର୍ଯ୍ୟ ହୋଇଛି। ବେଲପାହାଡ଼ ପୌର ପରିଷଦରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସମୟରେ ପ୍ରାୟ ୪କୋଟି ଟଙ୍କାର ସରକାରୀ ପାଣ୍ଠି କେଲେଙ୍କାରୀ ଘଟଣାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ତାଙ୍କୁ ସମ୍ବଲପୁର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଏଠାରେ ତାଙ୍କର ଜାମିନ ଆବେଦନର ପରେ ରାୟକୁ ସ୍ଥଗିତ ରଖି ବିଚାରପତି ଶୁଣାଣି ପାଇଁ ସେପ୍ଟେମ୍ବର ୬ ତାରିଖକୁ ଧାର୍ଯ୍ୟ କରିଥିଲେ। ମାତ୍ର ଶନିବାର ମଧ୍ୟ ଏହାର ଶୁଣାଣି କରା ନ ଯାଇ ଆସନ୍ତା ୧୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ତେବେ ଓପିଆଇଡି କୋର୍ଟ ଜାମିନ ଆବଦନର ବିଚାର ପାଇଁ ଏହି ମାମଲାର ସଦ୍ୟ ସିଡି ମାଗିଛନ୍ତି। ସିଡି ହସ୍ତଗତ ହେଲା ପରେ ଏହାର ତର୍ଜମା ପୂର୍ବକ ଜାମିନ ଆବଦନର ଶୁଣାଣି କରାଯିବ।ସୂଚନାଯୋଗ୍ୟ ଯେ, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମଧୁସ୍ମିତା ସିଂହ ୪ ଅକ୍ଟୋବର ୨୦୨୩ ରୁ ୩୧ ମେ ୨୦୨୫ ପର୍ଯ୍ୟନ୍ତ ଝାରସୁଗୁଡା ଜିଲା ବେଲପାହାଡ଼ ପୌର ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଏହି ସମୟ ମଧ୍ୟରେ ସେ ପୌର ପରିଷଦର ସରକାରୀ ପାଣ୍ଠି ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏଠାରେ ସେ ମୟୁରଭଞ୍ଜ ଜିଲା ଜାମୁଦା ତହସିଲଦାର ଭାବେ ବଦଳି ଗଲା ପରେ ଏହା ଜଣାପଡ଼ିଥିଲା। ଏନେଇ ହେଇଥିବା ଅଭିଯୋଗକୁ ଗମ୍ଭିରତାର ସହିତ ନେଇ ସରକାର ଏହାତ ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହର ତଦନ୍ତ ଭାର ଏହାର ଅର୍ଥନୈତିକ ଶାଖାଉପରେ ନ୍ୟସ୍ତ ହୋଇଥିଲା। ଫଳରେ ଗତ ଅଗଷ୍ଟ ୨୭ରେ ତାଙ୍କୁ ତହସିଲଦାର ପଦବୀରୁ ରାଜସ୍ୱ ବିଭାଗ ନିଲମ୍ବନ କରିବା ପରେ ୩୦ରେ ତାଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।


## ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢ଼ାଇବା ପାଇଁ ଏବଂ କଳା, ସାହିତ୍ୟ, ବିଜ୍ଞାନରେ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ପର୍ଯ୍ୟାୟକ୍ରମେ ୮ ଗୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି। ପିଏମଶ୍ରୀ ସ୍କୁଲଗୁଡିକ ଉଦାହରଣ ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲଗୁଡ଼ିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ବୃଦ୍ଧି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢ଼ା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ। ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନା ଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ।

ସା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର
ସା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

## OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

INVITATION FOR BIDS (IFB)
E-mail : pwdoff_khd@yahoo.com

Tender Call Notice
Bid Identification No. S.E.-KHD-(R&B)-19/2025-26
Letter No. 5146 dtd. 02.09.2025

No.B-481 : The Superintending Engineer, Khordha (R&B) Division, Khordha on behalf of Governor of Odisha invites Percentage Rate bids in Single Cover System from valid MV/HT Electrical Contractors license issued by the E.L.B.O. license in conformity with DTCN registered with the State Governments and Contractors of equivalent Grade / Class registered with Central Government / MES / Railways for execution of the E.I Work. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : Electrical Work
2. No. of Work : 3 Nos
3. Tender Cost : Rs. 4000.00 (Online)
4. Class of Contractor : Sl. No. 1-HT license
   : Sl. No 2-MV/HT license
   : Sl. No 3 Original Equipment Manufacturer (OEM) / Registered firm having experience in similar nature of work having valid Electrical license from ELBO or MOU with Electrical Contractor having valid electrical license from ELBO
5. Available of Bid documents in the website : From Dt.08.09.2025 at 11.00 A.M. to Dt.17.09.2025 at 5.00 P.M.
6. Date of opening of Bids : Dt.18.09.2025 at 11.30 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
Khordha (R&B) Division, Khordha
OIPR-34095/11/0037/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH

E-mail : eemisundargarh@yahoo.co.in

'e' Procurement Notice
Bid Reference No. SE MID SNG 04/2025-26

No.A-588 : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction work |
| 2 | No. of Works | : | 05 (Five) Nos. |
| 3 | Estimated cost | : | Varies from Rs.5.03 lakh to Rs.5.48 lakh (Approximately) |
| 4 | Period of completion | : | 02 (Two) Calendar months |
| 5 | Date and Time of availability of bid documents in the portal | : | From dt.09.09.2025 at 10.00 AM to dt.18.09.2025 up to 5.30 PM |
| 6 | Last date / time of receipt of bids in the portal | : | Dt.18.09.2025 up to 5.30 PM |
| 7 | Date of opening of Bid | : | Dt.19.09.2025 at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
M.I.Division, Sundargarh
OIPR-32124/11/0032/2526

## Government of Odisha
## Office of the Chief Construction Engineer, Rural Works Circle, Sambalpur

E-mail Id : serwcirclesbp@yahoo.com

Bid Identification No. Building tender Online RWCSBP-13/2025-26 No. : 2469 Dated : 01.09.2025

No.O-693 : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) nos of Building Works for the year 2025-26.

1. Name of work : Building works for the year 2025-26
2. No. of work : 01 (One) nos of Building works Details as per DTCN.
3. Estimated cost : Approximately Rs.478.20 lakhs
4. Class of Contractor : 'A' Class
5. Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6. Mode of submission of tender : Tender should be submitted only On line in website www.tendersorissa.gov.in. (https//tendersodisha.gov.in)
7. EMD and mode of deposit : 1% of estimated cost of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-13/2025-26 | 08.09.2025 at 11.00 A.M. | 22.09.2025 Up to 05.00 P.M. | 19.09.2025 Up to 5.00 P.M. | 23.09.2025 at 11.00 A.M. | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
Rural Works Circle, Sambalpur
OIPR-25091/11/0077/2526

## OFFICE OF THE PRINCIPAL/SECRETARY
## MLA WOMEN'S HIGHER SECONDARY SCHOOL

KANTABANJI, DIST. - BALANGIR, PIN - 767039
Letter. No.2440/25 Date : 06.09.2025

WALK-IN-INTERVIEW

A Walk-In-Interview for the post of Lect.-In-Logic (Guest faculty) will be held on dt.16.09.2025 at 10.30 am at MLA Women's Higher Secondary School, Kantabanji. Candidates having Master Degree in concerned subject with at least 55% marks in PG level may appear the interview with all original mark sheet from HSC to PG level. No TA/DA will be paid for attending the interview.

Sd./- Principal-In-Charge-Cum-Secretary
MLA Women's Higher Secondary School, Kantabanji

## GOVERNMENT OF ODISHA
No.C-1003
## OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA

Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com

National Competitive Bidding Through e-Procurement
Identification No. ACEPH-BHPT-23 of 2025-26/Dt.02.09.2025

e-Procurement Notice

01. Name of the Work : 1no Work
02. Type of Bid : Single Bid System
03. Estimated Cost : Rs.15.58 Lakh
04. Period of Completion : 03 (Three) Calendar Months
05. Date & Time of availability of bid document in the portal : From 11.00 AM of dt. 09.09.2025 to 5.00 PM of 18.09.2025
06. Last date / time of receipt of bids in the portal : 5.00 PM of 18.09.2025
07. Date & Time of opening of technical bids : At 11.30 AM of 19.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer,
P.H. Division, Bhawanipatna
OIPR-13059/11/0038/2526

## Government of Odisha "e" Procurement Notice

Bid Identification No : Online - 07- OF 2025-26
E-Mail ID : rwd.padampur@yahoo.co.in, Ph. No. - 9437255440
No.O-689

1. Name of the work : Building works (As per Annexure-'A')
2. Amount put to Bid Excluding GST : As per Annexure - 'A'
3. Class of contractor : "D" "C" & "B" Class
4. Date & Time of availability of bid document in the portal : From Dt.08.09.2025 at 10.00 A.M.
5. Last date of Time for receipt of bids in the portal : Dt.17.09.2025 up to 05:00 P.M.
6. Last date if seeking clarification : Dt.16.09.2025 up to 5.00 P.M.
7. Date & Time of technical bid opening : Dt.18.09.2025 at 11.00 A.M.
8. Date & Time of technical bid opening for Double Cover bids : To be intimated later on
9. Name and address of the Officer Inviting Bid : Executive Engineer, R.W. Division, Padampur, At/Po - Padampur, Dist. - Bargarh, Pin - 768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer,
Rural Works Division, Padampur
OIPR-25069/11/0034/2526

## OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR

E-Mail : eebbsrrwss@gmail.com

QUOTATION CALL NOTICE NO. 18 OF 2025-26

No.O-711 : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use of Additional Chief Engineer, RWS&S Circle, Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle for Office use of Additional Chief Engineer, RWS&S Circle, Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From dt.08.09.2025 (11.00 A.M.) to dt.17.09.2025 (1.00 P.M.) |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.17.09.2025 (4.00 P.M.) |
| 7 | Date & Time of opening of bids | On dt.18.09.2025 (11.00 A.M.) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer,
RWS&S Division, Bhubaneswar
OIPR-25011/11/0033/2526

**ଶିକ୍ଷକ ବଦଳି ଦାବିରେ ଜିଲାପାଳଙ୍କୁ ଦାବିପତ୍ର**

ଭବାନୀପାଟଣା/ଜୁନାଗଡ଼,(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଲଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ମଧ୍ୟରେ ମତାନ୍ତର ଯୋଗୁ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତେଣୁ ସ୍ଥାନୀୟ ଶିକ୍ଷକଙ୍କୁ ବଦଳି କରି ନୂତନ ଶିକ୍ଷକ ନିଯୁକ୍ତ ଦେବାକୁ ଗ୍ରାମବାସୀ ଶନିବାର ଜୁନାଗଡ଼ ବିଡିଓ ତଥା ମାଧ୍ୟମରେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଗ୍ରହଣ କରି ବିଡିଓ ମାଧ୍ୟ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



# ପଶ୍ଚିମ ଓଡ଼ିଶାର ସବୁ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବ

ସମ୍ବଲପୁର,୬।୯(ପ୍ରମୋଦ ବହିଦାର)

ପାରିବାରିକ ପ୍ରେମ ଓ ସମୃଦ୍ଧିର ପ୍ରତୀକ ହେଉଛି ନୂଆଁଖାଇ। ଏହା କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ରହିଛି ତାହା ନୁହେଁ ଏହାକୁ ସମଗ୍ର ରାଜ୍ୟବାସୀଙ୍କ ସହ ଦେଶ ବିଦେଶରେ ମଧ୍ୟ ପାଳନ କରାଯାଉଛି। ସମ୍ବଲପୁରଠାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହା କହିଛନ୍ତି। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ପ୍ରଦୀପ ପ୍ରଜ୍ୱଳନରୁ ଉତ୍ସବ ଶୁଭାରମ୍ଭ ହୋଇଥିଲା।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ନୂଆଁଖାଇ ଏକ କୃଷିଭିତ୍ତିକ ଗଣପର୍ବ ଓ ନୂଆଁଖାଇ ଜୁହାର ଏ ଅଞ୍ଚଳର ଏକ ସମୃଦ୍ଧ ପରମ୍ପରା। ଏହାପୂର୍ବରୁ ନୂଆଁଖାଇ ଆମକୁ ଚାଷୀଙ୍କ ପ୍ରତି କୃତଜ୍ଞ କରାଏ। ନୂଆଁଖାଇ ଉତ୍ସବ ଚାଷୀଙ୍କ ପରିଶ୍ରମର ଫଳ ସ୍ୱରୂପ। ତେଣୁ ରାଜ୍ୟ ସରକାର ଚାଷୀଙ୍କ ଆୟ ବୃଦ୍ଧି ସୁନିଶ୍ଚିତ କରିବା ଲକ୍ଷ୍ୟରେ ପ୍ରତିବଦ୍ଧ। ଏହି ଉତ୍ସବ ଗୋଟିଏ ଦିନରେ ସୀମିତ ନ ରହି ବରଂ ଏକାଧିକ ଦିବସ ପର୍ଯ୍ୟନ୍ତ ଜାରି ରହୁଛି। ତେଣୁ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଚଳିତ ବର୍ଷ ନୂଆଁଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଘୋଷଣା କରିଥିଲେ। ସମ୍ବଲପୁର ହେଉଛି ବୀରଭୂମି। ତେଣୁ ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମୀ ପାଠ ଖଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ। କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଗତ ଏପ୍ରିଲ୍ ୨୧ରେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ପ୍ରାୟ ୧୯ହଜାର ୩୭୦ଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ପ୍ରାୟ ୮୮ ପ୍ରତିଶତ ତୁରନ୍ତ ସମାଧାନ କରାଯାଇଥିଲା। ତେବେ ଆଗାମୀ ଦିନରେ କେବଳ ଜନଶୁଣାଣି ନୁହେଁ ବରଂ ଆଗକୁ କ୍ୟାବିନେଟ୍ ମିଟିଂ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଏହି ଅବସରରେ କହିଥିଲେ।

ସେ ଆହୁରି କହିଥିଲେ, ଭାଜପା ସରକାର ରାଜ୍ୟର ପ୍ରତିଟି ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି କି ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ, ଚୌଦ୍ୱାର, ଢେଙ୍କାନାଳ, ଅନୁଗୋଳ ସହିତ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାକୁ ସଂଯୋଗ କରି ଏକ ସମୃଦ୍ଧ ଶିଳ୍ପ କରିଡର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଅପରୂପ ସୌନ୍ଦର୍ଯ୍ୟଭରା ଦେବ୍ରିଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା'ସମଲେଇଙ୍କ ମନ୍ଦିରର ଉନ୍ନତି ପୂର୍ବକ ଏହାକୁ ଏକ ବିକଶିତ ତଥା ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ବଲାଙ୍ଗିର ଜିଲାର ହରିଶଙ୍କର ଓ ବରଗଡ଼ ଜିଲାର ନୃସିଂହନାଥ ପୀଠକୁ ମଧ୍ୟ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ମାଝୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନରେ ଆସି ସମ୍ବଲପୁର ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରରେ ଓହ୍ଲାଇଥିଲେ। ଏଠାରେ ସେ ସିଧାସଳଖ ସ୍ଥାନୀୟ ସର୍କିଟ ହାଉସକୁ ଯାଇ କିଛି ସମୟ ରହଣି ପରେ ମା' ସମଲେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। ସେଠାରେ ୪ଟା ୫୦ରେ ମା'ସମଲେଶ୍ୱରୀଙ୍କ ଆଳତିରେ ଭାଗ ନେଇ ପୂଜାର୍ଚ୍ଚନା ସହ ମା'ଙ୍କ ଦର୍ଶନ କରି ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗ ଦେବାକୁ ବାହାରିଥିଲେ। ନୂଆଁଖାଇ ଭେଟଘାଟ ଉତ୍ସବରେ ଆୟୋଜକ କମିଟି ସଭାପତି ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଦେଓଗଡ଼ ବିଧାୟକ ଅଗସ୍ତି ବେହେରା, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲ, ଜିଲାପରିଷଦ ଅଧ୍ୟକ୍ଷ କୁନ୍ଦନୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ନାଉରି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ଆଗକୁ ସବୁ ଜିଲାରେ କ୍ୟାବିନେଟ୍ ବୈଠକ ହେବ
- ପାରାଦୀପରୁ ସମ୍ବଲପୁର ଦେଇ ରାଉରକେଲା ପର୍ଯ୍ୟନ୍ତ ହେବ ସ୍ୱତନ୍ତ୍ର ଶିଳ୍ପ କରିଡର

## ବିଧାୟକଙ୍କ ଗାଡ଼ିକୁ ଅଣ୍ଡା ମାଡ଼

ଗୋଲାମୁଣ୍ଡା,୬।୯(ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ବ୍ଲକ ଅଧୀନ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ଥିବା ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ବୈଠକ ସାରି ଫେରୁଥିବା ବେଳେ ଲୋକଙ୍କ ବିରୋଧର ଶିକାର ହୋଇଛନ୍ତି। ରାସ୍ତାରେ ସ୍ଥାନୀୟ ଲୋକେ କିଛି ସମସ୍ୟାକୁ ନେଇ ବିଧାୟକଙ୍କୁ ଭେଟିବାକୁ ଆସିଥିବା ବେଳେ ଉପସ୍ଥିତ ଥିବା ପୋଲିସ ସେମାନଙ୍କୁ ବାରଣ କରିଥିଲା। ଏପରି କି ବିଧାୟକ ମଧ୍ୟ ସେମାନଙ୍କୁ ଭେଟି ନ ଥିଲେ। ଏଥିରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ପ୍ରବଳ ବିରୋଧ କରିବା ସହ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ। ଅନ୍ୟପକ୍ଷରେ ବିଧାୟକ ମିଶ୍ର ନିଜ ନିର୍ବାଚନ ମଣ୍ଡଳୀକୁ ଆସିଥିବା ବେଳେ ଏତେ ସଂଖ୍ୟାରେ ପୋଲିସ ମୁତୟନ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିଲା। ବିରୋଧ କରୁଥିବା ଲୋକଙ୍କ କହିବା କଥା ବିଗତ ଦିନରେ ବିଧାୟକ ଦିବ୍ୟଶଙ୍କର ନିଜ ନିର୍ବାଚନ ମଣ୍ଡଳୀରେ ବୁଲୁଥିବା ବେଳେ ଗତ ସାଧାରଣ ନିର୍ବାଚନ ପରଠାରୁ ଗୋଲାମୁଣ୍ଡା ବ୍ଲକରେ ତାଙ୍କ ଦେଖା ମିଳୁ ନ ଥିବାରୁ ସେମାନେ ନିଜ ସମସ୍ୟା ଜଣାଇପାରୁ ନାହାନ୍ତି।

# ସାର ନ ପାଇ ରାସ୍ତାକୁ ଓହ୍ଲାଇଲେ ଚାଷୀ

ଲାଞ୍ଜିଗଡ଼,୬।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ସାର ନ ପାଇ ଚାଷୀମାନେ ଶନିବାର କୃଷି ସମବାୟ ସମିତି କାର୍ଯ୍ୟାଳୟ ସାମ୍ନାରେ ଭିଡ଼ ଜମାଇବା ସହ ବିଶ୍ୱନାଥପୁରଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନାନୁସାରେ ବ୍ଲକର ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତି ସାମ୍ନାରେ ୧୫ ଶହରୁ ଊର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ଶନିବାର ସକାଳ ୯ ଘଣ୍ଟା ସମୟରୁ ଆଧାର କାର୍ଡ ଧରି ଧାଡ଼ିରେ ଅପେକ୍ଷା କରିଥିଲେ। ୧୫ଶହରୁ ଊର୍ଦ୍ଧ୍ୱ ଚାଷୀ ଆସିଥିବା ବେଳେ ୩୪୦ ବସ୍ତା ୟୁରିଆ ସାର ସମିତିକୁ ଆସିଛି। ହେଲେ ଚାଷୀମାନଙ୍କ ଅପେକ୍ଷା କମ ପରିମାଣରେ ୟୁରିଆ ଥିବା କହି ସମବାୟ ସମିତିର ପରିଚାଳକ ମନା କରିବା ପରେ ଉପସ୍ଥିତ ସମସ୍ତ ଚାଷୀ ବିରକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଲାଞ୍ଜିଗଡ଼ ଅତିରିକ୍ତ ତହସିଲଦାର ସଙ୍ଗୀତ ଟାକ୍ରି ଓ ଲାଞ୍ଜିଗଡ଼ ବ୍ଲକ ଏଓ ଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ପରେ ଚାଷୀ ରାସ୍ତାରୁ ହଟିଥିଲେ। ସୂଚନା ଅନୁଯାୟୀ ଲାଞ୍ଜିଗଡ଼ ବ୍ଲକରେ ଲାଞ୍ଜିଗଡ଼ ରୋଡ଼, ଲାଞ୍ଜିଗଡ଼ ଓ ବିଶ୍ୱନାଥପୁରଠାରେ ସମବାୟ ସମିତି ଥିବାବେଳେ ଲାଞ୍ଜିଗଡ଼ ରୋଡ଼, ଲାଞ୍ଜିଗଡଠାରେ ଚାଷୀଙ୍କ ଅନୁପାତରେ ସାର ଆସି ନ ଥିବା ଯୋଗୁ ବ୍ଲକର ସମସ୍ତ ଚାଷୀ ବିଶ୍ୱନାଥପୁର ସମବାୟ ସମିତି ଉପରେ ନିର୍ଭର କରୁଥିବା ଯୋଗୁ ଏଭଳି ପରିସ୍ଥିତି ଉପୁଜିବା ଥିବା ଜଣାପଡ଼ିଛି। ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ବିଶ୍ୱନାଥପୁର ସମବାୟ ସମିତି ଅନ୍ତର୍ଗତ ଲାଞ୍ଜି, କାନଗୁଡ଼ୁ, ବେନଗାଁ, ବେଢ଼ାଗାଁ, କୁମାଖାଲ, ବିଶ୍ୱନାଥପୁର, ଚମ୍ପାଦେଇପୁର, ପୋଖରୀ ବନ୍ଧ, ଲାଖବାହାଲୀ, ବନ୍ଧପାରି ପଞ୍ଚାୟତର ଚାଷୀ ତାଲିକା ଥିବାବେଳେ ଲାଞ୍ଜିଗଡ଼ ଓ ଲାଞ୍ଜିଗଡ଼ ରୋଡ଼ ଲ୍ୟାମ୍ପ୍ସରେ ଏଥିପ୍ରତି କୌଣସି ଦୃଷ୍ଟି ନାହିଁ। ଏ ନେଇ କୃଷି ସମବାୟ ସମିତି ପରିଚାଳକ ଲିଙ୍ଗରାଜ ସାହୁଙ୍କୁ ପଚାରିବାରୁ ଆମ ପାଖକୁ ୩୪୦ ବସ୍ତା ୟୁରିଆ ସାର ଆସିଥିବା ବେଳେ ୧୫ଶହରୁ ଊର୍ଦ୍ଧ୍ୱ ଚାଷୀ ଆସିଥିଲେ। ତେଣୁ ସେମାନଙ୍କୁ ଯେତିକି ଅଛି ନେଇଥାନ୍ତୁ ପୁଣି ଆସିଲେ ଅନ୍ୟମାନେ ନେବେ ବୋଲି କହିବାରୁ କେହି ରାଜି ହେଲେନାହିଁ। ତେଣୁ ସମ୍ପୂର୍ଣ୍ଣ ସାର ଆସିଲେ ସମସ୍ତଙ୍କୁ ଏକସଙ୍ଗେ ଦିଆଯିବ ବୋଲି ପ୍ରକାଶ କରିଥିଲେ।



ରାସ୍ତା ଅବରୋଧ କରିଥିବା ଚାଷୀମାନେ।

**ବିଶ୍ୱନାଥପୁର ଲ୍ୟାମ୍ପସରେ ସାର ଅଭାବ**

# ବେଆଇନ ଗଚ୍ଛିତ ଗ୍ୟାସ୍ ସିଲିଣ୍ଡର ଜବତ

ଦେଓଗାଁ,୬।୯(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଗ୍ରାମରେ ଗଚ୍ଛିତ ବହୁ ପରିମାଣରେ ଗ୍ୟାସ ସିଲିଣ୍ଡର ପୋଲିସ ଜବତ କରିଛି। ଦେଓଗାଁ ପୋଲିସ ଉପରଝର ଗ୍ରାମର ଗୁଲେଶ୍ୱର ବେହେରାଙ୍କ ଘରେ ବେଆଇନ ଭାବେ ଗଚ୍ଛିତ ଥିବା ବିଭିନ୍ନ କମ୍ପାନୀର ୫୭ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ପ୍ରକାଶ ଯେ, ଉପରଝର ଗ୍ରାମର ଗୁଲେଶ୍ୱର ବେହେରା ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ରଖିବାସହ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଦେଓଗାଁ ପୋଲିସ ଖବର ପାଇ ତାଙ୍କ ଘରେ ଚଢ଼ାଉ କରିଥିଲା। ଗ୍ୟାସ ସିଲିଣ୍ଡର ଏଜେନ୍ସି ପାଉଥିବା ତୁଷୁରା ଓ ପୁଇଁନ୍ତଲା ଅଞ୍ଚଳର ଦୁଇ ଜଣ ଡିଲର ବେଆଇନ ଭାବେ ଦଲାଲ ରଖି ଗ୍ରାମାଞ୍ଚଳରେ ବେପିକର ଭାବେ ଅଧିକ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏପରିକି ଗ୍ରାମାଞ୍ଚଳରେ ସିଲିଣ୍ଡର ଠିକ୍ ସମୟରେ ହିତାଧିକାରୀମାନଙ୍କ ପାଖରେ ପହଞ୍ଚି ପାରୁ ନ ଥିବାରୁ ବିଭିନ୍ନ ଗ୍ୟାସ କମ୍ପାନୀର ଏଜେଣ୍ଟମାନେ ଦଲାଲ ମାଧ୍ୟମରେ କଳା ବଜାରି ମାଧ୍ୟମରେ ଗ୍ରାହକ ମାନଙ୍କଠାରୁ ଚଢ଼ା ଦରରେ ଗ୍ୟାସ ବିକ୍ରି କରୁଥିବା ଅନେକ ଅଭିଯୋଗ ହେଉଛି। ସମୟରେ ଆସିଛି। ଏ ଦିଗରେ ବିଭାଗ ପୂର୍ବରେ କୌଣସି ପଦକ୍ଷେପ ନ ହେବାରୁ ଗାଁ ମାନଙ୍କରେ ବେଆଇନ ଗ୍ୟାସ ବିକ୍ରି ଏବେ କୁଟୀର ଶିଳ୍ପ ପାଲଟିଥିବା ଚର୍ଚ୍ଚା ଜୋର ଧରିଛି। ପୋଲିସ ଏ ଦିଗରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଯୋଗାଣ ବିଭାଗ ଅଧିକାରୀଙ୍କୁ ବେଆଇନ ଗ୍ୟାସ ଦିଗରେ ତଦନ୍ତ କରି ରିପୋର୍ଟ ଦେବାକୁ ଚିଠି ଲେଖାଯାଉଛି। ଜବତ ସିଲିଣ୍ଡରକୁ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜିମାନତରେ ଦିଆଯାଇଛି ବୋଲି ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କୁ ପଚାରିବାରୁ ପୋଲିସ ଆମକୁ ଚିଠି ଦେଇ ବେଆଇନ ସିଲିଣ୍ଡର କିଏ ଯୋଗାଇଛି ସେ ଦିଗରେ ରିପୋର୍ଟ ଦେବାକୁ ଆମେ ଚିଠି ପାଇଛୁ, ଏସିଏସଓ ଶରତ ରାଉତରାୟଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ପାଇଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



# ଆସ ସ୍କୁଲ ଯିବା ଅଭିଯାନର ସମୀକ୍ଷା ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ନୂଆପଡ଼ା,୬।୯(ମହାଲୁ ବେହେରା)

ନୂଆପଡ଼ା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ 'ଆସ ସ୍କୁଲ ଯିବା' ଅଭିଯାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷା ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ସମୀକ୍ଷାରୁ ଜଣାଗଲା ଯେ, ଜିଲାରେ ୫୮୦୭ ଜଣ ପିଲା ସ୍କୁଲ ବାହାରେ ରହି ଯାଉଛନ୍ତି। ଏଥିରୁ ୪୭୩୫ ଜଣ ଡ୍ରପଆଉଟ ହୋଇଥିବା ବେଳେ ୧୦୭୨ ଜଣ ଆଦୌ ସ୍କୁଲ ଯାଉନାହାନ୍ତି। ଜିଲାପାଳ ବିଭିନ୍ନ ନିର୍ଦ୍ଦେଶ କ୍ରମେ ଜିଲାରେ ଶିକ୍ଷକ ଅଭିଭାବକ ବୈଠକ, ଶିକ୍ଷା ସଭା ଓ ପଦଯାତ୍ରା କରାଯାଇଥିଲା। ଏ ମଧ୍ୟରେ ୯୯୨ ଜଣ ଡ୍ରପଆଉଟ ଓ ଆଦୌ ସ୍କୁଲ ଯାଇ ନ ଥିବା ୧୭୦ ଜଣ ପିଲାଙ୍କ ପୁଣିଥରେ ବିଭିନ୍ନ ସ୍କୁଲରେ ନାମ ଲେଖା ହୋଇଛି। ଏହି ଅଭିଯାନକୁ ଜିଲାରେ ସମ୍ପୂର୍ଣ୍ଣ ସଫଳତାର ସହ ପ୍ରୟୋଗ କରିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କେହି ଜଣେ ବି ପିଲା ଯେମିତି ଡ୍ରପଆଉଟ ହୋଇ ବିନା ଶିକ୍ଷାରେ ରହି ନ ଯିବ ତାହା ଶତ ପ୍ରତିଶତ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।


**ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା**

ପଶ୍ଚିମ ଓଡ଼ିଶାର ସର୍ବବୃହତ୍ ପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଶିକ୍ଷକ, ଛାତ୍ରଛାତ୍ରୀ ଓ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ। ... ଜିଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**

INVITATION FOR BIDS (IFB)

E-mail : pwdoff_khd@yahoo.com

Tender Call Notice

Bid Identification No. S.E.-KHD-(R&B)-19/2025-26

Letter No. 5146 dtd. 02.09.2025

No.B-481 : The Superintending Engineer, Khordha (R&B) Division, Khordha on behalf of Governor of Odisha invites **Percentage Rate bids** in **Single Cover System** from valid MV/HT Electrical Contractors license issued by the E.L.B.O. license in conformity with DTCN registered with the State Governments and Contractors of equivalent Grade / Class registered with Central Government / MES / Railways for execution of the E.I Work. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

| | | |
|---|---|---|
| 1. | Nature of Work | Electrical Work |
| 2. | No. of Work | 3 Nos |
| 3. | Tender Cost | Rs. 4000.00 (Online) |
| 4. | Class of Contractor | Sl. No. 1-HT license<br>Sl. No. 2-MV/HT license<br>Sl. No 3 Original Equipment Manufacturer (OEM) / Registered firm having experience in similar nature of work having valid Electrical license from ELBO or MOU with Electrical Contractor having valid electrical license from ELBO |
| 5. | Available of Bid documents in the website | From Dt.08.09.2025 at 11.00 A.M. to Dt.17.09.2025 at 5.00 P.M. |
| 6. | Date of opening of Bids | Dt.18.09.2025 at 11.30 A.M. |

7. Bidders have to participate in ONLINE bidding only. Further details can be seen from the Website : https://tendersodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
Khordha (R&B) Division, Khordha

OIPR-34095/11/0037/2526

**OFFICE OF THE PRINCIPAL/SECRETARY**
**MLA WOMEN'S HIGHER SECONDARY SCHOOL**
KANTABANJI, DIST. - BALANGIR, PIN - 767039
Letter. No.2440/25 Date : 06.09.2025

**WALK-IN-INTERVIEW**

A Walk-In-Interview for the post of Lect.-In-Logic (Guest faculty) will be held on dt.16.09.2025 at 10.30 am at MLA Women's Higher Secondary School, Kantabanji. Candidates having Master Degree in concerned subject with at least 55% marks in PG level may appear the interview with all original mark sheet from HSC to PG level. No TA/DA will be paid for attending the interview.

Sd./- Principal-In-Charge-Cum-Secretary
MLA Women's Higher Secondary School, Kantabanji

**GOVERNMENT OF ODISHA** No.C-1003
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com
National Competitive Bidding Through e-Procurement
Identification No. ACEPH-BHPT-23 of 2025-26/Dt.02.09.2025
e-Procurement Notice

| | | |
|---|---|---|
| 01. | Name of the Work | 1no Work |
| 02. | Type of Bid | Single Bid System |
| 03. | Estimated Cost | Rs.15.58 Lakh |
| 04. | Period of Completion | 03 (Three) Calendar Months |
| 05. | Date & Time of availability of bid document in the portal | From 11.00 AM of dt. 09.09.2025 to 5.00 PM of 18.09.2025 |
| 06. | Last date / time of receipt of bids in the portal | 5.00 PM of 18.09.2025 |
| 07. | Date & Time of opening of technical bids | At 11.30 AM of 19.09.2025 |
| 08. | Name and Address of the Officer Inviting Bid | Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer,
P.H. Division, Bhawanipatna

OIPR-13059/11/0038/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 04/2025-26

No.A-588 : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works | Civil Construction work |
| 2 | No. of Works | 05 (Five) Nos. |
| 3 | Estimated cost | Varies from Rs.5.03 lakh to Rs.5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal | From **dt.09.09.2025** at 10.00 AM to **dt.18.09.2025** up to 5.30 PM |
| 6 | Last date / time of receipt of bids in the portal | **Dt.18.09.2025** up to 5.30 PM |
| 7 | Date of opening of Bid | **Dt.19.09.2025** at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
M.I.Division, Sundargarh

OIPR-32124/11/0032/2526

**Government of Odisha "e" Procurement Notice**
Bid Identification No : Online - 07- OF 2025-26
E-Mail ID : rwd.padampur@yahoo.co.in, Ph. No. - 9437255440 No.O-689

| | | |
|---|---|---|
| 1. | Name of the work | **Building works (As per Annexure-'A')** |
| 2. | Amount put to Bid Excluding GST | As per Annexure - 'A' |
| 3. | Class of contractor | "D" "C" & "B" Class |
| 4. | Date & Time of availability of bid document in the portal | From Dt.08.09.2025 at 10.00 A.M. |
| 5. | Last date of Time for receipt of bids in the portal | Dt.17.09.2025 up to 05:00 P.M. |
| 6. | Last date of seeking clarification | Dt.16.09.2025 up to 5.00 P.M. |
| 7. | Date & Time of technical bid opening | Dt.18.09.2025 at 11.00 A.M. |
| 8. | Date & Time of technical bid opening for Double Cover bids | To be intimated later on |
| 9. | Name and address of the Officer Inviting Bid | Executive Engineer, R.W. Division, Padampur, At/Po - Padampur, Dist. - Bargarh, Pin - 768036 |

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer,
Rural Works Division, Padampur

OIPR-25069/11/0034/2526

**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id : serwcirclesbp@yahoo.com
Bid Identification No. Building tender Online RWCSBP-13/2025-26 No. : 2469 Dated : 01.09.2025

No.O-693 : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) nos of Building Works for the year 2025-26.

| | | |
|---|---|---|
| 1 | Name of work | Building works for the year 2025-26 |
| 2 | No. of work | 01 (One) nos of Building works Details as per DTCN. |
| 3 | Estimated cost | Approximately Rs.478.20 lakhs |
| 4 | Class of Contractor | 'A' Class |
| 5 | Cost of tender paper and mode of deposit | Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer |
| 6 | Mode of submission of tender | Tender should be submitted only On line in website **www.tendersorissa.gov.in**. (https//tendersodisha.gov.in) |
| 7 | EMD and mode of deposit | **1% of estimated cost** of the work to be remitted online as mentioned in DTCN |

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last date & time for seeking clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-13/2025-26 | 08.09.2025 at 11.00 A.M. | 22.09.2025 Up to 05.00 P.M. | 19.09.2025 Up to 5.00 P.M. | 23.09.2025 at 11.00 A.M. | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
Rural Works Circle, Sambalpur

OIPR-25091/11/0077/2526

**OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR**
E-Mail : eebbsrrwss@gmail.com
QUOTATION CALL NOTICE NO. 18 OF 2025-26

No.O-711 : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use of Additional Chief Engineer, RWS&S Circle, Bhubaneswar on monthly rent basis **as per the following details**.

| Sl. No. | Nature of work | Hiring of vehicle for Office use of Additional Chief Engineer, RWS&S Circle, Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From **dt.08.09.2025 (11.00 A.M.) to dt.17.09.2025 (1.00 P.M.)** |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | **Dt.17.09.2025 (4.00 P.M.)** |
| 7 | Date & Time of opening of bids | On **dt.18.09.2025 (11.00 A.M.)** in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer,
RWS&S Division, Bhubaneswar

OIPR-25011/11/0033/2526

# ୩୦ରେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା

- ଅକ୍ଟୋବର ୨ରେ ଲାଖବିନ୍ଧା କାର୍ଯ୍ୟକ୍ରମ
- ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୬।୯ (ଉତ୍ତମ କୁମାର ଦାଶ)


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସେପ୍ଟେମ୍ବର ୩୦ରେ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଅନୁଷ୍ଠିତ ହେବ। ଏହି ଉତ୍ସବ ପାଳନ ପାଇଁ ଶନିବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ମା'ଙ୍କ ଛତର ଯାତ୍ରା କିପରି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେପ୍ଟେମ୍ବର ୩୦ ମହାନବମୀ ପ୍ରାତଃ ୪ଟାରେ ଜେନାଖାଲଠାରେ ରୀତିନୀତି ପୂଜାର୍ଚ୍ଚନା ପରେ ମା'ଙ୍କ ଛତରଯାତ୍ରା ଘଣ୍ଟ ବାଦ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ଗହଣରେ ରାଜପ୍ରାସାଦସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭବାନୀପାଟଣା ସହରର ସମସ୍ତ ରାସ୍ତାଘାଟ, ନାଳନର୍ଦ୍ଦମା ସଫାସୁତୁରା ସହ ରାସ୍ତା ପାର୍ଶ୍ୱରେ ଲାଗିଥିବା ସମସ୍ତ ସିସି କ୍ୟାମେରା ଠିକ୍ କରିବା ପାଇଁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଟ୍ରାଫିକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ମୁତୟନ, ପାନୀୟ ଜଳ ସୁବ୍ୟବସ୍ଥା, ଫାଷ୍ଟଏଡ ଆମ୍ବୁଲାନ୍ସ ସେବା, ବିଦ୍ୟୁତ ସରବରାହ, ସୂଚନା କେନ୍ଦ୍ର, ପୋଲିସ କଣ୍ଟ୍ରୋଲ ରୁମ ଖୋଲିବା, ମଦ ଦୋକାନ ବନ୍ଦ ରଖିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। କଡନ ସୁପରିଚାଳନା, ସାଂସ୍କୃତିକ କାର୍ଯ୍ୟକ୍ରମ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ସେହିପରି ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ଉପଲକ୍ଷେ ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତୁରା ଦୀପ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେଶ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ସଦର ବିଧାୟକଙ୍କ ପ୍ରତିନିଧି ଧନଞ୍ଜୟ ଗହିର, ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାଏକ, ସଦର ଏସ୍‌ଡିପିଓ ନରେଶ ପ୍ରଧାନ, ସଦର ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ସମେତ ଛତର ଯାତ୍ରା ପାଳନ କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### ସର୍ବଶ୍ରେଷ୍ଠ ବିଇଓ ଭାବେ ପୁଣି ତପିମଣି ଜାନି ପୁରସ୍କୃତ

ଭବାନୀପାଟଣା,୬।୯(ଉତ୍ତମ କୁମାର ଦାଶ): ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶ୍ରେଷ୍ଠ ଶିକ୍ଷକ, ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲାର ନର୍ଲା ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ତପିମଣି ଜାନିଙ୍କୁ ସର୍ବଶ୍ରେଷ୍ଠ ବିଇଓ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମୟରେ ରାଜ୍ୟର ୧୦ ବିଇଓଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଗତବର୍ଷ ମଧ୍ୟ ବିଇଓ ଜାନି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ। ଏହି ସଫଳତା ପାଇଁ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପ୍ରତାପ ପ୍ରଧାନ



କର୍ଲାମୁଣ୍ଡା,୬।୯(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରାଜପୁର ପଞ୍ଚାୟତ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରତାପ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭବାନୀପାଟଣାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଗୁରୁଦିବସ ଉତ୍ସବରେ ପ୍ରାଥମିକ ଶିକ୍ଷା ବିଭାଗରେ ପ୍ରଧାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କ ସମେତ ଅନ୍ୟାନ୍ୟ ଜିଲା ଅଧିକାରୀ ଯୋଗଦେଇଥିଲେ।

### ଯଶୋବନ୍ତ ସାହୁ କର୍ଲାମୁଣ୍ଡା ବ୍ଲକ୍ ବିଜେଡି ସଭାପତି

କର୍ଲାମୁଣ୍ଡା,୬।୯(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ବିଜୁ ଜନତା ଦଳର ସଭାପତି ଭାବେ ଯୁବନେତା ତଥା ପୂର୍ବତନ ସ. ମାଲପଡ଼ା ସମିତି ସଭ୍ୟ ଯଶୋବନ୍ତ ସାହୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ଭାବନୀପାଟଣାଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ତାଙ୍କ ନାମ ଘୋଷଣା କରିଥିଲେ। ଦଳୀୟ କର୍ମୀମାନେ ସ୍ୱାଗତକରି ତାଙ୍କ ନେତୃତ୍ୱରେ ଦଳ ବ୍ଲକ୍ ସ୍ତରରେ ଆହୁରି ସଙ୍ଗଠିତ ହୋଇ ସଫଳତା ହାସଲ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ଯଶୋବନ୍ତ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲା ସଭାପତି ପ୍ରଦୀପ ଦିଶାରୀ, ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ କୃତଜ୍ଞତା ଜଣାଇ ଜଣାଇଛନ୍ତି। ସେ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବେ ବୋଲି ପ୍ରକାଶ କରିଛନ୍ତି।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଗୋଲାମୁଣ୍ଡା, ୬।୯(ବଟକୃଷ୍ଣ ପଣ୍ଡା): ଗୋଲାମୁଣ୍ଡା ବ୍ଲକ୍ ସଭାଗୃହଠାରେ ବିଗତ ଦିନରେ ବ୍ଲକ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ତ୍ରିପୁର ମହାନନ୍ଦ ଓ ଏବିଡିଓ ବିଜୟ କୁମାର ନାୟକ, ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, କିରଣ ସିଂ, ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ, ଉଦେସୁରୁଙ୍ଗ ସମିତି ସଭ୍ୟ ଚୈତନ୍ୟ ମାଝୀ, ଖଲିଆପାଲି ସରପଞ୍ଚ ଜିମୁତବାହାନ ହରପାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ପୂର୍ବତନ ବିଡିଓ ଶ୍ରୀଧର ପଣ୍ଡା, ଏସ୍‌ଓ ମନୋଜ କୁମାର ଠାକୁର, ଜିପିଡିଓ ରମିତ କୁମାର ପ୍ରଧାନ, ବିପିଏମ୍‌ଓଏଲ୍‌ଏମ୍ ସୁଧାଂଶୁ ଶେଖର ବିଶ୍ୱାଳ, ଏସ୍‌ଆର୍‌ଏ ନବୀନ ମାଝୀଙ୍କୁ ଉପଢୌକନ ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ବିଦାୟୀ କର୍ମଚାରୀମାନେ ବିଗତ ଦିନର ସ୍ମୃତି ମନେ ପକାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପିଇଓ ବିଶ୍ୱରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

କୋକସରା,୬।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଂଗ୍ରେସ ଦଳ ପକ୍ଷରୁ ଶନିବାର କୋକସରା ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପଠାରେ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ ଶେଖ ମସ୍ତାନ ଅଲ୍ଲୀ ଯୋଗଦେଇ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପିସିସି ପର୍ଯ୍ୟବେକ୍ଷକ ଫକିର ଜଗତ, ଜିଲା ସଂଯୋଜକ ଜଳନ୍ଧର ନାଏକ, ଜିଲା ଯୁବ ସଭାପତି ମହମ୍ମଦ ସାହେବ, ଛାତ୍ର ସଭାପତି ଶୁଭମ ବାରିକ, କଂଗ୍ରେସ ନେତା ଲକ୍ଷ୍ମଣ ଶବର, ବ୍ଲକ ସଂଯୋଜକ ଅରୁଣ କୁମାର ମାଝୀ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଧଙ୍ଗଡାମାଝୀ, ସୁବାସ ପ୍ରଧାନ, ନବୀନ ନାଏକ, ତ୍ରିଭୁବନ ନାଏକ, କମଳ ନାଏକ, ମହେନ୍ଦ୍ର ଧରୁଆ, ଟିକିଚନ୍ଦ୍ର ଧ. ମାଝୀ, ଯତୀନ୍ଦ୍ର ଦଳେଇ, ହରିଶ୍ଚନ୍ଦ୍ର ନାଏକ, କୁମୁଦ ଚନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଡାକ୍ତର ଜଣେ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

କର୍ଲାମୁଣ୍ଡା,୬।୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଶନିବାର ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟ ଅତିଥି ଓ ବିଡିଓ ଦେବେନ୍ଦ୍ର କୁମାର ସାମଲ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, କ ଜୋନ୍ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଖ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ତଥା ସ. ମାଲପଡା ସରପଞ୍ଚ ବରୁଣ ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା ବିଷୟରେ ଅବଗତ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ମିଶ୍ର ସଭା ସଂଯୋଜନା କରିଥିଲେ। ଶିବିରରେ ଭବାନୀପାଟଣାରୁ ଡା. ଏସ୍.ପି. ସରଭାନନ, ଡା. ନିବେଦିତା ମହାରଣା, ଡା. ସିଦ୍ଧାର୍ଥ ଜେନା, ଡା. ପ୍ରବୀଣ କୁମାର ସାହୁ ପ୍ରମୁଖ ଯୋଗଦେଇ ପଞ୍ଜୀକୃତ ୩୮୬ ମହିଳା ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦେଇଥିଲେ। କେତେଜଣଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

# ସେବା ପକ୍ଷ ଉପଲକ୍ଷେ ଭାଜପାର ଜିଲାସ୍ତରୀୟ କର୍ମଶାଳା

ଜୁନାଗଡ଼,୬।୯(ଅଂଶୁମାନ ଯୋଶୀ)


କର୍ମଶାଳାରେ ଯୋଗଦେଇଥିବା ଦଳୀୟ କାର୍ଯ୍ୟକର୍ତ୍ତା।

କଳାହାଣ୍ଡି ଜିଲା ଜୁନାଗଡ଼ ସଂସ୍କୃତି ଭବନଠାରେ ଶନିବାର ସେବା ପକ୍ଷ ପାଳନ ଅବସରରେ ଭାଜପା ପକ୍ଷରୁ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଯୁଗଳ କିଶୋର ପୋଡ଼ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ପ୍ରଭାରୀ ତଥା ସେବା ପକ୍ଷର ରାଜ୍ୟ ସଂଯୋଜକ ରମେଶ ସାହୁ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଭାରତ ଭୂଷଣ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସେବାପକ୍ଷ ସଂଯୋଜକ ସତ୍ୟ ବେହେରା, ଜିଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ, ଉପସଭାପତି ମୁକେଶ ଅଗ୍ରୱାଲ, କାଞ୍ଚନ ବାଗ, ଶର୍ମିଷ୍ଠା ମେହେର, ସନ୍ତୋଷିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲେ। ଚଳିତ ସେପ୍ଟେମ୍ବର ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶବ୍ୟାପୀ ସେବା ପକ୍ଷ ପାଳନ କରାଯିବ। ଏ ସମୟରେ ବୃକ୍ଷ ରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ମୋଦୀ ବିକାଶ ମାରାଥନ, ପଣ୍ଡିତ ଦିନଦୟାଲ ଜୟନ୍ତୀ, ଗାନ୍ଧୀ ଜୟନ୍ତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଳାହାଣ୍ଡି ସାଂଗଠନିକ ଜିଲାର ୪୧ ମଣ୍ଡଳର କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ବିଭିନ୍ନ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

କର୍ଲାମୁଣ୍ଡା,୬।୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଶନିବାର ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୋଡାଲ କ୍ଲଷ୍ଟରସ୍ତରୀୟ ବୈଠକ ରାଜପୁର ପଞ୍ଚାୟତ କେନ୍ଦୁମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ସିଆର୍‌ସିସି ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ପ୍ରଶିକ୍ଷକ ରାଜୀବ ଲୋଚନ ପଣ୍ଡା ଯୋଗଦେଇ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ, ଶ୍ରେଣୀ ପରିଚାଳନା, ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଶିକ୍ଷାଦାନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସହ ଶିକ୍ଷକ ସଞ୍ଜୟ ସେନାପତି ପରିଚାଳନା କରିଥିଲେ। ସେହିପରି ରେଙ୍ଗାଲି କ୍ଲଷ୍ଟର ପକ୍ଷରୁ ବୋରପଦର ପଞ୍ଚାୟତ ବମହିମାପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ନର୍ଲା ବିକାଶ ମଞ୍ଚ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିକାଶ ମଞ୍ଚ କର୍ମକର୍ତ୍ତା।

ନର୍ଲା/ରୂପ୍ରାରୋଡ୍,୬।୯ (ସନ୍ତୋଷ ପାତ୍ର/ସଞ୍ଜୀବ ଦାଶ)

କଳାହାଣ୍ଡି ଜିଲା ନର୍ଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ବିକାଶ ମଞ୍ଚ ନର୍ଲା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଲାର ଦୀର୍ଘଦିନ ଦାବିକୁ ରାଜ୍ୟ ସରକାର ଗ୍ରହଣକରି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଥିବାରୁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, କଳାହାଣ୍ଡି ଲୋକ ସଭା ସଦସ୍ୟା ମାଳବିକା ଦେବୀ ଓ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ବିକାଶ ମଞ୍ଚ ସଭାପତି ପ୍ରଦୀପ କୁମାର ନାୟକ, ଉପସଭାପତି ଜଗନ୍ନାଥ ସାହୁ, ସାଧାରଣ ସମ୍ପାଦକ ଚିରଞ୍ଜୀବୀ ଗୌଡ଼ିଆ, କୋଷାଧ୍ୟକ୍ଷ ଡୋଲେଶ୍ୱର ସାହୁ, ସମୀର କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଭବାନୀପାଟଣାରେ ଲକ୍ଷ୍ମୀ ବିକାଶ କଳାକ୍ଷେତ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା,୬।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ କଲେଜଠାରେ ଓଡ଼ିଶୀ ନୃତ୍ୟ ଶିକ୍ଷା କେନ୍ଦ୍ର 'ଲକ୍ଷ୍ମୀ ବିକାଶ କଳାକ୍ଷେତ୍ର' ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ତଥା ସିଫେଜ ସଭାପତି ଜିତେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଆଦିତ୍ୟ କୁମାର ପଟ୍ଟନାୟକ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିତେନ୍ଦ୍ର ମିଶ୍ରଙ୍କ କରକମଳରେ ଏହି ଓଡ଼ିଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହି ଶିକ୍ଷା କେନ୍ଦ୍ରରେ ୬ବର୍ଷରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ର ନୃତ୍ୟ ଶିକ୍ଷା କରିପାରିବେ। ଏହା ଚଣ୍ଡୀଗଡ଼ 'ପ୍ରାଚୀନ କଳାକେନ୍ଦ୍ର' ସହ ସହବନ୍ଧିତ। ତେଣୁ ଶିକ୍ଷା ସମାପ୍ତି ପରେ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ ପ୍ରକାଶ କରିଛନ୍ତି।

# ବିଜ୍ଞାନ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଖଡ଼ିଆଳ,୬।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ତୁକଲା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ଦାଶ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବରେ ସମଗ୍ର ଜିଲାରେ ପରିଚିତ। ବିଜ୍ଞାନ, ଉତ୍କର୍ଷ ଓ ଆକାଂକ୍ଷୀ କାର୍ଯ୍ୟକ୍ରମ ଜିଜ୍ଞାସାରେ ସଫଳ ଶିକ୍ଷକ ଭାବରେ କାର୍ଯ୍ୟ କରନ୍ତି। ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥାନ୍ତି। ତାଙ୍କ ତତ୍ତ୍ୱାବଧାନରେ ଗତବର୍ଷ ତୁକଲା ଉଚ୍ଚ ବିଦ୍ୟାଳୟର ଛାତ୍ର ଜାତୀୟ ଶିଶୁ ବିଜ୍ଞାନ ମଧ୍ୟପ୍ରଦେଶର ଭୋପାଳଠାରେ ଅଂଶଗ୍ରହଣକରି ଜିଲା ପାଇଁ ଗୌରବ ଅର୍ଜନକରିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଅନ୍ୟ ଶିକ୍ଷକ ଓ ଶୁଭେଚ୍ଛୁଗଣ ଶୁଭେଚ୍ଛା ଜଣାଇଥିଲେ।

# ବ୍ରାହ୍ମଣ ସମାଜର ନୂଆଖାଇ ଭେଟ୍‌ଘାଟ୍


ରକ୍ତଦାନ ଶିବିରକୁ ବିଧାୟକ ଓ ବ୍ଲକ ଅଧ୍ୟକ୍ଷା ଉଦ୍‌ଘାଟନ କରିଛନ୍ତି।

ବେହେରା,୬।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ସ୍ଥିତ ରୟାଲ ପ୍ୟାଲେସଠାରେ ପର୍ଶୁରାମ ସେନା ଆହ୍ୱାନ କ୍ରମେ ବ୍ରାହ୍ମଣ ସମାଜର ନୂଆଖାଇ ଭେଟ୍‌ଘାଟ୍ ଶନିବାର ଅନୁଷ୍ଠିତ ହୋଇଥିଲା। ନୂଆଖାଇ ଭେଟ୍‌ଘାଟ୍ ସମାଜରେ ସାମଗ୍ରିକ ବିକାଶ ଦିଗରେ ସଚେତନତାର ବାହାକ ସାଜିଥାଏ ବୋଲି ବ୍ରାହ୍ମଣ ସମାଜର ସଭାପତି ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପର୍ଶୁରାମ ସେନା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ମୁଖ୍ୟ ଅତିଥି ଓ ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନ୍‌ଏସି ଉପାଧ୍ୟକ୍ଷା ମନୀଷା ମିଶ୍ର, ଡା. ଅଜିତ ନେଗୀ, ଡ. ଅଶ୍ୱିନୀ କର, ତୁଷାର ରଞ୍ଜନ ପଟ୍ଟଯୋଶୀ, ଡିଇଓ ଓଡ଼ିଶା ରାଜ୍ୟ ସଭାପତି ପ୍ରଭାତ କୁମାର ତିୱାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ କେବଳ ଗୋଟିଏ ଜାତି ନୁହେଁ,ଏକ ସଂସ୍କାର ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପର୍ଶୁରାମ ସେନାର ଆବାହକ ବିଶ୍ୱରଞ୍ଜନ ପାତ୍ର, ବରିଷ୍ଠ ସଦସ୍ୟ ଶାନ୍ତନୁ ମୁଣ୍ଡ,ଦୀପକ ମୁଣ୍ଡ, ଶାଶ୍ୱତ ପାତ୍ର, ଖବରଦାତା ଇଙ୍ଗିତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୟୁରିଆ ସାର ଯୋଗାଣ ସତ୍ତ୍ୱେ ଚାଷୀଙ୍କୁ ମିଳୁନି

କେସିଙ୍ଗା, ୬।୯ (ତୁମେଶ୍ୱର ସାହୁ)



କେସିଙ୍ଗା ପ୍ୟାକ୍ସରେ ୟୁରିଆ ସାର ପାଇଁ ଚାଷୀଙ୍କ ଭିଡ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ୨୬ ଗ୍ରାମ ପଞ୍ଚାୟତରେ ଆବଶ୍ୟକତାଠାରୁ ଅଧିକ ୟୁରିଆ ସାର ଯୋଗାଣ ସତ୍ତ୍ୱେ ଚାଷୀଙ୍କୁ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ଶୁକ୍ରବାର କେସିଙ୍ଗା ରେଲୱେ ର୍ୟାକ ପଏଣ୍ଟକୁ ୧୩୩୭.୪ଶହ ମେଟ୍ରିକ୍ ଟନ୍ ଆଇପିଏଲ୍ ୟୁରିଆ ସାର ଆସିଥିଲା। ସେଥିରୁ କେବଳ ୪୪୩.୫୨୦ ମେଟ୍ରିକ ଟନ ଅର୍ଥାତ୍ ୯୮୫୬ ବସ୍ତା ମାର୍କଫେଡ୍ ଅଧୀନରେ ଥିବା କେସିଙ୍ଗା ବଫରକୁ ଯୋଗାଇ ଦିଆଯାଇଥିଲା। ବାକି ୧୯୮୬୪ ବସ୍ତା ଘରୋଇ ଡିଲରମାନଙ୍କୁ ଦିଆଯାଇଥିଲା। ହେଲେ ଏହା କେଉଁ ଘରୋଇ ଡିଲରମାନଙ୍କ ପାଖକୁ ଯାଇଛି ସୂଚନା ମିଳିପାରି ନାହିଁ। କେବଳ ମାର୍କଫେଡ୍ ଅଧୀନ କେସିଙ୍ଗା ବଫର ମ୍ୟାନେଜରଙ୍କ ଜରିଆରେ ଶୁକ୍ରବାର ୨୬ ପ୍ୟାକ୍ସକୁ ୯୮୫୬ ବସ୍ତା ୟୁରିଆ ସାର ପଠାଯାଇଥିଲା। ଏଥିରେ ୩୦.୬ ଶହ ମେଟ୍ରିକ୍ ଟନ୍ ରିଷିଡ଼ା, ୩୦.୪୨୦ ମେଟ୍ରିକ୍ ଟନ୍ କର୍ଲାମୁଣ୍ଡା ପ୍ୟାକ୍ସ ଏବଂ ବାକି ୨୪ ପ୍ୟାକ୍ସକୁ ୧୫.୩୦୦ ମେଟ୍ରିକ ଟନ ଅର୍ଥାତ୍ ୩୪୦ ବସ୍ତା ୟୁରିଆ ସାର ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ବିଭିନ୍ନ ପ୍ୟାକ୍ସକୁ ଆବଶ୍ୟକ ଅନୁସାରେ ଯେତିକି ୟୁରିଆ ସାର ପହଞ୍ଚିବା କଥା ତାହା ପହଞ୍ଚି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୟୁରିଆ ସାର ପାଇଁ କାଣ୍ଡେଲ, କେସିଙ୍ଗା, ଉତ୍‌କେଲା, କସ୍ତୁପଡା, ତୁଣ୍ଡଲା, ପାଷ୍ଟିକୁଡି ଆଦି ପ୍ୟାକ୍ସରେ ଚାଷୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଆଧାର କାର୍ଡ ଲାଇନରେ ରଖି ଦିନତମାମ ଅପେକ୍ଷା କରିବା ପରେ ମଧ୍ୟ ସାର ନ ପାଇ ଚାଷୀ ନିରାଶ ହୋଇ ଘରକୁ ଫେରିଥିଲେ। ଏ ନେଇ କଳାହାଣ୍ଡି ଜିଲା ମୁଖ୍ୟ କୃଷି ଅଧିକାରୀ ଶୁଭେନ୍ଦୁ କରଙ୍କୁ ପଚାରିବାରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ତଦନ୍ତ କରାଯାଉଛି। ଚାଷୀଙ୍କୁ ୟୁରିଆ ସାର ସମସ୍ୟା ରହିବ ନାହିଁ । ଦିନେ ଦୁଇଦିନ ଭିତରେ ଜିଲାକୁ ଇଫ୍‌କୋର ୟୁରିଆ ସାର ପହଞ୍ଚିବ ବୋଲି କହିଛନ୍ତି।

# ୟୁରିଆ ସାର ସଙ୍କଟ ପଛରେ ବଡ଼ କେଳେଙ୍କାରୀ

- ଏଥର ଜିଲାକୁ ଆସିଛି ଗତଥରରୁ ଅଧିକ ସାର
- ଚାଷୀଙ୍କୁ ସଙ୍କଟ, ଅନ୍ୟତ୍ର ଚାଲାଣ ଅଭିଯୋଗ
- ସାର ବୋଝେଇ ଟ୍ରକ୍‌କୁ ଅଟକ ରଖିଲେ ଚାଷୀ

ବରଗଡ଼,୬।୯(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ଲେଖାପଥରରେ ସାର ବୋଝେଇ ଟ୍ରକ୍‌କୁ ଚାଷୀମାନେ ଅଟକ ରଖିଛନ୍ତି।

ବରଗଡ଼ ଜିଲାରେ ଅଧିକ ଧାନ ଉତ୍ପାଦନ ପାଇଁ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏହି ଜିଲାରେ ଚାଷ ଏବଂ ଚାଷୀଙ୍କ ସମସ୍ୟା ଅସମାହିତ ରହିଛି। କେତେବେଳେ ଧାନ ବିକ୍ରିବଟା ତ ଆଉକେବେ ଧାନବିକ୍ରି ପାଇଁ ପଞ୍ଜୀକରଣ ନୀତିକୁ ନେଇ ଚାଷୀଙ୍କ ହଟହଟା ହେବାକୁ ପଡୁଛି। ଏବେ ଜିଲାରେ ଖରିଫ୍ ଚାଷକୁ ୨ମାସ ବିତିଯାଇ ଥିବାବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ୟୁରିଆ ସାର ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଗତବର୍ଷ ଖରିଫ୍ ତୁଳନାରେ ଏଥର ଅଧିକ ୟୁରିଆ ସାର ଆବଣ୍ଟିତ କରାଯାଇଥିବା କୃଷି ବିଭାଗ ସୂଚନା ଦେଇଛି। ଏଭଳି ସ୍ଥଳେ ଜିଲାକୁ ଆସିଥିବା ୟୁରିଆ ସାର ଚାଷୀଙ୍କୁ ଅପହଞ୍ଚ ହୋଇପଡ଼ି କୁଆଡ଼େ ଯାଉଛି ବୋଲି ପ୍ରଶ୍ନ ଉଠିଥିବାବେଳେ ଏହାକୁ ନେଇ ଦେଖାଯାଇଥିବା ଚାଷୀ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି। ଏହି କ୍ରମରେ ଶନିବାର ଜିଲାର ପଦ୍ମପୁର ଉପଖଣ୍ଡ ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍ ଏବଂ ଛୁରିଆପାଲି ନିକଟ ଲେଖାପଥରରେ ଅସନ୍ତୁଷ୍ଟ ଚାଷୀମାନେ ୟୁରିଆ ସାର ବୋଝେଇ ଟ୍ରକକୁ ଅଟକ ରଖିଥିଲେ। ବିଭାଗୀୟ ଅଧିକାରୀଙ୍କଠାରୁ ୟୁରିଆ ସାର ଯୋଗାଣ ନେଇ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଜିଲା କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଖରିଫ୍ ଚାଷ ପାଇଁ ବରଗଡ଼ ଜିଲାରେ ୟୁରିଆ ସାର ୩୩ହଜାର ୮୦୦, ଡିଏପି ସାର ୧୭ହଜାର, ପଟାସ୍ ସାର ୪ହଜାର ଏବଂ ବିଭିନ୍ନ ଯୌଗିକ ସାର ୨୧ହଜାର ୩୦୦ ମେଟ୍ରିକ ଟନ୍ ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା। କିନ୍ତୁ ଜିଲାକୁ ଏପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ତଦୁର୍ଦ୍ଧ୍ୱ ଅର୍ଥାତ୍ ୟୁରିଆ ସାର ୪୦ହଜାର ୫୭୧, ଡିଏପି ସାର ୧୮ହଜାର ୫୦୪, ପଟାସ୍ ସାର ୪୪୪୨ ଏବଂ ବିଭିନ୍ନ ଯୌଗିକ ସାର ୩୪ହଜାର ୫୯୮ ମେଟ୍ରିକ ଟନ୍ ଯୋଗାଇ ଦିଆଯାଇଛି। ଏହାସତ୍ତ୍ୱେ ଜିଲାରେ ଚାଷୀଙ୍କ ଆବଶ୍ୟକବେଳେ ସାର ସଙ୍କଟ କାହିଁକି ଉପୁଜିଛି, ତାକୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି। ଜିଲାରେ ବର୍ତ୍ତମାନ ୟୁରିଆ ସମେତ ଅନ୍ୟ ସାର ବିକ୍ରିରେ ଏକ ବଡ଼ ଧରଣର ଅନିୟମିତତା ଚାଲିଥିବା ଏବଂ ଜାଣିଶୁଣି ଏହା ଉପରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲା ପାଇଁ ଆସିଥିବା ୟୁରିଆ ସାର ପଡ଼ୋଶୀ ଛତିଶଗଡ଼କୁ କଳାବଜାରରେ ବିକ୍ରି କରାଯାଇଛି ଏବଂ ଏଥିରେ ଏକ ବଡ଼ ଧରଣର ଅନିୟମିତତା ହୋଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ପଦାକୁ ଆସିବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।

ସାର ଯୋଗାଣ ପାଇଁ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଲାଇସେନ୍ସପ୍ରାପ୍ତ ପ୍ରାଥମିକ କୃଷି ସମବାୟ ସମିତି ଏବଂ ଡିଲରଙ୍କୁ ଦାୟିତ୍ୱ ଦିଆଯାଇଛି। କୃଷି ବିଭାଗର ସୂଚନା ଅନୁଯାୟୀ, ଜିଲାର ୫୭ ପ୍ରାଥମିକ କୃଷି ସମବାୟ ସମିତିକୁ ମାର୍କଫେଡ୍ ମାଧ୍ୟମରେ ଇତିମଧ୍ୟରେ ୯୫୧୪ ମେଟ୍ରିକ ଟନ୍ ୟୁରିଆ, ୨୩୯୬ ମେଟ୍ରିକ ଟନ୍ ଡିଏପି, ୪୯୭ ମେଟ୍ରିକ ଟନ୍ ପଟାସ୍ ଏବଂ ୪୦୨୮ ମେଟ୍ରିକ ଟନ୍ ବିଭିନ୍ନ ଯୌଗିକ ସାର ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ସମବାୟ ସଂସ୍ଥା ଇଫ୍‌କୋ ଦ୍ୱାରା ଅନୁବନ୍ଧିତ ୧୨ପ୍ରାଥମିକ କୃଷି ସମବାୟ ସମିତିକୁ ୨୬୩୪ ମେଟ୍ରିକ ଟନ୍ ସାର ଅତିରିକ୍ତଭାବେ ଯୋଗାଇ ଦିଆଯାଇଛି। ସେହିପରି କୃଷି ବିଭାଗ ଦ୍ୱାରା ଲାଇସେନ୍ସପ୍ରାପ୍ତ ୨୮୭ଜଣ ବେସରକାରୀ ଖୁଚୁରା ବିକ୍ରେତାଙ୍କ ମାଧ୍ୟମରେ ସାର ବିକ୍ରି ଜାରି ରହିଥିବା କୃଷି ବିଭାଗ ସୂଚନା ଦେଇଛି। ଅନ୍ୟପଟେ ଜିଲାର ଚାଷୀମାନେ ସାର ସଙ୍କଟ ଏବଂ ସାର କଳାବଜାରକୁ ନେଇ ଖରିଫ୍ ଚାଷକାର୍ଯ୍ୟ ଆରମ୍ଭରୁ ଅଭିଯୋଗ କରି ଆସୁଛନ୍ତି। ସାର ବିକ୍ରିରେ କଳାବଜାର ଚାଲିଥିବା ନେଇ ଚାଷୀ ସଙ୍ଗଠନ ଜୟ କିଶାନ ଆନ୍ଦୋଳନ, ସଂଯୁକ୍ତ କୃଷକ ସଙ୍ଗଠନ ଅଭିଯୋଗ କରି ଆସିଛନ୍ତି। ବିଭିନ୍ନ ସ୍ଥାନରେ ଚାଷୀମାନେ ସାର ପାଇଁ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି। ତେବେ ଚାଷକାର୍ଯ୍ୟ ଛାଡ଼ି ଆନ୍ଦୋଳନକୁ ଓହ୍ଲାଇବା ପରେ ହିଁ ସେମାନଙ୍କୁ ସରକାରୀ ନିର୍ଦ୍ଧାରିତ ଦରରେ ସାର ମିଳୁଛି, ନଚେତ୍ ଚଢ଼ାଦରରେ କିଣିବା ପାଇଁ ବାଧ୍ୟ ହେବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଅନୁରୂପଭାବେ ଶନିବାର ଘେଁସ୍ ଏବଂ ଲେଖାପଥର ଗ୍ରାମରେ ସାର ସଙ୍କଟ ପ୍ରତିବାଦରେ ଅସନ୍ତୁଷ୍ଟ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ରାସ୍ତାରେ ଯାଉଥିବା ୟୁରିଆ ସାର ବୋଝେଇ ଟ୍ରକକୁ ଘେଁସ୍ ଏବଂ ଲେଖାପଦରରେ ସେମାନେ ଅଟକ ରଖିଥିଲେ। ତେବେ ଘେଁସ୍‌କୁ ବିଭାଗୀୟ ଅଧିକାରୀମାନେ ପହଞ୍ଚି ୟୁରିଆ ସାର ଯୋଗାଣ ଆରମ୍ଭ କରିଥିଲେ। ସେହିପରି ଲେଖାପଦରରେ ସାର ବୋଝେଇ ଟ୍ରକକୁ ଅଟକ ରଖିଥିବା ଛୁରିଆପାଲି ଅଞ୍ଚଳର ଚାଷୀଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ମଧ୍ୟ ସାର ଯୋଗାଣ ନେଇ ତ୍ୱରିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଜିଲାରେ ସାରବିକ୍ରି ନେଇ ଚାଲିଥିବା ଅନିୟମିତତା ରୋକିବାକୁ ଜିଲାସ୍ତରରେ ୨ଟି ଏବଂ ବ୍ଲକସ୍ତରରେ ୧୨ଟି ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ଲୋଚନ ମାଝୀ ସୂଚନା ଦେଇଛନ୍ତି। ଏପର୍ଯ୍ୟନ୍ତ ଜିଲାରେ ୯ଜଣ ଡିଲରଙ୍କ ଲାଇସେନ୍ସ ରଦ୍ଦ କରାଯାଇ ଥିବାବେଳେ ୪୮ଜଣ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ତରଭା ଆଇସିଡିଏସ୍: ଟଙ୍କାରେ ଫିଲ୍‌ଟର କିଣା

**ଆର୍ଥିକ ଅନିୟମିତତା ଓ ଦୁର୍ନୀତି ସନ୍ଦେହ**

ତରଭା, ୬।୯( ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଆଇସିଡିଏସ୍‌ର ଫିଲ୍ଟର କିଣାକୁ ନେଇ ଚର୍ଚ୍ଚା ଜୋର ଧରିବାରେ ଲାଗିଛି। ପ୍ରକାଶ ଥାଉକି ତରଭା ଆଇସିଡିଏସର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଏଇ କିଛି ଦିନ ହେଲା ଆଇସିଡିଏସ ତରଫରୁ ଫିଲଟର୍ ଯୋଗାଇ ଦିଆଯାଇଛି। ଏଥିପାଇଁ ପ୍ରତି ଅଙ୍ଗନୱାଡି କେନ୍ଦ୍ରରୁ ୧୨୩୦ ଟଙ୍କା ଅଙ୍ଗନୱାଡି କର୍ମୀଙ୍କୁ ଦେବାକୁ ପଡୁଥିବା ତରଭା ସିଡିପିଓ ଜ୍ଞାନା ନନ୍ଦ ମହାନନ୍ଦ ପ୍ରକାଶ କରିଥିଲେ। ତରଭା ଆଇସିଡିଏସ ଅଧୀନରେ ଦୁଇ ଶହ ଷାଠିଏରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିପାଇଁ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ରହିଛି ଏବଂ ଏଗୁଡିକ କିଣାବିକା ଟେଣ୍ଡର ପ୍ରକ୍ରିୟା ଜରିଆରେ ହେବା କଥା। କିନ୍ତୁ ଏଠାରେ ତାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଖବର ନେବାରେ ଜଣାଯାଇଛି, ଟେଣ୍ଡର ହୋଇଛି ନା ଉପରିସ୍ଥ ଅଧିକାରୀଙ୍କ ଲିଖିତ ଆଦେଶନାମା ଅଛି ନା ଏଥିପାଇଁ ଟଙ୍କା ଅନୁମୋଦନ ହୋଇଛି। ଏନେଇ ସିଡିପିଓଙ୍କୁ ପଚାରିବାରୁ ଅଙ୍ଗନୱାଡି କର୍ମୀମାନେ ତାଙ୍କ ସୁଧ ଟଙ୍କା କିମ୍ବା କଣ୍ଟିଜେନ୍ସି ଟଙ୍କାରୁ କିଣିବା ପାଇଁ କହିଛି ବୋଲି କହିଥିଲେ । ସୁବର୍ଣ୍ଣପୁର ଡିଏସଡବ୍ଲ୍ୟୁ କିନ୍ତୁ ଏବିଷୟରେ କିଛି ଜାଣି ନ ଥିବା କହିଛନ୍ତି । ଏଠାରେ ପ୍ରଶ୍ନ ଉଠେ ବିନା ଟଙ୍କାରେ ଆଗତୁରା କିଏ ଏତେ ସଂଖ୍ୟକ ଫିଲଟର ଯୋଗାଇଲା ଏବଂ ତାହା ସିଧାସଳଖ ପୁଣି ଆଇସିଡିଏସ ନେବେ ବୋଲି କେଉଁ ଆଧାରରେ କେଉଁ ଆଦେଶ ବଳରେ ଅଙ୍ଗନବାଡି କର୍ମୀମାନେ କିଣିବେ ବୋଲି ସିଡିପିଓ କହିଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। ଏଥିରୁ ବୁଝା ପଡେ ଏଥିରେ କିଛି ନା କିଛି କିଣା ବିକାରେ ଅନିୟମିତତା ଥିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଦିଗରେ ତଦନ୍ତ ହେବ ବୋଲି ପ୍ରକାଶ କରିଥିଲେ। ଏହା କେଉଁ ମଧ୍ୟସ୍ଥ କି ବ୍ୟବସାୟୀ ପ୍ରତିଷ୍ଠାନ ଜରିଆରେ କରାଯାଉଛି ଏଂ କେଉଁ ପ୍ରକାର ସ୍ୱାର୍ଥ ସାଧନ ପାଇଁ ଫିଲ୍ଟର କିଣାଯାଇଛି ତାହା ତଦନ୍ତ ସାପେକ୍ଷ।

# ଅନନ୍ତ ପୂଜାରେ ସହର ଉତ୍ସବ ମୁଖର

ବରପାଲି,୬।୯(ଚିତ୍ତରଞ୍ଜନ ସାହୁ): ଅନନ୍ତ ନାରାୟଣ ପୂଜା ପାଇଁ ସହର ଚଳ ଚଞ୍ଚଳ ହୋଇ ଉଠିଛି। ସହରରେ ଅନନ୍ତ ନାରାୟଣ କ୍ଲବ, କୁଲି ପଡ଼ା, ନବରତ୍ନ କ୍ଲବ, ଓଡ଼ିଆ ପଡ଼ା ଭାଗବତ ମନ୍ଦିର, ମହିମା କ୍ଲବ, ବେଦବ୍ୟାସ କ୍ଲବ, କଳାକାର କ୍ଲବ, ଶିବାଜି କ୍ଲବ ଆଦି ସ୍ଥାନରେ ପୂଜା ଆରମ୍ଭ ହୋଇଛି। ପ୍ରତ୍ୟେକ ମଣ୍ଡପରେ ରାତିରେ ପ୍ରବଚନ, ପାଲା, ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ପଦ୍ମପୁରରେ ମହମ୍ମଦ ଜୟନ୍ତୀ

ପଦ୍ମପୁର,୬।୯( ପ୍ରଦୀପ୍ତ ଦାସ): ପଦ୍ମପୁର ମୁସଲିମ ସମାଜ ତରଫରୁ ମହମ୍ମଦ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜୟନ୍ତୀ ପାଳନ କମିଟି ଆନୁକୂଲ୍ୟରେ ପଦ୍ମପୁର ମସଜିଦ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ଆଶୁତୋଷ ହୋତା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ତାଜ କମିଟିର ସଦସ୍ୟ ସହଯୋଗ କରିଥିଲେ।




ନୂଆଁଖାଇ ପାଳନ ଅବସରରେ ଉପସ୍ଥିତ ଗ୍ରାମବାସୀ।

# ତହସିଲ ଛକ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବରପାଲି, ୬।୯(ଚିତ୍ତରଞ୍ଜନ ସାହୁ)

ବରପାଲି ତହସିଲ ଛକରେ ହେଉଥିବା ଦୁର୍ଗାପୂଜା ପାଇଁ ଶନିବାର ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି । ଏଥିରେ ପଣ୍ଡିତ ହେମନ୍ତ ମିଶ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ଏହି ଶୁଭ ସ୍ତମ୍ଭ ସ୍ଥାପନ ସମୟରେ ସଭାପତି ପ୍ରଫେସର ସୁଶୀଲ ଶତପଥୀଙ୍କ ସମେତ ବହୁ ସଦସ୍ୟ, ବ୍ରାହ୍ମଣ ସମାଜର ସଭାପତି କୃଷ୍ଣଚନ୍ଦ୍ର ଦେବତା, ନରେନ୍ଦ୍ର ଶତପଥୀ, ରାଜ୍ୟ ସମବାୟ ସମିତିର ଉପସଭାପତି ବିରୋସନ ସାହୁ, ସମାଜସେବୀ ନରେନ୍ଦ୍ର ହୋତା, ଗୌରହରି ମିଶ୍ର, ନିର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ତହସିଲ ଛକ ଜୟ ଜଗଦମ୍ବା କ୍ଲବ ଦୁର୍ଗାପୂଜା ମଣ୍ଡପର ପୂଜକ ଭାବରେ ହେମନ୍ତ ମିଶ୍ର ରହିଥିବା ବେଳେ କର୍ତ୍ତାଭାବରେ ଚିତ୍ତରଞ୍ଜନ ମିଶ୍ର ସପତ୍ନୀଙ୍କ ରହି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଚିତ୍ତରଞ୍ଜନ ସାହୁ, ଶରତ ପାଣିଗ୍ରାହୀ, ପଦ୍ମଲୋଚନ ପଣ୍ଡା, ବୁଲୁ ଦାସ, ରୋହିତ ରାଉତ, ପ୍ରମୋଦ ଗହୀର, ଭରତ ଗହୀର, ବଜରଙ୍ଗ ଗହୀର, ପଦ୍ମଲୋଚନ ସାହୁ, ରଞ୍ଜନ ବେହେରା, ଦୁଷ୍ମନ୍ତ ମିଶ୍ର, ଭବାନୀ ଶର୍ମା, ପ୍ରମୋଦ ଷଡ଼ଙ୍ଗୀ, ଲଳିତ ଚିନ୍ଦା, ସରୋଜ ତ୍ରିପାଠୀ, ସନ୍ତୋଷ ସାହୁ, ସମାରୁ ପରିଡା, ସନ୍ତୋଷ ସାହୁ, ସୁଦାମ ରାଉତ, ସୁମନ ସାହୁ, କୁନା ବାରିକ, ଧନସିଂ ବରିହା, ମୁରଲୀ ପଧାନ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ, ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୬।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଓକିଲ ସଂଘ ତରଫରୁ ସଂଘ କାର୍ଯ୍ୟାଳୟ ପରିସରରେ ଶନିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ପଦ୍ମପୁର ଓକିଲ ସଂଘର ଅନୁରୋଧ କ୍ରମେ ଓଡ଼ିଶା ମାନବାଧିକାର କମିଶନ ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଝାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ଏହାସହ ଓକିଲାତି ପେସାରେ ଦୀର୍ଘ ୫୦ ବର୍ଷ ଧରି ଅନବରତଭାବେ କାର୍ଯ୍ୟ ତୁଲାଉଥିବା ବରିଷ୍ଠ ଆଇନଜୀବୀ ରତିଶ ଚନ୍ଦ୍ର ଆଚାର୍ଯ୍ୟ, ରାଧାବଲ୍ଲଭ ପାଣିଗ୍ରାହୀ, ଗୌନ୍ତିଆ କୁମାର ସାହୁ, ପ୍ରେମରାଜ ଅଗ୍ରୱାଲ, ସୁରେଶ ଚନ୍ଦ୍ର ସାହୁଙ୍କୁ ସଂଘ ତରଫରୁ ସମ୍ମାନିତ କରାଯାଇଥିବା ବେଳେ ସ୍ୱର୍ଗତ ରାମକୃଷ୍ଣ ଦାଶ, ଗଜାନନ ବାରିକଙ୍କ ସ୍ମୃତିପତ୍ର ତାଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଦୌରାଜଜ୍ ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଉପଜିଲାପାଳ ସ୍ନେହା ଅରୁଗୁଲା, ସବ୍ ଜଜ୍ ସୁଶ୍ରୀ କୁମୁଦିନୀ ମୁଦୁଲି, ଏସ୍‌ଡିଜେଏମ୍ ଧ୍ରୁବି ସୋଲାଙ୍କି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ଓକିଲ ସଂଘ ସଭାପତି ରାମ ରତନ ପୁରୋହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଓକିଲ କିଶୋର କୁମାର ମେହେର ପରିଚାଳନା କରିବା ସହ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ।




ପଦ୍ମପୁରର ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହେଲେ ରୀତା

ସୋହେଲା, ୬।୯( ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ସୋହେଲା ବ୍ଲକର ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟର



କଳା ଶିକ୍ଷୟିତ୍ରୀ ରୀତା ପ୍ରଧାନ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସେ ଦଶମ ଶ୍ରେଣୀର ଦ୍ୱିତୀୟ ଭାଷା(ଇଂଲିଶ) ବିଷୟରେ ତାଙ୍କର ଅନନ୍ୟ ଓ ବହୁମୁଖୀ ଦକ୍ଷତା ପ୍ରଦର୍ଶନ କରି ରାଜ୍ୟର ଶ୍ରେଷ୍ଠ ୧୦ଜଣ ଶିକ୍ଷକ ମଧ୍ୟରେ ଜଣେ ହୋଇ ସେପ୍ଟେମ୍ବର ୫ ଗୁରୁ ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର -୨୦୨୪ ପାଇବାର ଗୌରବ ଅର୍ଜନ କରିଛନ୍ତି। ରିତା ପଧାନଙ୍କ ଏହି ସଫଳତା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଇରାସିସ ଆଚାର୍ଯ୍ୟ, ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୃତା ସାହୁ ଅଭିନନ୍ଦନ ଜଣାଇଛନ୍ତି ।

# ସମାଜକୁ ସଙ୍ଗଠିତ କରିବାରେ ନୂଆଁଖାଇ ଭେଟଘାଟ ଏକ ମାଧ୍ୟମ

**ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ନୂଆଁଖାଇ ଭେଟଘାଟ**

ଭଟଲି, ୬।୯( ବିଜୟ ମେହେର)

ଭଟଲି ବ୍ଲକ ରଣେଶ୍ୱର ରାମଚଣ୍ଡୀ କୁଲତା ସମାଜର ନୂଆଁଖାଇ ଭେଟଘାଟ ନୂଆଁଗଡ଼ ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସାଧାରଣ ସଭାରେ ଭଟଲି ବ୍ଲକ କୁଲତା ସମାଜ ସଭାପତି ସଞ୍ଜୟ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ସମ୍ପାଦକ ମାଧବ ପ୍ରସାଦ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରି ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ନିତ୍ୟାନନ୍ଦ ପଧାନ, ସୌରୀ ଚରଣ ବାରିକ, ଡ. ଅରୂପାନନ୍ଦ ସାହୁ, ଲୋକନାଥ ସାହୁ ଏବଂ କମଗାଁ ପୀଠରୁ ଆସିଥିବା ଶ୍ୟାମସୁନ୍ଦର ଗଡତିଆ ସମାଜକୁ ସଙ୍ଗଠିତ କରିବାରେ ନୂଆଁଖାଇ ଭେଟଘାଟ ଏକ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ। ପ୍ରଥମେ ରଣେଶ୍ୱର ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଆଦି ପୀଠ କମଗାଁ ଏବଂ ରାମଚଣ୍ଡୀ ମନ୍ଦିର ନୂଆଁଗଡ଼ର ପୂଜକମାନେ ପ୍ରଥମେ ରଣେଶ୍ୱର ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ସମାଜର ମହିଳାମାନଙ୍କ ଦ୍ୱାରା ଆରିସା ପିଠା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଚଳିତବର୍ଷ ଲୋକଙ୍କ ସେବାରେ ଯୋଗଦେଇଥିବାରୁ ସୁକୁଡ଼ା ଗ୍ରାମର ଡ. ଦିନେଶ ନାଏକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମସ୍ତେ ସାମୂହିକ ପ୍ରସାଦ ସେବନ କରି ନୂଆଁଖାଇ ପାଳନ କରିଥିଲେ। ଉପସଭାପତି ବୈରାଗୀ ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଲତା ସମାଜର କୁନି କୁନି ଛୁଆମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ପ୍ରସିଦ୍ଧ ହାସ୍ୟ କବି ଦେବେନ୍ଦ୍ର ସାହୁ, ଅଭିମନ୍ୟୁ ପଧାନ ଏବଂ ବାଙ୍କା ବିହାରୀ ସାହୁ ହାସ୍ୟ ରସାତ୍ମକ କବିତା ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ନୂଆଁଗଡ଼ ମନ୍ଦିର କମିଟିର ଜଗଦୀଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଭଟଲି ବ୍ଲକ କୁଲତା ସମାଜର ଉପସଭାପତି କ୍ଷୀରଧର ସାହୁ, ସହସମ୍ପାଦକ ରାଜାରାମ ସାହୁ, ଦୁଃଖନାସନ ସାମଲଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଭଟଲି ବ୍ଲକର ସମସ୍ତ ୧୬ ପଞ୍ଚାୟତରୁ କୁଲତା ସମାଜର ହଜାର ହଜାର ସଦସ୍ୟ ସପରିବାର ଯୋଗଦାନ କରିଥିଲେ। ଗୁରୁଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁଙ୍କ ପ୍ରତ୍ୟକ୍ଷ ଶିକ୍ଷାଦାନ ଉତ୍ତମ ମାନବ ନିର୍ମାଣକରେ

ବୌଦ୍ଧ,୬।୯(ଅଜିତ କୁମାର ବାରିକ)

ବୌଦ୍ଧର ନୀଳଚକ୍ର ସାହିତ୍ୟ ସଂସଦ, ବୌଦ୍ଧ ଚକ୍ର ଓ ଭାବ ସମ୍ରାଟ ପକ୍ଷରୁ ସହରର ପାରିଜାତ ପ୍ୟାଲେସ ସମ୍ମିଳନୀଠାରେ ଶୁକ୍ରବାର ଗୁରୁବନ୍ଦନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଡ. ସଞ୍ଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ ଅତିଥି ପରିଚୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଓ ସମ୍ମାନୀତ ଅତିଥି ଭାବେ ଅଧାପକ ଅକ୍ଷୟ କୁମାର ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଅଧାପକ ଡ. ପ୍ରଫୁଲ କୁମାର ରଥ, ପଦ୍ମ ଚରଣ ମିଶ୍ର, ସୁଧିର କୁମାର ସାହୁ ଯୋଗ ଦେଇଥିଲେ। ଉତ୍ସବରେ ଡ. ପ୍ରଫୁଲ୍ଲ କୁମାର ରଥ, ଅକ୍ଷୟ କୁମାର ଦାଶ, ହରିହର ସାହୁ, ଲକ୍ଷ୍ମଣ କୁମାର ମହାପାତ୍ର, ସୁଶାନ୍ତ କୁମାର ମହାପାତ୍ର, ସନ୍ତୋଷ କର୍ଣ୍ଣ, ସନ୍ତୋଷ କୁମାର ଶତପଥୀ, ସୁନେଲୀ ପୁରୋହିତ, ଉତ୍ତମ କୁମାର ବେହେରା, ଦେବେନ୍ଦ୍ର ମିଶ୍ର, ଚିନ୍ତାମଣି ସ୍ୱାଇଁ, ଚିତ୍ତରଞ୍ଜନ ମେହେରଙ୍କୁ ନୀଳଚକ୍ର ଗୁରୁ ଗୌର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷା ସମ୍ମାନପ୍ରାପ୍ତ ଦିଲୀପ କୁମାର ମହାନ୍ତି ଓ ଗୋପାଳ ଅମାତଙ୍କୁ ମଧ ସମ୍ମାନୀତ କରାଯାଇଥିଲା। ସମ୍ପାଦକ ଦିଲୀପ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ସତ୍ୟନାରାୟଣ ସାହୁ ମାନପତ୍ର ପଠନ ଓ ସଂଯୋଜକ ସନ୍ତୋଷ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସତ୍ୟନାରାୟଣ ସାହୁ, କୁଳମଣି ମେହେର, ହିମାଚଳ ପ୍ରଧାନଙ୍କ ସଂଯୋଜନାରେ ୩୦ ଜଣ କବି କବିତା ପଠନ କରିଥିଲେ। ଶେଷରେ ସୁଧିର ଦୀପ ଧନ୍ୟବାଦ ପ୍ରଦାନ କରିଥିଲେ। ଗୁରୁଙ୍କ ପ୍ରତ୍ୟକ୍ଷ ଶିକ୍ଷାଦାନ ଉତ୍ତମ ମାନବ ନିର୍ମାଣ କରେ ବୋଲି ଅତିଥିମାନେ କହିଥିଲେ।




ଉତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

# ଡାକ୍ତରଖାନାରେ ତାଲା ପକାଇଲେ ଅଞ୍ଚଳବାସୀ

- ଡାକ୍ତର ନିଯୁକ୍ତି ଦାବି
- ଠିକ୍ ସମୟରେ କର୍ମଚାରୀମାନେ ଆସୁ ନ ଥିବା ଅଭିଯୋଗ

ପାଇକମାଲ, ୬।୯(ବଡ ଶତପଥୀ)



ଡାକ୍ତରଖାନାରେ ଅଞ୍ଚଳବାସୀ ତାଲା ପକାଇ ଧାରଣାରେ ବସିଛନ୍ତି।

ବରଗଡ଼ ଜିଲା ପାଇକମାଳ ବ୍ଲକ ଜାମସେଠ ଡାକ୍ତରଖାନାରେ ଅଞ୍ଚଳବାସୀ ଶନିବାର ତାଲା ପକାଇ ଡାକ୍ତରଖାନା ବନ୍ଦ କରି ବାହାରେ ଅନଶନରେ ବସିଥିଲେ। ବହୁତ ଦିନରୁ ଏଠାରେ ଜଣେ ଏମବିବିଏସ ଡାକ୍ତର ନାହାନ୍ତି, ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ଡ଼ାକ୍ତରଖାନା। ସେତିକି ନୁହେଁ, ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ଠିକ ସମୟରେ କେବେ ବି ପହଞ୍ଚି ନିଜ କାମ କରୁ ନ ଥିବା ସହ ରୋଗୀମାନଙ୍କୁ ବହୁତ ହଇରାଣ ହରକତ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେଣୁ ଶନିବାର ଜାମସେଠ ଯୁବକ ସଂଘ, ଗ୍ରାମବାସୀ ତଥା ଅଞ୍ଚଳବାସୀ ଡାକ୍ତରଖାନାକୁ ଆସି ତାଲା ବନ୍ଦ କରିଦେଇଥିଲେ । ଏନେଇ ପାଇକମାଳ ପୋଲିସ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଜିନିଷ ଜାଣିବା ପରେ ଅଞ୍ଚଳବାସୀଙ୍କୁ ବୁଝାବୁଝି କରି ଧାରଣରୁ ଉଠାଇଥିଲେ। ୭ ଦିନ ମଧ୍ୟରେ ଜଣେ ଏମବିବିଏସ ଡାକ୍ତର ନିଯୁକ୍ତି ଦିଆ ନ ଗଲେ ଏକ ବଡ଼ ଆନ୍ଦୋଳନ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଏଥିସହ ଆଟେଣ୍ଡେନ, ଷ୍ଟାଫ୍ ନର୍ସ ଭଳି ପଦବୀ ଶିଘ୍ର ନିଯୁକ୍ତି କରାଯାଇ , ଅନେକ ଦିନ ହେଲା ନୂଆ ସରକାରୀ ଡାକ୍ତରଖାନା ତିଆରି ହୋଇ ପଡିରହିଛି, ଏହାକୁ ମଧ୍ୟ ଶୀଘ୍ର ଉଦ୍‌ଘାଟନ କରାଯିବା ନେଇ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚଳନ୍ତା ଟ୍ରକ୍‌ରେ ଲାଗିଲା ନିଆଁ



**କୁତ୍ରା,୬।୯(ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ଗୋମାରଡିହି ବସ୍‌ଷ୍ଟାଣ୍ଡରେ ଶନିବାର ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାରୁ ଜଣାପଡ଼ିଛି, ରାୟପୁରରୁ ଲୁହା ପାଇପ ବୋଝେଇ ଏକ ଟ୍ରକ(ନଂ. ଓଡି୧୫ୱାଇ ୮୪୪୪) ରାଉରକେଲାକୁ ବିଜୁ ଏକ୍ସପ୍ରେସ ୱେ ଉପରେ ଯାଉଥିବା ବେଳେ ଗୋମାରଡିହି ବସ୍‌ଷ୍ଟାଣ୍ଡ ନିକଟରେ ଟ୍ରକ୍‌ର ପଛପଟରୁ ଧୂଆଁ ବାହାରୁଥିବା ଦେଖି ଏହାର ଚାଳକ ଅଟକାଇଥିଲେ। ଟ୍ରକ୍ ଚକରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ଖବର ପାଇ କୁତ୍ରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ।

### ୭ ଫୁଟର ଅଜଗର ଉଦ୍ଧାର

**ବଡ଼ଗାଁ,୬।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଚେମାପଡା ଗ୍ରାମର ରମେଶ ଡୁଙ୍ଗଡୁଙ୍ଗଙ୍କ ଚାଷ ଜମିରୁ ଶନିବାର ପୂର୍ବାହ୍ନ ୧୦ଟାରେ ଏକ ୭ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ସାପ ଧରାଳି ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି। ସୂଚନା ଅନୁଯାୟୀ, ଚାଷଜମିରେ କାମ କରୁଥିବା ମହିଳାମାନେ ଅଜଗରକୁ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ବଡ଼ଗାଁର ସ୍ୱେଚ୍ଛାସେବୀ ତଥା ସାପ ଧରାଳି ମହେନ୍ଦ୍ର କୁମାର ନାଏକଙ୍କୁ ଖବର ଦେଇଥିଲେ। ମହେନ୍ଦ୍ର ସେଠାକୁ ଯାଇ ଜମିରୁ ଅଜଗର ଉଦ୍ଧାର କରି ମହାବୀର ପାହାଡ଼ ତଳି ଜଙ୍ଗଲରେ ଛାଡ଼ିଛନ୍ତି।



### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପ୍ରିୟଦର୍ଶନୀ

**କୁତ୍ରା,୬।୯(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ୍ ତୁନମୁରାସ୍ଥିତ ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପାଢ଼ୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଶୁକ୍ରବାର ଜିଲାସ୍ତରୀୟ ଗୁରୁଦିବସ ଅବସରରେ ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୌରପାଳିକା ତନୟା ମିଶ୍ର ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ। ପାଢ଼ୀ ଚଳିତ ବର୍ଷ ପ୍ରକୃତି ବନ୍ଧୁ ପୁରସ୍କାର ମଧ ପାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ପ୍ରିୟଦର୍ଶନୀ ପାଢ଼ୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ୧୩୦ ବସ୍ତା ସାର ବୋଝେଇ ଟ୍ରକ୍ ଜବତ

- ସାର ଚୋରା ଚାଲାଣ ବେଳେ ଚଢ଼ାଉ
- ଚାଳକ ଅଟକ, ପୋଲିସର ଛାନ୍‌ଭିନ୍

**ବଣାଇଁ,୬।୯(ପ୍ରଦୀପ ତ୍ରିପାଠୀ)**

ସାରା ରାଜ୍ୟରେ ସାରର ଅଭାବ ଦେଖାଦେଇଛି । ବଣାଇଁ ଅଞ୍ଚଳରେ ୟୁରିଆ ସାର ପାଇଁ ଚାଷୀ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ଚଢ଼ାଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ତେବେ ଏହି ସମୟରେ ସାର ଚୋରା ଚାଲାଣ ହେଉଥିବା ଖବର ସାମ୍‌ନାକୁ ଆସିଛି। ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅଧୀନ ଉପୁରଡ଼ା ନିକଟ ବ୍ରାହ୍ମଣୀ ନଦୀ କୂଳରେ ଶନିବାର ରାତିରେ ଏକ ଟ୍ରକ୍ (ଓଡି୦୪କେ/୩୮୧୮)ରୁ ଏକ ଅଟୋ (ନଂ.ଓଡି୧୪ଏଚ୍/୫୮୬୫)ରେ ୟୁରିଆ ସାର ଲୋଡ୍ ହେଉଥିବା ବେଳେ ବଣାଇଁ ପୋଲିସ ଚଢ଼ାଉ କରିଥିଲା। ପୋଲିସ ୟୁରିଆ ବୋଝେଇ ଅଟୋକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଏଥିସହ ୧୩୦ ବସ୍ତା ସାର ଓ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଛି। ରାଉରକେଲାର ଜଣେ ବ୍ୟବସାୟୀ ଏହି ସାରକୁ ସମ୍ବଲପୁରରୁ ଆଣିଥିଲେ। ବଣାଇଁର ଜଣେ ଡିଲର ସାରକୁ ଦୋକାନରେ ବିକ୍ରି ନ କରି ଏକ ନିରୋଳା ସ୍ଥାନରେ ଚଢ଼ା ଦରରେ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନାଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

# ୨ ଏଟିଏମ୍ ଲୁଟେରା ଗିରଫ



ଗିରଫ ଅଭିଯୁକ୍ତ ଦ୍ୱୟ।

### ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟୁଥିଲେ

**ସୁନ୍ଦରଗଡ,୬।୯(ଜୟ ନାରାୟଣ ମେଣ୍ଡୁଲି)**

ଏଟିଏମ ଭିତରେ ଧାଡିରେ ଛିଡା ହୋଇ ଲୋକଙ୍କୁ ଟଙ୍କା ଉଠାଣରେ ସହାୟତା ବାହାନା କରି ଚତୁରତାର ସହ କାର୍ଡ ବଦଳାଇ ଟଙ୍କା ଲୁଟି ନେଉଥିବା ୨ଜଣ ଏଟିଏମ ଲୁଟେରାଙ୍କୁ ସୁନ୍ଦରଗଡ ଟାଉନଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶ ରାଜ୍ୟ ସାମଲି ଜିଲାର ସାଭେଜ ଅଲ୍ଲୀ(୩୪) ଓ ଆଜହଦାର ହୁସେନ(୩୫)। ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଶନିବାର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ୮ତାରିଖରେ ସୁନ୍ଦରଗଡ ସହର ରାଣୀବଗିଚା ସ୍ଥିତ ଏଟିଏମ କାଉଣ୍ଟରରୁ ଜଣେ ଆଦିବାସୀ ମହିଳା ଟଙ୍କା ଉଠାଇବା ପାଇଁ ଧାଡିରେ ଛିଡା ହୋଇଥିଲେ। ପଛରେ ଛିଡା ହୋଇଥିବା ଅଭିଯୁକ୍ତ ସାଭେଜ ଓ ଆଜହଦାର ତାଙ୍କୁ ସହାୟତା କରିବା ବାହାନାରେ କାର୍ଡ ବଦଳାଇ ଚାଲି ଯାଇଥିଲେ। କିଛି ସମୟ ପରେ ମହିଳା ଆକାଉଣ୍ଟରୁ ୪୦ହଜାର ଟଙ୍କା ଉଠି ଯାଇଥିବା ଜଣା ପଡିବା ପରେ ସେ ଟାଉନଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଟାଉନଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲିଙ୍କ ନେତୃତ୍ୱରେ ଗଠିତ ଟିମ ସିସି ଟିଭି ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ଏହି ୨ ଲୁଟେରାଙ୍କୁ ଝାରସୁଗୁଡାରୁ ଗିରଫ କରିବାରେ ସଫଳ ହୋଇଥିଲା। ସେହିପରି ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଅନ୍ୟ ଏକ ଏଟିଏମରେ ମଧ ଜଣେ ବ୍ୟକ୍ତିଙ୍କ ଠାରୁ ଏହିଭଳି ସମାନ ଢଙ୍ଗରେ ୧୯ହଜାର ୪୦୦ ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ରିପୋର୍ଟ ହୋଇଥିଲା। ପୋଲିସ ତଦନ୍ତ ପରେ ଜାଣିବାକୁ ପାଇଛି, ଏହି ୨ ଲୁଟେରା ଟ୍ରେନ ଯୋଗେ ଉତ୍ତର ପ୍ରଦେଶରୁ ଝାରସୁଗୁଡା ଆସି ରେଳ ଷ୍ଟେଶନ ନିକଟରେ ଥିବା ହୋଟେଲରେ ରହୁନ୍ତି। ବାଇକ ଯୋଗେ ଲୁଗା ବିକାଳି ଭାବେ ବିଭିନ୍ନ ସ୍ଥାନ ବୁଲି ଏଟିଏମ ଓ ଘର ଗୁଡିକୁ ଟାର୍ଗେଟ କରି ଲୁଟ କରନ୍ତି। ରେଳ ଷ୍ଟେଶନ ପାର୍କିଂରେ ବାଇକ ରଖି ନିଜ ଗାଁ କୁ ଯାଇ ପୁଣି ଆସି ପୁଣି ଲୁଟପାଟ କରିଥାନ୍ତି। ବାହାର ରାଜ୍ୟର ଲୁଟେରାଙ୍କ ଏଭଳି ଟଙ୍କା ଲୁଟ ଘଟଣାକୁ ନେଇ ପୋଲିସ ଜନସାଧାରଣଙ୍କୁ ସତର୍କ କରିଛି। ସଦର ଏସ୍‌ଡିପିଓ ମହାପାତ୍ର କହିଛନ୍ତି, ଏଟିଏମରୁ ଟଙ୍କା ଉଠାଇବା ସମୟରେ ଅଜଣା ବ୍ୟକ୍ତିଙ୍କ ସହାୟତା ନିଅନ୍ତୁ ନାହିଁ। ଏପରିକି ନିଜର ଏଟିଏମ ପାସ ୱାର୍ଡ, କାର୍ଡ ନମ୍ବର, ଆଧାର ନମ୍ବର, ଓଟିପି ନମ୍ବର ,ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ଏବଂ ବ୍ୟକ୍ତିଗତ ସୂଚନା କାହାକୁ ଦିଅନ୍ତୁ ନାହିଁ , କିମ୍ବା କୌଣସି ସୋସିଆଲ ମିଡିଆରେ ସେୟାର ନ କରିବାକୁ ଅନୁରୋଧ କରି ସଚେତନ ଓ ସତର୍କ ରହିବାକୁ କହିଛନ୍ତି। କିଛି ଅସୁବିଧା ହେଲେ ଆପଣଙ୍କ ବ୍ୟାଙ୍କ ମ୍ୟାନେଜରଙ୍କ ସହାୟତା ନେବାକୁ ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ଭାଜପା ପକ୍ଷରୁ ଜିଲାସ୍ତରୀୟ ସେବା ପକ୍ଷ କର୍ମଶାଳା





କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ସୁନ୍ଦରଗଡ,୬।୯(ଜୟ ନାରାୟଣ ମେଣ୍ଡୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ପାଳନ ପାଇଁ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ଜିଲାସ୍ତରୀୟ ସେବାପକ୍ଷ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୋଜପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ଗିରୀଶ ସାହୁଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ୧୭ଠାରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ୱଚ୍ଛତା ଅଭିଯାନ, ମା' ପାଇଁ ଗଛ ଟିଏ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରବନ୍ଧ, ପ୍ରଧାନମନ୍ତ୍ରୀଙ୍କ ଜୀବନ ଉପରେ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀଙ୍କ ଉପରେ ଚୟନିତ ପୁସ୍ତକ ବଣ୍ଟନ, ମୋଦି ବିକାଶ ମାରାଥନ, ଭୋକାଲ ଫର୍ ଲୋକାଲ, ଦିବ୍ୟାଙ୍ଗଜନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନିତ, ସାଂସଦ କ୍ରୀଡ଼ା ପ୍ରତିଯୋଗିତା, ୨୫ ସେପ୍ଟେମ୍ବର ପଣ୍ଡିତ ଦୀନଦୟାଲ ଜୟନ୍ତୀ, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ କିଭଳି ଜିଲାର ସମସ୍ତ ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ୍ ସ୍ତରରେ ସଫଳ ରୂପାୟନ ହେବ ସେହି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ପ୍ରବକ୍ତା ତଥା ସେବା ପକ୍ଷର ଜିଲା ପ୍ରଭାରୀ ଧୀରେନ ସେନାପତି, ସମ୍ମାନିତ ଅତିଥି ଜିଲା ସାଧାରଣ ସମ୍ପାଦକ ତଥା ସେବାପକ୍ଷ ଜିଲା ସଂଯୋଜକ ଅମୀର ନାଏକ, ପୂର୍ବତନ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ ଓ ସେବାପକ୍ଷ କାର୍ଯ୍ୟକ୍ରମର ସୁନ୍ଦରଗଡ଼ ବିଧାନସଭା ସହ ସଂଯୋଜିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସେବାପକ୍ଷ କାର୍ଯ୍ୟକ୍ରମର ରାଜଗାଙ୍ଗପୁର ବିଧାନସଭା ସହ ସଂଯୋଜକ ନରସିଂହ ମିଞ୍ଜ, ଜିଲା ଉପସଭାପତି ତଥା ସେବାପକ୍ଷ ତଳସରା ବିଧନସଭା ସହ ସଂଯୋଜକ ଗୁଲସନ ବରୁଆ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ସେବାପକ୍ଷ ତଳସରା ବିଧାନସଭା ସହ ସଂଯୋଜକ ଶିଶିର ରାଉତରାୟ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସେବାପକ୍ଷ କାର୍ଯ୍ୟକ୍ରମର ମଣ୍ଡଳ ସଂଯୋଜକ, ସହ ସଂଯୋଜକ ଏବଂ ଜିଲାର ଶତାଧିକ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ରୂପେଶ ପଟେଲ ସଭାକାର୍ଯ୍ୟ ସମ୍ପାଦନ କରିଥିଲେ।

## ଧାର୍ମିକ ଶୋଭାଯାତ୍ରାରେ ଉଡ଼ିଲା ପାଲେଷ୍ଟାଇନ ପତାକା, ଥାନାରେ ମାମଲା

**ରାଉରକେଲା,୬।୯(ସଙ୍ଗୀତା ଜେନା)**

ରାଉରକେଲା ସହରରେ ଗତ ଶୁକ୍ରବାର ଏକ ସମ୍ପ୍ରଦାୟର ଧାର୍ମିକ ଶୋଭାଯାତ୍ରା ବେଳେ ପାଲେଷ୍ଟାଇନ ପତାକା ଉଡାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୋଶିଆଲ ମିଡ଼ିଆରେ ଭିଡ଼ିଓ ଭାଇରାଲ ହେବା ପରେ ଶନିବାର ପୂର୍ବାହ୍ନ ୧୧ଟାରେ ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ପୃଥକ୍ ୨ଟି ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗଗୁଡ଼ିକର ତଦନ୍ତ ପରେ ମାମଲା ରୁଜୁ ହେବ ବୋଲି ଥାନାଧିକାରୀ ବିବସ୍ୱ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଶୁକ୍ରବାର ନାଲାରୋଡ ତଥା ମହତାବ ରୋଡ ଅଞ୍ଚଳରେ ଏକ ସମ୍ପ୍ରଦାୟର ଧାର୍ମିକ ଶୋଭାଯାତ୍ରାରେ ପାକିସ୍ତାନର ବନ୍ଧୁରାଷ୍ଟ୍ର ପାଲେଷ୍ଟାଇନର ପତାକା ଉଡାଯାଇଥିଲା। ଭାରତୀୟ ପତାକା ସହ ଏହା ଉଡିଥିବା ଯୋଗୁ ତାହା ଦେଶଦ୍ରୋହ କାର୍ଯ୍ୟକଳାପ ବୋଲି ଅଭିଯୋଗ କରି ରାଷ୍ଟ୍ରୀୟ ବଜରଙ୍ଗ ଦଳ ରାଉରକେଲା ଶାଖା ପକ୍ଷରୁ ରାଜୁ ସିଂହ, ଅଂଶୁମାନ ପଣ୍ଡା, ଦେବାଶିଷ ହୋତା, ଲକ୍ଷ୍ମୀ ନାରାୟଣ ଶର୍ମା, ରିତ ବିଶ୍ୱାଳ ପ୍ରମୁଖ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଭାଜପା ପକ୍ଷରୁ ଆଇନଜୀବୀ ଏ. କେ ଷଡଙ୍ଗୀ, ପ୍ରକାଶ ପାଶ୍ୱାନ, ଲଖନ ଲୋହାରଙ୍କ ସମେତ କର୍ମକର୍ତ୍ତାମାନେ ଭିଡ଼ିଓ ପ୍ରମାଣ ସହ ଅନ୍ୟ ଏକ ଅଭିଯୋଗ କରିଥିଲେ।

# କର୍ମଯୋଗୀ ଅଭିଯାନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ





ଶିବିରରେ ଯୋଗ ଦେଇଥିବା ଆଦି କର୍ମଯୋଗୀ।

**ବଡ଼ଗାଁ,୬।୯(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦେଓକରଣପୁର ଉଚ୍ଚ ବିଦ୍ୟାଳୟଠାରେ ବୁଧବାରଠାରୁ ଚାଲିଥିବା ଆଦି କର୍ମଯୋଗୀ ଅଭିଯାନର ୩ ଦିବସୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଜିଲାର ୭ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ କଲ୍ୟାଣ ବିଭାଗରୁ ୧୨୦ ଜଣ ଆଦି କର୍ମଯୋଗୀ ଯୋଗଦେଇ ଗ୍ରାମର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ଉପରେ ମତ ରଖିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ କ୍ଷେତ୍ର ସ୍ତରରେ ଉତ୍ତମ ପ୍ରଦର୍ଶନ କରି ଅଭିଯାନକୁ ସଫଳ କରିବାକୁ ବୁଝାଇଥିଲେ। ସେ ବିଭିନ୍ନ ଉଦାହରଣ ମାଧ୍ୟମରେ କ୍ଷେତ୍ରରେ ସମସ୍ତ ବାଧାବିଘ୍ନକୁ ଏଡାଇ ସଫଳତାର ସହ ନିଜ କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ପିଏଆଇଟିଡିଏ, ସୁନ୍ଦରଗଡ଼ ଧୀରେନ୍ଦ୍ର ସେଠୀ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦମୟନ୍ତୀ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକର ୨୭୯ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୮୧୨ଟି ଗ୍ରାମରେ କାର୍ଯ୍ୟକାରୀ ହେବ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା, ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ୍, ଗୃହ, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା, ଆଦିବାସୀ ପରିଚୟକୁ ସଂରକ୍ଷଣ କରିବା ଏବଂ ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବାକୁ ସୁନିଶ୍ଚିତ କରିବା।

## ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗ: ଯୁବକ ଗିରଫ

**ଲହୁଣୀପଡା,୬।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଜଣେ ସମ୍ପର୍କୀୟ ବିଧବା ଭାଉଜଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଲହୁଣୀପଡା ପୋଲିସ ଅଭିଯୁକ୍ତ ରାଉତ ମୁଣ୍ଡା(୩୦)ଙ୍କୁ ଗିରଫ କରି ପଚରାଉଚରା ଚଳାଇଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାରୁ ପ୍ରକାଶ, ରାଉତ ସେହି ଗ୍ରାମର ଜଣେ ଭାଉଜଙ୍କୁ ଯୌନ ନିର୍ଯାତନା ଦେଉଥିଲେ। ଏନେଇ ମହିଳା ଜଣଙ୍କ ଗତ ୨୪ ତାରିଖରେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଅଭିଯୋଗ ହେବା ଜାଣି ରାଉତ ଗ୍ରାମରୁ ଫେରାର ହୋଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶନିବାର ତାଙ୍କୁ ଗିରଫ କରିଛି।

# ଆଦି କର୍ମଯୋଗୀ ଅଭିଯାନର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିବା କର୍ମଚାରୀ।

**ହେମଗିର,୬।୯(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ୍ ସ୍ଥିତ ନୋଡାଲ ୟୁପି ସ୍କୁଲଠାରେ ଶନିବାର ବିଡିଓ ରିନା ନାଏକଙ୍କ ଅଧକ୍ଷତାରେ ଆଦି କର୍ମଯୋଗୀ ଅଭିଯାନର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଗ୍ରାମର ବିକାଶ ନିମନ୍ତେ କ୍ଷେତ୍ରସ୍ତରରେ କିଭଳି କାର୍ଯ୍ୟ କରିବେ ସେ ସମ୍ପର୍କରେ ବ୍ୟବହାରିକ ଅଭ୍ୟାସ କରାଯାଇଥିଲା। ଗ୍ରାମର ଲୋକମାନଙ୍କୁ କିପରି ଭାବରେ ଭୟମୁକ୍ତକରି ତାଙ୍କ ସହ ସୁସମ୍ପର୍କ ସ୍ଥାପନ କରିପାରିବା, ସରକାରଙ୍କ ଜନ ହିତକାରୀ ଯୋଜନାଗୁଡିକର କିପରି ଭାବେ ଲାଭ ପାଇପାରିବେ ସେ ବିଷୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ହେମଗିର ବ୍ଲକ୍‌ର ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ କଲ୍ୟାଣର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିନା ନାଏକ, ପିଏଚ୍‌ଇଓ ସୁରେନ କୁମାର ପଶାୟତ, ଲୁଆବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନବନୀତା ନାଏକ, ଫରେଷ୍ଟର ପ୍ରକାଶ ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ ।

# ଆଦି କର୍ମଯୋଗୀ ଅଭିଯାନ ବୈଠକ

**ବଡ଼ଗାଁ,୬।୯( ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଅପରାହ୍ନରେ ଆଦି କର୍ମଯୋଗୀ ଅଭିଯାନ ବୈଠକ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ସିଡିପିଓ ସୁଜାତା ବେଗଙ୍କ ସହିତ ବିଭିନ୍ନ ବିଭାଗରେ ଅଧିକାରୀ ଏବଂ ସରପଞ୍ଚ ଓ ସମିତି ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ବୈଠକକୁ ବ୍ଲକ ମଙ୍ଗଳ ଅଧିକାରୀ ଦିଲିପ ମାଝୀ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ସ୍ୱେଚ୍ଛାସେବୀ ସଂସ୍ଥାର ସଦସ୍ୟ ଚକ୍ରଧର ପୃଷେଟ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଆଦି କର୍ମଯୋଗୀ ଅଭିଯାନ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଛି।





ଆଦି କର୍ମଯୋଗୀ ଅଭିଯାନ ବୈଠକରେ ଉପସ୍ଥିତ ଅତିଥିମାନେ।

# ଜିଲାପାଳଙ୍କୁ ସାକ୍ଷାତ କଲେ ପୂର୍ବତନ ମନ୍ତ୍ରୀ

### ବିଭିନ୍ନ ସମସ୍ୟାର ସମାଧାନ ଦାବି

**ସୁନ୍ଦରଗଡ଼,୬।୯(ଜୟ ନାରାୟଣ ମେଣ୍ଡୁଲି)**

ରାଜଗାଙ୍ଗପୁରର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ମଙ୍ଗଳା କିସାନ ଶନିବାର ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରି ସ୍ୱାଗତ କରିଥିଲେ। ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ରାଜଗାଙ୍ଗପୁରର ଲାଇପ ଲାଇନ କୁହାଯାଉଥିବା ଫ୍ଲାଏଓଭରର କାମ ଅତ୍ୟନ୍ତ ଧିମା ହୋଇଯାଇଥିବାରୁ ସେଥି ପ୍ରତି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଜନସାଧାରଣଙ୍କ ଯିବା ଆସିବାର ସୁବିଧା ପାଇଁ ଏହାକୁ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରିବା, ରାଜଗାଙ୍ଗପୁର ସହରରେ ସବୁ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ସେ ଗୁଡିକର ମରାମତି, ସରକାରୀ ଡାକ୍ତର ଖାନାରେ ଡାକ୍ତର ଅଭାବ, ବୁଟୁକୁ ପଡା, ଡୁଡ଼ି, ମାଲିଡ଼ି, ଜରେଇକେଲା, ବୁଢ଼ାମ ରାସ୍ତା ଅତି ଶୋଚନୀୟ ହୋଇପଡିଛି। ତାକୁ ଶୀଘ୍ର କରିବା ପାଇଁ ଅନୁରୋଧ କରିଛନ୍ତି। କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ମୋବାଇଲ ଟାୱାର ନିର୍ମାଣ ସହିତ ଯେଉଁ ସିବିଏସଇ ବୋର୍ଡ଼ର ସ୍କୁଲ ନିର୍ମାଣ ଚାଲିଛି ତାକୁ ତୁରନ୍ତ ଶେଷ କରି ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି ପୂର୍ବତନ ମନ୍ତ୍ରୀ କିସାନ। ତାଙ୍କ ସହ ସୁନ୍ଦରଗଡ଼ ବିଜୁ ଜନତା ଦଳର ନେତା ତଥା ବିଧାୟକ ଯୋଗେଶ ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଓ ରାଜଗାଙ୍ଗପୁରର ବିଜେଡି ନେତା ଅମରେଶ ପଣ୍ଡା ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରାଯାଉଛି।

**ସଂକ୍ଷେପରେ**

## ବନ୍ଦହେଲା ହୀରାକୁଦ ଜଳଭଣ୍ଡାରର ୮ ଗେଟ

### ୧୬ ଗେଟରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୬।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ୮ ଟି ସ୍ଲୁଇସ ଗେଟ ଶନିବାର ଦୁଇଟି ପର୍ଯ୍ୟାୟରେ ବନ୍ଦ କରି ଦିଆଯାଇଛି। ଫଳରେ ବର୍ତ୍ତମାନ ମୋଟ ୧୬ଟି ଗେଟ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୨୬.୩୫ ଫୁଟରେ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୩୮ହଜାର ୯୮୭ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୯୪ ହାଜର ୯୩୮ ଘନଫୁଟ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ୧୬ଟି ସ୍ଲୁଇସ ଗେଟ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୨ ଲକ୍ଷ ୫୮ ହାଜର ୬୫୬ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୨,୦୦୫ ଘନଫୁଟ, ଶିଳ୍ପସଂସ୍ଥା ପାଇଁ ୨୧୪ଘନଫୁଟ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୩୨୩, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ ଜଳ ମିଶି ମୋଟ ୪୦୩୪ ଘନଫୁଟ ଫୁଟ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୧.୨୦ମିଲିମିଟର ଓ ତଳମୁଣ୍ଡରେ ୮.୭୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ସଂସ୍କୃତ ଶିକ୍ଷକଙ୍କ ପରଲୋକ

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ଜିଲ୍ଲା। ଯୁଯୁମୁରା ବ୍ଲକ କେଶାପାଲି ହାଇସ୍କୁଲର ସଂସ୍କୃତ ଶିକ୍ଷକ ସୌକିଲାଲ ଜଗତଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ରାତ୍ର ଭୋଜନ ସାରି ସେ ଶୋଇଥିଲେ। ହେଲେ ଶନିବାର ସକାଳେ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୫୬ବର୍ଷ ହୋଇଥିଲା। ସେ ବୃକକ ଓ ମଧୁମେହ ରୋଗରେ ପୀଡିତ ଥିଲେ। ୧୯୯୬ ମସିହାରେ କେଶାପାଲି ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ କାମ କରୁଥିଲେ। ଆକାଶବାଣୀ ସମ୍ବଲପୁରର ସ୍ୱିକୃତିପ୍ରାପ୍ତ କଳାକାରଭାବେ ଅନେକ ନାଟକରେ ଅଭିନୟ କରିଥିଲେ। ଅବିବାହିତ ଥିବା ଜଗତ ତାଙ୍କ ଦରମାର ସିଂହଭାଗ ଗରିବ ମେଧାବୀ ପିଲାଙ୍କ ପାଠପଢ଼ା ଓ ଗରିବ ଝିଅଙ୍କ ବିବାହରେ ଖର୍ଚ୍ଚ କରୁଥିଲେ। କେଶାପାଲିରେ ଭଡା ଘରେ ସେ ରହୁଥିଲେ। ସେଠାରେ ତାଙ୍କ ପରିବାରର କେହି ରହୁ ନ ଥିବା ବେଳେ ଛାତ୍ର ଦୀପକ ବିଶ୍ୱାଳ ଯତ୍ନ ନେଉଥିଲେ। କେଶାପାଲି ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନଭାଇ କୃଷ୍ଣଚନ୍ଦ୍ର ଜଗତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜଗତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଯୁଯୁମୁରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଅନନ୍ତମୁଖୀ ବ୍ରତ ପାଳିତ

ପଡିଆବାହାଲ,୬।୯(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲିଠାରେ ଅନନ୍ତମୁଖୀ ପାଳିତ ହୋଇଯାଇଛି। ପଣ୍ଡିତ ମହେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଯୁଗଳ କିଶୋର ମିଶ୍ର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା ହୋମ କରି ସଂକଳ୍ପ ପୂର୍ବକ ସର୍ବଶ୍ରୀ ଲକ୍ଷ୍ମଣ ନାୟକ, ଆଶୁତୋଷ ପଣ୍ଡା, ଅଶୋକ ପୁରୋହିତ, ବ୍ରଜ କିଶୋର ମିଶ୍ର, ଅଶୋକ ପୂଜାରୀ, ପ୍ରକାଶ ସୁପକାର, ରାଧାମୋହନ ଷଡ଼ଙ୍ଗୀ, ସୁଦୀପ୍ତ ନାୟକ, ଅଭୟ ନାୟକ, ପ୍ରିୟ ରଞ୍ଜନ, ବିଶ୍ୱରଞ୍ଜନ ପ୍ରବୀଣ କୁମାର ପ୍ରମୁଖ ଦ୍ୱାଦଶ ସ୍କନ୍ଦ ଭଗବତ ପଠନ କରିଥିଲେ। ଏହି ଅବସରସରେ ଅଷ୍ଟାଦଶ ଅଧ୍ୟାୟ ଭାଗବତ ଗୀତା, ବିଷ୍ଣୁ ସହସ୍ର ନାମ, ହନୁମାନ ଚାଳିଶା ପାଠ କରାଯାଇଥିଲା। ନିଲୋତ୍ପଳା ପାଣିଗ୍ରାହୀ, କମଳା ପାଣିଗ୍ରାହୀ, ସନ୍ତୋଷିନୀ ନାୟକ ଗୀତା ପାଠରେ ସହଯୋଗ କରିଥିଲେ। ସନତ ମହାପାତ୍ର, ସବିତା ନାୟକ, ସୁଧାଂଶୁ ମହାପାତ୍ର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯେଗ କରିଥିଲେ।



ଶୋଭାଯାତ୍ରାରେ ସମ୍ବଲପୁରୀ ନୃତ୍ୟ।



ଭେଟ୍‌ଘାଟ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନେ ଗୁରୁ ରଞ୍ଜନ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ନୂଆଁଖାଇ ନୃତ୍ୟ ପରିବେଷଣ କରୁଛନ୍ତି।

# ପଶ୍ଚିମ ଓଡ଼ିଶାର ସବୁ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବ

ସମ୍ବଲପୁର,୬।୯(ପ୍ରମୋଦ ବହିଦାର)

**ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ■ଆଗକୁ ସବୁ ଜିଲାରେ କ୍ୟାବିନେଟ୍ ବୈଠକ ହେବ
- ■ପାରାଦୀପରୁ ସମ୍ବଲପୁର ଦେଇ ରାଉରକେଲା ପର୍ଯ୍ୟନ୍ତ ହେବ ସ୍ୱତନ୍ତ୍ର ଶିଳ୍ପ କରିଡର

ପାରିବାରିକ ପ୍ରେମ ଓ ସମୃଦ୍ଧିର ପ୍ରତୀକ ହେଉଛି ନୂଆଁଖାଇ। ଏହା କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ରହିଛି ତାହା ନୁହେଁ ଏହାକୁ ସମଗ୍ର ରାଜ୍ୟବାସୀଙ୍କ ସହ ଦେଶ ବିଦେଶରେ ମଧ୍ୟ ପାଳନ କରାଯାଉଛି। ସମ୍ବଲପୁରଠାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହା କହିଛନ୍ତି। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ପ୍ରଦୀପ ପ୍ରଜ୍ୱଳନରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ନୂଆଁଖାଇ ଏକ କୃଷିଭିତ୍ତିକ ଗଣପର୍ବ ଓ ନୂଆଁଖାଇ ଜୁହାର ଏ ଅଞ୍ଚଳର ଏକ ସମୃଦ୍ଧ ପରମ୍ପରା। ଏହାସହିତ ନୂଆଁଖାଇ ଆମକୁ ଚାଷୀଙ୍କ ପ୍ରତି କୃତଜ୍ଞ କରିଥାଏ। ନୂଆଁଖାଇ ଉତ୍ସବ ଚାଷୀଙ୍କ ପରିଶ୍ରମର ଫଳ ସ୍ୱରୂପ। ତେଣୁ ରାଜ୍ୟ ସରକାର ଚାଷୀଙ୍କ ଆୟ ବହୁଗୁଣିତ କରିବା ଲକ୍ଷ୍ୟରେ ପ୍ରତିବଦ୍ଧ। ଏହି ଉତ୍ସବ ଗୋଟିଏ ଦିନରେ ସୀମିତ ନ ରହି ବରଂ ଏକାଧିକ ଦିବସ ପର୍ଯ୍ୟନ୍ତ ଜାରି ରହୁଛି। ତେଣୁ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଚଳିତ ବର୍ଷ ନୂଆଁଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଘୋଷଣା କରିଥିଲେ। ସମ୍ବଲପୁର ହେଉଛି ବୀରଭୂମି। ତେଣୁ ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମୀ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ। କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଗତ ଏପ୍ରିଲ୍ ୨୧ରେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ପ୍ରାୟ ୯ହଜାର ୩୭୭ଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ପ୍ରାୟ ୮୮ ପ୍ରତିଶତ ତୁରନ୍ତ ସମାଧାନ କରାଯାଇଥିଲା। ତେବେ ଆଗାମୀ ଦିନରେ କେବଳ ଜନଶୁଣାଣି ନୁହେଁ ବରଂ ଆଗକୁ କ୍ୟାବିନେଟ୍ ମିଟିଂ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଏହି ଅବସରରେ କହିଥିଲେ।

ସେ ଆହୁରି କହିଥିଲେ, ଭାଜପା ସରକାର ରାଜ୍ୟର ପ୍ରତିଟି ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି କି ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ, ଚୌଦ୍ୱାର, ଢେଙ୍କାନାଳ, ଅନୁଗୋଳ ସହିତ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାକୁ ସଂଯୋଗ କରି ଏକ ସମୃଦ୍ଧ ଶିଳ୍ପ କରିଡର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଅପରୂପ ସୌନ୍ଦର୍ଯ୍ୟଭରା ଦେବ୍ରିଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା'ସମଲେଇଙ୍କ ମନ୍ଦିରର ଉନ୍ନତି ପୂର୍ବକ ଏହାକୁ ଏକ ବିକଶିତ ତଥା ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ବଲାଙ୍ଗୀର ଜିଲାର ହରିଶଙ୍କର ଓ ବରଗଡ଼ ଜିଲାର ନୃସିଂହନାଥ ପୀଠକୁ ମଧ୍ୟ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ମାଝୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନରେ ଆସି ସମ୍ବଲପୁର ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରରେ ଓହ୍ଲାଇଥିଲେ। ଏଠାରେ ସେ ସିଧାସଳଖ ସ୍ଥାନୀୟ ସର୍କିଟ ହାଉସକୁ ଯାଇ କିଛି ସମୟ ରହଣି ପରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। ସେଠାରେ ୪ଟା ୫୦ରେ ମା'ସମଲେଶ୍ୱରୀଙ୍କ ଆଳତିରେ ଭାଗ ନେଇ ପୂଜାର୍ଚ୍ଚନା ସହ ମା'ଙ୍କ ଦର୍ଶନ କରି ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗ ଦେବାକୁ ବାହାରିଥିଲେ। ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ ଆୟୋଜକ କମିଟି ସଭାପତି ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରେଢ଼ାଖୋଲା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ିଆ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ନାଉରି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।



ମୁଖ୍ୟମନ୍ତ୍ରୀଙ୍କ ଶୋଭାଯାତ୍ରାରେ ନୂଆଁଖାଇ ଭାର।

## ମେଘପାଳ ଚର୍ଚ୍ଚରେ ମାତୃ ସମ୍ମିଳନୀ

ନାକଟିଦେଉଳ,୬।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ମେଘପାଳ ସନ୍ଥ ଟେରେସା ଶିଶୁ ଯୀଶୁ ଚର୍ଚ୍ଚରେ ତିନି ଦିନ ଧରି ଚାଲିଥିବା ମାତୃ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମେଘପାଳ ଚର୍ଚ୍ଚର ଜ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ ସମ୍ବଲପୁରର ଫାଦର ବର୍ଥ ଲୋମିଓ, ସମ୍ମାନିତ ଅତିଥିଭାବେ ସମାଜସେବୀ ବେନେଦିକ ଲାକ୍ରା ଓ ଅବସରପ୍ରାପ୍ତ କୃଷି ଅଧିଦର୍ଶକ କାଶୀନାଥ ସାହୁ ଯୋଗଦେଇ ଥିଲେ। ଅତିଥିମାନେ ନାରୀମାନଙ୍କର ସାମାଜିକ ସଙ୍ଗଠନ, ସମାଜରେ ସେମାନଙ୍କର ନେତୃତ୍ୱ, ଶିକ୍ଷା, ପରିବାରରେ ଉତ୍ତମ ଶିକ୍ଷା ଦିଆଯାଇ ପିଲାମାନଙ୍କର ଭବିଷ୍ୟତ ଗଠନ କରିବା ଉପରେ ଆଲୋଚନା କରିଥିଲେ। ଏଥିସହିତ ସମାଜର ସବୁ କ୍ଷେତ୍ରରେ ମହିଳାମାନେ ସାମିଲ ହୋଇ ପରିବାର ଏବଂ ସମାଜର ବିକାଶ ଦିଗରେ ଭାଗିଦାର ହେବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ମେଘପାଳ ପାରିଶ ଅନ୍ତର୍ଗତ ୧୪ଟି ଗ୍ରାମରୁ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ।



ମାତୃ ସମ୍ମିଳନୀରେ ଉପସ୍ଥିତ ମହିଳାମାନେ।

# ଏନ୍‌ଇପିରେ ବୈଷୟିକ ଶିକ୍ଷାର ପ୍ରୟୋଗ ନେଇ ଆଲୋଚନା



୨୬ତମ ଅଧ୍ୟାପକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଭିସୁଟ୍‌ରେ ବୈଷୟିକ ଶିକ୍ଷା ନେଇ ଅଧ୍ୟାପକ ସମ୍ମିଳନୀ

ସମ୍ବଲପୁର,୬।୮(ଭବାନୀ ଶଙ୍କର ଭୋଇ)

ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଏଡୁକେଶନ ଓଡ଼ିଶା ସମ୍ଭାଗର ୨୬ତମ ଅଧ୍ୟାପକ ସମ୍ମିଳନୀ ଶନିବାର ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି (ଭିସୁଟ) ବୁର୍ଲାରେ ଆୟୋଜିତ ହୋଇଯାଇଛି। ଏଥିରେ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ରେ ବୈଷୟିକ ଶିକ୍ଷାର ସୁଯୋଗ ଏବଂ ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା। ଅତିଥିଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କେଉଁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି, ରାଉରକେଲାର ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଓ ଭୁବନେଶ୍ୱରସ୍ଥିତ ଓୟୁଟିଆର୍. କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ।

ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବୈଷୟିକ ଶିକ୍ଷା ଉପରେ ଭିସୁଟର ଉପଲବ୍ଧି ବିଷୟରେ ସୂଚନା ଦେଇଥିଲେ। ନିଟ୍ ରାଉରକେଲାର ପ୍ରଫେସର ଡ଼ା. ସୁସ୍ମିତା ଦାସ ଓ ନିଟ୍ ରାୟପୁରର ପ୍ରଫେସର ସୁଭଙ୍କର ଭୌମିକ ବକ୍ତା ଭାବେ ଯୋଗଦେଇଥିଲେ। ବକ୍ତାମାନେ ଜାତୀୟ ଶିକ୍ଷାନୀତି ୨୦୨୦କୁ ବୈଷୟିକ ଶିକ୍ଷାରେ କିପରି ପ୍ରୟୋଗ କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ମାତୃଭାଷାରେ ଶିକ୍ଷାଦାନ ସହ ବୈଷୟିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଗବେଷଣା ଏବଂ ସୃଜନଶୀଳତାକୁ କାର୍ଯ୍ୟକାରୀ କରିବା ଦିଗରେ ଅଧିକ ସମ୍ଭାବନା ରହିଛି। ଏହି ଅବସରରେ ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଏଜୁକେଶନ ଓଡ଼ିଶା ସମ୍ଭାଗର ସଭାପତି ପ୍ରଫେସର ପ୍ରଭାତ କୁମାର ପାଢୀ, ଭିସୁଟ୍ କୁଳ ସଚିବ ପ୍ରଦୀପ ଡାଙ୍ଗ, ଭିସୁଟ୍ ଡିନ ପ୍ରଫେସର ଗଣେଶ୍ୱର ନାଥ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ପ୍ରଫେସର ଡ଼ା. ପ୍ରଦୀପ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ୍। କାର୍ଯ୍ୟକ୍ରମରେ ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରଫେସର ଦେବଦତ୍ତ ମିଶ୍ର, ଡା. ପତିତ ପାବନ ପଣ୍ଡା ଓ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀକୁ ସଫଳ କରିବାରେ ସହସଂଯୋଜକ ପ୍ରଫେସର ସକମ୍ବରୀ ମହାପାତ୍ର ଏବଂ ପ୍ରଫେସର ସଂଘମିତ୍ରା ଜେନା ସହଯୋଗ କରିଥିଲେ। ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୟୁପି ମୁଖ୍ୟମନ୍ତ୍ରୀଙ୍କ ଘର ବାହାରେ ବଳାତ୍କାର ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ

ଲକ୍ଷ୍ନୌ,୬।୯

ନଏଡ଼ାର ଜଣେ ବଳାତ୍କାର ପୀଡ଼ିତା ଶୁକ୍ରବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲକ୍ଷ୍ନୌସ୍ଥିତ ସରକାରୀ ବାସଭବନ ନିକଟରେ ଆତ୍ମାହୁତି ଉଦ୍ୟମ କରିଥିଲେ। ୨ ମାସ ପୂର୍ବରୁ ହର୍‌ୟାନ୍‌ଭି ଲୋକଗୀତ ଗାୟକ ଉତ୍ତର କୁମାର ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏହାର ପ୍ରତିବାଦରେ ସେ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ମୁତୟନ ଥିବା ସୁରକ୍ଷା କର୍ମୀ ଠିକ୍ ସମୟରେ ଅଟକାଇବାରୁ ମହିଳାଙ୍କ ଜୀବନ ବଞ୍ଚିଯାଇଛି। ତାଙ୍କୁ ଗୌତମପାଲ୍ଲୀ ପୋଲିସକୁ ହସ୍ତାନ୍ତର କରାଯିବା ପରେ ଗାଜିଆବାଦ ପୋଲିସକୁ ଜଣାଇ ଦିଆଯାଇଛି। ଗାଜିଆବାଦର ଶାଲିମାର ଗାର୍ଡେନ୍ ଥାନାରେ ମହିଳା ଜଣକ ଗତ ଜୁନ୍ ୨୪ରେ ଅଭିଯୋଗ ଦାଏର କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶ ଦେବାରୁ ୨୫ ଦିନ ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଉତ୍ତର କୁମାରଙ୍କୁ ଗିରଫ କରାଯାଇ ନାହିଁ କି ତଦନ୍ତରେ କୌଣସି ଅଗ୍ରଗତି ହୋଇନାହିଁ ବୋଲି ପୀଡ଼ିତା କହିଛନ୍ତି।

### ସୋନମ ରଘୁବଂଶୀ ମୁଖ୍ୟ ଅଭିଯୁକ୍ତ

**ମେଘାଳୟ ହନିମୁନ୍ ହତ୍ୟା ମାମଲାରେ ଚାର୍ଜଶିଟ୍ ଦାଖଲକଲା ପୋଲିସ**

ଶିଲଂ, ୬।୯

ମେଘାଳୟର ବହୁଚର୍ଚ୍ଚିତ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ସ୍ଥାନୀୟ ସୋହରାସ୍ଥିତ କୋର୍ଟଙ୍କ ନିକଟରେ ୭୯୦ ପୃଷ୍ଠାର ଏକ ଚାର୍ଜଶିଟ ଦାଖଲ କରିଛି। ଉକ୍ତ ଚାର୍ଜଶିଟରେ ରାଜାଙ୍କ ସ୍ତ୍ରୀ ସୋନମ ରଘୁବଂଶୀଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଚାର୍ଜଶିଟରେ ୫ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ବେଳେ ଏଥିରେ ଇନ୍ଦୋର ବ୍ୟବସାୟୀ ତଥା ସୋନମଙ୍କ ପ୍ରେମିକ ରାଜ୍ କୁଶୱାହାଙ୍କର ନାମ


ସୋନମ ରଘୁବଂଶୀ

ରହିଛି। ସୋନମ ଏବଂ ରାଜ୍‌ଙ୍କ ବ୍ୟତୀତ ଆକାଶ ରାଜପୁତ, ଆନନ୍ଦ କୁର୍ମୀ ଏବଂ ବିଶାଲ ସିଂ ଚୌହାନଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ମାମଲାରେ ସମସ୍ତ ୫ ଅଭିଯୁକ୍ତ ସମ୍ପ୍ରତି ବିଚାରବିଭାଗୀୟ ହାଜତରେ ରହିଛନ୍ତି। ପ୍ରକାଶ ଯେ, ଗତ ମେ' ୨୩ରେ ପ୍ରେମିକ ରାଜ୍ ଓ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ସୋନମ ସ୍ୱାମୀ ରାଜାଙ୍କୁ ହତ୍ୟା କରିଥିଲେ।

**ଦିଲ୍ଲୀରେ ଆଜି**


ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସ୍ତ୍ରୀ ଗୁରଶରନ୍ କୌରଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ପି.ଭି. ନରସିଂହ ରାଓ ମେମୋରିଆଲ ଆୱାର୍ଡରେ ସମ୍ମାନିତ କରାଯାଉଛି। ପାଖରେ ଉପସ୍ଥିତ ଅଛନ୍ତି ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା କମିଶନର ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ୍ ସିଂ ଆଲୁୱାଲିଆ, ପିଭିଏନ୍‌ଏମ୍‌ଏଫ୍ ଉପାଧ୍ୟକ୍ଷ କେ. ରାମଚନ୍ଦ୍ର ମୂର୍ତ୍ତି , କୋଷାଧ୍ୟକ୍ଷ ପୋଲା ବିଜୟ ବାବୁ, ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡକ୍ଟର ଜୟପ୍ରକାଶ ନାରାୟଣ। (ଫଟୋ – ଚମନ ଗୌତମ)

# ଗାଜା ସିଟିରେ ଜୋରଦାର ଆକ୍ରମଣ

**ଲୋକଙ୍କୁ ସହର ଛାଡ଼ି ପଳାଇବାକୁ କହିଲା ଇସ୍ରାଏଲୀ ସେନା**

ଜେରୁଜେଲମ୍,୬।୯

ଗାଜା ସିଟିକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲ୍ ପକ୍ଷରୁ ଜୋରଦାର ଆକ୍ରମଣ ଆରମ୍ଭ ହୋଇଛି। ଶନିବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ଗାଜା ସିଟିରେ ଥିବା ଏକ ବହୁତଳ କୋଠା ମାଟିରେ ମିଶିଯାଇଛି। ବଡ଼ ଆକ୍ରମଣ ପୂର୍ବରୁ ଗାଜା ସିଟିର ଜନସାଧାରଣଙ୍କୁ ତୁରନ୍ତ ସହର ଛାଡ଼ି ଦକ୍ଷିଣ ଭାଗରେ ଥିବା ମାନବୀୟ ଜୋନ୍‌କୁ ଚାଲିଯିବା ପାଇଁ ଇସ୍ରାଏଲୀ ସେନା ସତର୍କ କରାଇଥିଲା।

ଗାଜା ସିଟିକୁ ଦଖଲ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍


ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ଗାଜା ସିଟିର ଏକ ୧୫ ମହଲା କୋଠା ଭୁଶୁଡି ପଡୁଛି।

ନେତାନ୍ୟାହୁ କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ନୂଆ ଆକ୍ରମଣ ପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ସେଠାରେ ରହୁଥିବା ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ପଳାଇଯିବାକୁ ଇସ୍ରାଏଲୀ ସେନା ଗତ କିଛି ସପ୍ତାହ ହେଲା ଚେତାବନୀ ଦେଇଆସୁଥିଲା। ଶୁକ୍ରବାରଠାରୁ ଏହି ଆକ୍ରମଣକୁ ଜୋରଦାର କରିଛି। ଗାଜା ସିଟିରେ ଆକ୍ରମଣ ହେଲେ ଅନେକ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟମାନଙ୍କ ସ୍ଥିତି ଆହୁରି ଖରାପ ହୋଇଯିବ ବୋଲି ବିଭିନ୍ନ ଦେଶ ଓ ସଂଗଠନ ଆଶଙ୍କା କରିବା ସହ ଇସ୍ରାଏଲ୍‌କୁ ଗାଜା ସିଟି ଦଖଲ ଯୋଜନା ତ୍ୟାଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହା ସତ୍ତ୍ୱେ ଗାଜା ସିଟିର ଉଚ୍ଚ ଅଟ୍ଟାଳିକା ଉପରେ ଆକ୍ରମଣ ହୋଇଥିବା ଇସ୍ରାଏଲୀ ସେନା ଶନିବାର ଘୋଷଣା କରିଛି। ଇସ୍ରାଏଲୀ ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ହମାସ୍ ଆତଙ୍କବାଦୀମାନେ ଉକ୍ତ ବିଲ୍ଡିଂରେ ଗୋଇନ୍ଦା ତଥ୍ୟ ସଂଗ୍ରହ ଉପକରଣ ଏବଂ ଅବ୍‌ଜରଭେଶନ ପୋଷ୍ଟ ସ୍ଥାପନ କରିଥିବା କୁହାଯାଇଛି। ୧୫ ମହଲା ବିଶିଷ୍ଟ ସୁସି ରେସିଡେନ୍ସିଆଲ୍ ଟାୱାର ଧ୍ୱଂସ ହୋଇଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଆକ୍ରମଣରେ ଧ୍ୱଂସ ହୋଇଥିବା ବିଲ୍ଡିଂର ଭିଡିଓକୁ ଶେୟାର କରିବା ସହ ଆକ୍ରମଣ ଜାରି ରହିଥିବା କହିଛନ୍ତି। ଉଚ୍ଚ ବିଲ୍ଡିଂଗୁଡ଼ିକୁ ହମାସ୍ ବ୍ୟବହାର କରୁଥିବା ନେଇ ଇସ୍ରାଏଲ୍ ସେନା ସେଗୁଡ଼ିକୁ ଟାର୍ଗେଟ କରୁଛି। ଅନ୍ୟ ଏକ ଉଚ୍ଚ ବିଲ୍ଡିଂ ଉପରେ ଆକ୍ରମଣ ଅବଶ୍ୟମ୍ଭାବୀ ବୋଲି ଶନିବାର ସତର୍କ କରିଦିଆଯିବା ସହ ସେଠାରେ ରହୁଥିବା ଲୋକମାନଙ୍କୁ ତୁରନ୍ତ ଦକ୍ଷିଣ ଭାଗକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି।

ଗାଜା ସିଟି ହମାସ୍ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ପାଲେଷ୍ଟିନୀୟ ଇସ୍‌ଲାମିଷ୍ଟ ଆତଙ୍କବାଦୀଙ୍କୁ ପରାସ୍ତ କରିବାକୁ ହେଲେ ଉକ୍ତ ସହର ଦଖଲ କରିବା ଜରୁରୀ ବୋଲି ନେତାନ୍ୟାହୁ କହିଥିଲେ। ଯୁଦ୍ଧ ପୂର୍ବରୁ ଗାଜା ସିଟିରେ ୧୦ ଲକ୍ଷ ଲୋକ ରହୁଥିଲେ, ଯାହାକି ସମ୍ପୂର୍ଣ୍ଣ ଗାଜା ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ। ୨ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ଲୋକ ଆସି ଗାଜା ସିଟିରେ ଆଶ୍ରୟ ନେଇଛନ୍ତି। ଏବେ ସେଠାର ଲୋକମାନଙ୍କୁ ଦକ୍ଷିଣରେ ଥିବା ଖାନ୍ ୟୁନିସ୍ ଅଞ୍ଚଳକୁ ପଳାଇଯିବାକୁ କୁହାଯାଇଛି। ଯେଉଁମାନେ ପଳାଇବେ ସେମାନଙ୍କୁ ସେଠାରେ ଖାଦ୍ୟ, ଔଷଧ ଓ ଆଶ୍ରୟ ଯୋଗାଇ ଦିଆଯିବ ବୋଲି ଇସ୍ରାଏଲୀ ସେନା ପ୍ରତିଶ୍ରୁତି ଦେଇଛି।

### ୟୁଏନ୍‌ଜିଏ ସାଧାରଣ ବିତର୍କରେ ସମ୍ବୋଧନ କରିବେନି ମୋଦି

ନ୍ୟୁୟର୍କ, ୬।୯

ଆସନ୍ତା ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ କରିବେ ନାହିଁ। ସେହିପରି ସେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ବାର୍ଷିକ ଉଚ୍ଚସ୍ତରୀୟ ଅଧିବେଶନର ସାଧାରଣ ବିତର୍କକୁ ମଧ୍ୟ ସମ୍ବୋଧନ କରିବେ ନାହିଁ। ଜାତିସଂଘ ପକ୍ଷରୁ ଜାରି ହୋଇଥିବା ବକ୍ତାମାନଙ୍କର ସଂଶୋଧିତ ତାଲିକାରୁ ଏହା ଜଣାପଡ଼ିଛି। ଜାତିସଂଘର ଉକ୍ତ ଅଧିବେଶନରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ଆସନ୍ତା ୨୭ରେ ସେ ଜାତିସଂଘ ସାଧାରଣ ସଭାକୁ ସମ୍ବୋଧନ କରିବେ। ପ୍ରକାଶ ଯେ, ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନ ଆସନ୍ତା ୯ରୁ ଆରମ୍ଭ ହେବ। ଉଚ୍ଚସ୍ତରୀୟ ସାଧାରଣ ବିତର୍କ ୨୩ରୁ ୨୯ ପର୍ଯ୍ୟନ୍ତ ଚାଲିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ୨୩ରେ ଏହି ମଞ୍ଚରୁ ସମ୍ବୋଧନ କରିବେ। ତେବେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁଏନ୍‌ଜିଏର ଉକ୍ତ ଅଧିବେଶନରେ ଯୋଗଦେବେ ନାହିଁ।

### ମାଲ୍ୟା, ନୀରବ ମୋଦି ଶୀଘ୍ର ପ୍ରତ୍ୟର୍ପଣ ହୋଇପାରନ୍ତି

**ତିହାର ଜେଲ ପରିଦର୍ଶନ କଲେ ବ୍ରିଟେନ୍ ଟିମ୍**

ନୂଆଦିଲ୍ଲୀ,୬।୯

ଅର୍ଥ ଜାଲିଆତି ଏବଂ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ପଳାତକମାନଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ବ୍ରିଟେନ୍ କୋର୍ଟଙ୍କୁ ସହମତ କରାଇବାକୁ ଉଦ୍ୟମ ହେଉଛି। ବ୍ରିଟେନ୍ କ୍ରାଉନ୍ ପ୍ରୋସିକ୍ୟୁଶନ ସର୍ଭିସ୍ (ସିପିଏସ୍)ର ଏକ ପ୍ରତିନିଧି ଦଳ ନିକଟରେ ନୂଆଦିଲ୍ଲୀ ଆସି କଡ଼ା ସୁରକ୍ଷା ମଧ୍ୟରେ ଥିବା ତିହାର ଜେଲ ସ୍ଥିତି ଅନୁଧ୍ୟାନ କରିବା ସହ ସେଠାର ଅନ୍ତେବାସୀଙ୍କ ସହ କଥା ହୋଇଛନ୍ତି। ତେଣୁ ବହୁକୋଟିଟଙ୍କାର ବ୍ୟାଙ୍କ ଋଣ ଜାଲିଆତି କରି ବ୍ରିଟେନରେ ରହିଥିବା ଭାରତର ମୋଷ୍ଟ ୱାଣ୍ଟେଡ୍ ବ୍ୟବସାୟୀ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କୁ ଖୁବ୍‌ଶୀଘ୍ର ପ୍ରତ୍ୟର୍ପଣ କରାଯାଇପାରେ ବୋଲି ଆଶା କରାଯାଉଛି। ଭାରତ ଅଣାଯିବାକୁ ଥିବା ପଳାତକମାନଙ୍କୁ ନିରାପଦ ସ୍ଥିତିରେ ରଖାଯିବ ଏବଂ ଆବଶ୍ୟକ ପଡ଼ିଲେ ହାଇପ୍ରୋଫାଇଲ୍ ବନ୍ଦୀଙ୍କ ପାଇଁ ଜେଲ ପରିସରରେ ସ୍ୱତନ୍ତ୍ର ଏନ୍‌କ୍ଲେଭ୍ ନିର୍ମାଣ କରାଯିବ ବୋଲି ଭାରତୀୟ କର୍ତ୍ତୃପକ୍ଷ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### କାନାଡାରୁ ଆର୍ଥିକ ସହାୟତା ପାଉଥିଲେ ଖଲିସ୍ତାନୀ ଆତଙ୍କବାଦୀ

ଓଟ୍ଟାୱା,୬।୯(ପି.ଟି.)

ଖଲିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ କାନାଡାରୁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ ବୋଲି ସେଠାର ସରକାରଙ୍କ ଟେରର ଫାଇନାନ୍ସିଂ ରିପୋର୍ଟରୁ ଜଣାପଡ଼ିଛି। '୨୦୨୫ ଆସେସ୍‌ମେଣ୍ଟ ଅଫ୍ ମନିଲଣ୍ଡରିଂ ଆଣ୍ଡ ଟେରୋରିଷ୍ଟ ଫାଇନାନ୍ସିଂ ରିସ୍କସ୍ ଇନ୍ କାନଡା' ରିପୋର୍ଟରେ ଲେଖାଯାଇଛି, ଖଲସ୍ତାନୀ ଉଗ୍ରପନ୍ଥୀ ଗୋଷ୍ଠୀ କାନାଡାରୁ ସ୍ପଷ୍ଟ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଏବଂ ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନରୁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ। ୮୦ ଦଶକ ମଧ୍ୟଭାଗରୁ କାନାଡାରେ ରାଜନୀତି ଦ୍ୱାରା ଅନୁପ୍ରାଣିତ ହିଂସାତ୍ମକ ଉଗ୍ରବାଦୀ କାର୍ଯ୍ୟ ଚାଲିଆସିଥିଲା ବୋଲି ୨ ମାସ ତଳେ ଓଟ୍ଟାୱା ଗୋଇନ୍ଦା ସଂସ୍ଥା ଜଣାଇଥିଲା। ବାବର ଖାଲ୍‌ସା, ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନ ଏବଂ ଶିଖ୍‌ସ ଫର୍ ଜଷ୍ଟିସ୍ ଭଳି ଖଲିସ୍ତାନୀ ସଂଗଠନଗୁଡ଼ିକ କାନାଡା ମାଟିରୁ ଆତଙ୍କବାଦୀ କାର୍ଯ୍ୟ ଚଳାଇବା ସହ ଆର୍ଥିକ ସହାୟତା ପାଉଥିଲେ, ଯାହାକୁ ତାଙ୍କ ଦେଶର ସରକାର ସ୍ୱୀକାର କରିଛନ୍ତି।

### ୧୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ

ହାଇଦ୍ରାବାଦ, ୬।୯

ମହାରାଷ୍ଟ୍ର ଠାଣେ ଜିଲାର ମୀରାରୋଡ୍ ପୋଲିସ ଶନିବାର ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ତେଲଙ୍ଗାନାର ଚେରାମାଲ୍ଲୀ ଅଞ୍ଚଳରେ ଥିବା ଏକ ଡ୍ରଗ୍ସ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଛି। ଚଢ଼ାଉବେଳେ ପୋଲିସ ପକ୍ଷରୁ ୧୨ ହଜାର କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ୍ (ଏମ୍‌ଡି) ଡ୍ରଗ୍ସ ଜବତ କରାଯିବା ସହ ୧୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରହିଛି ବୋଲି ପୋଲିସ କହିଛି। ଚଢ଼ାଉ ସମୟରେ ଡ୍ରଗ୍ସ ତିଆରିରେ ବ୍ୟବହୃତ ପ୍ରାୟ ୩୫ ହଜାର ଲିଟରର ରସାୟନିକ ପଦାର୍ଥ ମିଳିଛି।

### ମୁମ୍ବାଇ ପୋଲିସକୁ ଆର୍‌ଡିଏକ୍ସ ଧମକ ପଠାଇଥିବା ବ୍ୟକ୍ତି ନଏଡ଼ାରୁ ଗିରଫ

ନୂଆଦିଲ୍ଲୀ,୬।୯

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୧୪ ପାକିସ୍ତାନୀ ଆତଙ୍କବାଦୀ ୪୦୦ କେ.ଜି. ରୟାଲ ଡିମୋଲିଶନ୍ ଏକ୍ସପ୍ଲୋସିଭ୍ (ଆର୍‌ଡିଏକ୍ସ) ସହ ପ୍ରବେଶ କରିଥିବା ନେଇ ମୁମ୍ବାଇ ପୋଲିସ ନିକଟକୁ ଧମକପୂର୍ଣ୍ଣ ବାର୍ତ୍ତା ପଠାଇଥିବା ବିହାରର ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ଶନିବାର ନଏଡ଼ାରୁ ଗିରଫ କରାଯାଇଛି। ଏଥିସହିତ ତାଙ୍କୁ ସିମ୍ କାର୍ଡ ଯୋଗାଇଥିବା ଅନ୍ୟ ଜଣେ ମଧ୍ୟ ଗିରଫ ହୋଇଛନ୍ତି। ମୁମ୍ବାଇ ମହାନଗରରେ ଶନିବାର ଅନନ୍ତ ଚତୁର୍ଥୀରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଆତଙ୍କବାଦୀମାନେ ମାନବବୋମା


ଅଶ୍ୱିନୀକୁମାର ସୁପ୍ରା

ବିସ୍ଫୋରଣ ଘଟାଇବେ, ଯହିଁରେ କୋଟିଏ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗୁରୁବାର ଟ୍ରାଫିକ୍ ପୋଲିସ କଣ୍ଟ୍ରୋଲ ରୁମ୍‌ର ହ୍ୱାଟ୍ସଆପ୍ ହେଲ୍‌ପଲାଇନ୍ ନମ୍ବରକୁ ଧମକପୂର୍ଣ୍ଣ ମେସେଜ୍ ଆସିବା ପରେ ସହରରେ ହାଇ ଆଲର୍ଟ ଜାରି କରାଯାଇଥିଲା। ଧମକ ବାର୍ତ୍ତା ପଠାଇଥିବା ବ୍ୟକ୍ତି ଅଶ୍ୱିନୀକୁମାର ସୁରେଶକୁମାର ସୁପ୍ରା ଓ ତାଙ୍କ ଘର ପାଟନାରେ ବୋଲି ଏକ ସୂତ୍ରରୁ କୁହାଯାଇଛି। ସ୍ଥାନୀୟ ଗୋଇନ୍ଦା, ସର୍ଭିଲାନ୍ସ ଏବଂ ଏକ ତେଜରାତି ଦୋକାନର ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଆଧାରରେ ନଏଡ଼ା ସେକ୍ଟର ୭୯ରୁ ତାଙ୍କୁ ଗିରଫ କରାଯାଇ ମୁମ୍ବାଇ ପୋଲିସକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଶ୍ୱିନୀକୁମାର ଜଣେ ଜ୍ୟୋତିଷ ଓ ବ୍ୟବସାୟୀ। ତାଙ୍କର ସ୍ତ୍ରୀଙ୍କ ସହ ଛାଡ଼ପତ୍ର ମାମଲା ଚାଲିଛି। ଅନ୍ୟ ଅଭିଯୁକ୍ତଙ୍କୁ ସୋରଖା ଗ୍ରାମରୁ ଗିରଫ କରାଯାଇଛି।

## ଫୁରସତ୍

# କବାଟ ନ ଥିବା ଗାଁ

**ବ୍ୟାଙ୍କ୍‌ରେ ମଧ୍ୟ ତାଲା ପଡ଼େ ନାହିଁ**

ମୁମ୍ବାଇ

ସାମ୍ପ୍ରତିକ ସମୟରେ ଚୋରି ଭୟରେ ଲୋକମାନେ ନିଜ ଘରେ ମଜଭୁତ୍ କବାଟ ଲଗାଉଛନ୍ତି। ସେହିପରି ନିଜ ଆସବାବପତ୍ର ଉପରେ ୨୪ ଘଣ୍ଟା ନଜର ରଖିବା ପାଇଁ ଘରେ ସିସିଟିଭି କ୍ୟାମେରା ଲଗାଉଛନ୍ତି। ତେବେ ଏହାଠାରୁ ଭିନ୍ନ ମହାରାଷ୍ଟ୍ରରେ ଏପରି ଏକ ଗାଁ ରହିଛି, ଯେଉଁଠାରେ ଥିବା ଘରଗୁଡ଼ିକର କବାଟ ନାହିଁ। ମହାରାଷ୍ଟ୍ରର ଅହମଦନଗର ଜିଲାରେ ଅବସ୍ଥିତ ଏହି ଗାଁର ନାମ ହେଉଛି ଶନି ସିଗ୍ନାପୁର। ଶିରିଡିଠାରୁ ପ୍ରାୟ ୭୦ କି.ମି ଦୂରରେ ଥିବା ଏହି ଗ୍ରାମରେ ଭଗବାନ ଶନିଙ୍କର ଏକ ପ୍ରାଚୀନ ମନ୍ଦିର ରହିଛି। ଦୂରଦୂରାନ୍ତରୁ ଅନେକ ଭକ୍ତ



ଭଗବାନ ଶନିଙ୍କର ଦର୍ଶନ କରିବା ପାଇଁ ଏହି ଗ୍ରାମକୁ ଆସିଥାନ୍ତି। ପରମ୍ପରା ଅନୁଯାୟୀ, ଗ୍ରାମରେ ଥିବା ଘରଗୁଡିକରେ କବାଟ ନାହିଁ। ସେହିପରି ଗ୍ରାମରେ ଥିବା ଦୋକାନ ଏବଂ ହୋଟେଲଗୁଡ଼ିକରେ ମଧ୍ୟ ତାଲା ପକାଯାଏ ନାହିଁ। ଏହା ସତ୍ତ୍ୱେ ମଧ୍ୟ ଶନି ସିଗ୍ନାପୁର ଗ୍ରାମରେ କେବେ ମଧ୍ୟ ଚୋରି ହୁଏ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ବିଶ୍ୱାସ ଅନୁଯାୟୀ, ଶନି ସିଗ୍ନାପୁର ଗ୍ରାମକୁ ସ୍ୱୟଂ ଶନିଦେବ ସୁରକ୍ଷା ଦିଅନ୍ତି। ତେଣୁ ଏହି ଗ୍ରାମରେ ଚୋରି ହୁଏନାହିଁ। ଯଦି କେହି ଏହି ଗ୍ରାମରୁ ଚୋରି କରିବାକୁ ଦୁଃସାହସ କରନ୍ତି, ତେବେ ଶନିଦେବଙ୍କ କ୍ରୋଧରୁ ସେ ବର୍ତ୍ତି ପାରିବେ ନାହିଁ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ମହାରାଷ୍ଟ୍ର ପର୍ଯ୍ୟଟନର ସରକାରୀ ୱେବ୍‌ସାଇଟ୍ ଅନୁଯାୟୀ, ଉକ୍ତ ପରମ୍ପରାକୁ ଗ୍ରାମରେ ଥିବା ୟୁକୋ ବ୍ୟାଙ୍କ ମଧ୍ୟ ପାଳନ କରୁଛି। ଶନି ସିଗ୍ନାପୁର ଗ୍ରାମରେ ଥିବା ୟୁକୋ ବ୍ୟାଙ୍କ ବ୍ରାଞ୍ଚରେ ମଧ୍ୟ ତାଲା ପଡ଼ି ନ ଥାଏ। ଏହା ସତ୍ତ୍ୱେ ବି ଉକ୍ତ ବ୍ୟାଙ୍କରୁ କେବେ ମଧ୍ୟ ଚୋରି ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

### 'ଧମାଲ ୪' ଶୁଟିଂ ଶେଷ

ମୁମ୍ବାଇ

'ଧମାଲ' ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'ଧମାଲ ୪'ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟକରି ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ଇଦ୍ ଅବସରରେ ଏହି ମଲ୍ଟିଷ୍ଟାରର୍ କମେଡି ଫିଲ୍ମ ମୁକ୍ତିଲାଭ କରିବ ବୋଲି ଅଜୟ ତାଙ୍କ ପୋଷ୍ଟରେ ଦର୍ଶାଇଛନ୍ତି। ଉକ୍ତ ପୋଷ୍ଟରେ ଅଜୟଙ୍କ ସମେତ ଫିଲ୍ମର ବିଭିନ୍ନ ଚରିତ୍ରଙ୍କ ଲୁକ୍ ଉପରୁ ପରଦା ଉଠିଛି। 'ଟି- ସିରିଜ୍' ପ୍ରଡକ୍ସନ ହାଉସ୍‌ର ବ୍ୟାନରରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଇନ୍ଦ୍ର କୁମାର ଦେଇଛନ୍ତି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅଭିନେତା ରିତେଶ ଦେଶମୁଖ, ଅର୍ଶଦ ୱାର୍ଶି, ଜାଭେଦ ଜାଫ୍‌ରି, ସଞ୍ଜୟ ମିଶ୍ରା, ରବି କିଶନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ରବିଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଗତ ମାର୍ଚ୍ଚରୁ 'ଧମାଲ ୪'ର ଶୁଟିଂ ଆରମ୍ଭ ହୋଇଥିଲା। ପ୍ରକାଶ ଯେ, 'ଧମାଲ' ଫ୍ରାଞ୍ଚାଇଜ୍‌ର ପ୍ରଥମ ଭାଗ 'ଧମାଲ' ୨୦୦୭ରେ, ଦ୍ୱିତୀୟ ଭାଗ 'ଡବଲ ଧମାଲ' ୨୦୧୧ରେ ଏବଂ ତୃତୀୟ ଭାଗ 'ଟୋଟାଲ ଧମାଲ' ୨୦୧୯ରେ ରିଲିଜ୍ ହୋଇଥିଲା। ଉକ୍ତ ୩ ଫିଲ୍ମ ଦର୍ଶକଙ୍କୁ ଖୁବ୍ ହାସ୍ୟ ଏବଂ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା।


ଅଜୟ ଦେବଗନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ହୋଣ୍ଡା ସିବି୧୨୫ ହର୍ନେଟ୍, ଶାଇନ ୧୦୦ ଡିଏକ୍ସ



ଭୁବନେଶ୍ୱରର ଉତ୍କଳ ଗ୍ୟାଲେରିଆରେ ଅନୁଷ୍ଠିତ ଉନ୍ମୋଚନ ଅବସରରେ ହୋଣ୍ଡା ରିଜିଓନାଲ ମ୍ୟାନେଜର ସଚିନ୍ ପାଓ୍ୱାର, ଜୋନାଲ ମ୍ୟାନେଜର(ସେଲ୍‌ସ) ରାଜେଶ ଚୌଧୁରୀ, ଜୋନାଲ ମ୍ୟାନେଜର(ସର୍ଭିସ୍) ପ୍ରତାପ ସିଂହ, ଗୁଗ୍‌ନାନୀ ହୋଣ୍ଡା ମାଲିକ ରାଜନ୍ ଗୁଗୁନାନୀ ଓ ଶିବମ୍ ହୋଣ୍ଡା ମାଲିକ ବୁବୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଅଛନ୍ତି।



କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଏରିଆ ସେଲସ୍ ମ୍ୟାନେଜର ଅଭିଷେକ ହୋତା ଓ ସତ୍ୟଜିତ ଦାସ, ଉତ୍କଳ ହୋଣ୍ଡା ମ୍ୟାନେଜିଂ ପାର୍ଟନର ଅଖିଲ୍ ପୋଦ୍ଦାର, ଦୁର୍ଗା ହୋଣ୍ଡା ମ୍ୟାନେଜିଂ ପାର୍ଟନର ଶୁଭେନ୍ଦୁ ମହାନ୍ତି ଓ ଏସ୍‌ଜିବିଏଲ୍ ହୋଣ୍ଡା ମ୍ୟାନେଜିଂ ପାର୍ଟନର ସୁନୀଲ ଗୁପ୍ତା ସାମିଲ ହୋଇଥିଲେ।

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଓଡ଼ିଶା ପକ୍ଷରୁ ଅଲ-ନିୟୁ ସିବି୧୨୫ ହର୍ନେଟ୍ ଏବଂ ଶାଇନ ୧୦୦ ଡିଏକ୍ସର ଓଡ଼ିଶା ବଜାର ପ୍ରବେଶ କରାଇଛି। ଅଲ-ନିୟୁ ହୋଣ୍ଡା ସିବି ୧୨୫ ହର୍ନେଟ୍‌ର ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ ୧,୧୨,୦୦୦ ଟଙ୍କା ରଖାଯାଇଥିବାବେଳେ ଶାଇନ ୧୦୦ ଡିଏକ୍ସ ମୂଲ୍ୟ ୭୬,୮୦୯ ଟଙ୍କା (ଏକ୍ସ-ଶୋ'ରୁମ୍, କଟକ) ରଖାଯାଇଛି। ସିବି୧୨୫ ହର୍ନେଟ୍‌ରେ ସ୍ପୋର୍ଟିଷ୍ଟାଇଲିଂ ଏବଂ 'ରାଇଡୟୋରରିଜ' ଉତ୍ସାହ ଭରି ରହିଛି। ସେହିଭଳି ଶାଇନ୍ ୧୦୦ ଡିଏକ୍ସ ଗ୍ରାହକ ଆଶା କରୁଥିବା 'ସଲିଡହେଁ' ଆଧାରରେ ଏହାର ପରିବର୍ଦ୍ଧିତ ବୈଶିଷ୍ଟ୍ୟାବଳୀ ଏବଂ ପ୍ରିମିୟମ ଷ୍ଟାଇଲିଂ ବହନ କରୁଛି। ହୋଣ୍ଡା ସିବି୧୨୫ ହର୍ନେଟ୍‌ରେ ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଲେମନ୍ ଆଇସ୍ ୟେଲୋ, ପର୍ଲସାଇରେନ୍‌ବ୍ଲୁ, ପର୍ଲଇଗ୍‌ନେସ୍‌ବ୍ଲାକ, ଆଥ୍‌ଲେଟିକ ବ୍ଲୁ ମେଟାଲିକ ରଙ୍ଗରେ ଉପଲବ୍ଧ। ଏଥିରେ ଏହି ଶ୍ରେଣୀରେ ପ୍ରଥମ ଗୋଲ୍‌ଡେନ ୟୁଏସ୍‌ଡି ସମ୍ମୁଖ ଫର୍କ, ଅଲ୍-ଏଲଇଡିଲାଇଟିଂ ବ୍ୟବସ୍ଥା ଏସ୍‌ଏମ୍‌ଏସ୍ ଆଲର୍ଟ ପାଇଁ ବ୍ଲୁଟୁଥ୍ ସମର୍ଥିତ ହୋଣ୍ଡା ରୋଡ୍‌ସିଙ୍କ୍ ଏବଂ ୪.୨ ଇଞ୍ଚର ଟିଏଫ୍‌ଟି ଡିସ୍‌ପ୍ଲେ ରହିଛି। ଅତିରିକ୍ତ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏକ ୟୁନିଭର୍ସାଲଟାଇପ୍-ସିଚାର୍ଜିଂ ପୋର୍ଟ ଏବଂ ସମ୍ମୁଖ ଭାଗରେ ଏକ ୨୪୦ ଏମ୍‌ଏମ୍‌ପେଟାଲଡିସ୍କ ସହିତ ସିଙ୍ଗଲ-ଚ୍ୟାନେଲ ଏବିଏସ୍ ରହିଛି। ସିବି୧୨୫ ହର୍ନେଟ୍‌ରେ ଶକ୍ତିଶାଳୀ ୧୨୩.୯୪ ସିସି, ସିଙ୍ଗଲ-ସିଲିଣ୍ଡର ରହିଛି। ଏହାସହିତ ଏଥିରେ ୫-ସ୍ପିଡ ଗିୟର ବକ୍ସ ରହିଛି। ଏହାମାତ୍ର ୫.୪ ସେକେଣ୍ଡରେ ୦ରୁ ୬୦ କିଲୋମିଟର ବେଗ ଧରିପାରୁଛି।

# ୮୧ ଶିକ୍ଷକଙ୍କୁ ପୁରସ୍କୃତ କଲେ ଯୋଗୀ

ଭୁବନେଶ୍ୱର, ୬।୯



ଯୋଗୀ ଆଦିତ୍ୟନାଥ

ଲକ୍ଷ୍ନୌର ଲୋକଭବନ ସଭାଗୃହରେ ରାଜ୍ୟ ଶିକ୍ଷକ ପୁରସ୍କାରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ୮୧ ଶିକ୍ଷକଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ଏହାସହ ଏସ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ 'ଗୁଲ୍ଲକ' ବାଲ କାହାଣୀ ସଂଗ୍ରହ, 'ବାଲ ବାଟିକା' ହସ୍ତପୁସ୍ତିକା ଏବଂ ଶୈକ୍ଷିକ ନବାଚାର ସଂକଳନ 'ଉଦ୍ଗମ' ପୁସ୍ତିକା ଓ 'ଉଦ୍ଗମ'ର ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଥିଲା। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସହ ଜଡ଼ିତ ୫ ଶିକ୍ଷକଙ୍କୁ ୨୫ ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।


## ମନେ ପଡ଼ନ୍ତି

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



Late Shri Jagneswar Dash

SG-32, ଶ୍ରୀକ୍ଷେତ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର

ଆବିର୍ଭାବ: ୦୧।୦୪।୧୯୩୨

ତିରୋଧାନ: ୨୯।୦୯।୨୦୧୨

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୧୮୯୦

ବିଶେଷଜ୍ଞ

ଅର୍ଶ ଭଗନ୍ଦର ମଳକଣ୍ଟକ

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

PILES CLINIC

ADDRESS

DR. R.PRASAD, BAMS

DR. PREM KUMAR, BAMS., LLB (UTKAL)

10 A.M. TO 8 PM.

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR

9861146916
8917362388

VSS Nagar, BBSR

9861917646


# ନୂଆ ରୂପରେ ରେନୋ କାଇଗର

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)




୨୦୨୫ ରେନୋ କାଇଗର ଫେସଲିଫ୍ଟ ଭାରତରେ ଅଗଷ୍ଟରେ ଲଞ୍ଚ ହୋଇଛି। ତେବେ ଶନିବାର ନୟାପଲ୍ଲୀସ୍ଥିତ ରେନଲ୍ଟ ଶୋ'ରୁମ୍‌ରେ ଗର୍ଗସନ୍ ଗ୍ରୁପ୍ ଏମ୍‌ଡି ସତୀଶ ଗର୍ଗ, ଟିପିସିଓଡିଏଲ୍ ଜେନେରାଲ ମ୍ୟାନେଜର ବିକାଶ ସରକାର, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ ହେଡ୍ ନିରଞ୍ଜନ ବାରିକ ଓ ରେନଲ୍ଟ ଭୁବନେଶ୍ୱରର ଜିଏମ୍ ଅମୂଲ୍ୟରତ୍ନ ଦାସ ଏହାର ଉନ୍ମୋଚନ କରିଛନ୍ତି। ଏହି ସବ୍-୪-ମିଟର ଏସ୍‌ୟୁଭିର ମୂଲ୍ୟ ୬.୨୯ ଲକ୍ଷରୁ ୧୧.୨୯ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ୍) ମଧ୍ୟରେ ରହିଛି। ଏହାର ବାହ୍ୟ ଡିଜାଇନରେ ନୂଆ ରେନୋ ଲୋଗୋ ସହ ଆକର୍ଷଣୀୟ ଫ୍ରଣ୍ଟ ଗ୍ରିଲ୍, ଏଲ୍‌ଇଡି ହେଡ୍‌ଲାଇଟ, ଫଗ୍‌ଲ୍ୟାମ୍ପ ଏବଂ ସି-ଆକୃତିର ଏଲ୍‌ଇଡି ଟେଲ ଲ୍ୟାମ୍ପ ରହିଛି। ଓଏସିସ୍ ହଳଦିଆ ଓ ଶ୍ୟାଡୋ ଗ୍ରେ ସମେତ ୭ଟି ରଙ୍ଗ ବିକଳ୍ପ ଏବଂ ୧୬ ଇଞ୍ଚର ଡାଏମଣ୍ଡ-କଟ୍ ଆଲଏ ହ୍ୱିଲ ଏହାକୁ ଆକର୍ଷଣୀୟ କରିଛି। କାର୍ ଭିତରେ ଡୁଆଲ-ଟୋନ୍ କଳା ଓ ଧୂସର ଥିମ୍, ଭେଣ୍ଟିଲେଟେଡ୍ ଲେଦରେଟ୍ ସିଟ୍, ୮ ଇଞ୍ଚ ଟଚ୍‌ସ୍କ୍ରିନ୍ ସହ ଓ୍ୱାୟରଲେସ୍ ଆଣ୍ଡ୍ରଏଡ୍ ଅଟୋ ତଥା ଆପଲ କାର୍‌ପ୍ଲେ ଏବଂ ୭ ଇଞ୍ଚ ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିଛି। ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ଇଏସ୍‌ପି, ୩୬୦ ଡିଗ୍ରୀ କ୍ୟାମେରା ଏବଂ ୪-ଷ୍ଟାର ଗ୍ଲୋବାଲ ଏନ୍‌ସିଏପି ରେଟିଂ ରହିଛି।

# କଂସାରିଗୁଡ଼ାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ

ରାୟଗଡ଼ା, ୬।୯(ଆଶିଷ ରଞ୍ଜନ ପଣ୍ଡା)

କଂସାରିଗୁଡ଼ାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ । ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରାୟଗଡ଼ା ଜିଲା କଂସାରିଗୁଡ଼ାଠାରେ ପ୍ରତିଷ୍ଠିତ ଆଦିତ୍ୟ ଆଲୁମିନା ରିଫାଇନେରି ଓ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ମଧ୍ୟରେ ଏନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ବୁଝାମଣାପତ୍ର ଆଦିତ୍ୟ ଆଲୁମିନା ରିଫାଇନେରିର ୟୁନିଟ୍ ହେଡ୍ ଏବଂ ସଭାପତି ମଜହର ବେଗ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି। ସ୍ଥାନୀୟ କଂସାରିଗୁଡ଼ାଠାରେ ଏହି ଆଧୁନିକ ପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବ। ଆଦିତ୍ୟ ଆଲୁମିନା ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମାଞ୍ଚଳରେ ଉନ୍ନତ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଥିବା ଆବଶ୍ୟକତା ପୂରଣ ନେଇ ଏହାର ଲକ୍ଷ୍ୟ ରହିଛି। ଚୁକ୍ତି ସ୍ୱାକ୍ଷର ଅବସରରେ ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର, ସିୟୁଟିଏମ୍ ସଭାପତି ଅରୁନ୍ଧତୀ ବିଶ୍ୱାଳ, ସିୟୁଟିଏମ୍ ପାର୍ଟନରଶିପ୍ସ ନିର୍ଦ୍ଦେଶକ ଦୀପକ ମହାନ୍ତି, ଆଦିତ୍ୟ ଆଲୁମିନା ରିଫାଇନେରି ମୁଖ୍ୟ ଏଚ୍‌ଆର୍, ମୃତ୍ୟୁଞ୍ଜୟ ଲେଙ୍କା, ଉପସଭାପତି ମାଇନ୍ସ ତନ୍ମୟ ମହାନ୍ତି, ମୁଖ୍ୟ ସିଏସ୍‌ଆର୍ ଏବଂ ଆର୍ ଓ ଆର୍‌ଙ୍କ ସମେତ ଆଦିତ୍ୟ ଆଲୁମିନା ଓ ସିୟୁଟିଏମ୍ ଅନୁଷ୍ଠାନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

Wanted a beautiful, well Educated Tall Girl within the age group of 26 to 30 years for a B.TECH+ MBA qualified boy (MBA from KIIT School of Management, Bhubaneswar), working as a Manager, Talent Acquisition in a Bangalore based IT-AI Company. Presently working from home (Dhenkanal). Bride from Karana, Kshatriya or Khandayat Family is preferred, Contact- Father (Call- 9937717477, Whatsapp- 9438772415). D-1895

**Wanted bride from Odia Brahmin Family for son 29 years, 5'11", 25/11 working as Manager in RBI. Kindly contact- 8200357446.** D-1849

## GROOM WANTED

Wanted suitable service groom for beautiful Kshyatrya Girl 1995, 5'4", MSC (Geology) "SUNASANSAR". 9937512659. D-1886

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



## REAL ESTATE
## SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

Commercial cum residential plot, gharabari with compound wall touching to N.H.- 316 road (Nakhara to Niali) 10 KM from Nakhara & 15 KM to BBSR 80X30=2400sft. high land from road level @2500/- pervsft. 7809525452. D-76487

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872




Newly open Jyoti SPA positively health benefits (expert therapist). 8458067955. D-1885

Newly open health benefits spa by experts therapist con 8658088274. D-1866

## AFFIDAVIT

ମୁଁ ଦିବ୍ୟଦର୍ଶିନୀ ମହାରଣା, ପିତା- ସ୍ୱର୍ଗତ ଦିଲ୍ଲୀପ କୁମାର ମହାରଣା, ଗ୍ରାମ- ଶିଙ୍ଗୀରି ଶାସନ, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୧୦୦, ଓଡ଼ିଶା ନିବାସୀ, ଏହି ଶପଥ ପତ୍ର, ସିଏଫ୍ ନମ୍ବର ୧୯, ତା୧୯।୦୬।୨୦୨୫ରେ ଘୋଷଣା କରୁଛି ଯେ ଭବିଷ୍ୟତରେ ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ଓମ ଦିବ୍ୟ ଦର୍ଶନ ଭାବରେ ପରିଚିତ ହେବି। ଧ-୭୬୪୯୦

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit before Notary Public, Kantabanji bearing No.- 2239 on 06.09.2025 that before marriage I known as Mithila Thela, D/o- Netranand Thela which is mentioned in my Aadhaar Card, after marriage to Tikaram Bhati I known as Mithila Bhati, W/o- Tikaram Bhati of Village- Buromal, P.O.- Bichhuabahali, P.S.- Kantabanji, Dist.- Balangir, (Odisha) which is mentioned in my Bank Accounts and also updated in my Aadhaar Card whereas Mithila Thela and Mithila Bhati, W/o- Tikaram Bhati is same and one person. D-1893

By virtue of an affidavit sworn before the Executive Magistrate, Semiliguda, vide No.- 217, dated 30.05.2025, I, Sri Kaliprasanna Sahoo, S/o- Late Bhikari Sahoo, resident of Qtr. No.- B/396, Sector- II, NALCO Township, P.O./P.S.- Damanjodi, Dist.- Koraput do hereby solemnly affirm and declare that my widowed sister's name was changed from Sukumari Sahoo to Sukumari Behera after her marriage. However, both names refer to one and the same person. Henceforth, she shall be known as Sukumari Behera for all purpose. D-1891

I, Laxmipriya Behera, W/o- Jagadish Behera, resident At/P.O.- Rajpur, Rampur, Dist.- Kalahandi, 766032, Odisha declare by this affidavit No.- 8265 on dtd 19.08.2025 that now onwards I shall be known as LAKSHMIPRIYA BEHERA for all future purpose. D-76489

ନୋଟାରୀ ପବ୍ଲିକ, ସୋନପୁର ପାଖରେ ଆଫିଡେଭିଟ୍ କରୁଅଛି କି ମୁଁ ତିଳତମା ସେବକ (୪୫), ସ୍ୱା- ପ୍ରମୋଦ ସେବକ, ଗ୍ରା- ଡଭଲା (ଗୋଲାପଡ଼ା), ପୋ/ଥା- ବିନିକା, ଜି- ସୁବର୍ଣ୍ଣପୁର ମୋର ଆଧାର ନମ୍ବର- XXXX XXXX 8324 ମୋର ଆଗ ନାମକୁ ବଦଳାଇ ଭଗବତୀ ସେବକ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୮୮୯

By virtue of an affidavit sworn before the Executive Magistrate, Junagarh, No.- 358, date 25.08.25, I, Madan Majhi, R/o. Village/P.O.- Sanyasikundamal, P.S.- Junagarh, Dist.- Kalahandi, Odisha declare that my son name wrongly mentioned in Aadhaar Card as Damburu Majhi, actually he is Dambarudhar Majhi. Henceforth, he shall be known as Dambarudhar Majhi for all purposes.
Madan Majhi.
D-1888

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

1672, 01.09.2025

ମାନ୍ୟବର ଆଡିସ୍‌ନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ-୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୦୪୪/୨୦୨୪

ନଳିନୀ ପ୍ରଭା ରାଉତ ଓଗେର ....ବାଦୀମାନେ

ବନାମ

ନିତ୍ୟାନନ୍ଦ ବେହେରା ଓଗେର ....ପ୍ରତିବାଦୀମାନେ

ପ୍ରାପ୍ତେଷୁ ;

ପ୍ରତିବାଦୀ ନଂ.- (୧୬) ନିର୍ମଳ କୁମାର ସ୍ୱାଇଁ, ପି- ନିତ୍ୟାନନ୍ଦ ସ୍ୱାଇଁ, ସା- ଆଇଆର୍‌ସି ଭିଲେଜ, ଭୁବନେଶ୍ୱର, (୧୯) ଆଲୋକ କୁମାର ଦାସ, ପି- ବଂଶୀଧର ଦାସ, ସା- ଏନ୍-୫/୩୮୫, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର, (୨୨) ସଂଜୟ ଦାସ, ପି- ରାଜେନ୍ଦ୍ର ପ୍ରସାଦ ଦାସ, (୨୩) ସୌଦାମିନୀ ଦେବି, ସ୍ୱା- ୰ରାଜେନ୍ଦ୍ର ପ୍ରସାଦ ଦାସ, (୨୪) ମିତ୍ର ଦେବ ଦାସ, ପି- ୰ରାଜେନ୍ଦ୍ର ପ୍ରସାଦ ଦାସ, କ୍ର.ନଂ.- ୨୨, ୨୩ ଓ ୨୪ଙ୍କ ଠିକଣା ସା- ସମିୟା, ପୋ- କଳକଳା, ଥାନା- ବଡ଼ଚଣା, ଜି- ଯାଜପୁର, (୨୫) ରାଜେନ୍ଦ୍ର ନାରାୟଣ ରାଉତ, ପି- କୁଳମଣି ରାଉତ, ସା- ପ୍ଲଟ୍ ନଂ.- ୪୧୬, ପୋ/ଥା- ସହିଦ ନଗର, ଭୁବନେଶ୍ୱର-୦୭, ଜି-ଖୋର୍ଦ୍ଧା। .... ପ୍ରତିବାଦୀମାନେ

ନୋଟିସ

ସିପିସି ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସ୍‌ନାଲ କମିଶନର, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀମାନେ ନଳିନୀ ପ୍ରଭା ରାଉତ ଓଗେର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପରୋକ୍ତ ମକଦ୍ଦମା ଦାଏର କରିଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସମାନ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୪।୧୦।୨୦୨୫ରିଖ ଦିବା ଘ.୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା-ସୁନ୍ଦରପୁର, ହାଲ୍ ବନ୍ଦୋବସ୍ତ ଖାତା ନଂ.- ୬୬୩, ହାଲ୍ ପ୍ଲଟ୍ ନଂ.-୧୩୯୭, ମୋଟ୍ ଏରିଆ ଏ୦.୩୧୩ଡି. ସ୍ୱଧ ଖରିଦ ବୃତ୍ତି ଏ୦.୦୪୬ଡି. କିସମ ପତିତ, ସ୍ୱତ୍ୱ- ସ୍ଥିତିବାନ୍, ଯାହାକି ସାବିକ ବନ୍ଦୋବସ୍ତ ଖାତା ନଂ.- ୧୫୬, ସାବିକ ପ୍ଲଟ୍ ନଂ.- ୬୮୯, ସବ୍ ପ୍ଲଟ୍ ନଂ.- ୨୯୯-ଏ, ଏରିଆ ଏ୧.୪୪୦ ଡି. ସ୍ୱଧ ଖରିଦା ବୃତ୍ତି ଏ୦.୦୪୬ଡି. କିସମ- ପୁରାତନ ପତିତ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ତା :
ଭୁବନେଶ୍ୱର

ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
ସ୍ୱା./- କୋର୍ଟ ଅଫିସର

ଧ-୧୮୮୭

# ହେଲ୍‌ଥ ଚେକ୍‌ଅପ୍

**ସ୍ୱାସ୍ଥ୍ୟ ମଣିଷର ସବୁଠାରୁ ବଡ଼ ସମ୍ପଦା କାରଣ ମଣିଷ ସୁସ୍ଥ ରହିଲେ ହିଁ ଜୀବନରେ କିଛି କରିବାର ସ୍ୱପ୍ନ ପୂରଣ କରିପାରିବା। ହେଲେ ବର୍ତ୍ତମାନର ବ୍ୟସ୍ତବହୁଳ ଏବଂ ଅବ୍ୟବସ୍ଥିତ ଜୀବନଚର୍ଯ୍ୟା ଭିତରେ ଅଳ୍ପ ବୟସରୁ ଅନେକେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ସମସ୍ୟାଠୁ ଦୂରେଇ ରହିବା ଲାଗି ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେବା ସହିତ କେବଳ ବୟସ୍କମାନେ ନୁହନ୍ତି ଯୁବପିଢ଼ି ମଧ୍ୟ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ନିହାତି ଜରୁରୀ...**



ଏମିତି ଅନେକ ଅଛନ୍ତି, ଯେଉଁମାନେ ହେଲ୍‌ଥ ଚେକ୍‌ଅପ୍, ବ୍ଲଡ୍ ଟେଷ୍ଟ, ଡାକ୍ତରଙ୍କ ପାଖକୁ ଯିବା କଥା ଶୁଣିଲେ ଛାନିଆ ହୋଇଯାଆନ୍ତି। ହେଲେ ବର୍ତ୍ତମାନ ଯେକୌଣସି ବୟସରେ ବିଭିନ୍ନ ରୋଗ ଦେଖାଦେଉଛି। ସାଧାରଣତଃ ଶରୀରରେ ଦେଖାଦେଉଥିବା ଛୋଟ ଛୋଟ ସମସ୍ୟାକୁ ଅଧିକାଂଶ ଅଣଦେଖା କରିଦିଅନ୍ତି। ଏମିତିକି କେବେକେବେ ରୋଗର ଲକ୍ଷଣ ବି ଦେଖା ଦେଇ ନ ଥାଏ। ହେଲେ ଧୀରେ ଧୀରେ ଏହା ରହି ରହି ଜଟିଳ ସମସ୍ୟାର ରୂପ ନେଇଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମଝିରେ ମଝିରେ ଅତି କମ୍‌ରେ ବର୍ଷରେ ଥରେ ହେଲ୍‌ଥ ଚେକ୍‌ଅପ୍ କରେଇନେବା ନିହାତି ଆବଶ୍ୟକ। ଯଦ୍ୱାରା ନା କେବଳ ଶରୀର ସୁସ୍ଥ ଅଛି ବୋଲି ଜାଣିହେବ ବରଂ କୌଣସି ସମସ୍ୟା ଥିଲେ ଯଥା ସମୟରେ ଏହାର ଚିକିତ୍ସା କରାଯାଇ ଶୀଘ୍ର ଆରୋଗ୍ୟ ହୋଇପାରିବେ। ତେବେ ଜାଣିବା କେଉଁ ସବୁ ଚେକ୍‌ଅପ୍ କରାଇବା ଆବଶ୍ୟକ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକଙ୍କୁ ଏକ ବର୍ଷରେ ଅତିକମ୍‌ରେ ଥରେ ଫୁଲ୍ ବଡି ଚେକ୍‌ଅପ୍ କରାଇନେବା ଆବଶ୍ୟକ। ବିଶେଷକରି ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ଯୁବପିଢ଼ିଙ୍କୁ ଯେଉଁଥିରେ ବ୍ଲଡ୍‌ପ୍ରେସର୍, ବାୟୋମାସ୍ ଇଣ୍ଡେକ୍ସ ଆଦି ଜାଣିବା ଲାଗି ଏକ ପ୍ରିଭେଣ୍ଟିଭ୍ ହେଲ୍‌ଥ ଚେକ୍‌ଅପ୍ କରାଇନେବା ଦରକାର। ସେହିପରି ୨୫-୪୫ ବର୍ଷ ମଧ୍ୟରେ ସୁଗାର, ଲିପିଡ୍ ପ୍ରୋଫାଇଲ୍, ବ୍ଲଡ୍‌ପ୍ରେସର, ଇସିଜି ଆଦି ଭଳି କେତେକ ରୁଟିନ୍ ଟେଷ୍ଟ କରାଇବା ଆବଶ୍ୟକ। ଏହାବ୍ୟତୀତ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତାହାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶକ୍ରମେ ଅନ୍ୟାନ୍ୟ ଟେଷ୍ଟ ବି କରାଇବା ଜରୁରୀ।





**ବ୍ଲଡ୍ ଟେଷ୍ଟ:** ଶରୀରରେ କୌଣସି ସମସ୍ୟା ଅଛି ନା ନାହିଁ ଜାଣିବା ଲାଗି କେତେକ ବ୍ଲଡ୍ ଟେଷ୍ଟ କରାଇବା ଦରକାର...

❖ସିବିସି ଟେଷ୍ଟରୁ ଶରୀରରେ ରକ୍ତର ପରିମାଣ କେତେ ଅଛି ଏବଂ ସେଥିରେ କୌଣସି ଇନ୍‌ଫେକ୍ସନ ଅଛି କି ନାହିଁ ଜଣାପଡ଼ିଥାଏ।

❖ରକ୍ତରେ ଗ୍ଲୁକୋଜ୍ ମାତ୍ରା କେତେ ଅଛି ଜାଣିବା ଦ୍ୱାରା ଡାଇବେଟିସ୍ ଥିଲେ ତୁରନ୍ତ ଚିକିତ୍ସା କରାଇବା ସହଜ ହୋଇଥାଏ।

❖ଲିପିଡ୍ ପ୍ରୋଫାଇଲ୍‌ରୁ କୋଲେଷ୍ଟରଲ୍, ବିଶେଷକରି ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରା କେତେ ଅଛି ଜଣାପଡ଼ିଥାଏ, ଯାହାକି ବର୍ତ୍ତମାନ ଅଧିକାଂଶଙ୍କଠାରେ ହୃଦ୍‌ଜନିତ ସମସ୍ୟାର ମୁଖ୍ୟ କାରଣ ପାଲଟିଛି।

❖ଲିଭର ଫଙ୍କସନ୍ ଟେଷ୍ଟ କରାଇବା ଦ୍ୱାରା ଏହା ସୁସ୍ଥ ଅଛି କି ନାହିଁ ଏବଂ ହେପାଟାଇଟିସ୍ ସମସ୍ୟା ଥିଲେ ସହଜରେ ଜାଣିହୁଏ।

❖କିଡ୍‌ନୀ ଫଙ୍କ୍‌ଶନ୍ ଟେଷ୍ଟରୁ କ୍ରନିକ୍ କିଡ୍‌ନୀ ଡିଜିଜ୍, ସୋଡିୟମ୍, ପୋଟାସିୟମ, ଇଲେକ୍ଟ୍ରୋଲାଇଟ୍ସ ଅସନ୍ତୁଳନ ଜଣାପଡ଼ିଥାଏ।

❖ଥାଇରଏଡ୍ ଟେଷ୍ଟ(ଟି୩, ଟି୪, ଟିଏସ୍‌ଏଚ୍) କରାଇବା ଦ୍ୱାରା ଏହାଜନିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଜାଣିବା ସହ ଆବଶ୍ୟକସ୍ଥଳେ ଚିକିତ୍ସା କରାଇବା ସହଜ ହୋଇଥାଏ।

❖ଭିଟାମିନ୍ ଟେଷ୍ଟ ଦ୍ୱାରା ଭିଟାମିନ୍ ଡି, ଭିଟାମିନ୍ ବି-୧୨, ଇଏସ୍‌ଆର୍, ସିଆର୍‌ପି ଭଳି ଇନ୍‌ଫ୍ଲେମେଟରି ମାର୍କର୍ସ ସହ ବିଭିନ୍ନ ଅଟୋଇମ୍ୟୁନ୍ ରୋଗ ସମ୍ପର୍କରେ ଜଣାପଡିଥାଏ।

**ୟୁରିନ୍ ଟେଷ୍ଟ:** ବର୍ତ୍ତମାନ ଅଳ୍ପ ବୟସରୁ ବି ଅନେକଙ୍କଠାରେ କିଡ୍‌ନୀ ଏବଂ ୟୁରିନାରୀ ଟ୍ରାକ୍ଟରେ ବିଭିନ୍ନ ସମସ୍ୟା ଦେଖାଯାଉଛି। ତେଣୁ ୟୁରିନ୍ ଟେଷ୍ଟ କରାଇନେବା ବି ଜରୁରୀ।

## ସୁସ୍ଥ ରହିବା ଲାଗି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ



ସାଧାରଣତଃ ଯୁବାବସ୍ଥାରେ କୌଣସି ରୋଗର ଲକ୍ଷଣ ଦେଖାଦେବା ପରେ ଅବା ଏହା ଜଟିଳ ରୂପ ନେଲେ ହିଁ ଅନେକେ ଡାକ୍ତରଖାନା ଯାଇଥାଆନ୍ତି। କାରଣ ବୟସ ଅଧିକ ହେବା ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ବୋଲି ସଭିଙ୍କ ମନରେ ଧାରଣା ରହିଆସିଛି। ହେଲେ ବର୍ତ୍ତମାନର ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଶାରୀରିକ ପରିଶ୍ରମର ଅଭାବ, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ଭଳି ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଯୁବାବସ୍ଥାରେ ବି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। କେତେକଙ୍କ କ୍ଷେତ୍ରରେ କୌଣସି ପୂର୍ବ ଲକ୍ଷଣ ନ ଥାଇ ମଧ୍ୟ ହଠାତ୍ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ଯାହାକୁ ଚିକିତ୍ସା ଦ୍ୱାରା ଠିକ୍ କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ତେଣୁ ସୁସ୍ଥ ରହିବା ଲାଗି ଖାଦ୍ୟପେୟ ଠିକ୍ ରଖିବା, ଯୋଗବ୍ୟାୟାମ ଆଦି କରିବା ସହ ମଝିରେ ମଝିରେ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଦରକାର। ନିୟମିତ ସମୟ ଅନ୍ତରାଳରେ ଓଜନ ମାପିବା ବା ୱେଟ୍ ମନିଟରିଂ କରିବା ଦରକାର। ବ୍ଲଡ୍ ଟେଷ୍ଟ କରି ହିମୋଗ୍ଲୋବିନ୍, ଥାଇରଏଡ୍, ସୁଗାର୍ (ବିଶେଷ କରି ଫାଷ୍ଟିଙ୍ଗ୍) ଆଦି ମାପିବା ଦ୍ୱାରା ଏସବୁର ପରିମାଣ ନିୟନ୍ତ୍ରଣରେ ରଖିବା ସହଜ ହୋଇଥାଏ। ତା'ଛଡ଼ା ଏବେ ଯୁବାବସ୍ଥାରେ ହାଇପରଟେନ୍‌ଶନ୍ ସମସ୍ୟା ବି ଦେଖାଯାଉଛି, ତେଣୁ ବ୍ଲଡ୍‌ପ୍ରେସର ବି ଚେକ୍ କରିବା ଆବଶ୍ୟକ। ଏହା ବ୍ୟତୀତ ବର୍ଷରେ ଥରେ ୟୁରିନ୍ ଟେଷ୍ଟ କରିବା ସହ ଭିଜନ୍ ଏବଂ ହିଅରିଂ ଟେଷ୍ଟ ବି କରେଇନେବା ଭଲ। ଆଜିକାଲି କେତେକ ଯୁବତୀଙ୍କଠାରେ ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ (ପିସିଓଏସ୍) ଭଳି ସମସ୍ୟା ଦେଖିବାକୁ ମିଳୁଛି, ଯାହାକି ଯଥା ସମୟରେ ଚିକିତ୍ସା କରାଯାଇ ନ ପାରିଲେ ଗମ୍ଭୀର ସମସ୍ୟାର ରୂପ ନେଉଛି। ତେଣୁ ମଝିରେ ମଝିରେ ଏଥିପାଇଁ ମଧ୍ୟ ପରୀକ୍ଷା କରାଇନେବା ଭଲ। ବିଶେଷକରି ଅନିୟମିତ ଋତୁସ୍ରାବ ଏବଂ ଏହା ସମ୍ବନ୍ଧିତ କୌଣସି ସମସ୍ୟା ଭୋଗୁଥିବା ଯୁବତୀମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ବିଭିନ୍ନ ପରୀକ୍ଷା କରାଇନେବା ଜରୁରୀ।

*– **ଡା. ରାମଚନ୍ଦ୍ର ରାଉତ**, ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା*





## ଏ ସପ୍ତାହର ପ୍ରଶ୍ନ ?

୧– କୌଶଲ୍ୟା ଡ୍ୟାମ୍ ............... ରାଜ୍ୟରେ ଅବସ୍ଥିତ ?
୨– ପ୍ରଥମ ଇଣ୍ଟରନ୍ୟାଶନାଲ୍ ପଲି କନ୍‌ଫରେନ୍ସ ............. ଠାରେ ଆୟୋଜିତ ହୋଇଥିଲା ?
୩– ମହାତ୍ମା ଗାନ୍ଧୀ ପ୍ରଥମଥର ............ ମସିହାରେ ଓଡ଼ିଶା ଆସିଥିଲେ ?
୪– ଓଡ଼ିଶାରେ ଥିବା କ୍ଷୁଦ୍ରତମ ଜାତୀୟ ରାଜପଥ ........... ?
୫– ଆଦି ଗୌରବ ସମ୍ମାନ .......... ରାଜ୍ୟରେ ଦିଆଯାଏ ?

## ଗତ ଥରର ଉତ୍ତର

୧ ଇଣ୍ଟରନ୍ୟାଶନାଲ୍ ବିଗ୍ କ୍ୟାଟ୍ ଆଲିଆନ
୨ ମିନିଷ୍ଟ୍ରି ଅଫ୍ ଇନ୍‌ଫର୍ମେଶନ୍ ଆଣ୍ଡ ବ୍ରଡ୍‌କାଷ୍ଟିଂ
୩ ତ୍ରିପୁରା
୪ ମିନିଷ୍ଟ୍ରି ଅଫ୍ ହାଉସିଂ ଆଣ୍ଡ ଅର୍ବାନ୍ ଆଫାୟାର୍ସ
୫ ହିମାଚଳପ୍ରଦେଶ

## ଉତ୍ତର ଦାତା


ଖଗେନ ଗୁଡ଼ୁ, ଯାଜପୁର


ରୁପାଲୀ ମଲ୍ଲିକ, କେନ୍ଦ୍ରାପଡ଼ା


ଭାଗୀରଥି ଗୁଡ଼ୁ, କେନ୍ଦୁଝର

## ଟପ୍ ଟେନ୍ ୧୦

### ପୃଥିବୀର ଦୀର୍ଘତମ ମେଟ୍ରୋ

୧. ସାଙ୍ଘାଇ ମେଟ୍ରୋ(ଚାଇନା)............................... ୮୩୧ କି.ମି.
୨. ବେଜିଂ ସବ୍‌ୱେ (ଚାଇନା) ............................... ୮୭୯ କି.ମି.
୩. ଗୁଆଙ୍ଗଝୌ ମେଟ୍ରୋ (ଚାଇନା) .................... ୬୨୧.୦୫ କି.ମି.
୪. ଶେନ୍‌ଝେନ୍ ମେଟ୍ରୋ (ଚାଇନା) ...................... ୫୯୫.୧ କି.ମି.
୫. ଉହାନ୍ ମେଟ୍ରୋ (ଚାଇନା) ............................ ୪୮୬.୩ କି.ମି.
୬. ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ(ୟୁକେ) ........................... ୪୦୨ କି.ମି.
୭. ନ୍ୟୁୟର୍କ ସିଟି ସବ୍‌ୱେ (ୟୁଏସ୍‌ଏ) ...................... ୩୯୯ କି.ମି.
୮. ଦିଲ୍ଲୀ ମେଟ୍ରୋ (ଭାରତ)................................ ୩୯୩ କି.ମି.
୯. ଚେଙ୍ଗଡୁ ମେଟ୍ରୋ(ଚାଇନା) ............................... ୬୦୦ କି.ମି.
୧୦. ମସ୍କୋ ମେଟ୍ରୋ(ରୁଷିଆ) ............................... ୪୪୯ କି.ମି.

**ଜାଣନ୍ତୁ ଦୁନିଆ**

## ରେନ୍‌ବୋ ୟୁକାଲିପଟ୍‌ସ...



**ୟୁକାଲିପଟ୍‌ସ ବା ନୀଳଗିରି ଗଛ ପ୍ରାୟ ସମସ୍ତେ ଦେଖିଥିବେ। ହେଲେ ଭାବିଲେ ରାସ୍ତାକଡ଼ରେ ଯିବା ବେଳେ ଯଦି ରେନ୍‌ବୋ ବା ଇନ୍ଦ୍ରଧନୁ ଭଳି ରଙ୍ଗିନ୍ ୟୁକାଲିପଟ୍‌ସ୍ ଗଛ ଦେଖନ୍ତି, ତେବେ କ'ଣ ଭାବିବେ। ନିଶ୍ଚିତ ଭାବେ ମନରେ ଆସିବ ବୋଧହୁଏ କେହି ଏହାକୁ ଏପରି ରଙ୍ଗ କରିଛନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବାସ୍ତବରେ ଏଭଳି ଗଛ ଫିଲିପାଇନ୍ସ, ଇଣ୍ଡୋନେସିଆ, ଟାଇମର୍ ଲେସ୍ତେ ଏବଂ ପପୁଆ ନ୍ୟୁଗିନିରେ ଦେଖିବାକୁ ମିଳେ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ ...**

★ଏହି ୟୁକାଲିପଟ୍‌ସ ପ୍ରଜାତିର ନାମ ହେଉଛି ୟୁକାଲିପଟ୍‌ସ ଡେଗ୍ଲୁପ୍ଟା। ଏହି ଗଛକୁ ରେନ୍‌ବୋ ୟୁକାଲିପଟ୍‌ସ, ମିଣ୍ଡାନାଓ ଗମ୍ କିମ୍ବା ରେନ୍‌ବୋ ଗମ୍ ଗଛ ବି କୁହାଯାଏ। ଏହି ପ୍ରଜାତିର ଗଛ ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆରେ ଦେଖିବାକୁ ମିଳିଥାଏ।

★ଏହାର ମଲ୍ଟିକଲର ବା ରଙ୍ଗିନ୍ ଛାଲି ପାଇଁ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ। ଏହା ପ୍ରଥମେ ନିଅନ୍ ଗ୍ରୀନ୍ କଲର ଦେଖାଯାଇଥାଏ। ପରେ ଧୀରେ ଧୀରେ ତାହା ପରିବର୍ତ୍ତନ ହୋଇ ବ୍ଲୁ, ପର୍ପଲ୍, ଅରେଞ୍ଜ ଏବଂ ଶେଷରେ ବ୍ରାଉନ୍ କଲର ଦେଖାଯାଇଥାଏ।

★ଏହି ଗଛ ପୃଥିବୀର ସବୁଠୁ ଶୀଘ୍ର ବଢୁଥିବା ଗଛ ମଧ୍ୟରେ ଗୋଟିଏ, ଯାହାର ଉଚ୍ଚତା ୧୯୭ ଫୁଟ୍‌ରୁ ୨୫୬ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ। ଏହି ଗଛ ବର୍ଷକରେ ପ୍ରାୟ ୧୦ରୁ ୧୫ ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ।

★ଉକ୍ତ ଗଛର କାଠ ପଲ୍‌ପଉଡ୍ ପ୍ରଡକ୍ସନ ପାଇଁ କଟାଯାଇଥାଏ, ଯାହାକି ପେପର୍ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଇଥାଏ।

★ଏହାର ପତ୍ରକୁ ଛେଚିଲେ ବା ଚକଟିଲେ ଏକ ପ୍ରକାର ସୁଗନ୍ଧିତ ତେଲ ବାହାରିଥାଏ। ହେଲେ ଅନ୍ୟ ୟୁକାଲିପଟ୍‌ସ ପ୍ରଜାତି ଗଛର ତେଲ ଭଳି ଏହା ବିକ୍ରି ହୋଇ ନ ଥାଏ।

★ଏହାର ଛାଲି ଏବଂ ପତ୍ରକୁ ଉଲ୍, ସିଲ୍କ ଭଳି କପଡ଼ାରେ ପ୍ରାକୃତିକ ଲାଲ୍, ଅମ୍ବର, ଗୋଲ୍ଡେନ୍ ରଙ୍ଗ ଦେବା ପାଇଁ ବ୍ୟବହାର କରାଯାଇଥାଏ।

★ଆଶ୍ଚର୍ଯ୍ୟଜନକ କଥା ହେଉଛି, ଧୀରେ ଧୀରେ ଗଛ ବଡ଼ ହେବା ସହିତ ଏହାର ପୁରୁଣା ଡାଳଗୁଡ଼ିକ ଝଡ଼ିଯାଏ। ଏଥିପାଇଁ ମଣିଷଙ୍କୁ ଗଛ ଝାଡ଼ିବାକୁ ପଡି ନ ଥାଏ।



**ୟୁଥ୍ ଆଲର୍ଟ**

# ପଢ଼ା ପାଇଁ ଲାପ୍‌ଟପ୍ କିଣୁଥିଲେ...

**ଲାପ୍‌ଟପ୍ ବର୍ତ୍ତମାନ ଅନେକ ଛାତ୍ରୀଛାତ୍ରଙ୍କ ପାଠପଢ଼ାର ଅଭିନ୍ନ ଅଂଶ ପାଲଟିଗଲାଣି। ଯାହାକୁ ଆଖିଆଗରେ ରଖି ଅନେକ କମ୍ପାନି ବିଭିନ୍ନ ଫିଚର୍ସଥିବା ଲାପଟପ୍ ପ୍ରସ୍ତୁତ କରୁଛନ୍ତି, ଯାହାର ଦାମ୍ ମଧ୍ୟ ଭିନ୍ନ ଭିନ୍ନ ରହୁଛି। ଏମିତିରେ ଠିକ୍ ଦାମ୍ ଭିତରେ କେଉଁଭଳି ଲାପ୍‌ଟପ୍ କିଣିଲେ ପଢ଼ାପାଇଁ ଠିକ୍ ହେବ ଭାବୁଛନ୍ତି ତେବେ ଜାଣିରଖନ୍ତୁ କେତୋଟି କଥା...**



**ବଜେଟ:** ବିଦ୍ୟାର୍ଥୀଙ୍କ ପାଇଁ ଲାପ୍‌ଟପ୍ ବର୍ତ୍ତମାନ କେବଳ ଏକ ଗ୍ୟାଜେଟ୍ ନୁହେଁ, ପଢ଼ା ପାଇଁ ଏକ ଆବଶ୍ୟକ ସାମଗ୍ରୀ ପାଲଟିଗଲାଣି। ତେଣୁ ଲାପଟପ୍ କିଣିବା ପୂର୍ବରୁ ପ୍ରଥମେ ବଜେଟ ଅର୍ଥାତ୍ ଆପଣ କେତେ ଟଙ୍କା ଭିତରେ କିଣିବେ ଏବଂ ସେଥିରେ ଆପଣଙ୍କୁ ପଢ଼ା ପାଇଁ କେଉଁସବୁ ଫିଚର୍ସ ଦରକାର ନିର୍ଦ୍ଧାରଣ କରନ୍ତୁ। ଏଥିପାଇଁ ବଜେଟ ଭିତରେ ଆସୁଥିବା ବିଭିନ୍ନ କମ୍ପାନିର ଲାପ୍‌ଟପ୍‌ର ଫିଚର୍ସ ଦେଖିବାପରେ ବେଷ୍ଟ ଅପ୍ସନକୁ ସିଲେକ୍ଟ କରନ୍ତୁ। କୋର୍ସରେ ନିହାତି ଆବଶ୍ୟକ ହେଲେ ଅଧିକ ଦାମୀ ପ୍ରିମିୟମ ଲାପ୍‌ଟପ୍ କିଣନ୍ତୁ ନଚେତ୍, ବିଦ୍ୟାର୍ଥୀଙ୍କ ପାଇଁ ୩୫ରୁ ୭୦ ହଜାର ହେଉଛି ଠିକ୍ ରେଞ୍ଜ। ତେବେ କେଉଁ ଲାପ୍‌ଟପ୍ କିଣିବା, ଠିକ୍ ଜାଣିବା ଲାଗି କୌଣସି କମ୍ପ୍ୟୁଟର ପ୍ରଫେଶନାଲ୍ ବା ଏକ୍ସପର୍ଟଙ୍କ ପରାମର୍ଶ ବି ନେଇପାରିବେ।

**ଓଜନ ଏବଂ ଆକାର:** ଓଜନ ଏବଂ ଆକାର ବି ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଛାତ୍ରୀଛାତ୍ରମାନଙ୍କୁ ଏହାକୁ କଲେଜ୍, ଟ୍ୟୁଶନ୍, କୋଚିଂ ସେଣ୍ଟର ଆଦି ସ୍ଥାନକୁ କ୍ୟାରି କରିବାକୁ ପଡ଼ିଥାଏ। ତେଣୁ ଏହାର ଓଜନ ଯେପରି ୧.୨୫ରୁ ୧.୭୫ କିଲୋଗ୍ରାମ୍ ମଧ୍ୟରେ ଏବଂ ସ୍କ୍ରିନ୍ ସାଇଜ୍ ୧୩-୧୪ ଇଞ୍ଚ ହୋଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**ବ୍ୟାଟେରି ଲାଇଫ୍:** ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ବ୍ୟାଟେରି ଲାଇଫ୍ ଥିବା ଲାପ୍‌ଟପ୍ ନିହାତି ଆବଶ୍ୟକ। କାରଣ ଅଧିକ ସମୟ ବ୍ୟବହାର ଯୋଗୁ ବ୍ୟାଟେରି ଶୀଘ୍ର ସରିଥାଏ। ତେଣୁ ଅତିକମ୍‌ରେ ୮-୧୦ ଘଣ୍ଟା ବ୍ୟାଟେରି ଚାର୍ଜ ରଖୁଥିବା ଭଳି ଅର୍ଥାତ୍ ୫୦ୱାଟ୍ ଆୱାର୍ କିମ୍ବା ତା'ଠୁ ଅଧିକ ଲାପ୍‌ଟପ୍ କିଣନ୍ତୁ।

**ସ୍କ୍ରିନ୍ କ୍ୱାଲିଟି:** ଲମ୍ବା ସମୟ ପଢ଼ିବା ଲାଗି ଫୁଲ୍ ଏଚ୍‌ଡି (୧୯୨୦X୧୦୮୦) ରିଜୋଲ୍ୟୁଶନ୍ ଥିବା ସ୍କ୍ରିନ୍ ସବୁଠୁ ଭଲ। ଏହା ସ୍ପଷ୍ଟ ଏବଂ ଆଖିପାଇଁ ଅପେକ୍ଷାକୃତ ଆରାମଦାୟକ। ଅତ୍ୟଧିକ ହାଇରିଜୋଲ୍ୟୁଶନ୍ ଡିସ୍‌ପ୍ଲେ ମଧ୍ୟ ଠିକ୍ ନୁହେଁ, କାରଣ ତାହା ଶୀଘ୍ର ବ୍ୟାଟେରି ଚାର୍ଜ ସାରିଥାଏ।

**ୱାଇଫାଇ କନେକ୍ଟିଭିଟି:** କ୍ୟାମ୍ପସ୍‌ରେ ଭଲ କନେକ୍ଟିଭିଟି ପାଇଁ ୱାଇଫାଇ-୬, ୬ଇ କିମ୍ବା ୭ ସପୋର୍ଟଯୁକ୍ତ ଲାପଟପ୍ ବାଛନ୍ତୁ। କାରଣ ଏହା ଭିତରେ ବି ହାଇସ୍ପିଡ୍ ନେଟ୍‌ୱର୍କ ଦେଇଥାଏ, ଯଦ୍ୱାରା ଅନ୍‌ଲାଇନ୍ କ୍ଲାସ୍ ହେଉ ଅବା କୌଣସି ଫାଇଲ୍, ଡକ୍ୟୁମେଣ୍ଟ ଅପ୍‌ଲୋଡ୍, ଡାଉନ୍‌ଲୋଡ୍ ଆଦି ବେଳେ ସ୍ଲୋ ହୋଇ ନ ଥାଏ।



# ଫାଇନାଲରେ ଭାରତ

**ଏସିଆ କପ୍ ପୁରୁଷ ହକି**

**ରାଜଗିର, ୬ା୯**

ଭାରତ ଚଳିତ ଏସିଆ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ଅନ୍ତିମ ସୁପର-୪ ମ୍ୟାଚରେ ଭାରତ ୭-୦ ଗୋଲରେ ଚାଇନାକୁ ପରାସ୍ତ କରିଛି। ଫଳରେ ଭାରତ ଓ ଦକ୍ଷିଣ କୋରିଆ ଫାଇନାଲ ଖେଳିବା ନିଶ୍ଚିତ ହୋଇଛି। ରବିବାର ଫାଇନାଲ ଅନୁଷ୍ଠିତ ହେବ। ଦକ୍ଷିଣ କୋରିଆ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ୧୯୯୪, ୧୯୯୯, ୨୦୦୯, ୨୦୧୩ ଓ ୨୦୨୨ରେ ସର୍ବାଧିକ ୫ ଥର ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ଅନ୍ୟପକ୍ଷରେ ଭାରତ ୨୦୦୩, ୨୦୦୭ ଓ ୨୦୧୭ରେ ଟାଇଟଲ ହାସଲ କରିଛି। ଏଥର ଯଦି ଚାମ୍ପିୟନ ହୁଏ ତେବେ ଏଫ୍ଆଇଏଚ୍ ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଚାଇନା ବିପକ୍ଷରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୪ର୍ଥ ମିନିଟରେ ଓଡ଼ିଶାର ଶୀଳାନନ୍ଦ ଲାକ୍ରା ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଏହାପରେ ଦିଲପ୍ରୀତ ସିଂ ୭ମ, ମନଦୀପ ସିଂ ୧୮, ରାଜ କୁମାର ପାଲ ୩୭, ସୁଖଜିତ ସିଂ ୩୯ତମ ମିନିଟରେ ଗୋଟିଏ ଲେଖାଏ ଏବଂ ଅଭିଷେକ ୪୬ ଓ ୫୦ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଅନ୍ୟଏକ ଏକ ସୁପର-୪ ମ୍ୟାଚରେ ଦକ୍ଷିଣ କୋରିଆ ୪-୩ ଗୋଲରେ ମାଲେସିଆକୁ ହରାଇ ଦେଇଛି। ଫଳରେ ଏହି ଦଳ ୩ ମ୍ୟାଚରୁ ୪ ପଏଣ୍ଟ ସହିତ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଚାଇନା ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ଅଭିଯାନ ଶେଷ କରିଛି। ମାଲେସିଆ ଓ ଚାଇନା ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଅନୁଷ୍ଠିତ ହେବ।



ପୁରୀରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ ୧୧ରୁ

**ପୁରୀ ୬ା୯ (ଅଜିତ୍ କୁମାର ମହାନ୍ତି)**

ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ ସହଯୋଗରେ ତୃତୀୟ ସର୍ବଭାରତୀୟ ଟେନିସ ବଲ କ୍ରିକେଟ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ଚଳିତ ମାସ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏନେଇ ଶନିବାର ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଷ୍ଟାଡିୟମ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ବ୍ରଜ କିଶୋର ଦାଶ, କ୍ରୀଡ଼ା ସମ୍ପାଦକ ଶିବାନୀ ପ୍ରସାଦ ଦାସମହାପାତ୍ର, ପ୍ରଦୀପ ମହାପାତ୍ର ଏବଂ ଆଡ୍‌ଭାଇଜର ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଆୟୋଜନ ହେବାକୁ ଯାଉଛି ବୋଲି ପ୍ରକାଶ କରିଛନ୍ତି। ଏହାକୁ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ ଆୟୋଜନ କରୁଛି। ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟର ୨୫ଟି ପୁରୁଷ ଏବଂ ୬ଟି ମହିଳା ଦଳ ଅଂଶଗ୍ରହଣ କରିବେ। ମ୍ୟାଚ୍ ପ୍ରତ୍ୟେକ ଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଆରମ୍ଭର ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୧୦ରେ ଏକ ଉଦ୍‌ଘାଟନୀ ରାଲି ଅନୁଷ୍ଠିତ ହେବ, ଯାହା ସିଂହଦ୍ୱାରଠାରୁ ବାହାରି ବଗଲା ଧର୍ମଶାଳା ପର୍ଯ୍ୟନ୍ତ ହେବ। ୧୧ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୧୪ ତାରିଖ ଦିନ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ମ୍ୟାଚ ଖେଳାଯିବ। ବିଜେତା, ଉପ-ବିଜେତା, ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ଶ୍ରେଷ୍ଠ ବୋଲର, ବ୍ୟାଟର ଓ ଫିଲ୍ଡରଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଉଦ୍‌ଯାପନୀ ଉତ୍ସବରେ ସର୍ବଭାରତୀୟ ସ୍ତରର ବିଭିନ୍ନ ପ୍ରତିଭା ଯୋଗଦାନ କରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଟୁର୍ନାମେଣ୍ଟରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତିମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀ ଲୋକ ସଭା ସଦସ୍ୟ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ ମହାନ୍ତି ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏହି ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଭାବେ ପ୍ରତ୍ୟେକ ଦିନ ଉପସ୍ଥିତ ରହିବେ ବୋଲି ସଭାପତି ଦାସମହାପାତ୍ର ସୂଚନା ଦେଇଛନ୍ତି।

**ଏସିଆ କପ୍ ମହିଳା ହକି**

# ଭାରତ-ଜାପାନ ମ୍ୟାଚ୍ ଡ୍ର



ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ହାଙ୍ଗଝୋ, ୬ା୯**

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟରେ ଭାରତର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ପୁଲ୍-ବି'ରେ ନିଜର ପ୍ରଥମ ମ୍ୟାଚ୍‌ରେ ୧୧-୦ ଗୋଲରେ ଥାଇଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଶନିବାର ଦ୍ୱିତୀୟ ମ୍ୟାଚରେ ଜାପାନ ବିପକ୍ଷ ମ୍ୟାଚ୍‌କୁ ୨-୨ ଗୋଲରେ ଡ୍ର ରଖିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ତେବେ ଗୋଲ ବ୍ୟବଧାନରେ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି।

ଭାରତ-ଜାପାନ ମ୍ୟାଚ୍ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧୦ମ ମିନିଟ୍‌ରେ ମୁରୋୟାମା ହିରୋକା ଏକ ଫିଲ୍‌ଡ ଗୋଲ ଦେଇ ଜାପାନକୁ ଅଗ୍ରଣୀ କରିଥିଲେ। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରର ଶେଷଭାଗ ପର୍ଯ୍ୟନ୍ତ ଜାପାନର ଅଗ୍ରଣୀ ବଳବତ୍ତର ରହିଥିଲା। ମାତ୍ର ପ୍ରଥମାର୍ଦ୍ଧର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୩୦ତମ ମିନିଟରେ ଋତୁଜା ଦାଦାସୋ ପିସାଲ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ମ୍ୟାଚ ଶେଷ ହେବାକୁ ୨ ମିନିଟ ଥିବାବେଳେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜାପାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଫୁଜିବାୟାସି ଚିକୋ ଜାପାନକୁ ବହୁମୂଲ୍ୟ ଅଗ୍ରଣୀ ଦେଇଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ମଧ୍ୟ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଶେଷ ମୁହୂର୍ତ୍ତରେ ସଫଳ ହୋଇଥିଲେ। ଇଞ୍ଜୁରି ଟାଇମ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ନଭନୀତ କୌର ଗୋଲରେ ପରିଣତ କରିବାରୁ ଭାରତୀୟ ଶିବିରରେ ଆନନ୍ଦର ଲହରି ଖେଳିଯାଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୮ ତାରିଖରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ଅନ୍ୟଏକ ପୁଲ୍ 'ବି' ମ୍ୟାଚରେ ଥାଇଲାଣ୍ଡ ୨-୧ ଗୋଲରେ ସିଙ୍ଗାପୁରକୁ ହରାଇ ୩ ପଏଣ୍ଟ ହାସଲ କରିଛି। ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ସିଙ୍ଗାପୁର ଏଲିମିନେଟ ହୋଇଛି।

**୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ**

# ଭାରତୀୟ ଦଳରେ ଓଡ଼ିଶାର ୭ ଖେଳାଳି

**ଭୁବନେଶ୍ୱର, ୬ା୯ (ତପନ ସ୍ୱାଇଁ)**

ଚାଇନାର ହୋହୋଟଠାରେ ଏସିଆ ରଗ୍‌ବୀ ଏମିରେଟ୍ସ (୧୮ ବର୍ଷରୁ କମ୍ ବାଳିକା ଓ ବାଳକ) ଚାମ୍ପିୟନଶିପ୍ ଚଳିତ ମାସ ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶାରୁ ୩ ବାଳିକା ଓ ୪ ବାଳକ ମନୋନୀତ ହୋଇଛନ୍ତି। ବାଳିକା ଖେଳାଳିମାନେ ହେଲେ ମାମାଲି ସିଂ, ଅନିତା ମୁର୍ମୁ ଓ ରାଇମଣି ମୁର୍ମୁ। ସେହିପରି ଭାରତୀୟ ବାଳକ ଦଳରେ ଓଡ଼ିଶାର ବିଦ୍ୟାଧର ମାଝି, ଭରତ କିସାନ, ଚରଣ ହେମ୍ବ୍ରମ ଓ ଆମ୍ବା ମୁର୍ମୁ ସ୍ଥାନ ପାଇଛନ୍ତି। ଏ ସମସ୍ତ ଖେଳାଳି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ। ଭାରତୀୟ ଦଳ ୯ ତାରିଖରେ ଚାଇନା ଯିବା କାର୍ଯ୍ୟକ୍ରମ ରହିଛି। ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ଅଗଷ୍ଟ ୧ରୁ କୋଲକାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଚାଲିଛି। ଏହା ଆସନ୍ତା ୯ ତାରିଖରେ ଶେଷ ହେବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ୟୁଏସ୍ ଓପନ**

# ସିନର-ଅଲ୍‌କାରାଜ ଫାଇନାଲ

**ନ୍ୟୁୟର୍କ,୬ା୯**

ଟେନିସ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଶନିବାର ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଛି। ଚଳିତ ସିଜନର ଗତ ୨ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଭଳି ୟୁଏସ୍ ଓପନ ଫାଇନାଲରେ ମଧ୍ୟ ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ୱାର୍ଲ୍ଡ ନଂ-୨ କର୍ଲୋସ ଅଲ୍‌କାରାଜ ମୁହାଁମୁହିଁ ହେବେ। ଟେନିସ ଇତିହାସରେ ପ୍ରଥମ ଥର ପାଇଁ ଦୁଇ ଖେଳାଳି ଲଗାତର ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ସର୍ବିଆର ଟେନିସ ଲିଜେଣ୍ଡ ନୋଭାକ୍ ଜୋକୋଭିଚ୍‌ଙ୍କର ରେକର୍ଡ ୨୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାତେଇବାର ଅପେକ୍ଷା ଜାରି ରହିଛି।

ଶନିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ସିନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସିନର ଲଗାତର ଦ୍ୱିତୀୟ ଥର ପାଇଁ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ସେ ଟ୍ରଫି ଉଠାଇବାକୁ ସକ୍ଷମ ହେଲେ, ତେବେ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଟାଇଟଲ ବଜାୟ ରଖିବେ। ଫେଡେରର ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଲଗାତର ୫ ଥର ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ୨୦୨୨ ସଂସ୍କରଣର ଚାମ୍ପିୟନ ଅଲ୍‌କାରାଜ ୬-୪, ୭-୬(୭/୪), ୬-୨ ସିଧାସଳଖ ସେଟ୍‌ରେ ୪ ଥରର ୟୁଏସ୍ ଓପନ ଚାମ୍ପିୟନ ଜୋକୋଭିଚ୍‌ଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୫ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୨୨ ବର୍ଷୀୟ ଅଲ୍‌କାରାଜ କ୍ୟାରିୟରର ସପ୍ତମ ଥର ପାଇଁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।


ଜାନିକ ସିନର

# ପାରା ଟେବୁଲ ଟେନିସ: ଉଦୟ ରନରଅପ

**ଭୁବନେଶ୍ୱର, ୬ା୯ (ତପନ ସ୍ୱାଇଁ)**

ଇନ୍ଦୋରରେ ଆୟୋଜିତ ଜାତୀୟ ପାରା ରାଙ୍କିଙ୍ଗ ଟେବୁଲ ଟେନିସ ପ୍ରତିଯୋଗିତାରେ ଓଡ଼ିଶାର ଉଦୟ କୁମାର ରାଉତ ରନରଅପ୍ ହୋଇଛନ୍ତି। କ୍ଲାସ-୬ ବର୍ଗରେ ଉଦୟ ଭଲ ପ୍ରଦର୍ଶନ କରିଥିଲେ। ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ସେ ବିହାରର ବିବେକାନନ୍ଦ ସିଂଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ପର୍ଯ୍ୟାୟରେ ଉତ୍ତରାଖଣ୍ଡର ପ୍ରମୋଦ କୁମାରଙ୍କଠାରୁ ହାରି ଯାଇଥିଲେ। ଗୁଜରାଟର ଗାନ୍ଧୀନଗରରେ ଥିବା ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରକାଶଯୋଗ୍ୟ, ପ୍ରତିଯୋଗିତାରେ ଉଦୟଙ୍କୁ ମିଶାଇ ମୋଟ ୩ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ୟ ୨ ଖେଳାଳି ହେଲେ ସୁଭଦ୍ରା ଦାସ ଓ କାମିନୀ ନାୟକ। ଏହି ସଫଳତା ପାଇଁ ଉଦୟଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ପାରା କ୍ରୀଡ଼ାବିତ୍‌ମାନେ ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରୁଛନ୍ତି, ଯାହା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ସୁନୀଲ ପ୍ରକାଶ କରିଛନ୍ତି।


ଉଦୟ କୁମାର ରାଉତ

# ଶ୍ରେୟସ ଭାରତ ଏ' ଦଳର ଅଧିନାୟକ

**ନୂଆଦିଲ୍ଲୀ,୬ା୯(ପି.ଟି.):** ଆଗାମୀ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ଶ୍ରେୟସ ଆୟାର ଅଷ୍ଟ୍ରେଲିଆ ଏ' ବିପକ୍ଷରେ ହେବାକୁ ଥିବା ଦୁଇଟି ବହୁ ଦିନିଆ ମ୍ୟାଚ୍‌ରେ ଭାରତ ଏ' ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ୧୬ ତାରିଖଠାରୁ ଲକ୍ଷ୍ନୌରେ ଆରମ୍ଭ ହେବ।

**ଭାରତ ଏ' ଦଳ:** ଶ୍ରେୟସ ଆୟାର (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ୍ ଜଗଦିଶନ (ଉଇକେଟକିପର), ସାଇ ସୁଦର୍ଶନ, ଧ୍ରୁବ ଜୁରେଲ (ଉପ ଅଧିନାୟକ ଓ ଉଇକେଟକିପର), ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଗୁର୍ନୁର ବ୍ରାର, ଖଲିଲ ଅହମ୍ମଦ, ମାନବ ସୁଥାର ଓ ଯଶ ଠାକୁର।






# 'ଦି ଫାଇନାଲ ରେପ୍' ଉନ୍ମୋଚିତ


ଉନ୍ମୋଚନ ଅବସରରେ ଶ୍ରୀକୁମାର ବ୍ରହ୍ମା ଓ ନିଶିତ ନାଗପାଲ।

**୧୨ରୁ ରିଆଲିଟି ଶୋ' ଅଡିଶନ**

**ଭୁବନେଶ୍ୱର, ୬ା୯(ଅନାଦି କର)**

ଦେଶରେ ପ୍ରଥମ ଥର ପାଇଁ ଫିଟ୍‌ନେସ ଉପରେ ଆଧାରିତ ରିଆଲିଟି ଶୋ 'ଦି ଫାଇନାଲ ରେପ୍' ଶନିବାର ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉନ୍ମୋଚିତ ହୋଇଯାଇଛି। ଏହାର ପ୍ରଥମ ଅଡିଶନ ଆସନ୍ତା ୧୨ ତାରିଖରୁ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଆରମ୍ଭ ହେବ। ଆଗାମୀ ୩ ଦିନ ଧରି ହେବାକୁ ଯାଉଥିବା ଏହି ଅଡିଶନ ପ୍ରକ୍ରିୟାର ପ୍ରଥମ ଦୁଇ ଦିନ ଉତ୍କଳ କରାଟେ ସ୍କୁଲରେ ଓ ତୃତୀୟ ତଥା ଅନ୍ତିମ ଦିନ କିଟ୍‌ରେ ଅନୁଷ୍ଠିତ ହେବ। ଏବେ ଅଡିଶନ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଏହି ଅଡିଶନରେ ହରିପ୍ରସାଦ ପଟ୍ଟନାୟକ ବିଚାରପତି ଦାୟିତ୍ୱ ତୁଲାଇବେ। ଭୁବନେଶ୍ୱର ଭଳି ଦେଶର ବିଭିନ୍ନ ସହରରେ ଏହାର ଅଡିଶନ ହେବାକୁ ଥିବା ବେଳେ ଫାଇନାଲ ମୁମ୍ବାଇରେ ଅନୁଷ୍ଠିତ ହେବ। ଏହି ରିଆଲିଟି ଶୋ'କୁ ରିଲ୍ସ ଭଳି ଛୋଟ ଛୋଟ ଭିଡିଓ ଆକାରରେ ପ୍ରସାରିତ କରାଯିବ। ଭାରତୀୟ ଫିଟ୍‌ନେସର ନୂଆ ଚେହେରା ଖୋଜିବା ଏହି ରିଆଲିଟି ଶୋ'ର ଉଦ୍ଦେଶ୍ୟ ବୋଲି ଖବରଦାତା ସମ୍ମିଳନୀରେ ଯୋଗଦେଇ ନିଶିତ ନାଗପାଲ ଓ ଓଡ଼ିଶାର ଫିଟ୍‌ନେସ ଆଇକନ୍ ଶ୍ରୀକୁମାର ବ୍ରହ୍ମା ସୂଚନା ଦେଇଛନ୍ତି।

ଏହି ଶୋ'ରେ ବିଭିନ୍ନ ବୟସ ବର୍ଗ ଯଥା ୮, ୧୦, ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ଓ ୧୮ ବର୍ଷରୁ ଅଧିକ ବର୍ଗର ଉଭୟ ମହିଳା ଓ ପୁରୁଷ ବିଭାଗରେ ଏବଂ ବିଭିନ୍ନ କାଟେଗୋରୀରେ ପ୍ରତିଯୋଗିତା ହେବ। ଏଥିରେ ପାରା ଆଥ୍‌ଲେଟ୍‌ମାନେ ବି ଭାଗ ନେଇପାରିବେ। ୧୮ ବର୍ଷରୁ ଅଧିକ ବର୍ଗର ଆଥ୍‌ଲେଟ୍ ଏଜିଲିଟି ଟେଷ୍ଟ ୧୦ ମି., ପୁସଅପ୍ସ, ପୁଲଅପ୍ସ, ଡେଡ୍‌ଲିଫ୍ଟସ ଭଳି ପ୍ରତିଯୋଗିତାରେ ଭାଗ ନେବେ। ପ୍ରତ୍ୟେକ କାଟେଗୋରୀର ବିଜେତା ଆଥ୍‌ଲେଟ୍‌ଙ୍କୁ ପ୍ରମାଣପତ୍ର, ମେଡାଲ ଓ ପୁରସ୍କାର ରାଶି ଦିଆଯିବ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ